

ତ୍ରିଶା-ବିଜୟଙ୍କ ଭିତରେ ଫାଟ ଚର୍ଚ୍ଚା! ପୃଷ୍ଠା ୪


# ସଂଚାର
THE SANCHAR
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 93 ଭାଗ ୩୪ | ସଂଖ୍ୟା ୯୩ | Wednesday 24 June 2026 | Page 8 Rs. 5.00 | ● ଭୁବନେଶ୍ୱର ବୁଧବାର, ୨୪ ଜୁନ୍ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ତାମିଲନାଡୁ ଗ୍ୟାସ ଟ୍ରାଜେଡି

# ୭ ଜୁଆଙ୍ଗ ଯୁବତୀ ମୃତ

### ଆହୁରି ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ

### ଭୁବନେଶ୍ୱରରେ ପହଞ୍ଚିଲା ୫ ମୃତଦେହ

### ବିମାନବନ୍ଦରରେ ଶ୍ରଦ୍ଧାଞ୍ଜଳି ଦେଲେ ମୁଖ୍ୟମନ୍ତ୍ରୀ

### ତାମିଲନାଡୁ ସରକାର ସହ ଯୋଗାଯୋଗରେ ଓଡ଼ିଶା

## ସହାୟତା ୧୦ ଲକ୍ଷ



ଭୁବନେଶ୍ୱର,୨୩।୬(ସଂଚାର ବ୍ୟୁରୋ): ତାମିଲନାଡୁର ଭୟଙ୍କର ଗ୍ୟାସ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଓଡିଶାର ୭ଜଣ ଶ୍ରମିକଙ୍କ ମଧ୍ୟରୁ ୫ଜଣଙ୍କ ମୃତଦେହ ଆଜି ସନ୍ଧ୍ୟାରେ ଭୁବନେଶ୍ୱରେ ପହଞ୍ଚିଛି। ଭୁବନେଶ୍ୱର ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ରାଜ୍ୟସଭା ସାଂସଦ ମନମୋହନ ସାମଲ ଓ ଅନ୍ୟମାନେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ପରିବାରକୁ ସାନ୍ତ୍ୱନା ଜଣାଇଛନ୍ତି। ଭୁବନେଶ୍ୱର ବିମାନବନ୍ଦରରୁ ମୃତଦେହକୁ କେନ୍ଦୁଝର ନିଆଯାଇଛି। ସେଠାରେ ପରିବାର ଲୋକଙ୍କ ଉପସ୍ଥିତିରେ ଶେଷକୃତ୍ୟ ସମ୍ପନ୍ନ ହେବ।

ତାମିଲନାଡୁର ତିରୁଭଲ୍ଲୁରଠାରେ ଘଟିଥିବା ଆମୋନିଆ ଗ୍ୟାସ ଲିକ ଦୁର୍ଘଟଣାରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଘଟଣାରେ ମୁଖ୍ୟମନ୍ତ୍ରୀ ଗଭୀର ଦୁଃଖ ପ୍ରକାଶ କରିବା ସହ ସେମାନଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରିଥିଲେ। ଏଥିସହ ପ୍ରତ୍ୟେକ ମୃତ ଶ୍ରମିକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଥିଲେ। ଆଜି ମୁଖ୍ୟମନ୍ତ୍ରୀ ଏହି ସହାୟତା ➪ପୃଷ୍ଠା-୬

## ପଦ୍ମଶ୍ରୀ ପାଇଲେ ୩ ଓଡ଼ିଆ



ନୂଆଦିଲ୍ଲୀ,୨୩।୬: କଳା, ସାହିତ୍ୟ ଓ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଓଡ଼ିଶାର ତିନିଜଣ ବିଶିଷ୍ଟ ବ୍ୟକ୍ତିତ୍ୱ ପଦ୍ମ ପୁରସ୍କାରରେ ସମ୍ମାନିତ ହୋଇ ରାଜ୍ୟର ଗୌରବ ବଢ଼ାଇଛନ୍ତି। ରାଷ୍ଟ୍ରପତି ଭବନରେ ମଙ୍ଗଳବାର ଆୟୋଜିତ ଏକ ଭବ୍ୟ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଚରଣ ହେମ୍ବ୍ରମ୍‌ଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଥିବା ବେଳେ କଳା କ୍ଷେତ୍ରରେ ଶରତ କୁମାର ପାତ୍ର ଓ ସୀମାଞ୍ଚଳ ପାତ୍ରଙ୍କୁ ପଦ୍ମଶ୍ରୀ ପ୍ରଦାନ କରିଛନ୍ତି। ମୟୂରଭଞ୍ଜ ନିବାସୀ ଚରଣ ହେମ୍ବ୍ରମ୍ ଜଣେ ସାହିତ୍ୟିକ ତଥା ଶିକ୍ଷାବିତ୍ ଭାବରେ ସାନ୍ତାଳୀ ଭାଷାର ଉନ୍ନତି ଲାଗି ବେଶ୍ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଦିଗରେ ହେମ୍ବ୍ରମ୍‌ଙ୍କର ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେ ସାନ୍ତାଳୀ ଭାଷା, ସାହିତ୍ୟ ଓ ସଂସ୍କୃତିର ବିକାଶ ପାଇଁ ପାଖାପାଖି ୩ ଦଶନ୍ଧି ଧରି କାର୍ଯ୍ୟ କରିଆସିଛନ୍ତି। ଏହାଛଡ଼ା ସାନ୍ତାଳୀ ଭାଷାର ବିକାଶ ପାଇଁ ଅନେକଗୁଡ଼ିଏ ପ୍ରତିଷ୍ଠାନ ମଧ ପ୍ରତିଷ୍ଠା କରିଛନ୍ତି। ➪ପୃଷ୍ଠା-୬

# ପ୍ରତାପ ଜେନା 'ମୁଖ୍ୟ ଖଳନାୟକ'



### ସାହସ ଥିଲେ ସାରଦାଙ୍କ ଚାଲେଞ୍ଜ ଗ୍ରହଣ କରନ୍ତୁ: ରମାକାନ୍ତ

### ବିଧାୟକଙ୍କୁ ସୂଚନା ନ ଦେଇ ତିର୍ତ୍ତୋଲ ଯାଉଥିଲେ ପ୍ରତାପ

### ବିଶୃଙ୍ଖଳିତ ଆଚରଣ ସମ୍ପର୍କରେ ସୁପ୍ରିମୋ ସବୁ ଜାଣି ବି ଚୁପ୍

ଭୁବନେଶ୍ୱର,୨୩।୬(ସଂଚାର ବ୍ୟୁରୋ): ରାଜ୍ୟର ପ୍ରମୁଖ ବିରୋଧୀ ଦଳ ବିଜେଡି ମଧ୍ୟରେ ଥିବା ଆଭ୍ୟନ୍ତରୀଣ କନ୍ଦଳ ଏବେ ସୀମା ପାର୍ କରିଛି। ଦଳରୁ ନିଲମ୍ବିତ ହୋଇଥିବା ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ବିରୋଧରେ ସିଧାସଳଖ ଯୁଦ୍ଧଂ ଦେହୀ ଡାକରା ଦେଇଛନ୍ତି। ପ୍ରତାପ ଜେନାଙ୍କୁ ଦଳର 'ମୁଖ୍ୟ ଖଳନାୟକ' ଆଖ୍ୟା ଦେଇ ରମାକାନ୍ତ ଯେଭଳି ଭାବେ ବିଷ ଓଗାଳିଛନ୍ତି, ତାହା ଶଙ୍ଖ ଶିବିରର ହଟଚମଟକୁ ପଦାରେ ପକାଇ ଦେଇଛି।

ବିଶେଷକରି ମାହାଙ୍ଗା ରାଜନୀତିର ଚର୍ଚ୍ଚିତ ଚେହେରା ସାରଦା ଜେନାଙ୍କ ଖୋଲା ଚ୍ୟାଲେଞ୍ଜକୁ ପ୍ରସଙ୍ଗ କରି ପ୍ରତାପଙ୍କ ସାହସ ଉପରେ ରମାକାନ୍ତ ପ୍ରଶ୍ନ ଉଠାଇବା ପରେ କଟକ ଓ ଜଗତସିଂହପୁର ଜିଲ୍ଲା ରାଜନୀତି ସରଗରମ ହୋଇଉଠିଛି। ସେ କହିଛନ୍ତି ଯେ ଯଦି ପ୍ରତାପ ବାବୁଙ୍କର ଏତେ ସାହସ ଅଛି, ତେବେ ସେ ସାରଦା ଜେନାଙ୍କ ଖୋଲା ଚ୍ୟାଲେଞ୍ଜକୁ ଗ୍ରହଣ କରନ୍ତୁ ଓ ମାହାଙ୍ଗା ମାଟିରେ ଲଢ଼ନ୍ତୁ। ସେ ନିଜ ଜାଗା ଛାଡ଼ି କଟକ ସଦର ଆଉ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରେ କାହିଁକି ମୁଣ୍ଡ ପୂରାଉଛନ୍ତି? ଏମିତି ସହଜିଆ ଜାଗା ଖୋଜି ପଶିଲେ ଲୋକେ ଗ୍ରହଣ କରିବେନି ବୋଲି ରମାକାନ୍ତ କହିଛନ୍ତି।

ରମାକାନ୍ତ ଅଭିଯୋଗ କରିଛନ୍ତି ଯେ ସେ ବିଧାୟକ ଥିବା ସମୟରେ ପ୍ରତାପ ଜେନା ତାଙ୍କୁ କୌଣସି ସୂଚନା ନ ଦେଇ ତିର୍ତ୍ତୋଲ ଗସ୍ତ କରୁଥିଲେ ଓ ସେଠାରେ ଦଳୀୟ କର୍ମୀଙ୍କ ମଧ୍ୟରେ ➪ପୃଷ୍ଠା-୬

ତୁଟୁନି ବହି ବିବାଦ

# ସଂଶୋଧିତ ସୂଚୀରେ ବି ସାଂଘାତିକ ଭୁଲ୍

| ERROR FOUND | TO BE READ AS |
| --- | --- |
| ଦ୍ୱିତୀୟ ପ୍ରଶ୍ନ (?) ଧାଡି 3 : ଯଦି 6 ବ୍ୟତୀତ 3 ରେ ପ୍ରତ୍ୟେକ | ଦ୍ୱିତୀୟ ପ୍ରଶ୍ନ (?) ଧାଡି 3 : ଯଦି 6 ବ୍ୟତୀତ 36 ରେ ପ୍ରତ୍ୟେକ |
| m· x m·= (mn)· | m· x m·= (mn)· |
| $\frac{m^a}{n^a}=(\frac{m}{n})^a$ | $\frac{m^a}{n^a}=(\frac{m}{n})^a$ |
| Box : "ତୁଳାଭାର" | "ତୁଳଭାର" |




### ସାହିତ୍ୟ ବହିରେ କପିରାଇଟ ଉଲ୍ଲଂଘନ ଅଭିଯୋଗ

### ଶିକ୍ଷାବିତଙ୍କ ପ୍ରଶ୍ନ, କାହିଁକି ଦିଆଯାଉନି ନିର୍ଭୁଲ ବହି

ଭୁବନେଶ୍ୱର,୨୩।୬(ସଂଚାର ବ୍ୟୁରୋ): ରାଜ୍ୟରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ରକୁ ନେଇ ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ ଓ ଶିକ୍ଷାବିତ ସମସ୍ତେ ଚିନ୍ତାରେ। କେଉଁ ଦିଗକୁ ଯାଉଛି ପ୍ରାଥମିକ ଶିକ୍ଷା, ସେନେଇ ଏବେ ସବୁ ମହଲରେ ସନ୍ଦେହ ସୃଷ୍ଟି ହୋଇଛି। ପ୍ରଥମେ ପାଠ୍ୟପୁସ୍ତକରେ ପାଖାପାଖି ୨ ହଜାର ଭୁଲ ବାହାରିଲା। ଏବେ ଶିକ୍ଷକଙ୍କୁ ଦିଆଯାଇଥିବା ସଂଶୋଧନ ତାଲିକାରେ ବି ସାଂଘାତିକ ଭୁଲ ରହିଥିବା ଜଣାପଡ଼ିଛି।

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ଦିଆଯାଇଥିବା ପାଠ୍ୟପୁସ୍ତକରେ ଥିବା ଭୁଲ୍‌କୁ ନେଇ ବିବାଦ ଥମିବାର ନାଁ ଧରୁନି। ଆଶ୍ଚର୍ଯ୍ୟର କଥା ହେଉଛି ଯେ ନିଜ ଭୁଲ୍ ସ୍ୱୀକାର କରି ସରକାର ଶିକ୍ଷକମାନଙ୍କ ପାଇଁ ଯେଉଁ ସଂଶୋଧିତ ସୂଚୀ ବା 'କରେକ୍ସନ ସ୍ଲିପ୍' ଜାରି କରିଥିଲେ, ସେଥିରେ ମଧ୍ୟ ରହିଛି ସାଙ୍ଘାତିକ ଭୁଲ। କେଉଁଠି ଗଣିତର ସୂତ୍ର ଭୁଲ ତ କେଉଁଠି ପାଠ୍ୟପୁସ୍ତକରୁ ଓଡ଼ିଆ ସାହିତ୍ୟିକଙ୍କ ଅସ୍ତିତ୍ୱକୁ ଲିଭାଇ ଦେବାକୁ ଚେଷ୍ଟା କରାଯାଇଛି, ଯାହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଅଷ୍ଟମ ଶ୍ରେଣୀ 'ଗଣିତ ପ୍ରକାଶ' ବହିର ୨୫ ନମ୍ବର ପୃଷ୍ଠାରେ ଥିବା ଏକ ଏକ୍ସପୋନେଣ୍ଟ ଫଙ୍କସନ୍ ଗଣିତର ସଂଶୋଧନ କରିବାକୁ ଯାଇ ପୁଣି ଏକ ଭୁଲ ସୂତ୍ର ଲେଖାଯାଇଛି। ଏମ୍ ଟୁ ଦି ପାୱାର ଏ ଗୁଣନ ଏମ୍ ଟୁ ଦି ପାୱାର ଏନ୍ ଇଜ୍ ଇକ୍ୱାଲ୍ ଟୁ ଏମ୍ଏନ୍ ହୋଲ୍ ଟୁ ଦି ପାୱାର ଏ ଉଲ୍ଲେଖ ରହିଛି। ଏହା ଏକ ତ୍ରୁଟି ବୋଲି ମଧ୍ୟ ଦର୍ଶାଯାଇଛି। ଏହାକୁ ସଂଶୋଧନ କରିବାକୁ ଯାଇ ଏମ୍ ଟୁ ଦି ➪ପୃଷ୍ଠା-୬

### ମୁମ୍ବାଇ ବିଏମଡବ୍ଲ୍ୟୁ ଦୁର୍ଘଟଣା

## କୋମାରେ ଥିବା ଡ୍ରାଇଭର ନାଁରେ ମାମଲା

ମୁମ୍ବାଇ,୨୩।୬:ସାଙ୍ଗର ଜନ୍ମଦିନ ପାର୍ଟି ପାଳନ କରିବା ପରେ ଦ୍ରୁତଗତିରେ ବିଏମଡବ୍ଲୁ ଚଳାଇ ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସ୍‌ୱେରେ ଦୁର୍ଘଟଣାର ଶିକାର ହୋଇଥିବା ଘଟଣାରେ ଜୀବିତ ଥିବା ଏକମାତ୍ର ବ୍ୟକ୍ତି ଅଙ୍ଗଦ ଗିଲ୍ ନାମରେ ପୁଲିସ ମଙ୍ଗଳବାର ଏକ ମାମଲା ରୁଜୁ କରିଛି। ଅଙ୍ଗଦ ଗିଲ୍ ଏବେ କୋମା ଅବସ୍ଥାରେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ରବିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିଲା। ଗୋଟିଏ ବିଏମଡବ୍ଲୁ ଗାଡ଼ିରେ ତିନିଜଣ ଯାଉଥିବା ବେଳେ କାରଟି ଘଣ୍ଟାପ୍ରତି ୨୫୧ କିଲୋମିଟର ଅତି ଦ୍ରୁତ ବେଗରେ ଗତି କରି ନିର୍ମାଣାଧୀନ ରାସ୍ତାର ଏକ ଡିଭାଇଡରକୁ ଧକ୍କା ଦେଇଥିଲା। ଏହି ଘଟଣାରେ ଗାଡ଼ିର ଇଞ୍ଜିନ୍, ଚକା ଓ ଦୁଇ ମୃତକଙ୍କ ଦେହ ଖଣ୍ଡଖଣ୍ଡ ହୋଇ ପ୍ରାୟ ୫ଶହ ମିଟର ଦୂରକୁ ଛିଟିକି ପଡ଼ିଥିଲା। ତେବେ ଆଶ୍ଚର୍ଯ୍ୟଜନକ ଭାବରେ ଗାଡ଼ିର ଚାଳକ ଅଙ୍ଗଦ ଗିଲ୍‌ଙ୍କୁ ଜୀବିତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା।

## ବୈଷ୍ଣୋଦେବୀଙ୍କ ଯାତ୍ରୀସଂଖ୍ୟା ୨୭% ବୃଦ୍ଧି

ନୂଆଦିଲ୍ଲୀ, ୨୩।୬:୨୦୨୬ରେ ଶ୍ରୀମାତା ବୈଷ୍ଣୋଦେବୀ ଯାତ୍ରାରେ ଯାତ୍ରୀଙ୍କ ସଂଖ୍ୟା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛି। ଜୁନ୍ ୨୨ ତାରିଖ ସୁଦ୍ଧା ଯାତ୍ରୀଙ୍କ ସଂଖ୍ୟା ୫୦ ଲକ୍ଷରୁ ଅଧିକ ଅତିକ୍ରମ କରିଛି। ଗତବର୍ଷର ପରିସଂଖ୍ୟାନ ତୁଳନାରେ ଏହା ୨୭ ପ୍ରତିଶତ ଅଧିକ ବୋଲି କୁହାଯାଉଛି। ଶ୍ରୀମାତା ବୈଷ୍ଣୋଦେବୀ ମନ୍ଦିର ବୋର୍ଡର ଅଧିକାରୀଙ୍କ ଅନୁସାରେ, ଚଳିତ ବର୍ଷ ଏପର୍ଯ୍ୟନ୍ତ ୫୦.୭୦ ଲକ୍ଷ ଶ୍ରଦ୍ଧାଳୁ ଜାମ୍ମୁ-କାଶ୍ମୀରର ରିଆସି ଜିଲ୍ଲାରେ ଥିବା ପବିତ୍ର ଗୁମ୍ଫା ମନ୍ଦିରକୁ ଯାତ୍ରା କରିଛନ୍ତି। ୨୦୨୫ ମସିହାରେ ଏହି ସମାନ ସମୟ ମଧ୍ୟରେ ତୀର୍ଥଯାତ୍ରୀ ସଂଖ୍ୟା ୩୯.୮୪ ଲକ୍ଷ ଥିଲା।

# ଡକ୍ଟର୍ସ ଡେ'ରେ ଡାକ୍ତରଙ୍କ କାର୍ଯ୍ୟବନ୍ଦ




### ଓମ୍‌ସା ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି

### ଦାବି ପୂରଣ ନହେଲ ୨ରୁ ଏକ ଘଣ୍ଟା ଓପିଡି ବର୍ଜନ

ଡାକ୍ତର ଓ ଡେଣ୍ଟାଲ ଡାକ୍ତର କାର୍ଯ୍ୟରେ ଯୋଗ ଦେବେ ନାହିଁ ବୋଲି ସଂଘ ତରଫରୁ ଆଜି ସାଧାରଣ ପରିଷଦ ବୈଠକ ପରେ ଘୋଷଣା କରାଯାଇଛି।

ଓମସା ୭୦ତମ ବାର୍ଷିକ ସମ୍ମିଳନୀ ଗତ ୨୦୨୪ ସେପ୍ଟେମ୍ବର ୧୮ ତାରିଖରେ

ଭୁବନେଶ୍ୱର,୨୩।୬(ସଂଚାର ବ୍ୟୁରୋ): ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସ (ଓମ୍‌ସା) ପକ୍ଷରୁ ବିଭିନ୍ନ ଦାବି ନେଇ ଜୁଲାଇ ୧ ତାରିଖ ଡକ୍ଟର୍ସ ଡେ'ରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଛି। ଜୁଲାଇ ପହିଲାରେ କୌଣସି ସରକାରୀ ବାଲେଶ୍ୱରରେ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ଓମସାର ବିଭିନ୍ନ ଦାବି ପୂରଣ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ହେଲେ ୬ ମାସ ପରେ ବି ଦାବି ପୂରଣ ନେଇ ସରକାରଙ୍କ ପକ୍ଷରୁ କୌଣସି ପ୍ରତିଶ୍ରୁତି ➪ପୃଷ୍ଠା-୬

# କାଡା ଯନ୍ତ୍ରୀଙ୍କ ନାଁରେ ୧୮ ଦାମୀ ପ୍ଲଟ୍



### ନାଁରେ ରହିଛି ୩ଟି କୋଠା

### ଘରୁ ଜବତ ହୋଇଛି ୩.୪୫ ଲକ୍ଷ

ସମ୍ବଲପୁର,୨୩।୬(ସଂଚାର ବ୍ୟୁରୋ): ସମ୍ବଲପୁର ଡିଭିଜନ୍‌ର କାଡା (କମାଣ୍ଡ୍ ଏରିଆ ଡେଭଲପ୍‌ମେଣ୍ଟ୍ ଅଥରିଟି)ରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ପଦ୍ମଲୋଚନ ନାୟକଙ୍କ ସହ ଜଡ଼ିତ ସମ୍ବଲପୁର, କଟକ, ବାଲେଶ୍ୱର ଓ ମାଲକାନଗିରି ଆଦି ଜିଲ୍ଲାର ୭ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ହୋଇଛି ଏକକାଳୀନ ଚଢ଼ାଉ। ଏହି ଚଢ଼ାଉ ସମୟରେ ଶ୍ରୀ ନାୟକ ମଧ୍ୟ ଜଣେ ପ୍ଲଟ୍‌ପ୍ରେମୀ ବୋଲି ସାବ୍ୟସ୍ତ ହୋଇଛି। ତାଙ୍କ ନାମରେ ଭୁବନେଶ୍ୱର, କଟକ ଓ ଯାଜପୁର ପରି ଦାମୀ ଅଞ୍ଚଳରେ ୧୮ ଦାମୀ ପ୍ଲଟ ରହିଥିବା ସ୍ପଷ୍ଟ ହୋଇଛି। ସେହିପରି ତାଙ୍କ ନାଁରେ ୨ଟି ବହୁତଳ ପ୍ରସାଦ ସମେତ ମୋଟ ୩ଟି କୋଠା ମଧ୍ୟ ରହିଥିବା ଜଣାପଡ଼ିଛି। ସେଥି ମଧ୍ୟରୁ ଗୋଟିଏ ତିନି ମହଲା କୋଠା କଟକ ବିଦ୍ୟାଧରପୁରଠାରେ ୧୮,୮୪୦ ବର୍ଗଫୁଟ ଅଞ୍ଚଳରେ ନିର୍ମାଣ ➪ପୃଷ୍ଠା-୬

### ରାଜ୍ୟର ବ୍ଲୁ-ଇକୋନୋମି ବିକାଶରେ ଆଉ ପାଦେ

# ସମୁଦ୍ରରେ ମତ୍ସ୍ୟ ସମ୍ପଦର ହେବ ସ୍ଥାୟୀ ଉପଯୋଗ



### 'ଲେଟର ଅଫ୍ ଅଥରାଇଜେସନ୍'ର ଜାତୀୟ ଶୁଭାରମ୍ଭ

### ଜୁଲାଇ ୯ରେ ଯୋଗଦେବେ ଉପରାଷ୍ଟ୍ରପତି

ଭୁବନେଶ୍ୱର,୨୩।୬(ସଂଚାର ବ୍ୟୁରୋ): ଦୂର ତଥା ଗଭୀର ସମୁଦ୍ର ଅଞ୍ଚଳରେ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ପାଇଁ ଲେଟର ଅଫ୍ ଅଥରାଇଜେସନ୍ (ପ୍ରାଧିକୃତ ଅନୁମତିପତ୍ର)ର ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରିବା ନିମନ୍ତେ ଆଜି ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଆସନ୍ତା ଜୁଲାଇ ୯ ତାରିଖରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ରେ ଏହି ଜାତୀୟ କାର୍ଯ୍ୟକ୍ରମ ଆୟୋଜିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ଏଥିରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟ, ବିଭିନ୍ନ ରାଜ୍ୟର ପ୍ରତିନିଧି, ଜାତୀୟ ମତ୍ସ୍ୟ ସଂସ୍ଥାଗୁଡ଼ିକର ଅଧିକାରୀ ଓ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରୁ ମତ୍ସ୍ୟଜୀବୀ, ମତ୍ସ୍ୟଚାଷ କ୍ଷେତ୍ରରେ ➪ପୃଷ୍ଠା-୬






# କାହାକୁ କହିବ, ଚାଲୁଣିଯାକ ତ କଣା

### ଏଷ୍ଟାବ୍ଲିସମେଣ୍ଟ ସେକ୍ସନଠୁ ବିଭାଗୀୟ ମୁଖ୍ୟ ଗୋଟିଏ ଚେନ୍

### ମାଲ୍ ଖସେଇଲେ ସବୁ କାମ ସୁରୁଖୁରୁରେ ହୋଇଯିବ



କଟକ,୨୩।୬(ସଂଚାର ବ୍ୟୁରୋ): କଟକ ସିଡିଏମଓ କାର୍ଯ୍ୟାଳୟର କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ସେକ୍ସନର ଜଣେ ଅଧିକାରୀ କେମିତି ୧୪ ବର୍ଷ ହେଲା ଗୋଟିଏ ପଦବୀରେ ଅଛନ୍ତି, ତାକୁ ନେଇ ଖୋଳତାଡ଼ କରୁ କରୁ ମହାଦେବ ବାହାରିଲେଣି। ପ୍ରକୃତରେ କହିବାକୁ ଗଲେ ଏହି ସେକ୍ସନଟି ହେଉଛି ଗୋଟିଏ ଦୁଧିଆଳୀ ଗାଈ ଭଳି। ଅର୍ଥାତ ଏହି ସେକ୍ସନଟି ହେଉଛି ରୋଜଗାରିଆ ବିଭାଗ। ଆଉ ଏହି ସେକ୍ସନ ଦାୟିତ୍ୱରେ ଥିବା ବାବୁ ଜଣକ ଏଡିଏମଓଙ୍କଠୁ ଆରମ୍ଭ କରି ସିଡିଏମଓଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୋଟିଏ ଚେନ୍‌ରେ ବାନ୍ଧି ରଖିଛନ୍ତି, ଯେଉଁଥିପାଇଁ ତାଙ୍କଠି କେହି ହାତ ମାରୁନାହାଁନ୍ତି।

କଟକରେ ୨୫୦ରୁ ଅଧିକ ନର୍ସିଂହୋମ, ୪୦୦ ପାଖାପାଖି କ୍ଲିନିକ, ୨୦୦ରୁ ଅଧିକ ଡାଇଗ୍ନୋଷ୍ଟିକ ସେଣ୍ଟର ସହ ୨୦୦ରୁ ଅଧିକ ଅଣପଞ୍ଜିକୃତ କ୍ଲିନିକ ଓ ନର୍ସିଂହୋମ ବି ରହିଛି। କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ଆକ୍ଟ ଦ୍ୱାରା ପଞ୍ଜିକୃତ କ୍ଲିନିକ୍ ଓ ନର୍ସିଂହୋମକୁ ପ୍ରତି ୫ ବର୍ଷରେ ଥରେ ଲାଇସେନ୍ସ ରିନ୍ୟୁ କରିବାକୁ ପଡ଼ିଥାଏ। କଟକରେ ଯେତେ ସଂଖ୍ୟାରେ କ୍ଲିନିକ ଓ ନର୍ସିଂହୋମ ରହିଛି, ସେହି ଦୃଷ୍ଟିରୁ ଦେଖିଲେ ବର୍ଷକୁ ହାରାହାରି ୧୦୦ ଜଣଙ୍କ ଲାଇସେନ୍ସ ରିନ୍ୟୁ ହେଉଛି। ଅଭିଯୋଗ ହେଉଛି ଏହି ଲାଇସେନ୍ସ ନବୀକରଣ ସମୟରେ ହିଁ ପ୍ରକୃତ ଖେଳ ହେଉଛି। କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ସେକ୍ସନ ସହ କିଛି ଏଜେଣ୍ଟ ଜଡ଼ିତ ହୋଇ ଅଛନ୍ତି। କୌଣସି କ୍ଲିନିକ କିମ୍ବା ନର୍ସିଂହୋମ ମାଲିକ ଏହି ଏଜେଣ୍ଟଙ୍କ ଜରିଆରେ ନବୀକରଣ ପାଇଁ ଆବେଦନ କଲେ ଦୁଇରୁ ଅଢ଼େଇ ଲକ୍ଷରେ ଡିଲ ଫାଇନାଲ୍ ହେଉଛି। ଆଉ ସେ କ୍ଷେତ୍ରରେ କୌଣସି କ୍ୱେରୀ ଆସୁନି କି ସମସ୍ୟା ହେଉନି। ➪ପୃଷ୍ଠା-୬

### ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ

## ବିଜେପି ସରକାରରେ ଦୁଇ ବର୍ଷରେ ଦୁଇ ଗୁଣ ବିକାଶ ସମ୍ଭବ ହୋଇପାରିଛି:ବିଧାୟକ




**ନିଶ୍ଚିନ୍ତକୋଇଲି,୨୩।୬ (ସଂଚାର ବ୍ୟୁରୋ):** ଭାରତରେ ବିଜେପି ଏବଂ ରାଜ୍ୟରେ ବିଜେପି ସରକାର ଆସିବା ପରେ ବିକାଶ ପରେ ବିକାଶ କାର୍ଯ୍ୟକ୍ରମ ଦୁଇଗୁଣିତ ଭାବେ ଜାରିରହିଛି। ଏହି ଅବସରରେ ତଥା ଭାରତ ସରକାରଙ୍କ ୧୨ବର୍ଷ ପୂର୍ତ୍ତି ଏବଂ ରାଜ୍ୟରେ ଲୋକପ୍ରିୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ନିଶ୍ଚିନ୍ତକୋଇଲି ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଡ଼ିଓ ଦ୍ୱିବ୍ୟେନ୍ଦୁ ଦାସଙ୍କ ପୌରୋହିତ୍ୟରେ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ ଯୋଗଦାନ କରି ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ୪୬ହଜାରରୁ ଉର୍ଦ୍ଧ୍ୱ ରେସନକାର୍ଡ଼ ଯାହା ମାଧ୍ୟମରେ ମୁଣ୍ଡପିଛା ଅତିରିକ୍ତ ୫କେଜି ଚାଉଳ ପାଇପାରିବେ ଉକ୍ତ ଯୋଗ୍ୟ ବହୁ ହିତାଧିକାରୀଙ୍କୁ ଅନ୍ନପୂର୍ଣ୍ଣା ଯୋଜନାରେ କାର୍ଡ଼ ପ୍ରଦାନ, ଅନ୍ତୋଦ୍ୟ ଗୃହ ଯୋଜନା ମାଧ୍ୟମରେ ୩୮ଜଣ ହିତାଧିକାରୀଙ୍କୁ ଗୃହ କାର୍ଯ୍ୟାଦେଶ ପ୍ରଦାନ, ମହିଳା ସଶକ୍ତିକରଣ ଯୋଜନାରେ ସ୍ୱୟଂ ସହାୟକ ଗୋଷ୍ଠୀ ମାଆ ମାନଙ୍କୁ ୧୧୯କୋଟି ଟଙ୍କା ଋଣ ପ୍ରଦାନ, ନିର୍ମାଣ ଶ୍ରମିକ କାର୍ଡ଼ରେ ବିବାହ, ମୃତ୍ୟୁ ଏବଂ ପାଠପଢ଼ା ପାଇଁ ସହାୟତା ରାଶି ବଣ୍ଟନ, ଅଙ୍ଗନବାଡ଼ି କର୍ମୀମାନଙ୍କୁ ସ୍ମାର୍ଟ ଫୋନ୍ ବଣ୍ଟନ, ଆୟୁଷ୍ମାନ୍ ଯୋଜନା ମାଧ୍ୟମରେ ବୟୋବନ୍ଦନା ସ୍ୱାସ୍ଥ୍ୟ କାର୍ଡ଼ ବଣ୍ଟନ କରିବା ସହିତ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଜ୍ୟ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କୁ କୃତଜ୍ଞତା ଜଣାଇବା ସହିତ ଦୀର୍ଘ ୨ବର୍ଷ ଧରି ଓଡ଼ିଶାରେ ଯେଉଁଭଳି ବିକାଶ ଚାଲିଛି ତାହା କେବଳ ବର୍ତ୍ତମାନର ସରକାରର ବଳିଷ୍ଠ ଉଦ୍ୟମ କ୍ରମେ ସଫଳ ହୋଇପାରିଛି ବୋଲି ବିଧାୟକ ଶ୍ରୀ ପ୍ରଧାନ ପ୍ରକାଶ କରିଥିଲେ।

## ଅତିରିକ୍ତ ଶ୍ରେଣୀଗୃହର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ



**ନିଶ୍ଚିନ୍ତକୋଇଲି,୨୩।୬ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ଶିକ୍ଷା ମଣ୍ଡଳ ଅଧିନ ଜିଗ୍ନୀପୁର ପଞ୍ଚାୟତ ବାହାବଳପୁର ଠାରେ ଉର୍ଦ୍ଧ୍ୱ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ନଥିବା ହେତୁ ଛାତ୍ର ଛାତ୍ରୀମାନେ ଗୋଟିଏ ଘରେ ପାଠ ପଢୁଥିଲେ। ଯାହାଫଳରେ ଗୁଣାତ୍ମକ ଶିକ୍ଷାଦାନରେ ବାଧା ଉପୁଜିଥିଲା। ଏହାକୁ ନେଇ ବାରମ୍ବାର ଦାବି ପରେ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ବ୍ଲକ ପ୍ରଶାସନ ସବୁପ୍ରକାର ପ୍ରସ୍ତୁତ ଥିଲେ ମଧ୍ୟ ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ଜାଗା ନଥିଲା। ଫଳରେ ଏହାକୁ ନେଇ ଗ୍ରାମବାସୀମାନଙ୍କ ବୈଠକ ପରେ ଉକ୍ତ ବାହାବଳପୁର ଅଞ୍ଚଳର ସମାଜସେବୀ ସେଖ୍ ଫରାଜ୍ ଉଦ୍ଦିନ୍ ଏକ ଜାଗା ଦାନ କରିଥିଲେ। ଉକ୍ତ ଜାଗାରେ ଆଜି ମୁଖ୍ୟଅତିଥି ଭାବେ ବିଧାୟକ ଶାରଦାପ୍ରସାଦ ପ୍ରଧାନ ଏବଂ ସମାଜସେବୀ ସେଖ୍ ଫରାଜ୍ ଉଦ୍ଦିନ୍ ଯୋଗଦାନ କରି ନିଶ୍ଚିନ୍ତକୋଇଲି ଶିକ୍ଷା ମଣ୍ଡଳ ଅଧୀନ ଜିଗ୍ନୀପୁର ପଞ୍ଚାୟତ ବାହାବଳପୁର ଠାରେ ଏକ ଉର୍ଦ୍ଧ୍ୱ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

## କୋରେଇରେ ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ



**କୋରେଇ,୨୩।୬(ସଂଚାର ବ୍ୟୁରୋ):** କୋରେଇ ବ୍ଲକ ସଭାଗୃହରେ ଆଜି କୃଷି ଅଧିକାରୀ ଶ୍ରୀ ନିରଞ୍ଜନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶ ଧାରା ଓଡିଶା ସାରା କାର୍ଯ୍ୟକ୍ରମରେ ବ୍ଲକ ସ୍ତରୀୟ କୃଷକ,ଉଦ୍ୟାନ ଓ ମତ୍ସ୍ୟ ଚାଷ ସମ୍ବନ୍ଧିୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ବିଡ଼ିଓ ଶ୍ରୀ ଅବକାଶକାନ୍ତ ସାହୁ ସଭାପତିତ୍ୱ କରିଥିବା ବେଳେ ଅତିଥି ଭାବେ ଉଦ୍ୟାନ ବିଭାଗ ଅଧିକାରୀ ଶ୍ରୀ ଅମୂଲ୍ୟଜ୍ୟୋତି ସେଠୀ, ପ୍ରାଣୀ ଚିକିତ୍ସା ଅଧିକାରୀ ଦେବାଶିଷ ଜେନା, ସହକାରୀ କୃଷି ଅଧିକାରିଣୀ ମଧୁମିତା ବାରିକ, ଏଏଫଓ ଅତନୁ କୁମାର ସ୍ୱାଇଁ ପ୍ରମୁଖଙ୍କ ସମେତ ବିଭାଗୀୟ କର୍ମଚାରୀ ମାନେ ଯୋଗଦେଇ ବିଭିନ୍ନ ବିଭାଗ ତରଫରୁ କୃଷକ ଓ ଚାଷୀଭାଇ ମାନଙ୍କୁ ଉର୍ନ୍ନତ ପ୍ରଣାଳୀରେ ଚାଷ କରି କିଭଳି ସରକାରଙ୍କ ଯୋଜନା ଗୁଡିକର ସହାୟତା ପାଇପାରିବେ ସେ ବିଷୟରେ ପରାମର୍ଶ ଦେଇଥିଲେ। ବ୍ଲକର ସମସ୍ତ ପଂଚାୟତରୁ ପାଖାପାଖି ୨୦୦ ରୁ ଉର୍ଦ୍ଧ ଚାଷୀଙ୍କୁ ନିମନ୍ତ୍ରଣ କରାଯାଇ ପ୍ରାକୃତିକ ଓ ପ୍ରଗତିଶୀଳ କୃଷି ଆଲୋଚନା, କର୍ମଶାଳା ସହିତ ମତ୍ସ୍ୟ ଚାଷ ପ୍ରଣାଳୀ ଉପରେ ପ୍ରଶିକ୍ଷଣ ଓ ଆଲୋଚନା କରାଯାଇଥିଲା। ଏଥିସହିତ କ୍ଷେତ ବଂଚାଅ ଅଭିଯାନରେ ସାମିଲ ହେବା ସହିତ ସୁସ୍ଥ ମାଟି, ସଶକ୍ତ କୃଷକ ଓ ସମୃଦ୍ଧଓଡିଶା ଗଠନ ଦିଗରେ ଅଗ୍ରଗତି ହେବାପାଇଁ କୃଷିଅଧିକାରୀ ପରାମର୍ଶ ଦେଇଥିଲେ।

## ଘାଟି ରାସ୍ତା ସମ୍ପ୍ରସାରଣ ପାଇଁ ସପ୍ତାହର ୪ଦିନ ଗାଡ଼ି ଚଳାଚଳ ଉପରେ କଟକଣା

**ବାରିପଦା,୨୩।୬(ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଜିଲ୍ଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ର ବାଙ୍ଗରିପୋଷୀ ଠାରୁ ବିଶୋଇ ପର୍ଯ୍ୟନ୍ତ ଘାଟି ରାସ୍ତା ସଂପ୍ରସାରଣ କାମ ଚାଲୁରହିଥିବା ଯୋଗୁ ଘାଟି ରାସ୍ତାରେ ଦୁଇ ଚକିଆ ସମେତ ହାଲୁକା ଏବଂ ଭାରିଯାନ ଚଳାଚଳ ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଅଛି। ପ୍ରତ୍ୟେକ ସପ୍ତାହର ବୁଧବାର ଠାରୁ ଶନିବାର ପର୍ଯ୍ୟନ୍ତ ଦିନ୧୧ ଘଟିକା ଠାରୁ ୪ଟା ପର୍ଯ୍ୟନ୍ତ ସମସ୍ତ ପ୍ରକାର ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ। ଏହାର ଅବିଧି ୨୪.୬.୨୬ ଠାରୁ ୩୧.୭.୨୬ ପର୍ଯ୍ୟନ୍ତ ରହିବ ବୋଲି ଜିଲ୍ଲାପାଳ ଆଦେଶନାମା ଜାରି କରିଛନ୍ତି। ହାଲୁକା ଯାନ ଗୁଡିକ ଘାଟି ରାସ୍ତା ବ୍ୟତୀତ ଅନ୍ୟ ରାସ୍ତା ଯୋକା-ଚନ୍ଦନପୁର-କାତରାଛକ, ଅର୍ଗୀଳାବନ୍ଧା ଶଙ୍ଖାଭଙ୍ଗା ଦେଇ ଯାତାୟତ କରିପାରିବ। ଘାଟି ରାସ୍ତାର ବିଭିନ୍ନ ସ୍ଥାନରେ ପଥର ବ୍ଲାଷ୍ଟିଙ୍ଗ କୁ ନେଇ ଲୋକମାନଙ୍କର ସୁରକ୍ଷା ପାଇଁ ଏହି କଟକଣା ଜାରି କରାଯାଇଅଛି।

## ୪ ବର୍ଷ ହେଲା ମିଳୁନି ବାର୍ଦ୍ଧକ୍ୟ ଭତ୍ତା

# ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି

### ଭତ୍ତା ପାଇଁ ଶଯ୍ୟାଶାୟୀ ବାସନ୍ତୀଙ୍କ ଆକୁଳ ନିବେଦନ



**ଗରଦପୁର,୨୩।୬(ସଂଚାର ବ୍ୟୁରୋ):** ବୟସର ଅପରାହ୍ନରେ ସରକାରୀ ସହାୟତାକୁ ଭରସା କରି ବଞ୍ଚୁଥିବା କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁରର ୭୮ ବର୍ଷୀୟା ବାସନ୍ତୀ ପାଣି ଗତ ଚାରି ବର୍ଷ ଧରି ବୃଦ୍ଧାଭତ୍ତାରୁ ବଞ୍ଚିତ ହୋଇ ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି। ଜୀବନର ଏହି ଶେଷ ସମୟରେ ଭତ୍ତା ହିଁ ତାଙ୍କର ଏକମାତ୍ର ଭରସା ଥିବା ବେଳେ, ଦୀର୍ଘ ଚାରି ବର୍ଷ ଧରି ସେହି ସହାୟତା ନ ମିଳିବା ତାଙ୍କୁ ଗଭୀର ଦୁଃଖ ଓ ଅନିଶ୍ଚିତତା ମଧ୍ୟରେ ଠେଲି ଦେଇଛି।

ସୂଚନା ଅନୁଯାୟୀ, ବାସନ୍ତୀ ପାଣି ୨୦୨୨ ମସିହା ଅକ୍ଟୋବର ୧୦ ତାରିଖରେ ଶେଷ ଥର ପାଇଁ ବୃଦ୍ଧାଭତ୍ତା ପାଇଥିଲେ। ଏହାପରେ ତାଙ୍କ ନାମରେ ଆଉ କୌଣସି ଭତ୍ତା ଜମା ହୋଇନାହିଁ। ଭତ୍ତା ପୁନଃ ଚାଲୁ କରିବା ପାଇଁ ସେ ବାରମ୍ବାର ସମ୍ପୃକ୍ତ କାର୍ଯ୍ୟାଳୟକୁ ଯାଇଥିଲେ ମଧ୍ୟ ପ୍ରତିଥର କେବଳ ଆଶ୍ୱାସନା ମିଳିଥିବା ଅଭିଯୋଗ ହୋଇଛି। ଶେଷରେ ବୟସ ଓ ଅସୁସ୍ଥତା ତାଙ୍କୁ ଶଯ୍ୟାଶାୟୀ କରିଦେଇଛି।

ବର୍ତ୍ତମାନ ବିଭିନ୍ନ ରୋଗରେ ପୀଡ଼ିତ ଥିବା ବାସନ୍ତୀ ପାଣିଙ୍କ ପାଇଁ ଔଷଧ କିଣିବା ମଧ୍ୟ ଦୁର୍ହର ହୋଇପଡ଼ିଛି। ତାଙ୍କ କହିବା ଅନୁସାରେ, ମାସିକ ଭତ୍ତାର ଟଙ୍କା ମିଳିଲେ ଅନ୍ତତଃ ଔଷଧ ଓ ଦୈନନ୍ଦିନ ଆବଶ୍ୟକତା ପୂରଣ କରିପାରିଥାନ୍ତେ। ହେଲେ ଏବେ ଅପେକ୍ଷା ହିଁ ତାଙ୍କର ନିୟତି ପାଲଟିଯାଇଛି।

ଜଣେ ଅସହାୟ ବୃଦ୍ଧାଙ୍କୁ ତାଙ୍କ ହକ୍‌ର ସରକାରୀ ସହାୟତା ନ ମିଳିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ମଧ୍ୟ ଅସନ୍ତୋଷ ପ୍ରକାଶ ପାଉଛି। ସାମାଜିକ ସୁରକ୍ଷା ଯୋଜନାର ଉଦ୍ଦେଶ୍ୟ ଅସହାୟ ଓ ବୃଦ୍ଧ ବ୍ୟକ୍ତିଙ୍କୁ ସହାୟତା ଯୋଗାଇବା ହୋଇଥିବା ବେଳେ, ବାସନ୍ତୀ ପାଣିଙ୍କ ଘଟଣା ପ୍ରଶାସନିକ ତତ୍ପରତା ଉପରେ ପ୍ରଶ୍ନ ଉଠାଇଛି।

ଆଜି ବି ବାସନ୍ତୀ ପାଣିଙ୍କ ମନରେ ଗୋଟିଏ ଆଶା ରହିଛି। ସେ କହୁଛନ୍ତି, "ସରକାର ମୋତେ ଭତ୍ତା ଦିଅନ୍ତୁ। ଏହି ବୃଦ୍ଧ ବୟସରେ ଆଉ ଦୌଡ଼ି ପାରୁନି। ଭତ୍ତା ମିଳିଲେ ଔଷଧ ଖାଇ କିଛି ଦିନ ଭଲରେ ବଞ୍ଚିପାରିବି।"

ଏବେ ପ୍ରଶ୍ନ ଉଠୁଛି, ଜଣେ ବୃଦ୍ଧାଙ୍କ ଏହି ଆକୁଳ ନିବେଦନ ପ୍ରଶାସନ ଶୁଣିବ କି, ନା ଚାରି ବର୍ଷର ଅପେକ୍ଷା ଆହୁରି ଲମ୍ବା ହେବ?

## ଯୋଗ ମାଧ୍ୟମରେ ସୁସ୍ଥ ସମାଜ ଗଠନ ସମ୍ଭବ



**ପଟ୍ଟାମୁଣ୍ଡାଇ,୨୩।୬(ସଂଚାର ବ୍ୟୁରୋ):** ଯୋଗ ମାଧ୍ୟମରେ ସୁସ୍ଥ ସମାଜ ଗଠନ ସମ୍ଭବ ବୋଲି ପଟ୍ଟାମୁଣ୍ଡାଇ ବ୍ଲକର ଫିଟ୍ ଅଫ ଫାୟାର ଡାନ୍ସ ଏକାଡେମୀ ଆନୁକୁଲ୍ୟରେ ଆୟୋଜିତ ଆନ୍ତର୍ଜାତିକ ଯୋଗ ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ବିଶିଷ୍ଟ ଅତିଥିମାନେ ପ୍ରକାଶ କରିଛନ୍ତି। ଅନୁଷ୍ଠାନର ସଭାପତି କୁଞ୍ଜ ବିହାରି ତ୍ରିପାଠୀ, ସମ୍ପାଦକ ପ୍ରଦ୍ୟୁମ୍ନ ଗିରି, ଗୁରୁ ପ୍ରଶାନ୍ତ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଯୋଗ ଶିବିରରେ ଏକାଡେମୀର କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ଯୋଗାସନ, ପ୍ରାଣାୟାମ ପ୍ରଦର୍ଶନ କରିଥିଲେ। ହରିହରାନନ୍ଦ ଧ୍ୟାନ ମନ୍ଦିରର କ୍ରିୟା ଯୋଗ ସାଧନ ଗୁରୁ ବାବା ଧ୍ୟାନନିଷ୍ଠାନନ୍ଦ ସ୍ୱାମୀଜୀ ଆସି ପିଲାମାନଙ୍କୁ ମାନବ ସମାଜ ଓ ଯୋଗର ବିଶେଷତ୍ୱ ଉପରେ ଆଲୋକପାତ କରିବା ସହିତ ବାଲ୍ୟବସ୍ଥାରେ ନିଜକୁ କିପରି ପଞ୍ଚେନ୍ଦ୍ରିୟ ଉପରେ ସଂଯମ ରକ୍ଷା କରିଯାଇପାରିବ ତାହା ଉପରେ ଆଲୋକପାତ କରିଥିଲେ।

# ଅଭିଯୁକ୍ତ ନାମରେ ଏକାଧିକ ସଂଗୀନ ମାମଲା

### ଗିରଫ କରୁନି ପୁଲିସ

**କେନ୍ଦ୍ରାପଡ଼ା,୨୩।୬ (ସଂଚାର ବ୍ୟୁରୋ):** ଅପରାଧୀଙ୍କୁ ପୁଲିସ ଗିରଫ କରୁନଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ନାମରେ ଏକାଧିକ ସଂଗୀନ ମାମଲା ମଧ୍ୟ ରହିଛି। ଅଭିଯୋଗ ଅନୁଯାୟୀ ତତ୍‌କାଳୀନ ପାଟକୁରା ଓ ଅଧୁନା କୁଦାନଗରୀ ଥାନା ଅଧିନ ବିଲବଲରାମପୁର ଗ୍ରାମର ଶୁକଦେବ ବିଶ୍ୱାଳଙ୍କ ପୁଅ ଚଗଲା ଓରଫ ସମୀରରଞ୍ଜନ ବିଶ୍ୱାଳ ଏକାଧିକ ସଂଗୀନ ମାମଲାରେ ଅଭିଯୁକ୍ତ ରହିଥିବା ବେଳେ ତାଙ୍କୁ ପୁଲିସ ଗିରଫ କରୁନଥିବା ନେଇ ଅଭିଯୋଗ ହୋଇଛି। ସେ ଜଣେ ଅଭ୍ୟାସଗତ ଅପରାଧୀ ଭାବେ ଗୋଟିଏ ପରେ ଗୋଟିଏ ଅପରାଧୀକ ଘଟଣା ଘଟାଇ ଚାଲିଥିବା ବେଳେ ପୁଲିସର କୋହଳ ମନୋଭାବ ପୋଷଣ ତାଙ୍କୁ ଅଧିକ ସୁହାଉଛି। ଏମିତିକି ସେହି ଅପରାଧୀଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା କୋର୍ଟ ଜାରି କରିଥିଲେ ମଧ୍ୟ ପୁଲିସ ତାଙ୍କୁ ଗିରଫ କରୁନଥିବା ନେଇ ଏସପିଙ୍କ ନିକଟରେ ଅଭିଯୋଗ ହୋଇଛି।

ତାଙ୍କ ଜାମିନ ଆବେଦନ (ବେଲ ଦରଖାସ୍ତ ନଂ-୬୫,୬୬/୨୦୨୨) କେନ୍ଦ୍ରାପଡା ଜିଲ୍ଲାଜଜଙ୍କ କୋର୍ଟରେ ନାକଚ ହୋଇଯାଇଛି। ଏଥିସହିତ କେନ୍ଦ୍ରାପଡା ସଦର ଥାନା କେଶ ନମ୍ବର-୨୮୨ ଓ ଜି.ଆର. ନଂ-୧୩୨୫/୨୦୨୨ରେ ସମୀରରଞ୍ଜନ ମୁଖ୍ୟ ଅଭିଯୁକ୍ତ ଅଛନ୍ତି। ଜି.ଆର. ନଂ-୫୩୮/୨୦୧୪ରେ ସେ ଅନୁପସ୍ଥିତ ଥିବାରୁ ତାଙ୍କ ନାମରେ କୋର୍ଟରୁ ୱାରେ ଇସୁ କରାଯାଇଥିଲେ ବି ତାହାକୁ ପୁଲିସ କାର୍ଯ୍ୟକାରୀ କରୁନଥିବା ଅଭିଯୋଗ ହୋଇଛି। ଏହାବ୍ୟତିତ ତାଙ୍କ ନାମରେ ଜି.ଆର.କେଶନମ୍ବର- ୮୫୭/୨୦୧୧ କୋର୍ଟରେ ବିଚାରାଧିନ ରହିଛି। ସେହିପରି ସଂପୃକ୍ତ ଅପରାଧୀ ଜଣଙ୍କ ଟେଣ୍ଡର ଫିକ୍ସିଂରେ ସଂପୃକ୍ତ ଥିବାସହ କେନ୍ଦ୍ରାପଡା ବିଡିଓଙ୍କୁ କାର୍ଯ୍ୟରତ ସମୟରେ ମାଡମାରିବା ଭଳି ସଂଗୀନ ଅଭିଯୋଗମାନ ରହିଛି। ତେଣୁ ସଂପୃକ୍ତ ଅପରାଧୀଙ୍କୁ ସ୍ୱତନ୍ତ୍ର ପୋଲିସ ସ୍କ୍ୱାର୍ଡ ଦ୍ୱାରା ଗିରଫ କରାଯିବାକୁ ଏସପିଙ୍କ ନିକଟରେ ଦାବି କରାଯାଇଛି।

ବିଭିନ୍ନ ସଂଗୀନ ମାମଲାରେ ତାଙ୍କ ବିରୋଧରେ କୋର୍ଟରେ ଚାର୍ଜସିଟ ଦାଖଲ ହେବା ପରେ ତାଙ୍କୁ କୋର୍ଟରେ ହାଜର ପାଇଁ ବାରମ୍ବାର ସମନ ପଠାଯାଉଥିଲେ ମଧ୍ୟ ସଂପୃକ୍ତ ଅପରାଧୀ କୋର୍ଟରେ ଅନୁପସ୍ଥିତ ରହୁଛନ୍ତି। ଏକାଧିକ ମାମଲାରେ କୋର୍ଟରେ ଅନୁପସ୍ଥିତ ରହୁଥିବା ଯୋଗୁଁ ତାଙ୍କ ନାମରେ କୋର୍ଟ ପକ୍ଷରୁ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଛି। କିନ୍ତୁ ପୁଲିସ ସେହି ଅପରାଧୀଙ୍କୁ ଗିରଫ କରୁନଥିବାରୁ ସେ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଚାଲିଛନ୍ତି।

ସଂପୃକ୍ତ ଅଭିଯୁକ୍ତଙ୍କ ଯୋଗୁ ସାଧାରଣ ଲୋକଙ୍କ ଜୀବନ ବିପଦରେ ରହିଛି। ତାଙ୍କୁ ଗିରଫ କରିବାରେ ପୋଲିସର ଉଦାସୀନତାକୁ ନେଇ ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ଏସଂକ୍ରାନ୍ତରେ ଅତିରିକ୍ତ ଏସପି ସୁଧାକର ସାହୁଙ୍କୁ ପଚାରିବାରୁ ସେ କହିଲେ ତୁରନ୍ତ ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବ। ସଂପୃକ୍ତ ଥାନା ପୁଲିସ କାହିଁକି ଏତେଦିନ ଧରି ଗିରଫ କରୁନି ତାହାର ତଦନ୍ତ ହେବ।

# ବିଦେଶୀ ମଦ ଦୋକାନକୁ ବିରୋଧ

### ଜିଲ୍ଲାପାଳଙ୍କୁ ଭେଟିଲେ ଶତାଧିକ ମିଶନଶକ୍ତି ମହିଳା



**କେନ୍ଦ୍ରାପଡ଼ା,୨୩।୬(ସଂଚାର ବ୍ୟୁରୋ):** ଇନ୍ଦୁପୁର ପଞ୍ଚାୟତରେ ଖୋଲିବାକୁଥିବା ବିଦେଶୀ ଠିପି ବନ୍ଦ ମଦ ଦୋକାନକୁ ସ୍ଥାନୀୟ ମିଶନଶକ୍ତି ସ୍ୱୟଂସହାୟିକା ଗୋଷ୍ଠିର ମହିଳାମାନେ ପ୍ରବଳ ବିରୋଧ କରି ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ସେମାନେ ଅଭିଯୋଗ କରିଛନ୍ତି ଯେ ଇନ୍ଦୁପୁର ପଞ୍ଚାୟତର ଯେଉଁ ସ୍ଥାନରେ ବିଦେଶୀ ମଦ ଦୋକାନଟି ଖୋଲିବାକୁ ଯାଉଛି ଉକ୍ତ ସ୍ଥାନଟି ଜଗତପୁର- ପଟ୍ଟାମୁଣ୍ଡାଇ କେନାଲବନ୍ଧ ପାଶ୍ୱର୍ରେ ରହିଛି। ସଂପୃକ୍ତ ମଦ ଦୋକାନ ହେବାକୁ ଯାଉଥିବା କେନାଲ ବନ୍ଧର ଅପର ପାଶ୍ୱର୍ରେ ଇନ୍ଦୁପୁର ପଞ୍ଚାୟତ ୬ନମ୍ବର ୱାର୍ଡର ଗ୍ରାମବାସୀ ତଥା ମହିଳାମାନଙ୍କ ଗାଧୁଆତୁଠ ରହିଛି। ଏଥିସହିତ ଇନ୍ଦୁପୁର ପଞ୍ଚାୟତର ୪ନମ୍ବର ୱାର୍ଡରେ ହେଉଥିବା ମଦ ଦୋକାନ ଠାରୁ ମାତ୍ର ୫୦ମିଟର ଦୂରରେ ସେହି ୱାର୍ଡର ଗାଧୁଆ ତୁଠ ରହିଛି। ଉଭୟ ଗାଧୁଆ ତୁଠକୁ ସେହି ଅଞ୍ଚଳର ଶତାଧିକ ମହିଳା, ଯୁବତୀ ଓ ଗ୍ରାମବାସୀମାନେ ଦୈନିକ ଶୌଚ ପାଇଁ ବ୍ୟବହାର କରିଥାନ୍ତି। ସେହି ମଦଦୋକାନ ପଛପାଶ୍ୱର୍ରେ ଜନବସତି ରହିଛି। ସେହି ଦୋକାନ ଠାରୁ ୫୦ମିଟର ଦୂରରେ କେଉଁ ଆବହମାନ କାଳରୁ ଏକ ବୌଦ୍ଧ ମନ୍ଦିର ରହିଛି। ଏହାବ୍ୟତିତ ପ୍ରସ୍ତାବିତ ମଦ ଦୋକାନର ଅନତି ଦୂରରେ ଇନ୍ଦୁପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର, ଇନ୍ଦୁପୁର ସରକାରୀ ହାଇସ୍କୁଲ, ଚଇତି ଦେବୀ ମନ୍ଦିର ଓ ତ୍ରିନାଥ ମନ୍ଦିର ପ୍ରଭୃତି ରହିଛି। ଏହାସହ ସଂପୃକ୍ତ ମଦଦୋକାନଟି ଜଳସେଚନ ବିଭାଗ ଜମି ଉପରେ ହେବାକୁ ଯାଉଛି ଯାହା ସରକାରୀ ନୀତି ନିୟମକୁ ସଂପୂର୍ଣ୍ଣ ଉଲ୍ଲଙ୍ଘନ କରୁଛି। ତେଣୁ ଏସମସ୍ତ ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ ଏହି ପ୍ରସ୍ତାବିତ ବିଦେଶୀ ମଦ ଦୋକାନଟିକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ମିଶନଶକ୍ତିର ମହିଳାମାନେ ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ମଦ ଦୋକାନ ସ୍ଥାନାନ୍ତର କରାନଯାଏ ତେବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିବାକୁ ଚେତାବନୀ ଦେଇଛନ୍ତି।

ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସଙ୍କ ସମେତ ଇନ୍ଦୁପୁର ଗ୍ରାମପଞ୍ଚାୟତର ମିଶନଶକ୍ତିର ସଭ୍ୟା ଜାନକି ସାହାଣୀ, ରୀତାଞ୍ଜଳି ଭୋଇ, ପ୍ରମିଳା ବେହେରା, ଲୀତାଞ୍ଜଳି ବେହେରା, କମଳା ସାହାଣୀ, ଶାନ୍ତିଲତା ବେହେରା, କୁନ୍ତଳା ବେହେରା, ସଞ୍ଜୁଲତା ସାହାଣୀ, ନଜରାନା ବିବି,ରୁକସା ବିବି, ରୋସନି ବିବି, ସଫେଦା ବିବି, ପରମିନ ବିବି, ହାସିନା ବିବି, ଅଶିୟା ବେଗମ, ଆଫିଆ ପରଦିନ, ଚିଜବୁନ ବିବି, ଅମେନା ବିବି, ସୋଫିଆ ପରମିନ, ସୁହାନା ବିବି ପ୍ରମୁଖ ଶତାଧିକ ମହିଳା ଉପସ୍ଥିତ ଥିଲେ।

## ହାତଗଣତି ଛାତ୍ରଛାତ୍ରୀଙ୍କୁ ନେଇ ଗରଦପୁରରେ 'ସ୍ୱାବଲମ୍ବୀ ଯୁବ ସମୃଦ୍ଧ ଓଡ଼ିଶା' ସମାବେଶ



ଖାଲି ପଡ଼ିଲା ଅଧିକାଂଶ ଚେୟାର

**ଗରଦପୁର,୨୩।୬ (ସଂଚାର ବ୍ୟୁରୋ):** ଗରଦପୁର ବ୍ଲକରେ ଆୟୋଜିତ ବ୍ଲକ ସ୍ତରୀୟ 'ସ୍ୱାବଲମ୍ବୀ ଯୁବ ସମୃଦ୍ଧ ଓଡ଼ିଶା' ସମାବେଶକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ବହୁ ସଂଖ୍ୟକ ଯୁବକ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥିତିକୁ ନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଇଥିଲେ ମଧ୍ୟ କାର୍ଯ୍ୟକ୍ରମରେ ଆଶାନୁରୂପ ଜନସମାଗମ ଦେଖିବାକୁ ମିଳିନଥିଲା। ଫଳରେ ସଭାସ୍ଥଳରେ ରଖାଯାଇଥିବା ଅଧିକାଂଶ ଚେୟାର ଖାଲି ପଡ଼ିଥିବା ଦେଖିବାକୁ ମିଳିଥିଲା।

ସୂଚନା ଅନୁଯାୟୀ, ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୦ ଜଣ ଛାତ୍ର ଓ ୪୦ ଜଣ ଛାତ୍ରୀ ଯୋଗ ଦେଇଥିବା ବେଳେ ଉପସ୍ଥିତି ଅତ୍ୟନ୍ତ କମ୍ ଥିବାରୁ କାର୍ଯ୍ୟକ୍ରମର ସଫଳତାକୁ ନେଇ ପ୍ରଶ୍ନ ଉଠିଛି। ବିଶେଷ କରି ଯୁବ ସମାଜକୁ ସାମିଲ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ସମାବେଶରେ ଆଶା ଅନୁସାରେ ଯୁବବର୍ଗଙ୍କ ଆଗ୍ରହ ନ ଦେଖାଯିବାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏହାକୁ ନେଇ ସାଧାରଣ ଜନତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଥିବା ବେଳେ ସରକାରଙ୍କ ଦୁଇ ବର୍ଷର କାର୍ଯ୍ୟଦକ୍ଷତା ଓ ବିକାଶ ଧାରାକୁ ନେଇ ନାନା ପ୍ରଶ୍ନ ଉଠୁଛି।

ତେବେ କାର୍ଯ୍ୟକ୍ରମରେ ଆଶାନୁରୂପ ଲୋକଙ୍କ ସହଭାଗିତା ନ ଥିବା ଏବଂ ଅଧିକାଂଶ ଚେୟାର ଖାଲି ପଡ଼ିଥିବା ଘଟଣାକୁ ନେଇ ରାଜନୈତିକ ଓ ସାମାଜିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି। ଯୁବ ସମାଜଙ୍କ ପାଇଁ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମ ପ୍ରକୃତରେ କେତେଦୂର ସଫଳ ହୋଇଛି, ତାହାକୁ ନେଇ ମତଭେଦ ଦେଖାଦେଇଛି।

## ବାସି ବିରିୟାନୀ କହିବାରୁ ଗ୍ରାହକଙ୍କୁ ହୋଟେଲ କର୍ମଚାରୀଙ୍କ ମାଡ଼



**ପାରାଦୀପ,୨୩।୬(ସଂଚାର ବ୍ୟୁରୋ):** ରାଜ୍ୟରେ ଭିଡ଼ ହିଂସା ଏବେ ସମସ୍ତଙ୍କ ଚିନ୍ତାର କାରଣ ପାଲଟିଛି। ଅନେକ ଜାଗାରେ ଲୋକେ ଆଇନକୁ ହାତକୁ ନେଇ ନିରୀହ ଲୋକଙ୍କୁ ପ୍ରବଳ ମାଡ ମାରୁଥିବା ଘଟଣା ପ୍ରତିଦିନ ଘଟି ଚାଲିଛି। ଆଜି କୁଜଙ୍ଗ ଥାନା ଅନ୍ତର୍ଗତ ୧୫ ନମ୍ବର ପାଖରେ ଥିବା ଏକ ହୋଟେଲରେ ଜଣେ ଗ୍ରାହକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିବା ଓ ଆକ୍ରମଣ କରି ତାଙ୍କୁ କଟକ ପାରାଦୀପ ଜାତୀୟ ରାଜପଥରେ ଅଭିଯୁକ୍ତ ମାନେ ଫୋପାଡ଼ି ଦେଇଥିବା କୁଜଙ୍ଗ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ବେଳେ ରାସ୍ତା ଏକ ଘଣ୍ଟା ଧରି ଯାମ ହୋଇ ଯାଇଥିବା ମଧ୍ୟ ଦେଖିବାକୁ ମିଳିଛି।

କୁଜଙ୍ଗ ଥାନାରେ ସସ୍ମିତା ବେହେରା କରିଥିବା ଅଭିଯୋଗ ଅନୁଯାଇ ତାଙ୍କ ସ୍ୱାମୀ ଜୟସଂଖପୁର ଗ୍ରାମର ସଞ୍ଜୟ ମାଝୀ ୧୫ ନମ୍ବର ପାଖରେ ଥିବା ହୋଟେଲ ଜଷ୍ଟ କୁକରେ ମଧ୍ୟାହ୍ନ ସମୟରେ ଖାଇବାକୁ ଯାଇଥିଲେ। ସେଠାରେ ସେ ବିରିୟାନୀ ମାଗି ଖାଉଥିବା ବେଳେ ବିରିୟାନୀ ବାସି ଗନ୍ଧ ଛାଡ଼ିବାରୁ ସେ ହୋଟେଲ କର୍ମଚାରୀଙ୍କୁ ଅଭିଯୋଗ କରିବାରୁ ହୋଟେଲ କର୍ମଚାରୀ ମାନେ ତାଙ୍କୁ ଗାଳି କରିଥିଲେ। ସଞ୍ଜୟ ଏହାକୁ ପ୍ରତିବାଦ କରିବାରୁ ହୋଟେଲ କର୍ମଚାରୀ ମିଳିତ ଭାବେ ସଞ୍ଜୟଙ୍କୁ ଭୁଜାଲିରେ ଆକ୍ରମଣ କରି ସଞ୍ଜୟଙ୍କୁ ଲହୁଲୁହାଣ କରିବା ସହ ବିଧା ଗୋଇଠା ମଧ୍ୟ ମାରିଥିବା ଅଭିଯୋଗ ହୋଇଛି।

ଘଟଣାକୁ ନେଇ କୁଜଙ୍ଗ ପୁଲିସ ଉକ୍ତ ହୋଟେଲରେ ଆସି ସିସିଟିଭି ଯାଞ୍ଚ କରୁଥିବା ବେଳେ ଆହତ ସଞ୍ଜୟଙ୍କୁ ପ୍ରଥମେ କୁଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତର କରାଯାଇଛି। କୁଜଙ୍ଗ ଥାନା ଅଂଚଳରେ ଘଟିଥିବା ଏଭଳି ଘଟଣାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଉଥିବା ବେଳେ ଦୋଷୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

## ୨ୟ ଦିନରେ ଜଳସମ୍ପଦ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ



**ପଟ୍ଟାମୁଣ୍ଡାଇ,୨୩।୬ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଜଳସମ୍ପଦ କାର୍ଯ୍ୟାଳୟ ଠାରେ ଶାସନ ପଂଚାୟତର କେତେକ ଅଧିବାସୀ ଗତକାଲି ଠାରୁ କରିଥିବା ଆମରଣ ଅନଶନରେ ଆଜି ୨ୟ ଦିବସରେ ପହଁଚିଛି। ଅନଶନକାରୀମାନେ ୧୬ନଂ କେନାଲ ରାସ୍ତା ମୋହରମ ପାଇଁ ଆସିଥିବା ଅର୍ଥ ଆଦୌ ବିନିଯୋଗ ନହୋଇ ମିଥ୍ୟା ବିଲ କରି ଅର୍ଥ ହଡପ କରାଯାଇଥିବା ଅଭିଯୋଗ କରିଛନ୍ତି। ଏହାର ଉପଯୁକ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ଆମରଣ ଅନଶନ କରାଯାଇଛି। ପ୍ରଶାନ୍ତ ମହାନ୍ତି, ଧ୍ରୁବ ପାଣ୍ଡୱ ରମାକାନ୍ତ ଦାଶ ଓ ଅର୍ଜୁନ ସାହୁ ପ୍ରମୁଖ ଆମରଣ ଅନଶନରେ ବସିଛନ୍ତି।

ଅନଶନକାରୀ ୧୬ନଂ କେନାଲ ରାସ୍ତାର ୬୦୦ ମିଟର ପର୍ଯ୍ୟନ୍ତ ପ୍ଲାନ ଏଷ୍ଟିମେଟ ଅନୁଯାୟୀ କାର୍ଯ୍ୟ କରିବା, ରାସ୍ତା ଦୁର୍ନୀତି ତଦନ୍ତ କରିବା ଓ ଏ ସମ୍ପର୍କରେ ଆର ଟି ଆଇ ତଥ୍ୟ ପ୍ରଦାନ କରିବା ପାଇଁ ଆମରଣ କରିଛନ୍ତି। ଆମରଣ ଅନଶନ ୨ୟ ଦିବସରେ ପହଂଚି ଥିବାରୁ ଅନଶନକାରୀଙ୍କ ଅବସ୍ଥା ଦିନକୁ ଦିନ ଖରାପ ହେବାରେ ଲାଗିଛି। ଏହି ଅନଶନକୁ ସମର୍ଥନ କରି ବିଜେପି ନେତା ସୁଧାଂଶୁ ଜେନା,ଆଡ଼ଭୋକେଟ ସଞ୍ଜୟ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଂଚିଛନ୍ତି।

କେନ୍ଦ୍ରାପଡ଼ା ଜିଲ୍ଲାପାଳ ଆର. ରଘୁରାମ ଆୟାରଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ, ପଟ୍ଟାମୁଣ୍ଡାଇ ଏସ ଡି ପି ଓ ସୁକାନ୍ତ ପାତ୍ର, ଆଦର୍ଶ ଥାନା ଆଇ ଆଇ ସି ବନ୍ଦନା ପାତ୍ର, ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଆଶିଷ ମଲ୍ଲିକ ପଟ୍ଟାମୁଣ୍ଡାଇ ଜଳ ସମ୍ପଦ ବିଭାଗ ସହନିର୍ବାହୀ ଯନ୍ତ୍ରୀ ଇଂ ରବୀନ୍ଦ୍ର ସେଠୀ, ସହକାରୀ ଯନ୍ତ୍ରୀ ଦୀପ୍ତି ରଞ୍ଜନ ବେହୁରା ପ୍ରମୁଖ ପ୍ରଶାସନିକ ଅଧିକାରୀମାନେ ଅନଶନସ୍ଥଳରେ ପହଂଚି ଅନଶନ କାରୀଙ୍କ ସହିତ ଦାବୀ ସମ୍ପର୍କ ରେ ଆଲୋଚନା କରିଥିଲେ।

ତେବେ ଅନଶନକାରୀଙ୍କ ଦାବୀ ଅନୁଯାୟୀ ରାସ୍ତା ଦୁର୍ନୀତିର ତଦନ୍ତ ଓ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କୁ ରିପୋର୍ଟ ଦେବେ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରତିଶୃତି ଦେଇଥିଲେ। ମାତ୍ର ଅନଶନକାରୀମାନେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଲେ ଯାଇ ଅନଶନ ପ୍ରତ୍ୟାହାର କରିବେ ବୋଲି ଜିଦ ଧରିବାରୁ ଏ ସମ୍ପର୍କିତ ଆଲୋଚନା ବିଫଳ ହୋଇଥିଲା।

## ପାଟକୁରା ପଞ୍ଚାୟତରେ ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ



**ଗରଦପୁର,୨୩।୬(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଜନମୁଖୀ ଅଭିଯାନ 'ବିକାଶ ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅଧୀନରେ ଗରଦପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଉନ୍ନୟନମୂଳକ ଯୋଜନାର ସମୀକ୍ଷା ସହ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଗ୍ରାମାଞ୍ଚଳରେ ସୁଶାସନକୁ ସୁଦୃଢ଼ କରିବା ଏବଂ ସରକାରୀ ଯୋଜନାର ସୁଫଳ ପ୍ରତ୍ୟେକ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ସ୍ତରରେ ଆୟୋଜନ କରାଯାଇଥିଲା। ଗରଦପୁର ବ୍ଲକର ପାଟକୁରା ପଞ୍ଚାୟତରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି ଓ ହିତାଧିକାରୀମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ସରପଞ୍ଚ ଗୀତାଞ୍ଜଳି ମହାନ୍ତି, ପିଇଓ ସାବିତ୍ରୀ ପ୍ରଧାନ,ଏଡ଼ିଇଓ ଜନ୍ମେଜୟ ପ୍ରଧାନ,ସିଏଚଓ କାଞ୍ଚନବାଳା ରାଉତ, ସରପଞ୍ଚଙ୍କ ପ୍ରତିନିଧି ଶୈଳେନ୍ଦ୍ର ମହାନ୍ତି,ଓ ସୁକାନ୍ତ ସାମଲ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ ଅନ୍ତ୍ୟୋଦୟ ଗୃହ ଯୋଜନା, ଆୟୁଷ୍ମାନ କାର୍ଡ, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ମିଶନ ଶକ୍ତି, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା, ଶୁଭଦ୍ରା ଶକ୍ତି ସମାବେଶ ଓ ଶୁଭଦ୍ରା ଶକ୍ତି ସମ୍ବାଦ ସମ୍ପର୍କରେ ହିତାଧିକାରୀମାନଙ୍କୁ ଅବଗତ କରାଯିବା ସହ ବିଭିନ୍ନ କ୍ଷେତ୍ରରେ ଯୋଗ୍ୟ ବ୍ୟକ୍ତିଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ସେହିପରି କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଓ ମିଶନ ଶକ୍ତି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପ୍ରଦର୍ଶନୀ ଷ୍ଟଲ୍ ସ୍ଥାପନ କରାଯାଇ ନୂତନ ଯୋଜନା ଓ ସରକାରୀ ସୁବିଧା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା।

## ପାୱାର ଲିଫ୍ଟିଂ ପ୍ରତିଯୋଗିତାରେ ଦେଶରେ ପ୍ରଥମ ହୋଇଥିବା ବ୍ରହ୍ମାଂଶୁଙ୍କୁ ସମ୍ବର୍ଦ୍ଧନା



**ଡେରାବିଶ,୨୩।୬(ସଂଚାର ବ୍ୟୁରୋ):** ପାୱାର ଲିଫ୍ଟିଂରେ ଜାତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାରୀ କରିଥିବା ଡେରାବିଶ ବ୍ଲକ ଦୁମୁକାହାଟ ଗ୍ରାମର ବ୍ରହ୍ମାଂଶୁ ମହାରଣାଙ୍କୁ ତାଙ୍କ ବାସଭବନରେ ରାଜ୍ୟ ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା ସମ୍ବର୍ଦ୍ଧିତ କରିଛନ୍ତି। ଏଥିସହ ବ୍ରହ୍ମାଂଶୁଙ୍କୁ ରାଜ୍ୟ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ଟେଲିଫୋନ୍ ଯୋଗେ ଶୁଭେଚ୍ଛା ଜଣାଇଛନ୍ତି। ସୂଚନା ଯୋଗ୍ୟ ଜାତୀୟ ପାୱାର ଲିଫ୍ଟିଂ ଫେଡ଼େରେସନ୍ ଦ୍ୱାରା ଉତରପ୍ରଦେଶର ମଥୁରା ଠାରେ ଆୟୋଜିତ ପ୍ରତିଯୋଗିତାରେ ୧୮ ବର୍ଷୀୟ ବ୍ରହ୍ମାଂଶୁ ୭୭ କେଜି ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଶ୍ରୀ ପରିଡ଼ା ଆଜି ବ୍ରହ୍ମାଶୁଙ୍କ ବାସଭବନରେ ପହଞ୍ଚି ପୁଷ୍ପଗୁଚ୍ଛ, ଉତରୀୟ ପ୍ରଦାନ ପୂର୍ବକ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ତାଙ୍କର ଉତରୋତର ଭବିଷ୍ୟତ କାମନା କରି ଆଗାମୀ ଦିନରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବ୍ରହ୍ମାଂଶୁଙ୍କୁ ଆବଶ୍ୟକୀୟ ସହଯୋଗ ପାଇଁ ସମସ୍ତ ଚେଷ୍ଟା କରାଯିବ ବୋଲି କହିଥିଲେ। ଏଥିସହ ବ୍ରହ୍ମାଂଶୁଙ୍କ କୋଚ୍ ବିଭୂତିଭୂଷଣ ବେହେରାଙ୍କୁ ମଧ୍ୟ ଶ୍ରୀ ପରିଡ଼ା ଉଚ୍ଚ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଶ୍ରୀ ପରିଡ଼ାଙ୍କ ସହିତ ବିଶ୍ୱମୋନ ଦାସ, ସଞ୍ଜୟ ସାହୁ, ପ୍ରଶାନ୍ତ ସାଠୁଆ, ସରୋଜ ମାହାଳି ପ୍ରମୁଖ ଉପସ୍ଥିତ ରହିଥିଲେ।

# ଶ୍ରୀମନ୍ଦିର ପ୍ରଶାସନକୁ ଗଲା ୩୮୦ କିଗ୍ରା ବାସୁଙ୍ଗା ପାଟ



- ବିଗ୍ରହଙ୍କ ବିଜୟ ଡୋରୀ, ପଇତା, ରାକ୍ଷୀ ପ୍ରସ୍ତୁତିରେ ବ୍ୟବହାର ହେବ
- ମଲବେରୀ ରେଶମରୁ ପ୍ରସ୍ତୁତ ହୋଇ କଇଥ ଫଳର ଅଠାରେ ରଙ୍ଗ ଦିଆଯାଏ
- ୧୯୮୧ରୁ ସେରିଫେଡ୍ ଯୋଗାଇ ଆସୁଛି ବାସୁଙ୍ଗା ପାଟ
- କେବଳ ବିଗ୍ରହଙ୍କ ସେବାରେ ଲାଗେ, ବାଣିଜ୍ୟିକ ବ୍ୟବହାର ନାହିଁ

**ଭୁବନେଶ୍ୱର,୨୩।୬(ସଂଚାର ବ୍ୟୁରୋ):** ସ୍ଥାନୀୟ ସହିଦ ନଗରସ୍ଥିତ ଓଡ଼ିଶା ସମବାୟ ଟସର ଓ ରେଶମ ମହାସଂଘ (ସେରିଫେଡ୍) କାର୍ଯ୍ୟାଳୟ ପରିସରରୁ ୩୮୦ କିଗ୍ରା ବାସୁଙ୍ଗା ପାଟ ପୁରୀ ଶ୍ରୀମନ୍ଦିର ପ୍ରଶାସନକୁ ଆଜି ପ୍ରେରଣ କରାଯାଇଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ପତାକା ଦେଖାଇ ଏହାର ପ୍ରେରଣ କରିଥିଲେ। ପୂଜାର୍ଚ୍ଚନା କରି ବାସୁଙ୍ଗା ପାଟ ଶ୍ରୀମନ୍ଦିର ପ୍ରଶାସନକୁ ପଠାଯାଇଥିଲା। ସୂଚନଯୋଗ୍ୟ ଯେ ବାସୁଙ୍ଗା ପାଟ ହେଉଛି ଅତ୍ୟନ୍ତ ଶକ୍ତିଶାଳୀ ପବିତ୍ର ରେଶମ ଡୋର ଯାହା ଚତୁର୍ଦ୍ଧାମୁରତୀଙ୍କ ରଥଯାତ୍ରା ଓ ଅନ୍ୟାନ୍ୟ ପର୍ବପର୍ବାଣୀରେ ବ୍ୟବହୃତ ହୋଇଥାଏ। ଶ୍ରୀମନ୍ଦିରରେ ବିଗ୍ରହମାନଙ୍କର ବିଜୟ ଡୋରୀ, ପଇତା, ରାକ୍ଷୀ ଆଦି ତିଆରି କରିବାରେ ଏହାର ବ୍ୟବହାର ହୋଇଥାଏ। ୧୯୮୧ରୁ ପୁରୀ ଶ୍ରୀମନ୍ଦିର ପ୍ରଶାସନକୁ ସେରିଫେଡ୍ ବାସୁଙ୍ଗା ପାଟ ଯୋଗାଇ ଆସୁଛି। ଚଳିତବର୍ଷ ୩୮୦ କିଲୋଗ୍ରାମ ବାସୁଙ୍ଗା ପାଟ ଯୋଗାଇ ଦିଆଯାଇଛି। ଏହି ବାସୁଙ୍ଗା ପାଟ ମଲବେରୀ ରେଶମ କୋଷାରୁ ପ୍ରସ୍ତୁତ କରାଯାଇଥାଏ। ଏହା ମୁଖ୍ୟତଃ ଗଜପତି ଜିଲ୍ଲାର ମୋହନା ଓ ଆର. ଉଦୟଗିରି ବ୍ଲକର ଜନଜାତି ରେଶମ ଚାଷୀଙ୍କ ଦ୍ୱାରା ଉତ୍ପାଦିତ ହୋଇଥାଏ। କୋରାପୁଟ ଜିଲ୍ଲାରୁ ସଂଗୃହୀତ କଇଥ ଫଳର ଅଠା ଲଗାଯାଇ ଏହାକୁ ରଙ୍ଗାୟିତ କରାଯାଇଥାଏ। ଏହି କୋଷାଗୁଡ଼ିକୁ ସେରିଫେଡ ଦ୍ୱାରା ସଂଗ୍ରହ କରାଯାଇ କଟକ ଜିଲ୍ଲାର ନୂଆପାଟଣାରେ ପ୍ରକ୍ରିୟାକରଣ କରାଯାଏ। ଏହି ବାସୁଙ୍ଗା ପାଟକୁ କେବଳ ଶ୍ରୀମନ୍ଦିରର ଧାର୍ମିକ କାର୍ଯ୍ୟ ପାଇଁ ପ୍ରସ୍ତୁତ କରାଯାଉଥିବା ବେଳେ ଏହାର କୌଣସି ବାଣିଜ୍ୟିକ ବ୍ୟବହାର କରାଯାଇ ନ ଥାଏ।

## ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

# ‘ରାଷ୍ଟ୍ର ପ୍ରଥମ’ ନୀତିରେ ଅନୁପ୍ରାଣିତ ହେବାକୁ ଯୁବପିଢ଼ିକୁ ଆହ୍ୱାନ




**ଭୁବନେଶ୍ୱର,୨୩।୬(ସଂଚାର ବ୍ୟୁରୋ):** ଭାରତ ମାତାର ମହାନ ସୁପୁତ୍ର ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ‘ରାଷ୍ଟ୍ର ପ୍ରଥମ’ ନୀତିରେ ଅନୁପ୍ରାଣିତ ହୋଇ ଓଡ଼ିଶା ତଥା ସମଗ୍ର ଦେଶକୁ ସଶକ୍ତ, ସମୃଦ୍ଧ ଓ ଏକତାର ସୂତ୍ରରେ ବାନ୍ଧି ରଖିବା ପାଇଁ କାର୍ଯ୍ୟ କରିବାକୁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଛନ୍ତି। ଆଜି ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ଅବସରରେ ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଯୁବପିଢ଼ିଙ୍କୁ ଏହି ଆହ୍ୱାନ ଦେଇଛନ୍ତି।

ଡଃ ମୁଖାର୍ଜୀଙ୍କ ଅତୁଳନୀୟ ତ୍ୟାଗ ଓ ଶିକ୍ଷା ସଂସ୍କାର ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମାତ୍ର ୩୩ ବର୍ଷ ବୟସରେ ସେ କଲିକତା ବିଶ୍ୱବିଦ୍ୟାଳୟର ସର୍ବକନିଷ୍ଠ କୁଳପତି ଭାବେ ଶିକ୍ଷା କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆଣିଥିଲେ। ଦେଶର ଏକତା ଓ ଅଖଣ୍ଡତା ପାଇଁ ଜାମ୍ମୁ-କାଶ୍ମୀର ଆନ୍ଦୋଳନରେ ସେ ଦେଇଥିବା ଐତିହାସିକ ସ୍ଲୋଗାନ ‘ଏକ ଦେଶ ମେଁ ଦୋ ବିଧାନ, ଦୋ ପ୍ରଧାନ, ଦୋ ନିଶାନ ନହିଁ ଚଲେଙ୍ଗେ’ ସମଗ୍ର ରାଷ୍ଟ୍ରକୁ ଏକତା ସୂତ୍ରରେ ବାନ୍ଧିଥିଲା। ସେ ଆହୁରି କହିଥିଲେ ଯେ କଂଗ୍ରେସର ତୁଷ୍ଟୀକରଣ ରାଜନୀତି ଓ ଭୁଲ ନୀତି ଯୋଗୁଁ କାଶ୍ମୀର ଉପରେ ଲଦି ଦିଆଯାଇଥିବା ଧାରା ୩୭୦ ଭଳି କଳା ଆଇନ ଯୋଗୁଁ ଦୀର୍ଘ ଦଶନ୍ଧି ଧରି ଲକ୍ଷ ଲକ୍ଷ ନିରୀହ ଲୋକ ପ୍ରାଣ ହରାଇଥିଲେ ଓ ଶରଣାର୍ଥୀ ସଦୃଶ ଜୀବନ ବିତାଇଥିଲେ। ବିନା ପରମିଟରେ କାଶ୍ମୀର ପ୍ରବେଶ କରି ଗିରଫ ହେବା ପରେ ଜେଲ ଭିତରେ ସନ୍ଦେହଜନକ ପରିସ୍ଥିତିରେ ଡଃ ମୁଖାର୍ଜୀଙ୍କ ମୃତ୍ୟୁର କୌଣସି ତଦନ୍ତ ତତ୍କାଳୀନ କଂଗ୍ରେସ ସରକାର କରାଇ ନ ଥିଲେ, ଯାହା ଇତିହାସର ସବୁଠାରୁ ବଡ଼ ଦୁର୍ଭାଗ୍ୟଜନକ ଅଧ୍ୟାୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନେତୃତ୍ୱକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତ ୫ ଅଗଷ୍ଟ ୨୦୧୯ରେ କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରାଯାଇ ଡଃ ମୁଖାର୍ଜୀଙ୍କ ସେହି ଅଧୁରା ସ୍ୱପ୍ନକୁ ସାକାର କରାଯାଇଛି ଓ ଏହା ହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି। କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଆଜି ଗୋଟିଏ ସମ୍ବିଧାନ ଓ ଗୋଟିଏ ତ୍ରିରଙ୍ଗା ଭାରତର ବିଜୟ ପତାକା ଉଡ଼ାଉଛି। ୨୧ ଅକ୍ଟୋବର ୧୯୫୧ରେ ଡଃ ମୁଖାର୍ଜୀଙ୍କ ଦ୍ୱାରା ପ୍ରତିଷ୍ଠିତ ‘ଭାରତୀୟ ଜନସଂଘ’ ଆଜି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ ‘ବିଜେପି’ ଭାବେ ଉଭା ହୋଇଛି, ଯାହାର ମୂଳମନ୍ତ୍ର ହେଉଛି ସାଂସ୍କୃତିକ ରାଷ୍ଟ୍ରବାଦ।

**୩୭୦ ଉଚ୍ଛେଦରେ ଡଃ ମୁଖାର୍ଜୀଙ୍କ ‘ଅଖଣ୍ଡ ଭାରତ’ ସ୍ୱପ୍ନ ସାକାର ହୋଇଛି**

ସେ ଆହୁରି କହିଥିଲେ ଯେ ପୂର୍ବ ସରକାର ଡଃ ମୁଖାର୍ଜୀଙ୍କ ସ୍ମୃତି ଦିବସକୁ ଅଣଦେଖା କରୁଥିବା ବେଳେ ବର୍ତ୍ତମାନର ସରକାର ଏହାକୁ ଏକ ଜାତୀୟ କର୍ତ୍ତବ୍ୟ ଭାବେ ଗ୍ରହଣ କରି ପାଳନ କରୁଛନ୍ତି। ଏହି ଅବସରରେ ସେ ଦେଶ ଓ ରାଜ୍ୟକୁ ଦୁର୍ବଳ କରୁଥିବା ଭ୍ରଷ୍ଟ, ଦେଶବିରୋଧୀ ଓ ପରିବାରବାଦୀ ଶକ୍ତିମାନଙ୍କ ପ୍ରତି ସତର୍କ ରହିବାକୁ ଆହ୍ୱାନ ଦେଇଛନ୍ତି। ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ମଧ୍ୟ ଅଭିଭାଷଣ ପ୍ରଦାନ କରିଥିଲେ।

## ସର୍କଲ ଜେଲରେ ଥାର୍ ଗାଡ଼ି

# ତ୍ରୁଟି ଥିବା ମାନିଲେ ଜେଲ୍ ଡିଆଇଜି ଓ ସୁପରିଣ୍ଟେଣ୍ଡେଣ୍ଟ



**କଟକ,୨୩।୬(ସଂଚାର ବ୍ୟୁରୋ):** ଗତ ୬ ତାରିଖରେ କଟକ ଚୌଦ୍ୱାର ଜେଲରୁ ଲିଟୁଆ ବେହେରା ଜେଲ ଗେଟରୁ ବାହାରିଲା ବେଳେ ଫିଲ୍ମ ଷ୍ଟାଇଲରେ ଥାର ଗାଡ଼ିରେ ରହି କରିଥିବା ଭିଡିଓ ଭାଇରାଲ ଘଟଣାରେ ଜେଲର ତ୍ରୁଟି ଥିବା ଜେଲ ଡିଆଇଜି ଓ ସୁପରିଣ୍ଟେଣ୍ଡେଣ୍ଟ ମାନିଛନ୍ତି। ସେ କହିଛନ୍ତି ଯେ କୌଣସି ବାହାର ଗାଡ଼ିକୁ ଭିତରକୁ ଛାଡ଼ିବାର ନିୟମ ନାହିଁ। କିନ୍ତୁ ଷ୍ଟାଫ୍ କମ୍ ଥିବାରୁ ଭୁଲ୍ ହୋଇଛି। ସେଦିନ ମେନ୍ ଗେଟ୍‌ରେ ଡ୍ୟୁଟିରେ ଥିବା ଦୁଇ ସେଣ୍ଟ୍ରିଙ୍କ ଉପରେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି।

# ଏସ୍‌ଏସବି ନିଯୁକ୍ତି ବିଳମ୍ବକୁ ନେଇ ସରକାରଙ୍କୁ ବିଜେଡିର ଟାର୍ଗେଟ

## ୨ ବର୍ଷ ହେଲା ବିଜ୍ଞପ୍ତି ପ୍ରକାଶ ପାଇ ନ ଥିବାରୁ ଆଶାୟୀ ହତାଶ




**ଭୁବନେଶ୍ୱର,୨୩।୬(ସଂଚାର ବ୍ୟୁରୋ):** ଗତ ୨ ବର୍ଷ ହେଲା ଆଶାୟୀ ଏସ୍‌ଏସବି ଅଧ୍ୟାପକ, ଅଧ୍ୟାପିକାମାନଙ୍କର ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ହାଇକୋର୍ଟରେ ହୋଇଥିବା କେସ୍‌କୁ ଆଗକୁ ନେବାକୁ ସରକାରୀ ଓକିଲ ସହଯୋଗ କରୁନାହାନ୍ତି। ଯାହା ଫଳରେ ୫୦ ହଜାର ଉଚ୍ଚଶିକ୍ଷିତ ଆଶାୟୀ ହତାଶ ହୋଇପଡ଼ିଥିବାରୁ ସରକାରଙ୍କ ଉପରେ ବର୍ଷିଛି ବିଜେଡି। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ସଭାନେତ୍ରୀ ଈପ୍‌ସିତା ସାହୁ ଓ ବିଜୁ ଛାତ୍ର ଜନତା ଦଳର କାର୍ଯ୍ୟକାରୀ ସଭାପତି ପ୍ରଦୋଷ ପରିଡ଼ା କହିଥିଲେ ଯେ ୨୦୨୨ରେ ନିଯୁକ୍ତି ନେଇ ହାଇକୋର୍ଟରେ ହୋଇଥିବା କେସରେ ହସ୍ତକ୍ଷେପ କରି ତତ୍କାଳୀନ ସରକାର ୧୦୬୫ ଅଧ୍ୟାପକଅଧ୍ୟାପିକାଙ୍କୁ ୨୦୨୩ରେ ନିଯୁକ୍ତି ଦେଇଥିଲା। କିନ୍ତୁ ବର୍ତ୍ତମାନର ସରକାର ଏସ୍‌ଏସବି ନିଯୁକ୍ତିକୁ ନେଇ ହାଇକୋର୍ଟରେ ଦାୟର ହୋଇଥିବା ମାମଲାରେ କୌଣସି ତତ୍ପରତା ନ ଦେଖାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

ଶ୍ରୀମତୀ ସାହୁ କହିଥିଲେ ଯେ ୨୦୨୪ ମାର୍ଚ୍ଚରେ ପୁନର୍ବାର ନିଯୁକ୍ତି ପାଇଁ ବିଜେଡି ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲା। ଜୁନ୍‌ରେ ସରକାର ପରିବର୍ତ୍ତନ ହେଲା ଓ ପୂର୍ବଭଳି କିଛି ଆଶାୟୀ ହାଇକୋର୍ଟରେ କେସ୍ ଫାଇଲ କରିଥିଲେ। ବିଜେପି ସରକାରରେ ବିଗତ ୨ ବର୍ଷ ହେଲା ବାରମ୍ବାର କେସ୍ ତାରିଖ ଆସିଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ କୌଣସି ଓକିଲ ଏହି ମାମଲାରେ ଭାଗ ନେଇ ନ ଥିଲେ, ଯାହା ଫଳରେ ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ହୋଇପାରିଲା ନାହିଁ। ଆଶାୟୀମାନେ ବାରମ୍ବାର ଉଚ୍ଚଶିକ୍ଷା ମନ୍ତ୍ରୀ, ଆଇନ ମନ୍ତ୍ରୀ, ଉଚ୍ଚଶିକ୍ଷା ବିଭାଗର ସଚିବଙ୍କୁ ଭେଟିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା।

## ଓଡ଼ିଶା ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ପ୍ରତିବାଦ



**କଟକ,୨୩।୬(ସଂଚାର ବ୍ୟୁରୋ):** ମୌଳିକ ସୁବିଧାରୁ ବଞ୍ଚିତ ଓ ଅତ୍ୟଧିକ କାର୍ଯ୍ୟଭାର ଯୋଗୁଁ ଓଡ଼ିଶା ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି। ପ୍ରତିବାଦ ସ୍ୱରୂପ ଆଜିଠାରୁ ରାଜ୍ୟର ସମସ୍ତ ୩୧୭ ଗୋଟି ତହସିଲରେ ଆରଆଇ, ଏଆରଆଇ, ଆରଏସମାନେ କଳାବ୍ୟାଚ ପିନ୍ଧି ‘ମିଶନ୍ ସ୍ୱାଭିମାନ’ ଅଧୀନରେ ବ୍ୟାପକ ପ୍ରତିବାଦ ଆରମ୍ଭ କରିଛନ୍ତି। ସୂଚନାଯୋଗ୍ୟ ଯେ ଦୀର୍ଘଦିନ ଧରି ମୌଳିକ ସୁବିଧା ଭାବେ ବିଦ୍ୟୁତ୍, ଇଣ୍ଟରନେଟ୍, ସ୍ଥାୟୀ ଭ୍ରମଣ ଭତ୍ତା, ଗ୍ରୁପ୍-ଡି ପଦବୀ ପୂରଣ ଓ କ୍ୟାଡର ପୁନର୍ଗଠନ ନହେବା ଯୋଗୁଁ କର୍ମଚାରୀଙ୍କ ମହଲରେ ଅସନ୍ତୋଷ ବଢ଼ିଚାଲିଛି। କର୍ମଚାରୀଙ୍କ ସଂଖ୍ୟା ନ ବଢ଼ିବାରୁ କାମ କରୁଥିବା କର୍ମଚାରୀଙ୍କ ଉପରେ କାର୍ଯ୍ୟଭାରର ଚାପ ବହୁ ମାତ୍ରାରେ ବଢ଼ିଚାଲିଛି। ଏହି ସମସ୍ୟାକୁ ନେଇ ବାରମ୍ବାର ସରକାର ଓ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ଆଜିଠାରୁ ଶାନ୍ତିପୂର୍ଣ୍ଣ ଭାବେ କଳାବ୍ୟାଚ ପିନ୍ଧି ପ୍ରତିବାଦ ଆରମ୍ଭ କରାଯାଇଛି। ଏହି କ୍ରମରେ ଆସନ୍ତା ୨୫ରୁ କର୍ମଚାରୀମାନେ ସମସ୍ତ ଅଫିସିଆଲ ହ୍ୱାଟ୍ସଆପ ଗ୍ରୁପ ଛାଡିବେ ଏବଂ ଜୁଲାଇ ୧ ତାରିଖଠାରୁ ଦାବି ପୂରଣ ନହେବା ପର୍ଯ୍ୟନ୍ତ କର୍ମଚାରୀମାନେ ସାମୂହିକ ଛୁଟିରେ ଯିବେ ବୋଲି କଟକ ଜିଲ୍ଲା ସଂଘର ସଭାପତି ସଞ୍ଜୟ କୁମାର ବେହେରା ଓ ସାଧାରଣ ସମ୍ପାଦକ ଅରୁଣ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।

## ବଳିଦାନ ଦିବସରେ ଶ୍ରଦ୍ଧାଞ୍ଜଳି

# ସ୍ୱର୍ଗତଃ ମୁଖାର୍ଜୀଙ୍କ ଆତ୍ମବିଶ୍ୱାସ ପାଇଁ ଅଖଣ୍ଡତା ରହିଛି: ମନମୋହନ



**ଭୁବନେଶ୍ୱର,୨୩।୬(ସଂଚାର ବ୍ୟୁରୋ):** ଆମ ସମସ୍ତଙ୍କ ପ୍ରେରଣାର ଉତ୍ସ, ମାର୍ଗଦର୍ଶକ ତଥା ଭାରତୀୟ ଜନସଂଘର ପ୍ରତିଷ୍ଠାତା ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଆଜି ତିରୋଧାନ ଦିବସ। ସାରା ଦେଶରେ ଏହାକୁ ବଳିଦାନ ଦିବସ ଭାବେ ପାଳନ କରାଯାଉଥିବା ବେଳେ ସ୍ୱର୍ଗତଃ ମୁଖାର୍ଜୀ କମ୍ ସମୟ ମଧ୍ୟରେ ନିଜ କାର୍ଯ୍ୟକୁ ଦକ୍ଷତାର ସହ ସମ୍ପାଦନ କରି ଶୀର୍ଷରେ ପହଞ୍ଚିପାରିଥିଲେ। କଂଗ୍ରେସର ମନମୁଖୀ ଶାସନକୁ ସେ ବରଦାସ୍ତ କରି ନଥିଲେ। ଦେଶର ସ୍ୱାଧୀନତା ପରେ ମନ୍ତ୍ରୀ ହୋଇଥିଲେ ମଧ୍ୟ ତାଙ୍କର କେବେ କ୍ଷମତା ଲୋଭ ନ ଥିଲା। ଯେତେବେଳେ ପଣ୍ଡିତ ଜବାହରଲାଲ୍ ନେହରୁ ଦେଶରେ ମନମୁଖୀ ଭାବେ ଶାସନ କରୁଥିଲେ ସେତେବେଳେ ସଂସଦରେ ତାଙ୍କ ସହ ଯୁକ୍ତି କରି ସ୍ୱର୍ଗତଃ ମୁଖାର୍ଜୀ ନେହରୁଙ୍କ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇ କ୍ଷମତାର ବଳିଦାନ ଦେଇଥିଲେ। ସ୍ୱର୍ଗତଃ ମୁଖାର୍ଜୀଙ୍କ ପାଇଁ ଦେଶ ଥିଲା ସର୍ବୋପରି। ତାଙ୍କ ଦୃଢ଼ତା ଓ ଆତ୍ମବିଶ୍ୱାସ ପାଇଁ ଦେଶର ଏକତା ଅଖଣ୍ଡତା ଓ ସାର୍ବଭୌମତ୍ୱ ରକ୍ଷା ହୋଇପାରିଛି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ କହିଛନ୍ତି। ସେ କହିଛନ୍ତି ଯେ ଡ. ମୁଖାର୍ଜୀଙ୍କ ବଳିଦାନ ଦିବସ ସମସ୍ତଙ୍କ ପାଇଁ ସ୍ମରଣୀୟ ଓ ପ୍ରତିବଦ୍ଧତାର ଦିନ। ସେ ଦେଶର ରାଜନୀତିରେ ମୋଡ଼ ବଦଳାଇଥିଲେ। ତାଙ୍କ ବଳିଦାନରୁ ଏହି ସଂଗଠନ ଆରମ୍ଭ ହୋଇଥିଲା। ୧୯୫୧ରେ ପ୍ରତିଷ୍ଠା ହୋଇଥିବା ଭାରତୀୟ ଜନସଂଘ ପରବର୍ତ୍ତୀ ସମୟରେ ବିଜେପି ଭଳି ଏକ ପ୍ରମୁଖ ରାଜନୈତିକ ଦଳରେ ପରିଣତ ହୋଇଛି। ସ୍ୱର୍ଗତଃ ମୁଖାର୍ଜୀଙ୍କ ବିଚାରଧାରା ଆଗରେ ରଖି ଆତ୍ମବିଶ୍ୱାସ ବଳରେ ଦଳ ଆଜି ଏହି ସ୍ଥାନରେ ପହଞ୍ଚିପାରିଛି ବୋଲି ଶ୍ରୀ ସାମଲ କହିଛନ୍ତି। ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଓ ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ଶତପଥୀ ଉପସ୍ଥିତ ଥିଲେ।

# ବଳିଦାନ ଦିବସରେ ଶ୍ୟାମାପ୍ରସାଦଙ୍କୁ ଶ୍ରଦ୍ଧାଞ୍ଜଳି



**ଭୁବନେଶ୍ୱର,୨୩।୬ (ସଂଚାର ବ୍ୟୁରୋ):** ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ ଜଣେ ପ୍ରତିଷ୍ଠିତ ରାଜନେତା, ଶିକ୍ଷାବିତ ଓ ବାରିଷ୍ଟର, ଆଧୁନିକ ଭାରତର ଇତିହାସରେ ଏକ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ। ୧୯୦୧ ଜୁଲାଇ ୬ରେ ପଶ୍ଚିମବଙ୍ଗର କୋଲକାତାରେ ସେ ଜନ୍ମଗ୍ରହଣ କରିଥିଲେ। ସେ ସ୍ୱାଧୀନତା ପୂର୍ବ ଓ ପରବର୍ତ୍ତୀ ଯୁଗରେ ଭାରତର ରାଜନୈତିକ ଓ ଆଦର୍ଶଗତ ଦୃଶ୍ୟପଟ ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଶ୍ୟାମାପ୍ରସାଦ ଜଣେ ସମ୍ମାନିତ ବିଚାରପତି ଓ ଶିକ୍ଷାବିତ ଆଶୁତୋଷ ମୁଖାର୍ଜୀଙ୍କ ପୁତ୍ର ଥିଲେ। ତାଙ୍କ ପିତାଙ୍କଠାରୁ ଦୃଢ଼ ଶିକ୍ଷାଗତ ଏବଂ ଜାତୀୟତାବାଦୀ ମନୋଭାବକୁ ସେ ଉତ୍ତରାଧିକାରୀ ଭାବେ ପାଇଥିଲେ। ଜଣେ ମେଧାବୀ ଛାତ୍ର ଭାବେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ବିଏ ଓ ଏମଏ ସମାପ୍ତ କରିଥିଲେ ଏବଂ ପରେ ବାରିଷ୍ଟର ହେବା ପାଇଁ ଇଂଲଣ୍ଡ ଯାଇଥିଲେ। ତୀକ୍ଷଣ ବୁଦ୍ଧି ଓ ନେତୃତ୍ୱ ନେବାର ଦକ୍ଷତା ତାଙ୍କୁ ଯୁବାବସ୍ଥାରୁ ଏକ ପ୍ରମୁଖ ବ୍ୟକ୍ତି ଭାବେ ପ୍ରତିପାଦିତ କରିଥିଲା। ଶ୍ୟାମାପ୍ରସାଦ ମୁଖାର୍ଜୀ କେବଳ ଜଣେ ରାଜନୈତିକ ନେତା ନଥିଲେ, ବରଂ ଜଣେ ଜାତୀୟତାବାଦୀ ଚିନ୍ତକ ଓ ସଂସ୍କାରକ ଥିଲେ ଯିଏ ଭାରତର ଅଖଣ୍ଡତା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ବୋଲି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ସତ୍‌ସଙ୍ଗ ବିହାରସ୍ଥିତ ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କରେ ବଳିଦାନ ଦିବସରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଅତିଥିଗଣ ଏହି ମତ ଦେଇଥିଲେ। କାର୍ଯ୍ୟକ୍ରମରେ ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ସାଂସଦ ମନମୋହନ ସାମଲ, ବିଧାୟକ ବାବୁ ସିଂ ଓ ବହୁ ବରିଷ୍ଠ ରାଜନୈତିକ ନେତୃବୃନ୍ଦଙ୍କ ସମେତ ବିଭାଗୀୟ ନିର୍ଦ୍ଦେଶକ ଗୁରବୀର୍ ସିଂହ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

**ତୁଟିଲା ପରୀକ୍ଷା ଦ୍ୱନ୍ଦ୍ୱ**

# ଓଟିଇଟି ପରୀକ୍ଷା ତାରିଖ ଘୁଞ୍ଚିଲା

## ୨୮ରେ ହେବ ଓଏସଏସଏସସି ପରୀକ୍ଷା




**ଭୁବନେଶ୍ୱର,୨୩।୬(ସଂଚାର ବ୍ୟୁରୋ):** ଦୂର ହେଲା ପରୀକ୍ଷା ଦ୍ୱନ୍ଦ୍ୱ। ଘୁଞ୍ଚିଲା ଓଟିଇଟି ପରୀକ୍ଷା। ଜୁନ ୨୮ ପରିବର୍ତ୍ତେ ଜୁଲାଇ ୫ ତାରିଖରେ ହେବ ଓଟିଇଟି ପରୀକ୍ଷା। ସକାଳ ୯ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ପେପର-୧, ଅପରାହ୍ନ ୨ଟାରୁ ୪ଟା ୩୦ ପର୍ଯ୍ୟନ୍ତ ପେପର-୨ ପରୀକ୍ଷା ହେବ। ଆଡମିଟ୍ କାର୍ଡ ଡାଉନଲୋଡ କରିସାରିଥିଲେ, ଆଉ ଥରେ ଡାଉନଲୋଡ କରିହେବନି। ଆସନ୍ତା ୨୮ରେ ହେବ ଆରଆଇ, ଅମିନ ପରୀକ୍ଷା। ଗୋଟିଏ ଦିନରେ ଦୁଇ ଦୁଇଟି ପରୀକ୍ଷାକୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଥିବା ଦ୍ୱନ୍ଦ୍ୱ ଆଜି ଦୂର ହୋଇଛି।

ଗୋଟିଏ ଦିନରେ ଦୁଇଟି ପରୀକ୍ଷାକୁ ନେଇ ଚିନ୍ତାରେ ଥିଲେ ହଜାର ହଜାର ଆଶାୟୀ। ୨୮ ତାରିଖରେ ଓଏସଏସଏସସି ଓ ଓଟିଇଟି ଦୁଇଟି ପରୀକ୍ଷା ଅନୁଷ୍ଠିତ ହେବାର ଥିଲା। ଦୁଇଟି ପରୀକ୍ଷାରେ ଅଂଶଗ୍ରହଣ କରିବା ସମ୍ଭବପର ନ ଥିବାରୁ ତାରିଖ ପରିବର୍ତ୍ତନ କରିବାକୁ ଆଶାୟୀମାନେ ଦାବି କରିଥିଲେ। ଓଏସଏସଏସସି ପକ୍ଷରୁ ଆରଆଇ, ଏଆର୍‌ଆଇ, ଆଇସିଡିଏସ୍ ସୁପରଭାଇଜର, ଅମିନ ପଦବୀ ପାଇଁ ଗତ ୨୦ରେ ପରୀକ୍ଷା ହେବାର ଥିଲା। କିନ୍ତୁ ଗତ ୨୧ରେ ନିଟ ପରୀକ୍ଷା ଥିବାରୁ ପ୍ରଶାସନିକ କାରଣ ଦର୍ଶାଇ ଏହାକୁ ସ୍ଥଗିତ କରାଯାଇ ଓ ପରେ ଜୁନ ୨୮ରେ ଆୟୋଜନ କରିବାକୁ ଘୋଷଣା ହୋଇଛି।

ସେହିଦିନ ଓଟିଇଟି ପେପର୍-୧ ପରୀକ୍ଷା ସକାଳ ୯ଟାରୁ ପୂର୍ବାହ୍ନ ୧୧ଟା ୩୦ ଓ ପେପର୍-୨ ପରୀକ୍ଷା ଅପରାହ୍ନ ୨ଟାରୁ ୪ଟା ୩୦ ମଧ୍ୟରେ ଅନୁଷ୍ଠିତ ହେବାର ଥିଲା। ଗୋଟିଏ ଦିନରେ ପରୀକ୍ଷା ଥିବାରୁ ସେମାନଙ୍କୁ ଗୋଟିଏ ପରୀକ୍ଷାରୁ ଓହରିଯିବାକୁ ପଡ଼ିଥାଆନ୍ତା। ତେବେ ବର୍ତ୍ତମାନ ଏପରି ଦ୍ୱନ୍ଦ୍ୱ ଦୂର ହୋଇଛି ବୋଲି ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି।

### ଓଟିଇଟି ପାସ ଅବଧି ୩ ବର୍ଷକୁ ବୃଦ୍ଧି

ଓଟିଇଟି ପାସ୍ କରି ନ ଥିବା ଶିକ୍ଷକଙ୍କ ପାଇଁ ବଡ଼ ଖବର। ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଟିଇଟି) କ୍ଲିୟର କରିବା ଅବଧି ୨ରୁ ୩ ବର୍ଷକୁ ବୃଦ୍ଧି କରାଯାଇଛି। ୨୦୨୮ ଅଗଷ୍ଟ ୩୧ ସୁଦ୍ଧା ଟିଇଟି କ୍ଲିୟର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଟିଇଟି ପାସ୍ କରିନଥିବା ଶିକ୍ଷକଙ୍କୁ ୩ ବର୍ଷ ମଧ୍ୟରେ କ୍ଲିୟର ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇଛି। ଦେଶର ସମସ୍ତ ଶିକ୍ଷକଙ୍କ ପାଇଁ ଟିଇଟି ପାସ ବାଧ୍ୟତାମୂଳକ କରିଥିଲେ ସୁପ୍ରିମକୋର୍ଟ।

# ବେଦାନ୍ତର ଋତୁସ୍ରାବ ସ୍ୱାସ୍ଥ୍ୟ ସଚେତନତା ସହ ରଜ ପର୍ବ ପାଳନ

**ଭୁବନେଶ୍ୱର,୨୩।୬(ସଂଚାର ବ୍ୟୁରୋ):** ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଏହାର ପହଲି ଉଡ଼ାଣ ପ୍ରକଳ୍ପ ଅଧୀନରେ ଏକ ଗୋଷ୍ଠୀ ପ୍ରସାରକୁ ଅଗ୍ରାଧିକାର ଦେଇ ଓଡ଼ିଶାର କଳାହାଣ୍ଡି ଜିଲ୍ଲାରେ ରଜ ମହୋତ୍ସବକୁ ପାଳନ କରିଛି। ତୁରିସିମେଲ, ଛତ୍ରପୁର, କୁଟୁନିପଦର ଓ ଅସୁରପଦା ଗ୍ରାମରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା,



ଯେଉଁଥିରେ ୨୦୦ରୁ ଅଧିକ ମହିଳା ଓ କିଶୋରୀ ପହଞ୍ଚିଥିଲେ। ଋତୁସ୍ରାବ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା, ଖୋଲା ଆଲୋଚନାକୁ ଅଗ୍ରାଧିକାର ଦେବା ଏବଂ ନାରୀତ୍ୱ ଓ ଗର୍ଭଧାରଣକୁ ପାଳନ କରିବା ପାଇଁ ଏହି ପଦକ୍ଷେପ ସାଂସ୍କୃତିକ ଉତ୍ସବ ସହ ସଚେତନତା ଅଧିବେଶନକୁ ମିଳିତ କରିଥିଲା। ଋତୁସ୍ରାବ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା (ଏମ୍‌ଏଚ୍‌ଏଚ୍) ଓ କିଶୋର ପ୍ରଜନନ ଏବଂ ସ୍ୱାସ୍ଥ୍ୟ (ଏଆରଏସଏଚ୍) ଉପରେ ଅଧିବେଶନମାନ ଆୟୋଜିତ ହୋଇଥିଲା। ତୃଣମୂଳ ସ୍ତରରେ କ୍ଷମତାକୁ ସୁଦୃଢ଼ କରିବା ଓ ଗୋଷ୍ଠୀ ସଦସ୍ୟଙ୍କୁ ସେମାନଙ୍କ ଗ୍ରାମ ମଧ୍ୟରେ ସଚେତନତା ପ୍ରୟାସକୁ ବଜାୟ ରଖିବା ପାଇଁ ଏକ ଟ୍ରେନ-ଦି-ଟ୍ରେନର୍ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଇଥିଲା। ମହିଳା ଓ କିଶୋରୀଙ୍କ ମଧ୍ୟରେ ଋତୁସ୍ରାବ ଓ ପ୍ରଜନନ ସ୍ୱାସ୍ଥ୍ୟ ଉପରେ ଯୋଗଦାନ ପାଇଁ ଏକ ସାଂସ୍କୃତିକ ଭାବେ ପରିଚିତ ପ୍ଲାଟଫର୍ମ ପ୍ରଦାନ କରି ଏହି କାର୍ଯ୍ୟକ୍ରମ ରଜ ପର୍ବ ପାଳନ ସହ ଯୋଡ଼ି ହୋଇଥିଲା। ଏଭଳି ପଦକ୍ଷେପ ସଂକ୍ରାନ୍ତରେ ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ଆଲୁମିନିୟମର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ଆମେ ବିଶ୍ୱାସ କରୁ ଯେ ସଚେତନତା ଏବଂ ଅନ୍ତର୍ଭୁକ୍ତିକରଣ ଉପରେ ଗୋଷ୍ଠୀ ବିକାଶ ନିର୍ମିତ ହୋଇଛି। ପ୍ରୋଜେକ୍ଟ ପହଲି ଉଡାନ ମାଧ୍ୟମରେ ଆମେ ଋତୁସ୍ରାବ ସ୍ୱାସ୍ଥ୍ୟ ସମାଧାନ, ଖୋଲା ଆଲୋଚନାକୁ ପ୍ରୋତ୍ସାହିତ କରୁଛୁ, ମହିଳା ଓ କିଶୋରୀଙ୍କୁ ସୁସ୍ଥ, ଅଧିକ ଆତ୍ମବିଶ୍ୱାସୀ ଜୀବନଯାପନ କରିବାକୁ ସଶକ୍ତ କରୁଛୁ।

**● ହରିଦାସପୁର–ବିଜୟନଗରମ୍ ରେଳପଥ ଅଗ୍ରଗତିର ସମୀକ୍ଷା**

# ଜମି ଅଧିଗ୍ରହଣ ପ୍ରକ୍ରିୟା ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ



## ପୁନର୍ବାସ ଓ ଥଇଥାନକୁ ସୁନିଶ୍ଚିତ କରିବାକୁ ରାଜସ୍ୱ ସଚିବଙ୍କ ପରାମର୍ଶ

**ଭୁବନେଶ୍ୱର,୨୩।୬(ସଂଚାର ବ୍ୟୁରୋ):** ଓଡ଼ିଶା ଓ ଆନ୍ଧ୍ରପ୍ରଦେଶକୁ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ ହରିଦାସପୁର ଜଙ୍କସନ- ନିର୍ଗୁଣ୍ଡି ଜଙ୍କସନ ଏବଂ କଟକ ଜଙ୍କସନ- ବିଜୟନଗରମ ଜଙ୍କସନ ମଧ୍ୟରେ ୪୪୦.୧୬ କିମି ଦୈର୍ଘ୍ୟ ବିଶିଷ୍ଟ ଚତୁର୍ଥ ରେଳପଥ ନିର୍ମାଣ ପ୍ରକଳ୍ପ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ପ୍ରକଳ୍ପର ଭୂମି ଅଧିଗ୍ରହଣ ଓ ଅନ୍ୟାନ୍ୟ ରାଜସ୍ୱ ସମ୍ବନ୍ଧୀୟ ପ୍ରସଙ୍ଗଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରି ପ୍ରଭାବିତ ଲୋକଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ପୁନର୍ବାସ ଓ ଥଇଥାନ ସୁନିଶ୍ଚିତ କରିବା ନିମନ୍ତେ ରାଜସ୍ୱ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ପ୍ରାୟ ୭,୬୮୩.୭୯ କୋଟି ଟଙ୍କା ବ୍ୟୟରେ ପ୍ରସ୍ତାବିତ ଏହି ପ୍ରକଳ୍ପ ପୂର୍ବତଟ ରେଳପଥ ଅଧୀନରେ କାର୍ଯ୍ୟକାରୀ ହେବ। ଏହା ଦେଶର ବ୍ୟସ୍ତବହୁଳ ହାଓ୍ୱଡା- ଚେନ୍ନାଇ ରେଳ କରିଡରରେ ରେଳ ଚଳାଚଳ କ୍ଷମତା ବୃଦ୍ଧି, ମାଲବାହୀ ପରିବହନର ସୁବିଧା ଓ ଯାତ୍ରୀବାହୀ ଟ୍ରେନ୍‌ର ସମୟାନୁବର୍ତ୍ତିତା ସୁନିଶ୍ଚିତ କରିବାରେ ସହାୟକ ହେବ। ପ୍ରକଳ୍ପ ମାଧ୍ୟମରେ ଓଡ଼ିଶାର ଖଣିଜ ଓ ଶିଳ୍ପ କ୍ଷେତ୍ରକୁ ବଡ଼ ଧରଣର ସୁବିଧା ମିଳିବ। କୋଇଲା, ଲୁହାପଥର, ବକ୍ସାଇଟ୍, ଇସ୍ପାତ ଓ ଆଲୁମିନିୟମ୍ ଭଳି ଗୁରୁତ୍ୱପୂର୍ଣ୍ଣ ଖଣିଜ ଓ ଶିଳ୍ପ ଉତ୍ପାଦର ପରିବହନ ଅଧିକ ସୁଗମ ହେବ। ଧାମରା, ପାରାଦୀପ ଓ ଗୋପାଳପୁର ବନ୍ଦର ସହ ସଂଯୋଗ ସୁଦୃଢ଼ ହେବା ସହ ରାଜ୍ୟର ଶିଳ୍ପାୟନ ଓ ଅର୍ଥନୈତିକ ବିକାଶକୁ ଏହା ନୂତନ ଗତି ପ୍ରଦାନ କରିବ।

## ଏଲ୍ ନିନୋ ମୁକାବିଲାର ପ୍ରସ୍ତୁତି ସମୀକ୍ଷା କଲେ କେନ୍ଦ୍ର କୃଷି ମନ୍ତ୍ରୀ

# ‘ଖରିଫ୍ ୨୦୨୬ ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ’



**ଭୁବନେଶ୍ୱର,୨୩।୬(ସଂଚାର ବ୍ୟୁରୋ):** ଆଜି ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ଭିଡିଓ କନଫରେନ୍ସିଂ ବୈଠକରେ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଖରିଫ୍ ୨୦୨୬ ପାଇଁ ପ୍ରସ୍ତୁତି ଏବଂ ଏଲ୍ ନିନୋର ପ୍ରଭାବକୁ ମୁକାବିଲା କରିବା ପାଇଁ ରାଜ୍ୟର ରଣନୀତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ବୈଠକରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା ପ୍ରମୁଖ ବରିଷ୍ଠ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଭାରତୀୟ ପାଣିପାଗ ବିଭାଗ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦୀର୍ଘକାଳୀନ ହାରାହାରିର ୯୨ ପ୍ରତିଶତ ରହିବ ବୋଲି ପୂର୍ବାନୁମାନ କରିଥିବାରୁ ଦେବଗଡ଼, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ରାୟଗଡ଼ା, ମାଲକାନଗିରି ଓ ନବରଙ୍ଗପୁର ଆଦି ୮ଟି ଜିଲ୍ଲା ଉପରେ ସ୍ୱତନ୍ତ୍ର ନଜର ରଖାଯାଇଛି। ରାଜ୍ୟ ପ୍ରଶାସନ ପକ୍ଷରୁ ବିଳମ୍ବରେ ରୁଆ, ଆର୍ଦ୍ରତାର ଅଭାବ, ଜଳଭଣ୍ଡାରରେ ଜଳ ସ୍ତର ହ୍ରାସ ଓ ରୋଗପୋକ ସଂକ୍ରମଣ ଭଳି ସମ୍ଭାବ୍ୟ ବିପଦକୁ ମୁକାବିଲା କରିବା ପାଇଁ ସଜାଗ ରହିଛି। କୃଷି ଉତ୍ପାଦନକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ୫୭.୮୮ ଲକ୍ଷ ହେକ୍ଟର ଜମିରେ ଚାଷ ପାଇଁ ଚୂଡ଼ାନ୍ତ କରିଛି। ଏଥିପାଇଁ ସବସିଡି ଦରରେ ପ୍ରାମାଣିକ ବିହନ ବଣ୍ଟନ ଓ ସଙ୍କଟ ସମୟରେ ବ୍ୟବହାର ପାଇଁ ୧୪ ହଜାର ୩୫୦ କ୍ୱିଣ୍ଟାଲର ବିହନ ଭଣ୍ଡାର ପ୍ରତିଷ୍ଠା କରାଯାଇଛି। ଏହାଛଡ଼ା ଚାଷୀମାନଙ୍କୁ ସାର ଯୋଗାଇବା ପାଇଁ ୧୧.୪୨ ଲକ୍ଷ ମେଟ୍ରିକ ଟନ୍ ଚାହିଦା ବିପକ୍ଷରେ ୬.୪୦ ଲକ୍ଷ ମେଟ୍ରିକ ଟନ୍ ସାର ଉପଲବ୍ଧ କରାଯାଇଛି। କୃଷି କ୍ଷେତ୍ରରେ ସ୍ଥିରତା ଓ ଚାଷୀଙ୍କ ସଶକ୍ତିକରଣ ଉପରେ ଗୁରୁତ୍ୱ ଦେଇ ସରକାର ପ୍ରଯୁକ୍ତିବିଦ୍ୟା ଓ ସାମୁଦାୟିକ ସହଭାଗିତାକୁ ବ୍ୟବହାର କରୁଛନ୍ତି। ‘କୃଷି ସମୃଦ୍ଧି ହେଲ୍ପଲାଇନ୍’ ବ୍ୟବସ୍ଥା ମାଧ୍ୟମରେ ଚାଷୀଙ୍କୁ ସମୟାନୁସାରେ ପାଣିପାଗ ସମ୍ବନ୍ଧୀୟ ପରାମର୍ଶ ଦିଆଯାଉଛି। ଏଥିସହ ରାସାୟନିକ ସାର ଉପରେ ନିର୍ଭରଶୀଳତା କମାଇବା ଓ ସ୍ଥାୟୀ ଚାଷ ପଦ୍ଧତିକୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତ ଜିଲ୍ଲା ଓ ବ୍ଲକରେ ‘କ୍ଷେତ ବଞ୍ଚାଅ ଅଭିଯାନ’ ଓ ପ୍ରାକୃତିକ ଚାଷ ଉପରେ କର୍ମଶାଳା ଆୟୋଜନ କରାଯାଉଛି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

## ସମ୍ପାଦକୀୟ

SANCHAR
ସଂଚାର
୪
ବୁଧବାର ୨୪ ଜୁନ୍ ୨୦୨୬, ଭୁବନେଶ୍ୱର
Wednesday 24 June 2026, Bhubaneswar

# କୃଷି, ଅର୍ଥନୀତି ପାଇଁ ଚିନ୍ତାଜନକ

ଏଲ୍ ନିନୋ ଏକ ପ୍ରାକୃତିକ ଜଳବାୟୁ ଘଟଣା ଯାହା ପ୍ରଶାନ୍ତ ମହାସାଗରର ପୂର୍ବ ଓ ମଧ ଭାଗରେ ସମୁଦ୍ର ପୃଷ୍ଠ ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇବା ଯୋଗୁଁ ହୁଏ। ଏହା ବିଶ୍ୱବ୍ୟାପୀ ପାଣିପାଗକୁ ପ୍ରଭାବିତ କରେ ଏବଂ ଭାରତରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷାକୁ ଦୁର୍ବଳ କରିଥାଏ। ୨୦୨୬ ମସିହାରେ ଏଲ୍ ନିନୋର ଏକ ମଜବୁତ ବା ସୁପର୍ ଏଲ ନିନୋ ଦେଖାଦେବାର ଆଶଙ୍କା ରହିଛି, ଯାହା ଭାରତର ମୌସୁମୀ ବର୍ଷାକୁ ୯୦ ପ୍ରତିଶତ ଲଙ୍ଗ୍ ପିରିଅଡ୍ ଆଭେରେଜ୍ (ଏଲପିଏ) ସ୍ତରକୁ ଖସାଇବାର ପୂର୍ବାନୁମାନ କରାଯାଇଛି। ଭାରତୀୟ ପାଣିପାଗ ବିଭାଗ ଏହାକୁ ନେଇ ଚିନ୍ତା ପ୍ରକାଶ କରିଛି। ଏହି ପରିସ୍ଥିତି କୃଷି, ଜଳ ସମ୍ପଦ, ଅର୍ଥନୀତି ଓ ଜନସାଧାରଣର ଜୀବନଧାରା ଉପରେ ଗମ୍ଭୀର ପ୍ରଭାବ ପକାଇବାର ଆଶଙ୍କା ରହିଛି।

ଏଲ୍ ନିନୋ ଏକ ପ୍ରାକୃତିକ ଜଳବାୟୁ ଚକ୍ର ଯାହା ପ୍ରଶାନ୍ତ ମହାସାଗରର ପୂର୍ବ ଓ ମଧ ଭାଗରେ ସମୁଦ୍ର ପୃଷ୍ଠର ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇବା ଦ୍ୱାରା ସୃଷ୍ଟି ହୁଏ। ସାଧାରଣତଃ ପ୍ରଶାନ୍ତ ମହାସାଗରର ପୂର୍ବ ଭାଗରେ ଥଣ୍ଡା ଜଳ ଉପରକୁ ଉଠେ, କିନ୍ତୁ ଏଲ୍ ନିନୋ ସମୟରେ ପୂର୍ବ ଦିଗରୁ ପଶ୍ଚିମକୁ ବହୁଥିବା ବାଣିଜ୍ୟିକ ପବନ ଦୁର୍ବଳ ହୋଇଯାଏ ବା ବିପରୀତ ଦିଗରେ ବହେ। ଫଳରେ ପଶ୍ଚିମ ପ୍ରଶାନ୍ତର ଉଷ୍ମ ଜଳ ପୂର୍ବ ଦିଗକୁ ପ୍ରବାହିତ ହୁଏ ଏବଂ ସମୁଦ୍ର ଉପରିଭାଗର ତାପମାତ୍ରା ୦.୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ବା ତଦୁର୍ଦ୍ଧ୍ୱ ବୃଦ୍ଧିପାଏ। ଏହି ପ୍ରକ୍ରିୟା ସହିତ ଦକ୍ଷିଣ ଓସିଲେସନ୍ ଯୋଗୁଁ ବାତାବରଣୀୟ ଚାପରେ ପରିବର୍ତ୍ତନ ଘଟେ।

ଏଲ୍ ନିନୋ ପ୍ରାୟ ପ୍ରତି ୨ ରୁ ୭ ବର୍ଷରେ ଥରେ ହୁଏ ଏବଂ ଏହାର ଅବଧି ସାଧାରଣତଃ ୯ ରୁ ୧୨ ମାସ ହୋଇଥାଏ। କିନ୍ତୁ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏହାର ତୀବ୍ରତା ଓ ପୁନରାବୃତ୍ତି ବଢ଼ୁଛି। ମନୁଷ୍ୟ ପ୍ରଭାବିତ ଗ୍ରୀନହାଉସ ଗ୍ୟାସ୍ ନିର୍ଗମନ ଏବଂ ସମୁଦ୍ରର ଉଷ୍ମତା ବୃଦ୍ଧି ଏଲ ନିନୋ ଘଟଣାକୁ ଆହୁରି ଶକ୍ତିଶାଳୀ କରୁଛି। ବୈଜ୍ଞାନୀକମାନେ କହନ୍ତି ଯେ ଏହା କେବଳ ଏକ ପ୍ରାକୃତିକ ଘଟଣା ନୁହେଁ, ବରଂ ମାନବୀୟ କାର୍ଯ୍ୟକଳାପ ଏହାର ପ୍ରଭାବକୁ ବଢ଼ାଇ ଦେଉଛି।

ଭାରତର ଅର୍ଥନୀତିରେ କୃଷି ଏକ ମୂଳ ସ୍ତମ୍ଭ। ପ୍ରାୟ ୪୬ ପ୍ରତିଶତ ଶ୍ରମଶକ୍ତି ଏଥିରେ ନିର୍ଭର କରେ। ଏଲ୍ ନିନୋ ଯୋଗୁଁ ବର୍ଷା କମ୍ ହେଲେ ଖରିଫ୍ ଫସଲ ଯେପରିକି ଧାନ, ଡାଲି, ତୈଳବୀଜ, କପା ଓ ଆଖୁ ଉତ୍ପାଦନ ପ୍ରଭାବିତ ହେବ। ପ୍ରାୟ ଅଧା ଚାଷଜମି ବର୍ଷା ଉପରେ ନିର୍ଭରଶୀଳ ଥିବାରୁ ମୃତ୍ତିକା ଆର୍ଦ୍ରତା କମ୍ ହେବା ସହ ବିହନ ବୁଣିବା ବିଳମ୍ବ ହେବ ଏବଂ ଉତ୍ପାଦନ ହ୍ରାସ ପାଇବ। ଉତ୍ତରପ୍ରଦେଶ, ତାମିଲନାଡ଼ୁ, ମହାରାଷ୍ଟ୍ର, କର୍ଣ୍ଣାଟକ, ଗୁଜରାଟ, ରାଜସ୍ଥାନ ଓ ଓଡ଼ିଶା ଭଳି ରାଜ୍ୟଗୁଡ଼ିକରେ ପ୍ରଭାବ ଅଧିକ ହେବାର ଆଶଙ୍କା ରହିଛି। ଐତିହାସିକ ତଥ୍ୟ ଅନୁଯାୟୀ, ଏଲ୍ ନିନୋ ବର୍ଷରେ କୃଷି ଅଭିବୃଦ୍ଧି ହାର ଦ୍ରୁତ ହ୍ରାସ ପାଏ ଏବଂ ଖାଦ୍ୟ ମୂଲ୍ୟବୃଦ୍ଧି ହୁଏ। ଦୁଗ୍ଧ ଉତ୍ପାଦନ ମଧ ପ୍ରଭାବିତ ହୋଇ ମୂଲ୍ୟ ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି।



ଜଳ ସଙ୍କଟ ଆଉ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇପାରେ। ଜଳାଶୟ ଓ ନଦୀଗୁଡ଼ିକର ସ୍ତର କମ ହେବା ସହ ପାନୀୟ ଜଳ, ଚାଷ ଓ ବିଦ୍ୟୁତ ଉତ୍ପାଦନ ପ୍ରଭାବିତ ହେବାର ସମ୍ଭାବନା ରହିଛି। ଗ୍ରୀଷ୍ମ ପ୍ରବାହ ତୀବ୍ର ହେବା ସହ ଜଳବାୟୁ ପରିବର୍ତ୍ତନ ସହ ମିଶି ଏହାର ପ୍ରଭାବ ବଢ଼ାଇବ। ଗ୍ରାମୀଣ ଅର୍ଥନୀତିରେ ଆୟ ହ୍ରାସ ହେବା ଫଳରେ ଗ୍ରାହକ ଚାହିଦା କମିବ ଏବଂ ଟ୍ରାକ୍ଟର, ଦୁଇଚକିଆ ଗାଡ଼ି ଭଳି ଉପଭୋଗ୍ୟ ଦ୍ରବ୍ୟର ବିକ୍ରୟ ପ୍ରଭାବିତ ହେବ। ଖାଦ୍ୟ ମୂଲ୍ୟବୃଦ୍ଧି ସାଧାରଣ ଲୋକଙ୍କ ବଜେଟ ଉପରେ ଚାପ ସୃଷ୍ଟି କରିବ। ପୂର୍ବ ବର୍ଷଗୁଡ଼ିକରେ ଯେପରି ୨୦୦୨, ୨୦୦୯ ଓ ୨୦୧୫ରେ ଏଲ୍ ନିନୋ ଯୋଗୁଁ ଦେଶର କିଛି ଅଞ୍ଚଳରେ ଦୁର୍ଭିକ୍ଷ ପରିସ୍ଥିତି ସୃଷ୍ଟି ହୋଇଥିଲା।

ତଥାପି, ଭାରତ ପୂର୍ବ ତୁଳନାରେ ଅଧିକ ପ୍ରସ୍ତୁତ ହୋଇଥିବା ଜଣାପଡିଛି। ଉନ୍ନତ ଜଳସେଚନ, ଫସଲ ବିବିଧିକରଣ, ସର୍ବନିମ୍ନ ସହାୟକ ମୂଲ୍ୟ, କ୍ରେଡିଟ ଲିଙ୍କେଜ ଓ ଅନ୍ୟାନ୍ୟ ଯୋଜନା ଲାଗୁ କରାଯାଇଥିବା ଯୋଗୁ ପ୍ରଭାବ କିଛି କମ ହୋଇପାରେ ବୋଲି ଆକଳନ କରାଯାଉଛି। କିନ୍ତୁ ଏହାକୁ ପୂର୍ଣ୍ଣ ସୁରକ୍ଷା ବୋଲି ଭାବିବା ଉଚିତ ନୁହେଁ। ସରକାର ଓ କୃଷି ବିଭାଗ ସଙ୍କଟ ପରିଚାଳନା ଯୋଜନା ପ୍ରସ୍ତୁତ କରୁଛନ୍ତି। ଏଥିରେ ଦେଶର ପ୍ରାୟ ୨୦୦ ଜିଲ୍ଲାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ସ୍ଥିତିର ମୁକାବିଲା ପାଇଁ କୃଷକମାନଙ୍କୁ କମ ଜଳ ନିର୍ଭର କରୁଥିବା ଫସଲ, ବୀଜ ଓ ପ୍ରଯୁକ୍ତି ପ୍ରଦାନ କରାଯିବା ଉଚିତ।

ଏଲ୍ ନିନୋ କେବଳ ଏକ ପାଣିପାଗ ଘଟଣା ନୁହେଁ, ଏହା ବିକାଶର ଗତିକୁ ପ୍ରଭାବିତ କରେ। ଜଳବାୟୁ ପରିବର୍ତ୍ତନ ସହ ଏହାର ପୁନରାବୃତ୍ତି ବଢ଼ୁଛି। ଦୀର୍ଘକାଳୀନ ସମାଧାନ ପାଇଁ ଜଳ ସଂରକ୍ଷଣ, ପରିବେଶ ସନ୍ତୁଳନ ଓ କୃଷିର ଆଧୁନିକୀକରଣ ହେବା ଆବଶ୍ୟକ। ସରକାର, କୃଷକ ଓ ନାଗରିକଙ୍କ ମିଳିତ ପ୍ରୟାସରେ ଏହି ସଙ୍କଟକୁ ସଫଳତାର ସହ ମୁକାବିଲା କରିହେବ। ଅନ୍ୟଥା ଖାଦ୍ୟ ସୁରକ୍ଷା, ଗ୍ରାମୀଣ ଆୟ ଓ ସାମଗ୍ରିକ ଅର୍ଥନୈତିକ ସ୍ଥିରତା ବିପନ୍ନ ହେବ ବୋଲି ଆଶଙ୍କା ପ୍ରକାଶ ପାଉଛି।

# ବୌଦ୍ଧିକ ବିକାଶ:ଆନନ୍ଦମୟ ପୂର୍ଣ୍ଣାଙ୍ଗ ଜୀବନ



**ଡକ୍ଟର ସୁରେଶ କୁମାର ନାୟକ**

ପିଲାମାନେ ସଫଳତା ପାଇବାକୁ ହେଲେ କଠିନ ପରିଶ୍ରମ କରିବାକୁ ପଡ଼େ, ଏହା ରାତାରାତି କେଉଁ ଆକାଶରୁ ଖସି ପଡ଼ିନଥାଏ କିମ୍ବା ଯାଦୁବିଦ୍ୟା ଦ୍ୱାରା ସମ୍ଭବ ହୋଇନଥାଏ। ମାତ୍ର କେତେକ ଅଛନ୍ତି ଯେଉଁମାନେ ନିଜ ବୁଦ୍ଧି ବଳରେ ହିଁ ସହଜରେ ବୃଦ୍ଧିମତ୍ତା ଏପରି ପ୍ରକୃତିଦତ୍ତ ଲକ୍ଷଣ। ଆଉ ଜନ୍ମରୁ ହିଁ ଜଣକର ମାନସିକ ଦକ୍ଷତା ଜଣାପଡ଼ି ଯାଇଥାଏ। କିନ୍ତୁ ଏହା ବ୍ୟତୀତ ଉଦ୍ୟମ ବଳରେ ପିଲାମାନେ ମଧ୍ୟ ନିଜ ବୌଦ୍ଧିକ ବିକାଶ କରିପାରିବେ। ଅନ୍ୟମାନଙ୍କ ଆଗରେ ନିଜ ଦକ୍ଷତା ପ୍ରଦର୍ଶନ କରିବାକୁ ହେଲେ ବୌଦ୍ଧିକ ବିକାଶ ନିହାତି ଜରୁରୀ। ଏଥିପାଇଁ କେଉଁ ସବୁ ଦିଗ ପ୍ରତି ଦୃଷ୍ଟି ଦେବାକୁ ହେବ ସେ ନେଇ ଜାଣିବା ଜରୁରୀ। ବୌଦ୍ଧିକ ଚେତନା ପିଲାମାନଙ୍କୁ ଯେତିକି ବିକଶିତ କରିଥାଏ ସେତିକି ଜୀବନର ଆହ୍ୱାନକୁ ଗ୍ରହଣ କରିବା ପାଇଁ ରାସ୍ତା ପ୍ରଶସ୍ତ କରିଥାଏ। ବୁଦ୍ଧିର ବିକାଶ ପାଇଁ ସବୁଠି ବେଶୀ ଗୁରୁତ୍ୱପୂର୍ଣ୍ଣ ହେଉଛି ଅଭ୍ୟାସ। ଯେ କୌଣସି ପିଲା ଅଭ୍ୟାସ ବଳରେ ସବୁ କିଛି ହାସଲ କରିପାରିବ। ସେଥିପାଇଁ କୁହାଯାଏ ଅଭ୍ୟାସ ବଳେ ସବୁ ଗ୍ରନ୍ଥ, ପଢ଼ି ହୋଇବ ଜ୍ଞାନବନ୍ତ। ତେଣୁ ଛାତ୍ରଛାତ୍ରୀମାନେ ବୁଝିପାରୁ ନଥିବା ବିଷୟକୁ ବାରମ୍ବାର ପଢ଼ିବା ଦ୍ୱାରା ନିଶ୍ଚିତ ଭାବେ ତାହା ବୋଧଗମ୍ୟ ହୋଇଥାଏ। କେବଳ ପାଠ ନୁହେଁ କୌଣସି କାମ ପାଇଁ ନିରନ୍ତର ଅଭ୍ୟାସ କରିବା ଫଳରେ ସଫଳତା ନିଶ୍ଚୟ ମିଳିଥାଏ। ତେଣୁ ନିଜର ଜ୍ଞାନ ବଢ଼ାଇବାକୁ ଚାହୁଁଥିଲେ ପ୍ରତିକ୍ଷେତ୍ରରେ ଅଭ୍ୟାସ ହିଁ ସର୍ବପ୍ରଥମ ମାର୍ଗ। ସବୁ କାଠକୁ ଠିକ ସମୟ ଭିତରେ ପୁରା କରନ୍ତୁ। ବୁଦ୍ଧିମାନ ପିଲାଙ୍କର ଏହା ଏକ ଉତ୍ତମ ଲକ୍ଷଣ। ଯେଉଁ କାମ ପାଇଁ ଯେତିକି ସମୟ ଆବଶ୍ୟକ ସେହି ଅନୁସାରେ କାମ କରିବା ଦରକାର। ଫଳରେ ଅନ୍ୟ ସମୟରେ ନୂଆ କିଛି କାମ କରିପାରିବେ କିମ୍ବା କୌଣସି କ୍ରିଏଟିଭି କାମ କରିବା ପାଇଁ ବି ସୁଯୋଗ ପାଇପାରିବେ।

ଘରେ ହେଉ କି ସ୍କୁଲରେ ସବୁ ସ୍ଥାନରେ ପ୍ରଥମେ ଅନ୍ୟର କଥାକୁ ଭଲ ଭାବେ ଶୁଣନ୍ତୁ। କଥାକୁ ଭଲ ଭାବେ ଶୁଣିବା ପରେ ହିଁ କୌଣସି ବିଷୟକୁ ବୁଝିବା ସହଜ ହୋଇଥାଏ। ପିଲାଙ୍କର ଏଭଳି ଗୁଣ ସେମାନଙ୍କୁ ଅନେକ ଗୁଡ଼ିଏ କଥା ଜାଣିବାକୁ ପାଇଁ ସୁଯୋଗ ଦେଇଥାଏ। ଫଳରେ ସେମାନେ ବୁଦ୍ଧିମାନ ହୋଇପାରନ୍ତି। ସେଥିପାଇଁ ପାଠ ପଢ଼ାଇବା ସମୟରେ ଶିକ୍ଷକଙ୍କ କଥାକୁ ଭଲ ଭାବେ ଶୁଣିବା ପାଇଁ ପିଲାଙ୍କୁ ପରାମର୍ଶ ଦିଆଯାଏ। ଯେଉଁମାନେ ଭଲ ଭାବେ ଶିକ୍ଷକ ବୁଝାଉଥିବା ପାଠକୁ ଶୁଣନ୍ତି ସେମାନେ ସହଜରେ ବୁଝିପାରନ୍ତି ଏବଂ ମନେ ରଖିପାରନ୍ତି।

ନିଜର ବୁଦ୍ଧି ବଢ଼ାଇବା ପାଇଁ ଚାହୁଁଥିଲେ ସବୁ ସ୍ଥାନ କିମ୍ବା କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରନ୍ତୁ। ବିଶେଷକରି ଶ୍ରେଣୀଗୃହରେ ପାଠପଢ଼ା ହେଉଥିବା ସମୟରେ ସେଠାରେ ଅନ୍ୟମନସ୍କ ହୁଅନ୍ତୁ ନାହିଁ ବରଂ କୌଣସି ବିଷୟରେ ପାଠପଢ଼ାବେଳେ କିଛି ଅବୁଝା ରହିଗଲେ ତୁରନ୍ତ ପ୍ରଶ୍ନ ପଚାରନ୍ତୁ। ସବୁ ବିଷୟର ଅଧିକ ଜାଣିବାର ଆଗ୍ରହ ପିଲାଙ୍କ ବୁଦ୍ଧିକୁ ବଢ଼ାଇଥାଏ। ତେଣୁ ପ୍ରଶ୍ନ ପଚାରିବାର କଳା ଜାଣି ପାରିଲେ ପଲାମାନେ ସବୁ ବିଷୟରେ ଅଧିକ ଜ୍ଞାନ ହାସଲ କରିପାରିବେ। ବୁଦ୍ଧି ବଢ଼ାଇବାର ଅନ୍ୟ ଏକ ମାଧ୍ୟମ ହେଉଛି ଲକ୍ଷ୍ୟ ସ୍ଥିର କରିବା ବା ନିଜର ଏକ ଟାର୍ଗେଟ କରିବା। ପାଠପଢ଼ାରେ ହେଉ କି ଅନ୍ୟ କୌଣସି କ୍ଷେତ୍ରରେ କାମ କରିବାକୁ ଯାଥିଲେ ପ୍ରଥମେ ଟାର୍ଗେଟ କରି କାମ କରନ୍ତୁ। ଅର୍ଥାତ୍ କେଉଁ ସମୟ ମଧ୍ୟରେ କେତିକିକାମ କରିବେ ସେଥିପାଇଁ ପ୍ରଥମେ ଯୋଜନା କରନ୍ତୁ। ଆଉ ଯୋଜନା ଅନୁସାରେ କାମ ପୁରା କରିବା ନିମନ୍ତେ ପରିଶ୍ରମ କରନ୍ତୁ। ବିଦ୍ୟାର୍ଥୀମାନେ ଯଦି ସମୟ ଅନୁସାରେ କେତିକି କାମ କରିବେ ତାହା ସ୍ଥିରକରିନେବେ ତା'ହେଲେ ଅଧିକ ଜ୍ଞାନ ହାସଲ କରିପାରିବେ।

ପଢ଼ିବା, ଲେଖିବା କିମ୍ବା ଚିତ୍ର କରିବା ଆଦି କେଉଁ କ୍ଷେତ୍ର ଆପଣଙ୍କୁ ଅଧିକ ପସନ୍ଦ ହେଉଛି ତାହା ସ୍ଥିର କରନ୍ତୁ। ନିଜେ କେଉଁ ବିଷୟରେ ଜାଣିବାକୁ ଚାହୁଁଛନ୍ତି ଏବଂ କେଉଁ କ୍ଷେତ୍ରରେ ଆପଣ ନିଜ ଭବିଷ୍ୟତ ଗଢ଼ିବାକୁ ଚାହୁଁଛନ୍ତିତାହା ଲେଖି ରଖନ୍ତୁ। ପ୍ରତିଦିନ ଖବର କାଗଜ ପଢ଼ନ୍ତୁ ଓ କିଛି ନୂଆ ଚିନ୍ତା କରନ୍ତୁ। ଯାହା ପଢ଼ୁଛନ୍ତି ଅଥବା ଭାବୁଛନ୍ତି ସେ ସବୁ ଲେଖି ରଖନ୍ତୁ। କିଛି ଗପ କିମ୍ବା ଗୀତ ଲେଖିବାର ଅଭ୍ୟାସ କରନ୍ତୁ। ଟିଭି କିମ୍ବା ଫୋନରେ ଶିକ୍ଷା ସମ୍ବନ୍ଧୀୟ ଭିଡ଼ିଓ ଦେଖନ୍ତୁ। ନିଜ ଭାବନାକୁ ଲେଖି ରଖନ୍ତୁ କିମ୍ବା ଅନ୍ୟ ମାନଙ୍କ ସହ ଶେୟାର କରନ୍ତୁ। ନିଜ ଠାରୁ ଅଧିକ ସ୍ମାର୍ଟ ପିଲାଙ୍କ ସହିତ ଅଧିକ ସମୟ କଟାନ୍ତୁ। ନୂଆ ନୂଆ ସ୍ଥାନ ବୁଲିବାକୁ ଯାଆନ୍ତୁ ଓ ଅଧିକ ଲୋକଙ୍କ ସହ ମିଶି କଥାବାର୍ତ୍ତା କରନ୍ତୁ। ଚେସ କିମ୍ବା ବିଭିନ୍ନ ପ୍ରକାର ଫଜଲ ଗେମ ଖେଳନ୍ତୁ। ବେଳେ ବେଳେ କିଛି କାମ ନକରି ନୀରବ ହୋଇ ବସନ୍ତୁ। ଯୋଗ, ଧ୍ୟାନ ଓ ବ୍ୟାୟାମ କରନ୍ତୁ। ସନ୍ତୁଳିତ ଆହାର ନିଅନ୍ତୁ ଓ ଭଲ ନିଦରେ ସାତରୁ ଆଠଘଣ୍ଟା ଶୁଅନ୍ତୁ। ବୌଦ୍ଧିକ ବିକାଶ ପଛରେ ଅନ୍ତର୍ନିହିତ ଜୀବନଚେତନା ରହିଛି। ଏହାକୁ ଏକ ହଲକା କଥା ବୋଲି ଗୁରୁତ୍ୱହୀନ ଭାବି ଆଦୌ ବିଚାର କରନ୍ତୁ ନାହିଁ। ବିଦ୍ୟାଳୟ ପରେ ପିଲାଟିର ଅଧିକାଂଶ ସମୟ ବିତିଥାଏ ଘରେ। ପିଲାଟିକୁ ଜୀବନର ପ୍ରାରମ୍ଭରୁ ବସ୍ତୁବାଦୀ ଭିତରକୁ ନ ଠେଲି ନୀତି, ନୈତିକତା, ଆଧ୍ୟାତ୍ମିକତାର ଶିକ୍ଷା ଦିଅନ୍ତୁ। ପିଲାଟି ଖୁବ କମ ବର୍ଷ ବୟସରୁ ମାନବୀୟ ମୂଲ୍ୟବୋଧ ଶିକ୍ଷା କରୁ ଜଗତ ଈଶ୍ୱରଙ୍କ ଠାରୁ ଭିନ୍ନ ନୁହେଁ। ସକଳ ବସ୍ତୁରେ ସମସ୍ତଙ୍କ ଭିତରେ ସକଳ ଜୀବନକୁ ଆନନ୍ଦମୟ କରିବା ପାଇଁ ସେ ଯେପରି ପ୍ରତିଟି ଆହ୍ୱାନକୁ ଗ୍ରହଣ କରେ ସେ ଶିକ୍ଷା ଦେବାର ଦାୟିତ୍ୱ ବାପ-ମାଆଙ୍କର।

**ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ,**
**ମୋବାଇଲ୍:୯୪୩୭୨୨୫୫୯୨**

# ସମାନତାକୁ କମାଇବା ସଂଶୋଧନ ନୁହେଁ

## ୟୁଜିସି ନିୟମାବଳୀ ୨୦୨୬ ଉପରେ ଏକ ଶକ୍ତ ଆଘାତ

**ରଣେନ୍ଦ୍ର ପ୍ରତାପ ସ୍ୱାଇଁ**



ଭାରତର ଉଚ୍ଚ ଶିକ୍ଷା ପ୍ରଣାଳୀ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ସଙ୍କଟ ଉପରେ ଦଣ୍ଡାୟମାନ। କ୍ୟାମ୍ପସଗୁଡ଼ିକରେ ଜାତିଆଣ ଭେଦଭାବ ଗଭୀର ଭାବେ ବଢ଼ୁଥିବା ସମୟରେ, ୟୁଜିସି ନିକଟରେ ୨୦୧୯-୨୦ ରୁ ୨୦୨୩-୨୪ ପର୍ଯ୍ୟନ୍ତ ଅଭିଯୋଗ ଶତକଡା ୧୧୮.୪ ପ୍ରତିଶତ ବୃଦ୍ଧି ଘଟିଥିବା ସ୍ୱୀକାର କରିଛି, ୟୁଜିସି (ଉଚ୍ଚ ଶିକ୍ଷା ସଂସ୍ଥାନରେ ସମାନତା ପ୍ରୋତ୍ସାହନ) ନିୟମାବଳୀ, ୨୦୨୬ ଶୋଷିତ ଶ୍ରେଣୀମାନଙ୍କ ପାଇଁ ସୁରକ୍ଷା ନୁହେଁ, ବରଂ କଷ୍ଟଲବ୍ଧ ସୁରକ୍ଷା ଅଧିକାରମାନଙ୍କୁ ପଛକୁ ଟାଣିବାର ଏକ ଚିନ୍ତାଜନକ ଭାବେ ପ୍ରକାଶ ପାଉଛି।

୨୦୧୨ ମସିହାର ୟୁଜିସି ନିୟମାବଳୀ ସାମାଜିକ ଆନ୍ଦୋଳନ, ଛାତ୍ର ସଂଘର୍ଷ ଓ ସାମ୍ବିଧାନିକ ଆବଶ୍ୟକତାରୁ ଜନ୍ମ ନେଇଥିଲା। ସେଗୁଡ଼ିକ ଅଧିକାରମୂଳକ, କାର୍ଯ୍ୟକ୍ଷମ ଓ ଜାତି ଭେଦଭାବକୁ ସିଧାସଳଖ ସମ୍ମୁଖୀନ କରିବାକୁ ସ୍ପଷ୍ଟ ଉଦ୍ଦେଶ୍ୟ ଥିଲା। ସେଥିରେ ଭେଦଭାବର ସ୍ପଷ୍ଟ ପରିଭାଷା ଦିଆଯାଇଥିଲା, ରାଗିଂକୁ ଏକ ଜାତିଗତ ଅସ୍ତ୍ର ଭାବେ ମାନ୍ୟତା ଦିଆଯାଇଥିଲା, ଦାୟିତ୍ୱ ନିର୍ଦ୍ଧାରଣ, ସମାନ ସୁଯୋଗ କୋଷ ଗଠନ ଓ ସମୟସୀମା ମଧ୍ୟରେ ନ୍ୟାୟ ପ୍ରଦାନକୁ ନିଶ୍ଚିତ କରାଯାଇଥିଲା। ସର୍ବପ୍ରଥମେ, ସେମାନେ ଏହି ଅସ୍ୱୀକାର୍ଯ୍ୟ ସତ୍ୟକୁ ମାନିଥିଲେ ଯେ, ଭାରତରେ ଜାତିପ୍ରଥା ଭେଦଭାବ ଗଠନାତ୍ମକ, ଐତିହାସିକ ଓ ପଦ୍ଧତିଗତ।

'ଅପରପକ୍ଷରେ, ୨୦୨୬ ନିୟମାବଳୀ ଅଧିକାର ବଦଳରେ ପ୍ରକ୍ରିୟା ଏବଂ ପ୍ରବର୍ତ୍ତନ ଯୋଗ୍ୟତା ବଦଳରେ ବିବେକାନୁମୋଦିତ କ୍ଷମତା (ସ୍ୱତନ୍ତ୍ର ନିଷ୍ପତ୍ତି) ଆଡ଼କୁ ଏକ ପରିବର୍ତ୍ତନକୁ ସୂଚାଉଛି। ଭେଦଭାବ-ବିରୋଧୀ ବ୍ୟବସ୍ଥା କେବଳ କମିଟି ପରିଚାଳନାରେ ସୀମିତ ହୋଇଯାଇଛି, ଯାହା ପ୍ରାୟତଃ ସେହି ସଂସ୍ଥାଗୁଡ଼ିକ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ ଯେଉଁଠାରେ ଭେଦଭାବ ଅଧିକ ବଢ଼ିଥାଏ। ଏହା ସଂସ୍କାର ନୁହେଁ; ଏହା ପ୍ରଶାସନିକ ଦକ୍ଷତା ଆଳରେ ଏକ ପଛକୁ ଫେରିବା ବା ପ୍ରତିଗାମୀ ପଦକ୍ଷେପ।'

ଏହି ନିୟମାବଳୀର ଏକ ବିଶେଷ ଚିନ୍ତାଜନକ ଦିଗ ହେଉଛି ଆର୍ଥିକ ଭାବେ ଦୁର୍ବଳ ବର୍ଗକୁ ଅନ୍ତର୍ଭୁକ୍ତ କରାଯିବା। ଆମେ ସ୍ପଷ୍ଟ ଭାବେ କହିବା ଉଚିତ, ଆର୍ଥିକ କଷ୍ଟ ଏକ ସତ୍ୟ, କିନ୍ତୁ ଏହା ଜାତିଗତ ନିର୍ଯ୍ୟାତନା ନୁହେଁ। ଆର୍ଥିକ ଭାବେ ଦୁର୍ବଳ ବର୍ଗ କୌଣସି ସାମାଜିକ ଭାବେ ନିର୍ଯ୍ୟାତିତ ଶ୍ରେଣୀ ନୁହେଁ; ସେମାନେ ଅସ୍ପୃଶ୍ୟତା, ବହିଷ୍କାର କିମ୍ବା ପାରମ୍ପରିକ କଳଙ୍କର ସମ୍ମୁଖୀନ ହୁଅନ୍ତି ନାହିଁ। ଆର୍ଥିକ ଅସୁବିଧାକୁ ଜାତିଗତ ଭେଦଭାବ ସହିତ ସମାନ କରିବା ଦ୍ୱାରା, ଏହି ନିୟମାବଳୀ ଏକ ମୌଳିକ ସାମ୍ବିଧାନିକ ପାର୍ଥକ୍ୟକୁ ଅସ୍ପଷ୍ଟ କରୁଛି ଓ ଭେଦଭାବ ବିରୋଧୀ ଆଇନର ମୂଳ ଉଦ୍ଦେଶ୍ୟକୁ ନଷ୍ଟ କରିଦେଉଛି। ଏହି ଭୁଲ ପଦକ୍ଷେପ ଦ୍ୱାରା ଉଚ୍ଚ ଜାତିର ବ୍ୟକ୍ତି ବିଶେଷଙ୍କୁ ଶକ୍ତିଶାଳୀ କରୁଛି ଓ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସୁରକ୍ଷାକୁ ଦୁର୍ବଳ କରୁଛି।




ଏହା ସହିତ, ୨୦୨୬ ନିୟମାବଳୀ ଦ୍ୱାରା ଅନ୍ୟାନ୍ୟ ପଛୁଆ ବର୍ଗର ଛାତ୍ରଛାତ୍ରୀମାନଙ୍କୁ ନୂଆକରି ଅନ୍ତର୍ଭୁକ୍ତ କରାଯାଇଛି ବୋଲି ଯେଉଁ ଦାବି କରାଯାଉଛି, ତାହା ବିଭ୍ରାନ୍ତିକର। ୧୯ଜୁନ ୨୦୨୩ରେ ୟୁଜିସିର ନିଜସ୍ୱ ନିର୍ଦ୍ଦେଶାବଳୀର ନିର୍ଦ୍ଦେଶିକାରେ ପୂର୍ବରୁ ମଧ୍ୟ ଅନ୍ୟାନ୍ୟ ପଛୁଆ ବର୍ଗର ଛାତ୍ରଛାତ୍ରୀମାନେ ଏଥିରେ ଅନ୍ତର୍ଭୁକ୍ତ ହୋଇଥିଲେ। କିନ୍ତୁ ୨୦୨୬ରେ ଏହା ସଂପ୍ରସାରଣ ନୁହେଁ ବରଂ ପୁନଃ ପ୍ୟାକେଜିଂ, ଯେଉଁଠି କାର୍ଯ୍ୟକାରିତାକୁ ଦୁର୍ବଳ କରୁଛି।

ରାଗିଂକୁ ଭେଦଭାବର ଏକ ବିଶେଷ ରୂପ ଭାବେ ଉଲ୍ଲେଖ ନକରିବା ଆଉ ଏକ ଗୁରୁତର ପଛୁଆ ପଦକ୍ଷେପ। ଦଶନ୍ଧି ଧରି, ଜାତିଗତ ରାଗିଂ ମାନସିକ ହିଂସାର ଏକ ରୂପ, ଅପମାନ, ଏକାକୀକରିବା ଓ ଚାପ ପକାଇବା ଆଦି କାର୍ଯ୍ୟ କରିଆସୁଛି। ୨୦୧୨ ନିୟମାବଳୀ ଏହି ବାସ୍ତବତାକୁ ମାନିଥିଲା। କିନ୍ତୁ ୨୦୨୬ର ନିରବତା ପ୍ରତିଷ୍ଠାନମୂଳକ ଅନିଚ୍ଛାକୁ ପ୍ରକାଶ କରେ, ଏହା କ୍ୟାମ୍ପସଗୁଡ଼ିକରେ ଜାତିଗତ ନିର୍ମମତାକୁ ସମ୍ମୁଖୀନ କରିବା ପାଇଁ ପ୍ରତିଷ୍ଠାନମୂଳକ ଅନିଚ୍ଛାକୁ ପ୍ରତିଫଳିତ କରେ। ଏହା ସହିତ, "ଉଚ୍ଚ ଶିକ୍ଷା ସଂସ୍ଥାନ" ର ସୀମିତ ପରିଭାଷା ଆଇଆଇଟି, ଆଇଆଇଏମ, ଆଇନ ବିଶ୍ୱବିଦ୍ୟାଳୟ, ମେଡିକାଲ ଓ କୃଷି ସଂସ୍ଥାମାନଙ୍କୁ ବାଦ ଦେଇଛି, ଯେଉଁଠି ଜାତିଗତ ଭେଦଭାବର ଅନେକ ଦୁଃଖଦ ଘଟଣା ଘଟିଛି। ସମାନତା କେବଳ ମନଇଚ୍ଛା ହୋଇପାରିବ ନାହିଁ; ସାମ୍ବିଧାନିକ ନୈତିକତା ସୁବିଧାନୁସାରେ କାମ କରେନାହିଁ।

ରୋହିଥ୍ ଭେମୁଲା ଓ ଡ଼ା. ପାୟଲ ତଡ଼ଭିଙ୍କ ଦୁଃଖଦ ମୃତ୍ୟୁ ସହିତ ସମ୍ପର୍କିତ ଆବେଦନମାନଙ୍କ ପରିପ୍ରେକ୍ଷିତରେ ସୁପ୍ରିମ କୋର୍ଟରେ ଚାଲୁଥିବା ଅନୁସନ୍ଧାନକୁ ଏହି ପ୍ରସଙ୍ଗକୁ ପଢ଼ାଯିବା ଆବଶ୍ୟକ। ଏକ ଶକ୍ତିଶାଳୀ ବ୍ୟବସ୍ଥାକୁ ଏକ ଦୁର୍ବଳ ବ୍ୟବସ୍ଥା ଦ୍ୱାରା ପରିବର୍ତ୍ତନ କୌଣସି ଅନୁସରଣ ନୁହେଁ; ଏହା ସାମ୍ବିଧାନିକ ଛଳନା। ଭେଦଭାବ ବିରୋଧୀ ଆଇନଗୁଡ଼ିକ ଶକ୍ତିଶାଳୀଙ୍କୁ ସୁବିଧା ଦେବା ପାଇଁ ଉଦ୍ଦିଷ୍ଟ ନୁହେଁ। ସେହି ଆଇନ ଗୁଡିକ ଦୁର୍ବଳଙ୍କୁ ସୁରକ୍ଷା ଦେବା ପାଇଁ ଭାରତୀୟ ସମ୍ବିଧାନର ଧାରା ୧୪, ୧୫, ୧୭ ଓ ୨୧କୁ ବଜାୟ ରଖିବା ପାଇଁ ଏବଂ ଭାରତର କ୍ୟାମ୍ପସଗୁଡ଼ିକୁ ଅସ୍ୱୀକାର ନୁହେଁ ବରଂ ସମ୍ମାନ ଓ ମର୍ଯ୍ୟାଦାର ସ୍ଥାନ ବୋଲି ନିଶ୍ଚିତ କରିବାକୁ ରହିଛି।

ଦାବି ସ୍ପଷ୍ଟ ଅଟେ। ୨୦୨୬ ନିୟମାବଳୀ ୨୦୧୨ର ଅଧିକାରମୂଳକ ଢାଞ୍ଚାକୁ ଦୁର୍ବଳ କରିବା ନୁହେଁ, ବରଂ ତାହାକୁ ଆହୁରି ସଶକ୍ତ କରିବାକୁ ପଡ଼ିବ। ଏଥିରୁ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗକୁ ଜାତିବାଦ ଭେଦଭାବ ବ୍ୟବସ୍ଥାରୁ ବାହାର କରିବା, ରାଗିଂକୁ ସ୍ପଷ୍ଟ ଭାବେ ଭେଦଭାବର ଏକ ରୂପ ଭାବେ ସ୍ୱୀକାର କରିବା, ସମସ୍ତ ଉଚ୍ଚ ଶିକ୍ଷା ସଂସ୍ଥାନକୁ ଆବର୍ତ୍ତ କରିବା ଏବଂ ସ୍ୱାଧୀନ, ସମୟସୀମାଭିତ୍ତିକ ଓ ଦାୟିତ୍ୱପୂର୍ଣ୍ଣ ଅଭିଯୋଗ ନିରାକରଣ ପ୍ରଣାଳୀକୁ ନିଶ୍ଚିତ କରିବା ଆବଶ୍ୟକ।

**ବିଧାୟକ, ଆଠଗଡ଼**

# ଟ୍ରମ୍ପ୍ ବନାମ ନାଟୋ



**ଡା. ରାଜ କିଶୋର ପଣ୍ଡା**

ମଧ୍ୟପ୍ରାଚ୍ୟରେ ଚାଲିଥିବା ମହାପ୍ରଳୟଙ୍କାରୀ ଯୁଦ୍ଧ ଶେଷରେ ଥମିଛି। ଏହି ଯୁଦ୍ଧଟି ବିଭିନ୍ନ ମଞ୍ଚରେ ଲଢ଼ା ଯାଉଥିଲା। ସେଗୁଡ଼ିକ ହେଉଛି ଆମେରିକା ବନାମ୍ ଇରାମ, ଇରାନ୍ ବନାମ ଅବଶିଷ୍ଟ ଗଲ୍ଫ ରାଷ୍ଟ୍ର, ଆମେରିକା ବନାମ ଚାଇନା ଇତ୍ୟାଦି ତେବେ ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଏହି ଯୁଦ୍ଧର ହେଉଛି ଆମେରିକା ବନାମ୍ ଇଉରୋପୀୟ ସଂଘ। ଏହାକୁ ଆମେ ନାଟୋ ଓ ଟ୍ରମ୍ପଙ୍କ ମଧ୍ୟରେ ବିବାଦ ବୋଲି କହିପାରିବା। ବିଗତ କିଛି ସମୟ ଧରି ଯୁକ୍ତରାଷ୍ଟ୍ର ଓ ଇଉରୋପ ମଧ୍ୟରେ ମଧ୍ୟପ୍ରାଚ୍ୟ ଓ ଅନ୍ୟାନ୍ୟ କିଛି ଗମ୍ଭୀର ପ୍ରସଙ୍ଗ (ଗ୍ରୀନ୍‌ଲ୍ୟାଣ୍ଡ)କୁ ନେଇ ମତାନ୍ତର ସୃଷ୍ଟି ହୋଇଛି ଓ ଦୁଇ ମହାଶକ୍ତି ସମ୍ପ୍ରତି ମୁହାଁମୁହିଁ ଅବସ୍ଥାକୁ ଚାଲି ଆସିଛନ୍ତି। ଏହା ଏକ ଛାଡ଼ପତ୍ରଭଳି ପରିସ୍ଥିତି ସୃଷ୍ଟି କରିଛି କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ। ତେଣୁ ଏଥିରେ ପ୍ରଶ୍ନ ଉଠୁଛି ଯେ ଯଦି ଭବିଷ୍ୟତରେ ଆମେରିକା ଓ ଇଉରୋପୀୟ ରାଷ୍ଟ୍ରସଂଘ ମଧ୍ୟରେ ବିଚ୍ଛେଦ ଘଟେ ତଥା ସେମାନଙ୍କର ସାମରିକ ମେଣ୍ଟ ନାଟୋର ପରିସମାପ୍ତି ଘଟେ, ତାହାଦ୍ୱାରା କିଏ ବେଶୀ କ୍ଷତିଗ୍ରସ୍ତ ହେବ? ଏହା ଜାଣିବା ନିମନ୍ତେ ଆମକୁ ଇତିହାସ ଉପରେ ଦୃଷ୍ଟି ଦେବା ପାଇଁ ପଡ଼ିବ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆମେରିକା, ୟୁରୋପରେ ନିଜର ସାମରିକ ଘାଟିମାନ ନିର୍ମାଣ କରିବା ଆରମ୍ଭ କରିଥିଲା। ଏହି ଦିଗରେ ପ୍ରଥମ ପଦକ୍ଷେପ ଥିଲା, ୧୯୪୮ ମସିହାରେ ବ୍ରିଟେନର "ଲାକେନ୍ ହିଥ୍" ଠାରେ ବାୟୁସେନାର ଘାଟି ନିର୍ମାଣ କରିବା। ସେହିପରି ଦ୍ୱିତୀୟ ପଦକ୍ଷେପ ଥିଲା, ୧୯୫୦ ଦଶକର ଆରମ୍ଭରେ ଜର୍ମାନୀର ରାମଷ୍ଟିନ ଏୟାରବେସ୍‌ର ନିର୍ମାଣ ଆମେରିକା ଦ୍ୱାରା। ପରବର୍ତ୍ତୀ ସମୟରେ ଯୁକ୍ତରାଷ୍ଟ୍ରର ଏହି କାର୍ଯ୍ୟକଳାପ କ୍ରମାଗତ ଭାବରେ ବୃଦ୍ଧି ପାଇଲା ଓ ଏହାର ସମରନୀତିର ଏକ ପ୍ରମୁଖ ଅଂଶ ପାଲଟିଗଲା। ପରିଣାମ ସ୍ୱରୂପ ଆଜି ୟୁରୋପରେ ଚାଳିଶରୁ ଅଧିକ ଆମେରିକୀୟ ସାମରିକ ଘାଟି ମାନ ରହିଛି। ଯେଉଁଠାରେ ପାଖାପାଖି ୮୫, ୦୦୦ ରୁ ଅଧିକ ସୈନିକ ମୁତୟନ ଅଛନ୍ତି। ଏଠାରେ ଗୋଟିଏ କଥା ଆମକୁ ବୁଝିବାକୁ ପଡ଼ିବ କି ଆମେରିକୀୟ ନେତୃତ୍ୱରେ ପୁଞ୍ଜିବାଦୀ ଶକ୍ତିମାନେ, ଯେତେବେଳେ ଶୀତଳଯୁଦ୍ଧ ସମୟରେ ସୋଭିଏତ୍ ରୁଷ୍‌କୁ ପରାସ୍ତ କରିବା ପାଇଁ ଯୋଜନା କରିଥିଲେ, ସେତେବେଳେ ନାଟୋ ମାଧ୍ୟମରେ ସାମରିକ ଅଭିଯାନର ଆବଶ୍ୟକତା ଥିଲା, ମାତ୍ର ୧୯୯୧ ମସିହାରେ ସୋଭିଏତ୍‌ର ବିଘଟନ ଓ ୱାରସ୍ ଚୁକ୍ତିର ଅବସାନ ଘଟିଲା ପରେ ନାଟୋ ମେଣ୍ଟର ଆବଶ୍ୟକତା ଆଉ ରହିଲା ନାହିଁ ତଥାପି ଏ ମେଣ୍ଟ ରହିଲା।

ପାଠକମାନଙ୍କର ଜାଣିବା ପାଇଁ ମୁଁ ଏଠାରେ ନାଟୋ ଓ ୱାରସ୍ ମେଣ୍ଟର ଗଠନ ବିଷୟରେ କିଛି ତଥ୍ୟ ରଖୁଛି। ନାଟୋ ର ପୁରା ନାମ ହେଉଛି ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେସନ୍। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଉତ୍ତର ଆଟଲାଣ୍ଟିକ ଚୁକ୍ତି (ଘକ୍ଷକ୍ଷବ୍ୱଷ ଇବ୍ୱକ୍ଷବଭବ୍ୱସମ ଝକ୍ଷବ୍ରବବ୍ୱଚ) ସ୍ୱାକ୍ଷରିତ ହେବା ସହ ୧୯୪୯ ମସିହାରେ ଆନୁଷ୍ଠାନିକ ଭାବରେ ନାଟୋ ମେଣ୍ଟର ଅୟମାରମ୍ଭ ହୋଇଥିଲା। ସମୁଦାୟ ସଦସ୍ୟ ସଂଖ୍ୟା ଏଥିରେ ବତିଶ। ତିରିଶି ଜଣ ଇଉରୋପରୁ ଏବଂ ଦୁଇ ଜଣ ଉତ୍ତର ଆମେରିକାରୁ। ଶୀତଳ ଯୁଦ୍ଧ ସମୟରେ ନାଟୋର ପ୍ରାଥମିକ ଲକ୍ଷ୍ୟ ଥିଲା ସୋଭିଏତ୍ ରୁଷ ଓ ତାହାର ସହଯୋଗୀ ରାଷ୍ଟ୍ରମାନଙ୍କର ପ୍ରତିରୋଧ କରିବା। ନାଟୋକୁ ସାମ୍ନା କରିବା ପାଇଁ ସୋଭିଏତ୍ ରୁଷ୍ ନେତୃତ୍ୱରେ, ପୋଲାଣ୍ଡର ରାଜଧାନୀ ୱାରସ୍ ପରେ ୧୯୫୫ ମସିହାରେ ସ୍ୱାକ୍ଷରିତ ହୋଇଥିଲା ୱାରସ୍ ଚୁକ୍ତି ଓ ଏହା ଜନ୍ମ ଦେଲା ୱାରସ୍ ସାମରିକ ମେଣ୍ଟକୁ। ସୋଭିଏତ୍ ରୁଷ୍ ସମେତ ଏଥିରେ ସଦସ୍ୟ ରହିଲେ ଆଲବାନିଆ, ବୁଲଗେରିଆ, ଚେକୋସ୍ଲୋଭାକିଆ, ପୂର୍ବ ଜର୍ମାନୀ, ହଙ୍ଗେରୀ, ପୋଲାଣ୍ଡ ଓ ରୋମାନିଆ। ସୋଭିଏତ୍‌ର ପତନ ସହ ଏହି ମେଣ୍ଟର ମଧ୍ୟ ପତନ ଘଟିଲା। ବଞ୍ଚି ରହିଲା କିନ୍ତୁ ନାଟୋ। ନାଟୋକୁ ସୃଷ୍ଟି କରିଥିବା ଉତ୍ତର



ଆଟଲାଣ୍ଟିକ ଚୁକ୍ତିର ଏକ ପ୍ରମୁଖ ଅଙ୍ଗ ତଥା ଭିତ୍ତି ହେଉଛି "ଆର୍ଟିକିଲ୍-୫"। ଉକ୍ତ ଆର୍ଟିକିଲ୍ ଅନୁଯାୟୀ ନାଟୋର ଯେକୌଣସି ସଦସ୍ୟଭୁକ୍ତ ଦେଶକୁ ବାହ୍ୟ ଦେଶ ଆକ୍ରମଣ କଲେ, ଏହାକୁ ସମଗ୍ର ନାଟୋ ରାଷ୍ଟ୍ରସଂଘ ବିରୁଦ୍ଧରେ ଯୁଦ୍ଧ ବୋଲି ଧରାଯିବ ଓ ମେଣ୍ଟର ସମସ୍ତ ସଦସ୍ୟ ସମ୍ପୃକ୍ତ ବାହ୍ୟ ଶତ୍ରୁ ବିରୋଧରେ ଯୁଦ୍ଧରେ ଅଂଶ ଗ୍ରହଣ କରିବେ। ଏହ ନିୟମଟି ଦ୍ୱାରା ନାଟୋ ଅତୀବ ବଳଶାଳୀ ହୋଇପାରିଛି ବୋଲି ଆମେ କହିପାରିବା।

ବର୍ତ୍ତମାନ ଆମେ ଦେଖିବା ଯେ, ଇଉରୋପୀୟ ରାଷ୍ଟ୍ରମାନେ, କେଉଁ କାରଣ ବଶତଃ, ଇରାନ୍ ଯୁଦ୍ଧରେ ଆମେରିକାକୁ ଅସହଯୋଗ କରିଥିଲେ ଓ ଏହାକୁ ପ୍ରସଙ୍ଗ କରି ଟ୍ରମ୍ପ ନାଟୋରୁ ଯୁକ୍ତରାଷ୍ଟ୍ର ଓହରି ଯିବା ନେଇ ଧମକ ଦେଇଥିଲେ।

ପ୍ରଥମ କାରଣ ହେଉଛି, ଇଉରୋପୀୟ ରାଷ୍ଟ୍ର ଯେପରିକି ବ୍ରିଟେନ୍, ଫ୍ରାନ୍ସ ଓ ସ୍ପେନ୍ ଟ୍ରମ୍ପ ପ୍ରଶାସନର ଇରାନ ଉପରେ ଆକ୍ରମଣକୁ ଅନାବଶ୍ୟକ ଓ ଭିତ୍ତିହୀନ ବୋଲି ମନେ କରିଥିଲେ। ଏହାକୁ ଆଧାର କରି ସେମାନେ ଆମେରିକାର ସୈନ୍ୟବାହିନୀକୁ ଇଉରୋପୀୟ ଭିତ୍ତିଭୂମି ଯୁଦ୍ଧରେ ବ୍ୟବହାର ନିମନ୍ତେ ବାରଣ କରିଥିଲେ। ଉଦାହରଣ ସ୍ୱରୂପ ସ୍ପେନ୍ (ଏହାର ଆକାଶ ମାର୍ଗକୁ ଆମେରିକାର ବ୍ୟବହାର ସକାଶେ ନିଷେଧ କରିଛି)। ସେହିପରି ମଧ୍ୟ ଇଟାଲୀ ଓ ଫ୍ରାନ୍ସ। ଇଟାଲି ନିଜର ସିଗୋନେଲା ବାୟୁସେନା ଘାଟିରୁ ଆମେରିକାକୁ ବ୍ୟବହାର କରିବାକୁ ଦେଇନାହିଁ। ଦ୍ୱିତୀୟ କାରଣ ହେଉଛି, ଟ୍ରମ୍ପ ଇରାନ୍, ଆକ୍ରମଣ କରିବା ପୂର୍ବରୁ ନାଟୋର ଅନୁମତି ନେଇ ନାହାନ୍ତି। ଯେବେକି ୨୦୦୩ରେ ତତ୍କାଳୀନ ରାଷ୍ଟ୍ରପତି ବୁଶ୍ ନାଟୋର ସଦସ୍ୟ ରାଷ୍ଟ୍ରମାନଙ୍କ ସହିତ ସବିଶେଷ ଆଲୋଚନା କରିଥିଲେ ଓ ଅନୁମତି ପ୍ରାପ୍ତ କରିଥିଲେ ଇରାକ୍ ଆକ୍ରମଣ ପୂର୍ବରୁ। ଏହାକୁ କେନ୍ଦ୍ର କରି ଇଉରୋପୀୟ ରାଷ୍ଟ୍ରସଂଘ ଟ୍ରମ୍ପଙ୍କ ଉପରେ କ୍ଷୁବ୍ଧ ଅଛନ୍ତି। ତୃତୀୟରେ ନାଟୋର ସଦସ୍ୟ ରାଷ୍ଟ୍ରମାନେ ଭୟ କରୁଛନ୍ତି କି ସେମାନେ ମଧ୍ୟପ୍ରାଚ୍ୟ ସଂଗ୍ରାମରେ ଅଂଶଗ୍ରହଣ କଲେ, ଯୁଦ୍ଧ ବ୍ୟାପକ ଆକାର ଧାରଣ କରିବ ଏବଂ ବିଶ୍ୱବ୍ୟାପୀ ତୈଳ ଓ ଗ୍ୟାସ୍‌ର ଉତ୍କଟ ସଙ୍କଟ ଦେଖାଯିବ। ଯେହେତୁ ଇଉରୋପୀୟ ଦେଶମାନେ ମଧ୍ୟ ଇରାନ ଉପରେ ତୈଳ ସକାଶେ ନିର୍ଭରଶୀଳ, ଆମେରିକାକୁ ସହଯୋଗ କରିବା ପାଇଁ ସେମାନେ ପଛଘୁଞ୍ଚା ଦେଉଛନ୍ତି।

ଚତୁର୍ଥରେ ଟ୍ରମ୍ପଙ୍କ ସାମ୍ରାଜ୍ୟ ବିସ୍ତାରବାଦୀ ନୀତି ଅତୀତରେ ଗ୍ରିନଲ୍ୟାଣ୍ଡକୁ, ଆମେରିକାର ଅଂଶ ଓ ଏହାକୁ କଳେବଳେ କୌଶଳେ ଅଧିକାର କରିବା ନେଇ ଟ୍ରମ୍ପ ଘୋଷଣା କରିଥିଲେ। ଏହାକୁ ନେଇ ମଧ୍ୟ ବର୍ତ୍ତମାନ ସମୟରେ ଆମେରିକା ଓ ଇଉରୋପୀୟ ୟୁନିଅନ୍ ମଧ୍ୟରେ ଛକାପଞ୍ଝା ପରିସ୍ଥିତି ଲାଗି ରହିଛି। ଏହି ସବୁ କାରଣ ବଶତଃ ଇଉରୋପୀୟ ରାଷ୍ଟ୍ରମାନେ ଆମେରିକାକୁ ମଧ୍ୟପ୍ରାଚ୍ୟ ସଂଗ୍ରାମରେ ସହାୟତା କରୁ ନାହାନ୍ତି ବୋଲି ଆମେ କହିପାରିବା।

ଏବେ ଦେଖିବା ନାଟୋ ମେଣ୍ଟର ଅବସାନ ଘଟିଲେ କେଉଁ ପକ୍ଷ ବେଶୀ ପ୍ରଭାବିତ ହେବ। ପ୍ରଥମେ ଆସିବା ଆମେରିକା ପକ୍ଷକୁ। ଯଦିଓ ଟ୍ରମ୍ପ ଧମକ ଦେଇଛନ୍ତି ଓହରି ଯିବା ପାଇଁ, ଏହା କିନ୍ତୁ କଷ୍ଟ ସାଧ୍ୟ। ଏହାର ପ୍ରଥମ କାରଣ ୨୦୨୩ ମସିହାରେ ଯୁକ୍ତରାଷ୍ଟ୍ରରେ କଂଗ୍ରେସ ଗୋଟିଏ ନିୟମ ପ୍ରଣୟନ କରିଥିଲା। ଏହି ନିୟମ ଅନୁଯାୟୀ ରାଷ୍ଟ୍ରପତି, କଂଗ୍ରେସର ବିନା ସମର୍ଥନ ଓ ଉପଦେଶରେ ଉତ୍ତର ଆମେରିକୀୟ ଚୁକ୍ତିରୁ ଆମେରିକାର ସଦସ୍ୟତାକୁ ରଦ୍ଦ କରି ପାରିବେ ନାହିଁ। ରଦ୍ଦ ସକାଶେ କଂଗ୍ରେସର ସମର୍ଥନ ନିତାନ୍ତ ଆବଶ୍ୟକ। ଆଗାମୀ ନଭେମ୍ବରରେ ଯୁକ୍ତରାଷ୍ଟ୍ରରେ ମଧ୍ୟବର୍ତ୍ତୀ କାଳୀନ ନିର୍ବାଚନ ହେବାର ଅଛି ଏବଂ ଯଦି ଡେମୋକ୍ରାଟ୍ ମାନେ ସଂଖ୍ୟା ଗରିଷ୍ଠତା ହାସଲ କରନ୍ତି, ତେବେ ଟ୍ରମ୍ପଙ୍କର ଆଶା କଦାପି ଫଳବତୀ ହୋଇପାରିବ ନାହିଁ।

ଦ୍ୱିତୀୟ କାରଣ ହେଉଛି ନାଟୋର ସଦସ୍ୟତା, ଯାହାକି ଆମେରିକୀୟମାନଙ୍କ ମଧ୍ୟରେ ଅତ୍ୟନ୍ତ ଲୋକପ୍ରିୟ। ୨୦୨୫ରେ କରାଯାଇଥିବା ଗୋଟିଏ ସର୍ବେକ୍ଷଣରୁ ଜଣା ପଡ଼ିଛି କି ଛଅଷଠି ପ୍ରତିଶତ ଆମେରିକୀୟ ନାଗରିକ ସ୍ୱୀକାର କରନ୍ତି ଯେ, ନାଟୋ ସଦସ୍ୟତା ଦ୍ୱାରା ଯୁକ୍ତରାଷ୍ଟ୍ର ଲାଭବାନ ହୋଇଛି। ଯେବେବି ବତିଶ ପ୍ରତିଶତ ବିପରୀତ କଥା କହିଛନ୍ତି। ଏହି ସଦସ୍ୟତାକୁ ନେଇ ଆମେରିକା ମଧ୍ୟ ବିଭାଜିତ ଅବସ୍ଥାରେ ଅଛି। ଡେମୋକ୍ରାଟିକ୍ ଭୋଟରମାନଙ୍କ ମଧ୍ୟରୁ ସତସ୍ତରି ପ୍ରତିଶତ ନାଟୋ ସଦସ୍ୟତା ସପକ୍ଷରେ ଥିବା ବେଳେ, ରିପବ୍ଲିକାନ୍ ଭୋଟରଙ୍କ ମଧ୍ୟରୁ ପଇଁଚାଳିଶ୍ ପ୍ରତିଶତ ଏହା ସପକ୍ଷରେ ଅଛନ୍ତି। ତେଣୁ ସାମଗ୍ରିକ ଭାବରେ ଦେଖିଲେ ଯୁକ୍ତରାଷ୍ଟ୍ରର ଜନତା, ନାଟୋ, ସଦସ୍ୟତାକୁ ସମର୍ଥନ କରୁଛନ୍ତି।

ତୃତୀୟରେ ନାଟୋ ଛାଡ଼ିବା ଦ୍ୱାରା ଆମେରିକା ସାମରିକ ଦୃଷ୍ଟିକୋଣରୁ ଦୁର୍ବଳ ହୋଇପଡ଼ିବ ବୋଲି ଆନ୍ତର୍ଜାତିକ ରାଜନୀତି ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି। ୧୯୮୯ ମସିହାରେ ଐତିହାସିକ "ପଲ କେନେଡ଼ି"ପାଞ୍ଚଶହ ବର୍ଷ ଧରି ବିଭିନ୍ନ ଯୁଦ୍ଧମାନଙ୍କ ଉପରେ ଗବେଷଣା କରି ଏକ ପୁସ୍ତକ ରଚନା କରିଥିଲେ। ବହିଟିର ନାମ ହେଉଛି "ଦି ରାଇଜ୍ ଆଣ୍ଡ ଫଲ୍ ଅଫ୍ ଗ୍ରେଟ୍ ପାୱାର।" ଏହି ପୁସ୍ତକରେ କେନେଡ଼ି ଦର୍ଶାଇଛନ୍ତି, ଯେ ଯୁଦ୍ଧରେ ସେହି ପକ୍ଷ ବିଜୟଲାଭ କରିଥାଏ, ଯିଏ ନିଜର ସମ୍ବଳ(ସୈନିକ, ଯୁଦ୍ଧାସ୍ତ୍ର) କୁ ଶୀଘ୍ର ଗତିଶୀଳ କରାଇ ପାରିଥାଏ। ଏଠାରେ ଉଦାହରଣ ଭାବରେ ସେ ନେଇଛନ୍ତି ଜର୍ମାନୀକୁ। ଦଇଟି ବିଶ୍ୱଯୁଦ୍ଧରେ ଜର୍ମାନୀ ଅପେକ୍ଷା ମିତ୍ରଶକ୍ତି ନିଜର ସମ୍ବଳକୁ ଶୀଘ୍ର ଗତିଶୀଳ କରାଇ ପାରିଥିବାରୁ ବିଜୟ ଲାଭ କରିଥିଲା। ଯେହେତୁ ଯୁକ୍ତରାଷ୍ଟ୍ରର ମଧ୍ୟ ସୈନ୍ୟଦଳ ଓ ସାମରିକ ଘାଟିମାନ ଇଉରୋପୀୟ ଦେଶମାନଙ୍କରେ ଅଛି ତେଣୁ ନାଟୋରୁ ଓହରିବା ଦ୍ୱାରା ସେ କ୍ଷତିଗ୍ରସ୍ତ ହିଁ ହେବ।

ଆମେରିକୀୟ ନାଭାଲ ୱାର କଲେଜ୍ ତରଫରୁ ସମ୍ପ୍ରତି ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଚାଇନା ତାଇୱାନ୍ ଅକ୍ତିଆର କରିବା ପାଇଁ ଗୋପନ ପ୍ରସ୍ତୁତି ଚଳାଇଛି। ତାଇୱାନ୍ ଓ ଆମେରିକାର ଘନିଷ୍ଠ ସମ୍ପର୍କ ରହିଆସିଛି। ଯଦି ଚୀନ ତାଇୱାନ୍ ଆକ୍ରମଣ କରେ ତେବେ ତାଇୱାନର ସୁରକ୍ଷା ପାଇଁ ଆମେରିକା ଓ ଚୀନ ମୁହାଁମୁହିଁ ହେବେ। ଯଦି ଆମେରିକା ନାଟୋର ସଦସ୍ୟ ଥାଏ, ତେବେ ଆର୍ଟିକିଲ୍-୫ ଅନୁସାରେ ସମଗ୍ର ମେଣ୍ଟଭୁକ୍ତ ଦେଶ ଚୀନ୍ ବିରୁଦ୍ଧରେ ଲଢ଼ିବେ। ଅନ୍ୟଥା ଆମେରିକା ଚୀନ୍‌ର ପ୍ରତିରୋଧରେ ଏକା ପଡ଼ିଯିବ। ତେଣୁ ନାଟୋରେ ରହିବା ଆମେରିକା ପକ୍ଷରେ ନିଶ୍ଚିତ ଭାବରେ ଲାଭଦାୟକ।

ସେହିପରି ଆମେରିକାକୁ ନାଟୋରୁ ବାଦ୍ ଦେବା ଇଉରୋପ ପାଇଁ ମଧ୍ୟ ବିପଜ୍ଜନକ ହୋଇପାରେ, କାରଣ ରୁଷ୍ ୟୁକ୍ରେନ୍ ଯୁଦ୍ଧ ଏବେ ମଧ୍ୟ ଚାଲିଛି। ଯଦି ଏଥିରେ ରଷ୍ ବିଜୟ ଲାଭ କରେ, ସେ ଇଉରୋପ୍‌କୁ ଭବିଷ୍ୟତରେ ଆକ୍ରମଣ କରିପାରେ। ଏହାକ କେନ୍ଦ୍ର କରି ନାଟୋର ମୁଖ୍ୟ ମାର୍କ ରୁଟେ କହିଛନ୍ତି ଯେ, ଆମେରିକାକୁ ବାଦ୍‌ଦେଇ ଇଉରୋପୀୟ ରାଷ୍ଟ୍ରସଂଘ କେବେ ବି ରୁଷ୍‌ର ମୁକାବିଲା କରିପାରିବେ ନାହିଁ। ତେଣୁ ଶେଷରେ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହୋଇପାରିବା ଯେ, ଯଦିଓ ଆମେରିକା ଓ ନାଟୋ ମଧ୍ୟରେ ବିବାହ ଅଶାନ୍ତିରେ ପରିପୂର୍ଣ୍ଣ, ସେଥିରେ ଛାଡ଼ପତ୍ରର ଆଶଙ୍କା ନାହିଁ କହିଲେ ଚଳେ। କାରଣ ଉଭୟ ପକ୍ଷ ପରସ୍ପର ଉପରେ ନିର୍ଭରଶୀଳ।

**ମେଡିକାଲ ଅଫିସର, ଓଡ଼ିଶା ସ୍ୱାସ୍ଥ୍ୟ ସେବା, ଭୁବନେଶ୍ୱର**
**ମୋବାଇଲ୍:୮୧୪୪୦୪୨୯୯୭**

## ବାସମତୀ ଚାଉଳକୁ ନେଇ ପାକିସ୍ତାନର ନୂଆ ରଣନୀତି

# ମଧ୍ୟପ୍ରାଚ୍ୟ ବଜାରରେ ଭାରତକୁ ଟକ୍କର ଦେବ



ନୂଆଦିଲ୍ଲୀ,୨୩।୬: ଭାରତ ଏବଂ ପାକିସ୍ତାନ ଦୀର୍ଘ ଦିନ ଧରି ବାସୁମତୀ ଚାଉଳକୁ ନେଇ ପ୍ରତିଦ୍ୱନ୍ଦ୍ୱିତାରେ ବ୍ୟସ୍ତ ଅଛନ୍ତି। ଉଭୟ ଦେଶ ମଧ୍ୟପ୍ରାଚ୍ୟ ଏବଂ ୟୁରୋପର ବଜାରରେ ବିକ୍ରୟ ବୃଦ୍ଧି କରିବାକୁ ଚେଷ୍ଟା କରିଆସୁଛନ୍ତି। ଭାରତ ବିଶ୍ୱର ସବୁଠାରୁ ବଡ଼ ବାସୁମତୀ ଚାଉଳ ଉତ୍ପାଦନକାରୀ ଏବଂ ରପ୍ତାନିକାରୀ ଦେଶ, ଯେତେବେଳେ ପାକିସ୍ତାନ ମଧ୍ୟ ୟୁଏଇ, ସାଉଦି ଆରବ, ଇରାନ, ଇରାକ, କୁଓ୍ୱେତ, କାତାର, ଓମାନ, ୟୁକେ ଏବଂ ସମଗ୍ର ୟୁରୋପରେ ଏହାର ବଜାର ଉପସ୍ଥିତିକୁ ବିସ୍ତାର କରିବାକୁ ଚେଷ୍ଟା କରୁଛି। ୟୁଏଇ ସୁପରମାର୍କେଟଗୁଡ଼ିକରେ,'୧୧୨୧ ବାସୁମତୀ ଚାଉଳ'ର ପ୍ୟାକେଟଗୁଡ଼ିକରେ ପ୍ରାୟତଃ ଜିରାଫର ଏକ ନିକଟତମ ପ୍ରତିଛବି ଦେଖାଯାଏ ଯାହା ଦ୍ୱାରା ଶସ୍ୟର ଲମ୍ବ ଦୃଶ୍ୟମାନ ଭାବରେ ଦର୍ଶାଯାଇପାରିବ। 'ଦାଓ୍ୱତ' ଏବଂ 'ଇଣ୍ଡିଆ ଗେଟ' ଭଳି ବ୍ରାଣ୍ଡଗୁଡ଼ିକ ମଧ୍ୟ ସାଧାରଣତଃ ସେଲଫରେ ମିଳିଥାଏ।

'୧୧୨୧ ବାସୁମତୀ' କିସମ ଭାରତୀୟ ବୈଜ୍ଞାନିକ ବିଜୟ ପାଲ ସିଂହଙ୍କ ଦ୍ୱାରା ବିକଶିତ ହୋଇଥିଲା; ଏହାର ବିକାଶ ପ୍ରାୟ ୨୦ ବର୍ଷ ନେଇଥିଲା। ଏହି କିସମ ଭାରତ ପାଇଁ ରାଜସ୍ୱର ଏକ ପ୍ରମୁଖ ଉତ୍ସ, ଯାହା ବାର୍ଷିକ ପ୍ରାୟ ୨୫ ହଜାର କୋଟି ଟଙ୍କା ରୋଜଗାର କରିଥାଏ। ଭାରତର ସବୁଠାରୁ ବଡ଼ କ୍ରେତା ହେଉଛନ୍ତି ସାଉଦି ଆରବ, ଇରାନ ଏବଂ ଇରାକ। ପାକିସ୍ତାନର ପ୍ରମୁଖ ବଜାରରେ ୟୁଏଇ, ସାଉଦି ଆରବ ଏବଂ ଇରାନ ଅନ୍ତର୍ଭୁକ୍ତ, ଯାହା ମଧ୍ୟପ୍ରାଚ୍ୟକୁ ଉଭୟ ଦେଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର କରିଥାଏ।

ଇରାନ ଏବଂ ଆମେରିକା ମଧ୍ୟରେ ଏକ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେବା ପରେ, ହର୍ମୁଜ ପ୍ରଣାଳୀ ଦେଇ ପରିବହନ ସ୍ୱାଭାବିକ ହେବା ଆରମ୍ଭ ହୋଇଛି। ଏହା ଉଭୟ ଦେଶର ବ୍ୟବସାୟୀଙ୍କ ମଧ୍ୟରେ କଳ୍ପନାଜଳ୍ପନା ସୃଷ୍ଟି କରିଛି ଯେ ପାକିସ୍ତାନ ଭାରତରୁ ବଜାର ଅଂଶ ହାସଲ କରିବା ପାଇଁ ଏହି ସୁଯୋଗକୁ ହାତଛଡ଼ା କରିପାରିବ କି ନାହିଁ। ପାକିସ୍ତାନ ଏହାର ରପ୍ତାନିକାରୀମାନଙ୍କୁ ଟିକସ ଫେରସ୍ତ ପ୍ରଦାନ କରି କମ ମୂଲ୍ୟରେ ଚାଉଳ ବିକ୍ରୟ କରିବାରେ ସାହାଯ୍ୟ କରିବା ପାଇଁ ଏକ ନୂତନ ଯୋଜନା ଆରମ୍ଭ କରିଛି। ଏହି ଯୋଜନା ଅଧୀନରେ, ଯଦି ବାସୁମତୀ ଚାଉଳର ମୂଲ୍ୟ ପ୍ରତି ଟନ ୭୫୦ ଡଲାର କିମ୍ବା ତା'ଠାରୁ ଅଧିକ ହୁଏ ତେବେ ୯ ପ୍ରତିଶତ ଟିକସ ଫେରସ୍ତ ପ୍ରଦାନ କରାଯାଏ।

କମ ମୂଲ୍ୟର ଚାଉଳ ପାଇଁ ୩ ପ୍ରତିଶତ ଲାଭ ପ୍ରଦାନ କରାଯାଏ। ଏହା ସୂଚିତ କରେ ଯେ ପାକିସ୍ତାନ ଏହାର ରପ୍ତାନିକାରୀମାନଙ୍କୁ ସବସିଡି ଦେଇ ଅନ୍ତର୍ଜାତୀୟ ବଜାରରେ ପ୍ରତିଯୋଗିତାମୂଳକ ହାରରେ ଚାଉଳ ବିକ୍ରୟ କରିବାକୁ ଚେଷ୍ଟା କରୁଛି। ତଥାପି, ଏପର୍ଯ୍ୟନ୍ତ ଏହି ଯୋଜନା କୌଣସି ଗୁରୁତ୍ୱପୂର୍ଣ୍ଣ ଫଳାଫଳ ଦେଇନାହିଁ; ରିପୋର୍ଟଗୁଡ଼ିକ ସୂଚିତ କରେ ଯେ ଫେବୃଆରୀରେ ପାକିସ୍ତାନର ଚାଉଳ ରପ୍ତାନି ୩୫ ପ୍ରତିଶତ ରୁ ଅଧିକ ହ୍ରାସ ପାଇଛି, ବାସମତୀ ଚାଉଳରୁ ସୃଷ୍ଟି ହୋଇଥିବା ପରିମାଣ ଏବଂ ରାଜସ୍ୱରେ ହ୍ରାସ ରେକର୍ଡ କରାଯାଇଛି। ଭାରତ ବାସୁମତୀ ଚାଉଳର ସର୍ବବୃହତ ରପ୍ତାନିକାରୀ ଭାବରେ ରହିଛି, ବାର୍ଷିକ ଲକ୍ଷ ଲକ୍ଷ ଟନ ବିଦେଶକୁ ପଠାଉଛି। କେବଳ ଏପ୍ରିଲ ୨୦୨୬ରେ, ଭାରତ ପ୍ରାୟ ୪୭୦,୦୦୦ ଟନ ଚାଉଳ ରପ୍ତାନି କରିଥିଲା, ଯାହାର ମୋଟ ବାର୍ଷିକ ଆୟ କୋଟି କୋଟି ଡଲାରରେ ପହଞ୍ଚିଥିଲା। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ପାକିସ୍ତାନ ମୂଲ୍ୟ ହ୍ରାସ କରି କିଛି ବଜାରରେ ଭାରତ ସହିତ ପ୍ରତିଯୋଗିତା କରିପାରେ, କିନ୍ତୁ ଭାରତର ଶକ୍ତି ଏହାର ବିଶାଳ ଉତ୍ପାଦନ କ୍ଷମତା, ଦୃଢ଼ ବ୍ରାଣ୍ଡ ଏବଂ ପ୍ରତିଷ୍ଠିତ ବାଣିଜ୍ୟ ନେଟଓ୍ୱାର୍କରେ ରହିଛି। ସାଉଦି ଆରବ, ୟୁଏଇ, କୁଏତ, କାତାର ଏବଂ ଓମାନ ଭଳି ଦେଶରେ ଭାରତ ଏକ ବହୁତ ଦୃଢ଼ ବଜାର ସ୍ଥିତି ରଖିଛି। ଯଦିଓ ପାକିସ୍ତାନ କମ ମୂଲ୍ୟରେ ବିକ୍ରୟ କରି ଏକ ଅସ୍ଥାୟୀ ଲାଭ ପାଇପାରେ, ଭାରତ ଦୀର୍ଘକାଳୀନ ଭାବରେ ବାସମତୀ ବଜାରରେ ନିଜର ପ୍ରାଧାନ୍ୟ ବଜାୟ ରଖିପାରେ।

## ବିଧାନସଭାରେ ଷ୍ଟାଲିନଙ୍କ ନକଲ କଲେ ସିଏମ୍ ବିଜୟ

ଚେନ୍ନାଇ,୨୩।୬: ତାମିଲନାଡୁ ବିଧାନସଭାରେ ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟଙ୍କ ଭାଷଣର ଶେଷ ଭାଗ ମଧ୍ୟ ସେତିକି ଚର୍ଚ୍ଚାରେ ରହିଥିଲା, ଯେତିକି ତାଙ୍କର ସମ୍ପୂର୍ଣ୍ଣ ସମ୍ବୋଧନ ଥିଲା। ଭାଷଣ ଶେଷ କରିବା ପୂର୍ବରୁ ବିଜୟ ବାଚସ୍ପତିଙ୍କଠାରୁ ଅନୁମତି ମାଗିଥିଲେ ଏବଂ ତା'ପରେ ଏକ ସ୍ୱତନ୍ତ୍ର ଫିଲ୍ମ ଶୈଳୀରେ ହାତରେ ଇସାରା କରିଥିଲେ। ଏହି ଦୃଶ୍ୟ ଦେଖିବା ମାତ୍ରେ ଗୃହରେ ଉପସ୍ଥିତ ଥିବା ବିଧାୟକମାନେ କରତାଳି ଦେବା ଆରମ୍ଭ କରିଦେଇଥିଲେ ଏବଂ ଦେଖୁଦେଖୁ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଗଲା।



ତାମିଲନାଡୁ ବିଧାନସଭାରେ ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟଙ୍କ ଭାଷଣ ମଙ୍ଗଳବାର କେବଳ ରାଜନୈତିକ ବୟାନବାଜି ମଧ୍ୟରେ ସୀମିତ ରହିନଥିଲା। ଭାଷଣ ଚାଲିଥିବା ସମୟରେ ଯେତେବେଳେ ବିଜୟ ଡିଏମକେ ସରକାରଙ୍କ କଥିତ ଦୁର୍ନୀତି ଉପରେ ନିଶାନା ସାଧିଥିଲେ। ଡିଏମକେ ବିଧାୟକମାନେ ଏହାକୁ ବିରୋଧ କରି ପ୍ରଦର୍ଶନ କରିଥିଲେ ଏବଂ ପରେ ଗୃହରୁ ୱାକଆଉଟ କରିଥିଲେ।

କିନ୍ତୁ ସମ୍ପୂର୍ଣ୍ଣ ଘଟଣାକ୍ରମର ସବୁଠାରୁ ଚର୍ଚ୍ଚିତ ମୁହୂର୍ତ୍ତ ସେତେବେଳେ ଆସିଥିଲା, ଯେତେବେଳେ ଭାଷଣ ଶେଷ କରିବା ପରେ ବିଜୟ ବାଚସ୍ପତିଙ୍କ ଅନୁମତି ନେଇ ନିଜର ପୁରୁଣା ଫିଲ୍ମ ଅନ୍ଦାଜରେ ଏକ ସ୍ୱତନ୍ତ୍ର ସିନେମା ଶୈଳୀର ଇସାରା କରିଥିଲେ। ଗୃହରେ ଉପସ୍ଥିତ ଥିବା ସଦସ୍ୟମାନେ କିଛି ସମୟ ପାଇଁ ଆଶ୍ଚର୍ଯ୍ୟ ହୋଇଯାଇଥିଲେ, ଅପରପକ୍ଷରେ ଏହି ଦୃଶ୍ୟ ସୋସିଆଲ ମିଡିଆରେ ତୁରନ୍ତ ଚର୍ଚ୍ଚାର ବିଷୟ ପାଲଟିଗଲା। ଅନେକ ଲୋକ ବିଜୟଙ୍କର ଏହି ଶୈଳୀକୁ ମୁଖ୍ୟମନ୍ତ୍ରୀ ଏମ.କେ. ଷ୍ଟାଲିନଙ୍କର ସେହି ଚର୍ଚ୍ଚିତ ହାତ ଇସାରା ସହିତ ତୁଳନା କରିଛନ୍ତି, ଯାହାର ଭିଡିଓ ଚଳିତ ବର୍ଷ ବେଶ ଭାଇରାଲ ହୋଇଥିଲା। କଂଗ୍ରେସ ସହ ଆସନ ବଣ୍ଟନ ଆଲୋଚନା ପରେ ଡିଏମକେ ମୁଖ୍ୟାଳୟରୁ ବାହାରିବା ସମୟରେ ଷ୍ଟାଲିନ ହାତ ଟେକି ଏହି ସଙ୍କେତ ଦେଇଥିଲେ।

## ଇସ୍ତଫା ଦେଲେ ମୋଦିଙ୍କ କେନ୍ଦ୍ରମନ୍ତ୍ରୀ



ନୂଆଦିଲ୍ଲୀ,୨୩।୬: କେନ୍ଦ୍ରମନ୍ତ୍ରୀ ଜର୍ଜ କୁରିଆନ ଇସ୍ତଫା ଦେଇଛନ୍ତି। ସେ ମୋଦି ସରକାରରେ ମତ୍ସ୍ୟପାଳନ ଏବଂ ସଂଖ୍ୟାଲଘୁ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭାବରେ କାର୍ଯ୍ୟ କରୁଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜର୍ଜ କୁରିଆନଙ୍କ ଇସ୍ତଫା ଗ୍ରହଣ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ଅନୁଯାୟୀ ଏବଂ ସମ୍ବିଧାନର ଧାରା ୭୫ର ଧାରା (୨) ଅନୁଯାୟୀ, ଭାରତର ରାଷ୍ଟ୍ରପତି ତୁରନ୍ତ ପ୍ରଭାବରେ କେନ୍ଦ୍ର ମନ୍ତ୍ରୀ ପରିଷଦରୁ ଜର୍ଜ କୁରିଆନଙ୍କ ଇସ୍ତଫା ଗ୍ରହଣ କରିଛନ୍ତି। ଜର୍ଜ କୁରିଆନ ଜଣେ କେରଳ ଭାଜପା ନେତା। ତାଙ୍କୁ ରାଜ୍ୟ ନିର୍ବାଚନ ପରିପ୍ରେକ୍ଷୀରେ ରାଜ୍ୟ ସଭାକୁ ପଠାଯାଇଥିଲା। ତାଙ୍କର କାର୍ଯ୍ୟକାଳ ଜୁନ ୨୧ରେ ଶେଷ ହୋଇଥିଲା। ଭାଜପା ପୂର୍ବରୁ ସୂଚିତ କରିଥିଲା ଯେ ଏହା ଜର୍ଜ କୁରିଆନଙ୍କୁ ପୁନର୍ବାର ରାଜ୍ୟ ସଭାକୁ ପଠାଇବ ନାହିଁ। ଏହା ବଦଳରେ, ମଧ୍ୟପ୍ରଦେଶରୁ ଭାରତୀୟ ଜନତା ପାର୍ଟିର ସାଧାରଣ ସମ୍ପାଦକ ତରୁଣ ଚୁଗଙ୍କୁ ରାଜ୍ୟ ସଭା ମନୋନୟନ କରାଯାଇଥିଲା।

## ଖାନ୍ ସାରଙ୍କ କୋଚିଂ ସେଣ୍ଟର ସିଲ୍




ପାଟନା, ୨୩।୬: ରାଜଧାନୀ ଲକ୍ଷ୍ନୌର ଅଲୀଗଞ୍ଜ ଅଞ୍ଚଳରେ ସୋମବାର କୋଚିଂ ସେଣ୍ଟରରେ ଭୟାନକ ଅଗ୍ନିକାଣ୍ଡ ପରେ ପୂରା ରାଜ୍ୟରେ ଏବେ ଜୋରଦାର ଚଢଉ ଜାରି ରହିଛି। ସଙ୍ଗମ ନଗର ପ୍ରୟାଗରାଜରେ ବି ପ୍ରୟାଗରାଜ ବିକାଶ ପ୍ରାଧିକରଣର ଉପାଧ୍ୟକ୍ଷ ଋଷି ରାଜଙ୍କ ଆଦେଶରେ କୋଚିଂ ସେଣ୍ଟର ଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ମାନଦଣ୍ଡ ପୂରଣ ନ କରିବାରୁ ସିଭିଲ ଲାଇନ୍ସ ସ୍ଥିତ ଥିବା ଖାନ୍ ସାରଙ୍କ ଗ୍ଲୋବାଲ୍ କ୍ଲାସେସ କୋଚିଂକୁ ସିଲ୍ କରାଯାଇଛି। ଜୋନ୍ ସଂଖ୍ୟା ୧ର ଜୋନାଲ ଅଧିକାରୀ ଗଙ୍ଗେଶ କୁମାର ସିଂହଙ୍କ ନେତୃତ୍ୱରେ ପିଡିଏର ପ୍ରବର୍ତ୍ତନ ଟିମ୍ ଖାନ୍ ଗ୍ଲୋବାଲ କ୍ଲାସେସକୁ ସିଲ୍ କରାଯାଇଛି। କୋଚିଂ ସିଲ୍ କରିବା ପୂର୍ବରୁ ଛାତ୍ରଛାତ୍ରୀମାନଙ୍କୁ ବାହାରକୁ ବାହାର କରାଯାଇଛି। ଅଫିସ ବି ବନ୍ଦ କରାଯାଇଛି। ଯାହା ପରେ ସିଲ୍ କରାଯାଇଥିଲା। ସିଲ୍ ପରେ କୋଚିଂ ବାହାରେ ନୋଟିସ୍ ଲଗାଯାଇଥିଲା। ବିନା ଅନୁମତିରେ ପୁନଃର୍ବାର କୋଚିଂ ଆରମ୍ଭ କରାଯିବା ଉପରେ ମାମଲା ରୁଜୁ କରିବାର ଚେତାବନୀ ଦିଆଯାଇଛି।

## ଦଳରୁ ୮ ନେତାଙ୍କୁ ବହିଷ୍କାର କଲେ ମମତା



କୋଲକାତା,୨୩।୬: ସୋମବାର ମମତା ବିଦ୍ରୋହୀଙ୍କ ଉପରେ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅରୂପ ରାୟ, ଫିରହାଦ ହାକିମ୍‌ଙ୍କ ସହିତ ୮ ଜଣଙ୍କୁ ଦଳରୁ ବାହାର କରିଛନ୍ତି। ତୃଣମୂଳ କଂଗ୍ରେସରୁ ବହିଷ୍କୃତ ନେତାଙ୍କ ଭିତରେ ଜାଭେଦ ଅହମ୍ମଦ ଖାନ୍, ଫିରହାଦ୍ ହକିମ୍, ଅରୂପ୍ ରାୟ, ରଥିନ ଘୋଷ, ବିପ୍ଲବ ମିତ୍ରା, ସବିନା ୟାସମିନ୍, ଅରୂପ ବିଶ୍ୱାସ ଓ ସ୍ନେହାଶିଷ ଚକ୍ରବର୍ତ୍ତୀ ରହିଛନ୍ତି। ଏହା ପୂର୍ବରୁ ଟିଏମ୍‌ସି ଏହି ସବୁ ନେତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରି ଜବାବ ମାଗିଛି। ଏହି କାର୍ଯ୍ୟାନୁଷ୍ଠାନ ଏଭଳି ସମୟରେ ହୋଇଛି, ଯେତେବେଳେ ପଶ୍ଚିମବଙ୍ଗ ବିଧାନସଭାରେ ବିରୋଧି ନେତା ରୀତାବ୍ରତ ବାନାର୍ଜୀଙ୍କ ନେତୃତ୍ୱାଧୀନ ଗୋଷ୍ଠୀ ସୋମବାର ଦଳ ଭିତରେ ନୂଆ ସଂଗଠନାତ୍ମକ ସଂରଚନା ତିଆରି କରିବାର ଘୋଷଣା କରିଥିଲେ। ବିଦ୍ରୋହୀ ଗୋଷ୍ଠୀର ଏକ ସ୍ୱତନ୍ତ୍ର ବୈଠକ ଆୟୋଜିତ କରି ଅଲ୍ ଇଣ୍ଡିଆ ତୃଣମୂଳ କମିଟି ଓ ୩୦ ସଦସ୍ୟ ବିଶିଷ୍ଟ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ଚୟନ କରାଯାଇଥିଲା।

## ତ୍ରିଶା-ବିଜୟଙ୍କ ଭିତରେ ଫାଟ ଚର୍ଚ୍ଚା!



ଚେନ୍ନାଇ,୨୩।୬: ତ୍ରିଶା କୃଷ୍ଣନ୍ ସମ୍ପର୍କରେ ଏକ ଆଶ୍ଚର୍ଯ୍ୟଜନକ ଖୁଲାସା ସାମ୍ନାକୁ ଆସିଛି। ଇଣ୍ଟରନେଟରେ ଚର୍ଚ୍ଚା ଜୋର ଧରିଛି ଯେ, ତ୍ରିଶା ଇନଷ୍ଟାଗ୍ରାମରେ ବିଜୟଙ୍କୁ ଅନଫଲୋ କରିଛନ୍ତି। ଏହା ସେତେବେଳେ ପ୍ରକାଶ ପାଇଲା, ଯେତେବେଳେ ଅନେକ ଲୋକ ବିଜୟଙ୍କୁ ତାଙ୍କ ୫୨ ତମ ଜନ୍ମଦିନରେ ଶୁଭେଚ୍ଛା ଜଣାଇଥିଲେ, କିନ୍ତୁ ତ୍ରିଶାଙ୍କ ମେସେଜ୍ କୌଣସି ସ୍ଥାନରେ ଦେଖାଯାଇ ନଥିଲା। ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଅଭିନେତା ବିଜୟ ୨୨ ଜୁନ୍ ୨୦୨୬ ରେ ତାଙ୍କର ୫୨ତମ ଜନ୍ମଦିନ ପାଳନ କରିଥିଲେ। ଏହି ଅବସର ବିଶେଷ ଥିଲା, କାରଣ ମୁଖ୍ୟମନ୍ତ୍ରୀ ହେବା ପରେ ଏହା ତାଙ୍କର ପ୍ରଥମ ଜନ୍ମଦିନ ଥିଲା। ଗତ କିଛି ବର୍ଷ ଧରି ଜନ୍ମଦିନର ଶୁଭେଚ୍ଛା ପାଇଁ ତ୍ରିଶା ବାରମ୍ବାର ଆସିଥାନ୍ତି, କିନ୍ତୁ ଏପରି ଏକ ବିଶେଷ ଅବସରରେ ଅଭିନେତ୍ରୀଙ୍କ ନୀରବତା ତୁରନ୍ତ ବୁଝାପଡୁନଥିଲା। ଆଉ ସେବେଠାରୁ ଲୋକମାନେ ତ୍ରିଶାଙ୍କୁ ନେଇ ପ୍ରଶ୍ନ ଉଠାଇବା ଆରମ୍ଭ କରିଛନ୍ତି। ପ୍ରତ୍ୟେକ ବିଶେଷ ଅବସରରେ ତ୍ରିଶାଙ୍କୁ ସର୍ବଦା ବିଜୟଙ୍କ ପାଖରେ ଠିଆ ହୋଇଥିବାର ଦେଖାଯାଉଥିଲା, କିନ୍ତୁ ଏହି ନୀରବତା ଆଉ ଏକ ବଡ଼ ପ୍ରଶ୍ନ ଏବେ ଛିଡ଼ା କରିଛି। ତ୍ରିଶା ଇନଷ୍ଟାଗ୍ରାମରେ ୩ଶହ ଜଣ ସେଲିବ୍ରିଟି ଏବଂ ନିକଟତମ ବନ୍ଧୁଙ୍କୁ ଫଲୋ କରନ୍ତି, କିନ୍ତୁ ବିଜୟଙ୍କ ନାମ ଏଥିରେ ଅନ୍ତର୍ଭୁକ୍ତ ନାହିଁ। ଏହା ସ୍ପଷ୍ଟ ଭାବରେ ସୂଚିତ କରେ ଯେ ତ୍ରିଶା ଏବେ ତାଙ୍କୁ ଅନଫଲୋ କରିଛନ୍ତି। ତଥାପି, ବିଜୟଙ୍କ ସହିତ ଫଟୋ ଗୁଡ଼ିକ ତ୍ରିଶାଙ୍କ ଆକାଉଣ୍ଟରେ ଏବେ ବି ରହିଛି। ତେଣୁ, କଥା କ'ଣ ତାହା ସ୍ପଷ୍ଟ ଭାବରେ କହିବା କଷ୍ଟକର।

## ଥରୁର୍‌ଙ୍କୁ କଂଗ୍ରେସର ତୀବ୍ର ସମାଲୋଚନା



ଶ୍ରୀନଗର, ୨୩।୬: କଂଗ୍ରେସ ସାଂସଦ ଶଶି ଥରୁର୍ ପୁଣି ଥରେ ନିଜ ବୟାନକୁ ନେଇ ନିଜ ଦଳର ଟାର୍ଗେଟ ହୋଇଛନ୍ତି। ଥରୁର ରବିବାର ଜମ୍ମୁ-କାଶ୍ମୀର ଗସ୍ତରେ ଯାଇ ଶ୍ରୀନଗରରେ ଉପରାଜ୍ୟପାଳ ମନୋଜ ସିହ୍ନାଙ୍କୁ ଭେଟିଥିଲେ। ଏହାପରେ ଥରୁର ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ 'ଏକ୍ସ'ରେ ଲେଖିଥିଲେ, ଆମେ ଜମ୍ମୁ କଶ୍ମୀର ପରିସ୍ଥିତି ଓ ଏଥିରେ ହେଉଥିବା ଉନ୍ନତି ବିଷୟରେ ଆଲୋଚନା କରିଛୁ। ଚ୍ୟାଲେଞ୍ଜ ଏବେ ବି ରହିଛି, କିନ୍ତୁ ଏହି ଗସ୍ତ ପରେ ମୁଁ ଅଧିକ ସକାରାତ୍ମକ ଅନୁଭବ କରୁଛି। ଥରୁର୍‌ଙ୍କ ଏହି ପୋଷ୍ଟକୁ ଜମ୍ମୁ ଓ କାଶ୍ମୀର କଂଗ୍ରେସ ଓ ଯୁବ କଂଗ୍ରେସ ତୀବ୍ର ସମାଲୋଚନା କରିଛି। ଜମ୍ମୁ-କାଶ୍ମୀର କଂଗ୍ରେସର ମୁଖ୍ୟ ପ୍ରବକ୍ତା ରବିନ୍ଦର ଶର୍ମା କହିଛନ୍ତି, ଥରୁର୍‌ଙ୍କୁ କାଶ୍ମୀରର ଲୋକଙ୍କୁ ମଧ୍ୟ ଭେଟିବାର ଥିଲା, ଯଦ୍ୱାରା ସେ ବାସ୍ତବ ସ୍ଥିତିକୁ ଭଲ ଭାବରେ ଜାଣିପାରିଥାନ୍ତେ। ଯୁବ ନେତା ତଥା ଜମ୍ମୁ କଶ୍ମୀର ଛାତ୍ର ସଂଘର ଜାତୀୟ ସଂଯୋଜକ ନାସିର ଖୁଏହାମି ମଧ୍ୟ କଂଗ୍ରେସ ସାଂସଦଙ୍କୁ ସମାଲୋଚନା କରି କହିଛନ୍ତି ଯେ, ଥରୁରଙ୍କ ଭଳି ଜଣେ ସାଂସଦ କାଶ୍ମୀରରେ ଉପେକ୍ଷିତଙ୍କ ସ୍ୱର ନ ଶୁଣିବା ଅତ୍ୟନ୍ତ ନିରାଶାଜନକ। କାଶ୍ମୀର ପ୍ରତୀକାତ୍ମକ ଗସ୍ତ ଓ ସତର୍କତାର ସହିତ ସଂଯୋଜିତ ଆଲୋଚନା ଅପେକ୍ଷା ଅଧିକ କିଛି ପାଇବାକୁ ଯୋଗ୍ୟ।

## ପ୍ରେମିକ ସହ ମିଶି ଭାବୀ ସ୍ୱାମୀକୁ ହତ୍ୟା



ପୁଣେ, ୨୩।୬: ଇନ୍ଦୋରର ଚର୍ଚ୍ଚିତ ସୋନମ ରଘୁବଂଶୀ ମାମଲା ଭଳି ମହାରାଷ୍ଟ୍ରର ପୁଣେ ଜିଲ୍ଲାରୁ ଏକ ସ୍ତବ୍ଧ କଲାଭଳି ଘଟଣା ସାମ୍ନାକୁ ଆସିଛି। ବିବାହ ପ୍ରସ୍ତୁତି ଚାଲିଥିବା ବେଳେ ଜଣେ ଯୁବତୀ ନିଜ ପ୍ରେମିକ ସହ ମିଶି ନିଜ ଭାବୀ ସ୍ୱାମୀଙ୍କୁ ପାହାଡ଼ରୁ ୩୫୦ ଫୁଟ୍ ଗଭୀର ଖାଇକୁ ଠେଲି ହତ୍ୟା କରିଥିବା ଅଭିଯୋଗ ହୋଇଛି। ପ୍ରଥମେ ଏହାକୁ ଏକ ଦୁର୍ଘଟଣା କୁହାଯାଉଥିବା ବେଳେ ପୁଲିସ ତଦନ୍ତ ପରେ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଜଣାପଡ଼ିଛି। ୨୪ ବର୍ଷୀୟ କେତନ ଅଗ୍ରଓ୍ୱାଲ। ଆସନ୍ତା ମାସରେ ତାଙ୍କର ଜୟପୁରରେ ଭବ୍ୟ ବିବାହ ହେବାର ଥିଲା। ଭାବି ସ୍ୱାମୀ ସିୟା ଗୋୟଲ ଏବଂ ତାଙ୍କ ପ୍ରେମିକ ଚେତନ ଚୌଧୁରୀ। ପୁଣେର ପ୍ରସିଦ୍ଧ ଲୋହାଗଡ଼ ଦୁର୍ଗରେ ଏହି ଘଟଣା ଘଟିଛି।

ପୂର୍ବରୁ କେତନ ଓ ସିୟା ବାଲି ବୁଲିଯିବାର ଯୋଜନା ଥିଲା। ମାତ୍ର ସିୟା ନିଜ ପାସପୋର୍ଟକୁ ନିଜେ ଚିରି ଫିଙ୍ଗିଦେଇ ପାସପୋର୍ଟ ହଜିଯାଇଥିବା ନାଟକ କରି ଯାତ୍ରା ବାତିଲ କରିଥିଲେ। ପୁଲିସ ସୂଚନା ଅନୁସାରେ, ମେ ୩୧ ଓ ଜୁନ୍ ୧୪ ରେ ମଧ୍ୟ କେତନଙ୍କୁ ହତ୍ୟା କରିବାକୁ ଚେଷ୍ଟା କରାଯାଇଥିଲା। ଜୁନ୍ ୧୪ରେ କେତନଙ୍କୁ ସାପର ଭୟ ଦେଖାଇ ଖାଇ ଆଡ଼କୁ ନେବାକୁ ଚେଷ୍ଟା କରାଯାଇଥିଲା, ହେଲେ ସେ ବଞ୍ଚିଯାଇଥିଲେ। ସିୟାଙ୍କ ଜନ୍ମଦିନ ଅବସରରେ ପୁଣିଥରେ ଲୋହାଗଡ଼ ଟ୍ରେକିଂର ଯୋଜନା କରାଯାଇଥିଲା। ସେଠାରେ ପ୍ରେମିକ ଚେତନ ମଧ୍ୟ ପହଞ୍ଚିଥିଲେ। ଦୁହେଁ ମିଶି କେତନଙ୍କୁ ପାହାଡ଼ ଉପରୁ ୩୫୦ ଫୁଟ୍ ଗଭୀର ଖାଇକୁ ଠେଲି ଦେଇଥିଲେ, ଯାହାଫଳରେ ଘଟଣାସ୍ଥଳରେ ହିଁ କେତନଙ୍କ ମୃତ୍ୟୁ ହୋଇଥିଲା।

ପ୍ରଥମେ ଫଟୋ ଉଠାଇବା ବେଳେ ସନ୍ତୁଳନ ହରାଇ କେତନ ଖସିପଡ଼ିଥିବା କୁହାଯାଇଥିଲା। ମାତ୍ର ସିୟାଙ୍କ ସନ୍ଦେହଜନକ ବୟାନ ପରେ ପୁଲିସ ମୋବାଇଲ୍ କଲ୍ ରେକର୍ଡ, ସୋସିଆଲ ମିଡିଆ ଏବଂ ଡିଜିଟାଲ୍ ପ୍ରମାଣର ଯାଞ୍ଚ କରିଥିଲା। ଏଥିରୁ ସିୟା ଓ ଚେତନଙ୍କ ପ୍ରେମ ସମ୍ପର୍କ ଏବଂ ହତ୍ୟା ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ ହୋଇଛି। ପୁଣେ ଗ୍ରାମୀଣ ପୁଲିସ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି ଅଧିକ ପଚରାଉଚରା ଚଳାଇଛି।

## ବିଜେପି ନେତାଙ୍କ କ୍ଲିନିକ୍ ଉପରେ ଆକ୍ରମଣ

ଚଣ୍ଡିଗଡ଼,୨୩।୬: ବିଜେପି ନେତାଙ୍କୁ ଟାର୍ଗେଟ୍। ବୋମା ମାଡ଼ କଲେ ଦୁର୍ବୃତ୍ତ। ବିଜେପି ନେତାଙ୍କ ଦ୍ୱାରା ପରିଚାଳିତ ଏକ କ୍ଲିନିକ ଉପରେ ଦୁର୍ବୃତ୍ତମାନେ ପେଟ୍ରୋଲ ବୋମା ମାଡ କରି ଫେରାର ହୋଇଯାଇଛନ୍ତି। ଏପରି ଘଟଣା ସାମ୍ନାକୁ ଆସିଛି ପଞ୍ଜାବର ଭଟିଣ୍ଡାରେ।

ରିପୋର୍ଟ ଅନୁସାରେ, ପଞ୍ଜାବର ଟାଣୁଆ ବିଜେପି ନେତା ଡାକ୍ତର ତରଶେମ୍ ଗର୍ଗଙ୍କ କ୍ଲିନିକ୍ ଉପରେ ଆକ୍ରମଣ ହୋଇଛି। କ୍ଲିନିକରେ କିଛି ଦୁର୍ବୃତ୍ତ ବୋମାମାଡ଼ କରିଛନ୍ତି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ, ସୋମବାର ରାତିରେ କ୍ଲିନିକ୍ ପାଖକୁ ଦୁଇ ଜଣ ମୁଖା ପିନ୍ଧା ବ୍ୟକ୍ତି ଆସିଥିଲେ। ସେମାନଙ୍କ ମଧ୍ୟରୁ ଜଣେ କ୍ଲିନିକର ଗେଟ୍ ସମ୍ମୁଖରେ କିଛି ସମୟ ଠିଆ ହୋଇ ବୋମା ମାଡ଼ କରିଥିଲେ। ଅନ୍ୟ ଜଣେ ଏହି ଘଟଣାର ଭିଡିଓ ଉତ୍ତୋଳନ କରିଥିବା ସ୍ଥାନୀୟ ଲୋକେ ଦେଖିଛନ୍ତି। ବୋମାମାଡ଼ ପରେ ପ୍ରବଳ ଶବ୍ଦ ହୋଇଥିଲା। ଲୋକେ ଏଣେତେଣେ ଦୌଡିଥିଲେ। ତେବେ କିଛି ସମୟ ପରେ ଘଟଣାସ୍ଥଳରେ ଗହଳି ହୋଇଯିବାରୁ ଦୁଇ ମୁଖାପିନ୍ଧା ଦୁର୍ବୃତ୍ତ ଫେରାର ହୋଇଯାଇଥିଲେ।



କ୍ଲିନିକରେ ବୋମାମାଡ଼ ସମୟରେ ନିଜେ ଡାକ୍ତର ଗର୍ଗ ଉପସ୍ଥିତ ଥିଲେ। ଘଟଣାକୁ ନେଇ ସେ କହିଛନ୍ତି ଯେ, ତାଙ୍କର କାହା ସହ ଶତ୍ରୁତା ନାହିଁ। କେହି କେବେ ତାଙ୍କୁ ଧମକ ଦେଇ ନାହାଁନ୍ତି। ପୂର୍ବରୁ ସେ ଆମ୍ ଆଦମୀ ପାର୍ଟିରେ ଥିଲେ। ଦଳର ଶ୍ରମସାମ୍ମୁଖ୍ୟର ସେ ସମ୍ପାଦକ ଥିଲେ। ପରେ ସେ ବିଜେପିରେ ସାମିଲ ହୋଇଥିଲେ।

**ଆମେରିକାକୁ ଇରାନର ସ୍ପଷ୍ଟ ବାର୍ତ୍ତା**

## ହର୍ମୁଜରେ ସ୍ଥାପନ ହେବ ହଟ୍‌ଲାଇନ୍



ତେହରାନ,୨୩।୬: ଯଦିଓ ଆମେରିକା ଏବଂ ଇରାନ ସ୍ୱିଜରଲ୍ୟାଣ୍ଡରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ସମୟରେ ଅନେକ ପ୍ରସଙ୍ଗରେ ଏକ ସହମତିରେ ପହଞ୍ଚିଥିଲେ, ତଥାପି ହର୍ମୁଜ ପ୍ରଣାଳୀ ସମ୍ପର୍କରେ ଇରାନର ମତ ପ୍ରାୟତଃ ଅପରିବର୍ତ୍ତିତ ଦେଖାଯାଉଛି। ତେହରାନର ମୁଖ୍ୟ ଆଲୋଚନାକାରୀ ମହମ୍ମଦ ବଘେର ଘଲିବାଫ୍ ସୋମବାର ସ୍ପଷ୍ଟ ଭାବରେ କହିଥିଲେ ଯେ ହର୍ମୁଜ ପ୍ରଣାଳୀ କେବେବି ଏହାର ଯୁଦ୍ଧ ପୂର୍ବ ସ୍ଥିତିକୁ ଫେରିପାରିବ ନାହିଁ, ଏବଂ ଏହା ମଧ୍ୟ କହିଥିଲେ ଯେ ଏହାର ପରିଚାଳନା 'ଇରାନୀ ବ୍ୟବସ୍ଥା ଅଧୀନରେ' କରାଯିବ।

ଆଲୋଚନା ପରେ ସ୍ୱିଜରଲ୍ୟାଣ୍ଡରୁ ଫେରିବା ସମୟରେ ଇରାନୀ ଗଣମାଧ୍ୟମ ସହିତ କଥାବାର୍ତ୍ତା ସମୟରେ, ଘଲିବାଫ୍ ହର୍ମୁଜ ପ୍ରଣାଳୀରେ ଏକ ଟେଲିଫୋନ ହଟଲାଇନ ସ୍ଥାପନ ପାଇଁ ଏକ ଚୁକ୍ତିନାମା ଉଲ୍ଲେଖ କରିଥିଲେ; ଏହାର ଲକ୍ଷ୍ୟ ହେଉଛି ଜାହାଜ ଚଳାଚଳ ସମୟରେ ଆମେରିକା ଏବଂ ଅନ୍ୟ ରାଷ୍ଟ୍ରଗୁଡ଼ିକ ସହିତ ଯେକୌଣସି ଭୁଲ ବୁଝାମଣାକୁ ରୋକିବା ଏବଂ ସମାଧାନ କରିବା। ସିଏନଏନ ରିପୋର୍ଟ ଅନୁଯାୟୀ, ଘଲିବାଫ୍ କହିଛନ୍ତି ଯେ ହର୍ମୁଜ ପ୍ରଣାଳୀ ପାଇଁ ଏକ ଟେଲିଫୋନ ହଟଲାଇନ ଏବଂ ଏକ ଉତ୍ସର୍ଗୀକୃତ କେନ୍ଦ୍ର ସ୍ଥାପନ କରାଯିବ, ଯାହା ଦ୍ୱାରା ଜାହାଜଗୁଡ଼ିକ କୌଣସି ଅସୁବିଧା ହେଲେ କେନ୍ଦ୍ର ସହିତ ଯୋଗାଯୋଗ କରିପାରିବେ। ଏହି ପଦକ୍ଷେପ ସୁରକ୍ଷା ଏବଂ ଟ୍ରାଫିକ ନିୟନ୍ତ୍ରଣକୁ ଉନ୍ନତ କରିବ ବୋଲି ଆଶା କରାଯାଉଛି। ସେ ଏହା ମଧ୍ୟ ଦୃଢ଼ କରିଛନ୍ତି ଯେ ଇରାନ ଅନ୍ତର୍ଜାତୀୟ ଆଇନ ପାଳନ କରିବ ଏବଂ ସମସ୍ୟା କିମ୍ବା ଭୁଲ ବୁଝାମଣାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବ। ଘଲିବାଫ୍ ଆହୁରି ମନ୍ତବ୍ୟ ଦେଇଛନ୍ତି ଯେ 'ଇରାନ କେବେବି ଆମେରିକାକୁ ଭରସା କରିନାହିଁ ଏବଂ କେବେ କରିବ ନାହିଁ।'

ସୋମବାର ଆମେରିକା ଅଗଷ୍ଟ ପର୍ଯ୍ୟନ୍ତ ଇରାନର ତୈଳ ରପ୍ତାନି ଉପରେ କିଛି କଟକଣାକୁ କୋହଳ କରିଥିଲା।

## ପରୀକ୍ଷା କେନ୍ଦ୍ର ବାହାରେ କାନ୍ଦି କାନ୍ଦି ଗଡ଼ିଗଲେ ବାପା



ନୂଆଦିଲ୍ଲୀ, ୨୩।୬: ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ହୃଦୟବିଦାରକ ଭିଡିଓ ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ମଧ୍ୟପ୍ରଦେଶର ବିଦିଶା ସହରରେ ଥିବା ସରକାରୀ ମହିଳା କଲେଜ ପରୀକ୍ଷା କେନ୍ଦ୍ର ବାହାରେ ଜଣେ ବାପା ନିଜ ଝିଅ ପାଇଁ କାନ୍ଦି କାନ୍ଦି, ହାତ ଯୋଡ଼ି ପ୍ରଶାସନିକ ଅଧିକାରୀମାନଙ୍କୁ ଗୁହାରି କରୁଥିବାର ଦେଖିବାକୁ ମିଳିଛି। ମାତ୍ର ୨ ମିନିଟ୍ ବିଳମ୍ବ ଯୋଗୁଁ ତାଙ୍କ ଝିଅ ନିଟ୍ ପୁନଃ-ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି ଏବଂ ଏହା ସହିତ ଝିଅର ଗୋଟିଏ ବର୍ଷର କଠିନ ପରିଶ୍ରମ ପାଣିରେ ପଡ଼ିଛି।

**ମାତ୍ର ୨ ମିନିଟ୍ ଡେରି**

ଭାଇରାଲ ଭିଡିଓ ଅନୁଯାୟୀ, ପରୀକ୍ଷାର୍ଥୀ ରାଗିଣୀ ବିଶ୍ୱକର୍ମା ଏବଂ ତାଙ୍କ ବାପା ସେହି ଦିନ ସକାଳୁ ନିଜ ଗାଁରୁ ପ୍ରାୟ ୭୦ କିଲୋମିଟର ଦୂର ପରୀକ୍ଷା କେନ୍ଦ୍ରକୁ ବାଇକ୍‌ରେ ବାହାରିଥିଲେ। ଏହି ଦୂରତା ହିଁ ଦର୍ଶାଉଛି ଯେ, ସେହି ଗରିବ ପରିବାର ଏବଂ ଝିଅ ପାଇଁ ଏହି ପରୀକ୍ଷା କେତେ ଗୁରୁତ୍ୱପୂର୍ଣ୍ଣ ଥିଲା। କିନ୍ତୁ ଭାଗ୍ୟ ସେମାନଙ୍କୁ ସହଯୋଗ କରିନଥିଲା। ରାସ୍ତାରେ ପ୍ରବଳ ବର୍ଷା ଯୋଗୁଁ ଅନେକ ସ୍ଥାନରେ ପାଣି ଜମି ରହିଥିଲା, ଯାହା ସେମାନଙ୍କ ଗାଡ଼ିର ଗତିକୁ ଧିମା କରିଦେଇଥିଲା। ଏହି ସମସ୍ୟା ଭିତରେ ରାସ୍ତାରେ ହଠାତ୍ ସେମାନଙ୍କ ମୋଟରସାଇକେଲ୍ ପଙ୍କଚର୍ ହୋଇଯାଇଥିଲା। ଯେତେବେଳେ ସେମାନେ କେନ୍ଦ୍ରରେ ପହଞ୍ଚିଲେ, ସେତେବେଳେ ସମୟ ଥିଲା ଅପରାହ୍ନ ୧ଟା ୩୨ ମିନିଟ୍। ନିୟମ ଅନୁଯାୟୀ ପରୀକ୍ଷା କେନ୍ଦ୍ରର ଗେଟ୍ ଠିକ୍ ୧ଟା ୩୦ ମିନିଟ୍‌ରେ ବନ୍ଦ ହୋଇସାରିଥିଲା। ମାତ୍ର ଦୁଇ ମିନିଟ୍‌ର ଏହି ବିଳମ୍ବ ସେମାନଙ୍କ ପାଇଁ କାଳ ସାଜିଥିଲା।

## ସମସ୍ତ ଗ୍ରାମବାସୀ ଗୋଟିଏ ପରିବାରର

ମୁମ୍ବାଇ ୨୩।୬: ଆମ ଦେଶରେ ଭିନ୍ନ ଭିନ୍ନ ସମୁଦାୟ, ଜାତି ଓ ପରିବାର ବଂଶାବଳୀ ଦ୍ୱାରା ଗାଁ ଗୁଡ଼ିକୁ ପରିଚୟ ମିଳେ। କିନ୍ତୁ ବିହାରରେ ଏକ ଗାଁ ଭିନ୍ନ କାରଣ ପାଇଁ ଚର୍ଚ୍ଚିତ। ଗାଁର ପ୍ରତ୍ୟେକ ବାସିନ୍ଦା ଗୋଟିଏ ବର୍ଦ୍ଧିତ ପରିବାରର ସଦସ୍ୟ। ଗାଁର ନାଁ ବି ସ୍ୱତନ୍ତ୍ର। ଚମ୍ପାରନ ଜିଲ୍ଲାର ପାହାଡ଼ପୁର ବ୍ଲକ୍‌ରେ ଅବସ୍ଥିତ ଏହି ନିଆରା ଗାଁର ନାଁ 'ଇଂଲିଶ'। ତେବେ କେବଳ ନାଁ ଏହି ଗାଁକୁ ନିଆରା କରିନି, ଗାଁର ପୂରା ଲୋକସଂଖ୍ୟାର ମୂଳ ଜଣେ ପୂର୍ବପୁରୁଷଙ୍କ ସହ ଯୋଡ଼ି ହୋଇଛି। ଗାଁର କାହାଣୀ ଅଷ୍ଟାଦଶ ଶତାବ୍ଦୀ ପୁରୁଣା ଏବଂ ଫଲି ସିଂହ ନାମକ ଜଣେ ବ୍ୟକ୍ତିଙ୍କଠୁ ଆରମ୍ଭ ହୋଇଥିଲା। ବ୍ରିଟିଶ ପ୍ରଶାସନ ଅଧୀନରେ ସେ ସୁବେଦାର ଥିଲେ। ଇଂଲିଶ ଗାଁର ଅନ୍ୟତମ ସବୁଠୁ ବୟସ୍କ ବ୍ୟକ୍ତି ସୁଦାମା ସିଂହ କହିଛନ୍ତି, ଏକ ସୈନ୍ୟ ଅଭିଯାନରେ ବିଜୟ ପରେ ବ୍ରିଟିଶ ପ୍ରଶାସନ ଦ୍ୱାରା ଫଲି ସିଂହ ପୁରସ୍କୃତ ହୋଇଥିଲେ। ମାନ୍ୟତା ସ୍ୱରୂପ ତାଙ୍କୁ ୫୧ ବିଘା ଜମି ମିଳିଥିଲା। ସେହି ଖଣ୍ଡେ ଜମି ଶେଷରେ ଏକ ଗାଁର ମୂଳଦୁଆ ପକାଇଲା।





ଶତାଧିକ ବର୍ଷ ପୂର୍ବେ ମିଳିଥିବା ଏହି ଜମିରେ ଆଜି ଇଂଲିଶ ଗାଁ ଗଢ଼ିଉଠିଛି। ୫୧ ବିଘା ମୂଳ ଜମିରୁ ପ୍ରାୟ ୨୫ ବିଘାରେ ଘର ନିର୍ମିତ ହୋଇଛି। ବଳକା କ୍ଷେତ୍ର ରାସ୍ତା ଓ ଚାଷ ଜମି ଭାବେ ବ୍ୟବହୃତ ହେଉଛି। ଗ୍ରାମବାସୀ ସାଇତି ରଖିଥିବା ଐତିହାସିକ ତଥ୍ୟ ଅନୁସାରେ, ପୁରସ୍କାର ସ୍ୱରୂପ ଜମି ପାଇବା ପରେ ଫଲି ସିଂହ ଏହାର ସୀମାଙ୍କନ କରାଇଥିଲେ। କିନ୍ତୁ ପରେ ସିୱାନ ଜିଲ୍ଲାର ମହାରାଜଗଞ୍ଜ ସ୍ଥିତ ନିଜର ପୈତୃକ ଗାଁ ରୂପନ୍ଦିପୁରକୁ ସେ ଫେରିଗଲେ। ତାଙ୍କ ପୁଅ ମହିପତ ସିଂହ ଏହି ଜମିକୁ ଫେରିଲେ ଏବଂ ସେଠାରେ ଏକ ଘର ନିର୍ମାଣ କଲେ। ସମୟ ବିତିବା ସହିତ ତାଙ୍କ ଭାଇ ସେଠାକୁ ଆସି ତାଙ୍କ ସହ ରହିଲେ ଏବଂ ଇଂଲିଶ ଗାଁର ମୂଳଦୁଆ ପକାଇଲେ। ସୁଦାମା ସିଂହଙ୍କ ଅନୁସାରେ, ଫଲି ସିଂହଙ୍କର ୪ ପୁଅ ଥିଲେ। ସେମାନଙ୍କ ବଂଶଧରଙ୍କ ଦ୍ୱାରା ହିଁ ପୂରା ଗାଁ ଗଢ଼ିଉଠିଛି। ପିଢ଼ି ପରେ ପିଢ଼ି ପରିବାର ବଢ଼ିଲେ,

### ଗାଁର ନାଁ ଇଂଲିଶ

କିନ୍ତୁ ବଂଶ ଅପରିବର୍ତ୍ତିତ ରହିଲା। ଆଜି ଇଂଲିଶ ଗାଁରେ ଗୋଟିଏ ପରିବାରର ପ୍ରାୟ ୧୨୫ ଘର ଅଛି। ଗାଁରେ ପ୍ରାୟ ୭୦୦ ପରିବାର ସଦସ୍ୟ ରହୁଛନ୍ତି।

ଇଂଲିଶ ଗାଁ ରାଜପୁତ ବସ୍ତି ଭାବେ ମଧ୍ୟ ବେଶ ପରିଚିତ। ଗାଁ ଲୋକଙ୍କ ଅନୁସାରେ, ବ୍ରିଟିଶ ପ୍ରଶାସନ ପରବର୍ତ୍ତୀ ସମୟରେ ଫଲି ସିଂହଙ୍କୁ 'ରାୟ' ଉପାଧିରେ ସମ୍ମାନିତ କରିଥିଲା। ତା'ପରେ ସେ ସୁବେଦାର ଫଲି ରାୟ ନାମରେ ପରିଚିତ ହେଲେ। ଗାଁରେ ରୂପାନ୍ତରିତ ହୋଇଥିବା ୫୧ ବିଘା ଜମି ସମେତ ଚାଷ ଉଦ୍ଦେଶ୍ୟରେ ସରାଇୟା ପଞ୍ଚାୟତରେ ତାଙ୍କୁ ଆଉ ୧୦୦ ବିଘା ଜମି ମଧ୍ୟ ମିଳିଥିଲା। ସ୍ୱାଧୀନତା ପରେ ଭାରତର ଭୂମି ସଂସ୍କାର ପଦକ୍ଷେପ ପରେ ଏହା ଏକ ଅଂଶ ଭଡ଼ାଟିଆ ଚାଷୀଙ୍କୁ ପୁନଃ ଆବଣ୍ଟିତ ହୋଇଥିଲା।

ଫିଫା ବିଶ୍ୱକପ୍-୨୦୨୬: ଆଲ୍‌ଜେରିଆର ସାନ୍ତ୍ୱନାମୂଳକ ବିଜୟ

# ହାଲାଣ୍ଡଙ୍କ ଡବଲ୍: ପ୍ରିକ୍ୱାର୍ଟରରେ ନରୱେ

ନ୍ୟୁଜର୍ସି,୨୩।୬(ସଂଚାର ବ୍ୟୁରୋ): ଚଳିତ ଫିଫା ବିଶ୍ୱକପ୍‌ରେ ଆଜି ଖେଳାଯାଇଥିବା ଗ୍ରୁପ୍-ଆଇ'ର ଏକ ମ୍ୟାଚ୍‌ରେ ନରୱେ ପ୍ରତିପକ୍ଷ ସେନେଗାଲ୍‌କୁ ୩-୨ ଗୋଲ୍‌ରେ ହରାଇ ପ୍ରତିଯୋଗିତାର ପ୍ରିକ୍ୱାର୍ଟର୍‌କୁ ଉନ୍ନୀତ ହୋଇଛି। ମ୍ୟାଚ୍‌ରେ ନରୱେର ତାରକା ଖେଳାଳି ଏର୍ଲିଂ ହାଲାଣ୍ଡଙ୍କ ଡବଲ୍ ଗୋଲ୍ ସ୍କୋର୍ କରି ଦଳର ବିଜୟକୁ ସହଜ କରିଥିଲେ। ଏଥିସହ ଚଳିତ ବିଶ୍ୱକପ୍‌ରେ ସେ ତାଙ୍କର ଗୋଲ୍ ସଂଖ୍ୟାକୁ ୪ରେ ପହଞ୍ଚାଇଛନ୍ତି। ମ୍ୟାଚ୍‌ର ୪୩ତମ ମିନିଟ୍‌ରେ ସବ୍‌ଷ୍ଟିଚ୍ୟୁଟ୍ ଖେଳାଳି ମାର୍କସ୍ ପେଡେରସନ୍ ପ୍ରଥମ ଗୋଲ୍ ଦେବା ପରେ ହାଲାଣ୍ଡ ୪୮ତମ ଓ ୫୮ତମ ମିନିଟ୍‌ରେ ଦୁଇଟି ଗୋଲ୍ ଦେବା ସହ ଦଳକୁ ୩-୧ରେ ଅଗ୍ରଣୀ କରାଇଥିଲେ। ସେହିପରି ସେନେଗାଲ୍ ପକ୍ଷରୁ ୫୩ତମ ମିନିଟ୍‌ରେ ଇସମେଲା ସାର୍ ଦୁଇଟିଯାକ ଗୋଲ୍ ଦେଇଥିଲେ। ସେ ୫୩ତମ ମିନିଟ୍‌ରେ ପ୍ରଥମ ଓ ୯୦+୩ତମ ମିନିଟ୍‌ରେ ଦ୍ୱିତୀୟ ଗୋଲ୍ ସ୍କୋର୍ କରିଥିଲେ। ଆଜିର ମ୍ୟାଚ୍ ପରେ ହାଲାଣ୍ଡ ଗୋଲ୍‌ଡେନ୍ ବୁଟ୍ ଦୌଡ଼ରେ



ଦ୍ୱିତୀୟ ସ୍ଥାନରେ ପହଞ୍ଚିଯାଇଛନ୍ତି। ଏକ ନମ୍ବରରେ ଆର୍ଜେଣ୍ଟିନାର ଲିଓନେଲ୍ ମେସି ଥିବା ବେଳେ ହାଲାଣ୍ଡଙ୍କ ସହ ଫ୍ରାନ୍ସର କିଲିଆନ୍ ଏମ୍‌ବାପେ ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନରେ ଅଛନ୍ତି।

ସେହିପରି ଆଜି ଖେଳାଯାଇଥିବା ଗ୍ରୁପ୍-ଜେ'ର ଏକ ମ୍ୟାଚ୍‌ରେ ଜୋର୍ଡାନ୍‌କୁ ୨-୧ରେ ପରାସ୍ତ କରି ଆଲ୍‌ଜେରିଆ ସାନ୍ତ୍ୱନାମୂଳକ ବିଜୟ ହାସଲ କରିଛି। ମ୍ୟାଚ୍‌ର ପ୍ରଥମ ଗୋଲ୍‌ଟି ଜୋର୍ଡାନ୍ ୩୬ତମ ମିନିଟ୍‌ରେ ଦେବା ସହ ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ଏହାକୁ ବଜାୟ ରଖିଥିଲା। କିନ୍ତୁ ଦ୍ୱିତୀୟାର୍ଦ୍ଧରେ ଆଲ୍‌ଜେରିଆ ପ୍ରଭାବଶାଳୀ ପ୍ରଦର୍ଶନ କରିଥିଲା। ଦଳ ପକ୍ଷରୁ ୬୯ତମ ମିନିଟ୍‌ରେ ନାଧିର ବେନ୍‌ବୋଲି ପ୍ରଥମ ଗୋଲ୍ ଦେଇ ସ୍ଥିତିକୁ ବରାବର କରିଥିଲେ। ପରେ ୮୨ତମ ମିନିଟ୍‌ରେ ଆମାଇନ୍ ଗୋଇରି ଦଳ ପକ୍ଷରୁ ଦ୍ୱିତୀୟ ଗୋଲ୍ ଦେଇଥିଲେ, ଯାହାକି ଶେଷରେ ବିଜୟସୂଚକ ଗୋଲ୍ ସାବ୍ୟସ୍ତ ହୋଇଥିଲା। ଏହି ଗ୍ରୁପ୍‌ରୁ ଆର୍ଜେଣ୍ଟିନା ପ୍ରଥମ ସ୍ଥାନରେ ଓ ଅଷ୍ଟ୍ରିଆ ଦ୍ୱିତୀୟ ସ୍ଥାନରେ ରହି ପ୍ରିକ୍ୱାର୍ଟର୍‌କୁ ଉନ୍ନୀତ ହୋଇଛନ୍ତି।



## ଆଜିଠାରୁ କଳିଙ୍ଗରେ ଜାତୀୟ ଆନ୍ତଃ-ରାଜ୍ୟ ସିନିୟର ଆଥଲେଟିକ୍ସ

ଭୁବନେଶ୍ୱର,୨୩।୬(ସଂଚାର ବ୍ୟୁରୋ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମଠାରେ ଆସନ୍ତାକାଲିଠାରୁ ୨୮ ତାରିଖ ପର୍ଯ୍ୟନ୍ତ ୬୫ତମ ଜାତୀୟ ଆନ୍ତଃ-ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିୟନସିପ୍-୨୦୨୬ ଅନୁଷ୍ଠିତ ହେବ। ଆଥଲେଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ସହଯୋଗରେ ଏହି ପ୍ରତିଯୋଗିତାର ଆୟୋଜନ କରୁଛନ୍ତି। ଏହି ଚାମ୍ପିୟନସିପ୍‌ଟି ଚଳିତ ବର୍ଷ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଜାପାନରେ ହେବାକୁ ଥିବା 'ଏସିଆନ ଗେମ୍ସ ୨୦୨୬' ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗ୍ୟତା ପର୍ଯ୍ୟାୟ (କ୍ୱାଲିଫାୟର୍)। ଏହି ୫ ଦିନିଆ ପ୍ରତିଯୋଗିତାରେ ଦେଶର ୨୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ପ୍ରାୟ ୬୩୦ ଜଣ ଶ୍ରେଷ୍ଠ ଆଥଲେଟ୍ (୩୪୨ ପୁରୁଷ ଓ ୨୮୮ ମହିଳା) ଭାଗ ନେଉଛନ୍ତି। ଏଥିରେ ମୋଟ ୪୫ଟି ମେଡାଲ୍ ଇଭେଣ୍ଟ ରହିଛି ଯେଉଁଥିରେ ଦୌଡ଼, ହାଇଜମ୍ପ, ଲଙ୍ଗଜମ୍ପ, ହର୍ଡଲ୍ସ ଓ ଜାଭେଲିନ୍ ଥ୍ରୋ ଭଳି ବିଭିନ୍ନ ଟ୍ରାକ୍ ଆଣ୍ଡ ଫିଲ୍ଡ ପ୍ରତିଯୋଗିତା ଅନ୍ତର୍ଭୁକ୍ତ।

ଏହି ପ୍ରତିଯୋଗିତାରେ ହରିୟାଣାରୁ ସବୁଠାରୁ ଅଧିକ ୭୦ ଜଣ ଆଥଲେଟ୍ ଭାଗ ନେଉଥିବା ବେଳେ ଓଡ଼ିଶାରୁ ୧୨ ଜଣ ମହିଳାଙ୍କ ସମେତ ମୋଟ ୨୮ ଜଣ ଆଥଲେଟ୍ ପ୍ରତିନିଧିତ୍ୱ କରୁଛନ୍ତି। ଓଡ଼ିଶାର ପ୍ରମୁଖ ଖେଳାଳି ଯେପରିକି ଜାଭେଲିନ୍ ତାରକା କିଶୋର ଜେନା, ଦୌଡ଼ରାଣୀ ଶ୍ରାବଣୀ ନନ୍ଦ, ଅନିମେଶ କୁଜୁର, ଲାଲୁ ପ୍ରସାଦ ଭୋଇ, ପ୍ରଜ୍ଞା ପ୍ରଶାନ୍ତି ସାହୁ ଓ ସବିତା ଟପ୍ପୋଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଏହି ଆୟୋଜନ ଓଡ଼ିଶାକୁ କ୍ରୀଡ଼ା କ୍ଷେତ୍ରରେ ଏକ ଅଗ୍ରଣୀ ସ୍ଥାନ ଭାବେ ପୁଣିଥରେ ପ୍ରତିଷ୍ଠିତ କରିବ। ଚଳିତ ବର୍ଷ ଅଗଷ୍ଟ ୨୨ ତାରିଖରେ ଓଡ଼ିଶା 'ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ସିଲଭର୍ ମିଟ୍' ମଧ୍ୟ ଆୟୋଜନ କରିବ।

## ସ୍କୁଲ ବସ୍ ଦୁର୍ଘଟଣାରେ ୯ ଛାତ୍ରଛାତ୍ରୀ ଆହତ



କୋଲକାତା, ୨୩।୬(ସଂଚାର ବ୍ୟୁରୋ): କାନ୍ଦିରେ ଏକ ସ୍କୁଲ ବସ୍ ସହିତ ଟ୍ରକର ମୁହାଁମୁହିଁ ଧକ୍କା। ଡ୍ରାଇଭରଙ୍କ ସମେତ ୯ ଜଣ ଛାତ୍ରଛାତ୍ରୀ ଆହତ ହୋଇଛନ୍ତି। ମଙ୍ଗଳବାର ଅପରାହ୍ନରେ କାନ୍ଦି-ବାରଣ୍ୟ ରାଜ୍ୟ ରାଜପଥର ଘୋଷବାଟି ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ସ୍ଥାନୀୟ ଲୋକମାନେ ଆହତମାନଙ୍କୁ ଉଦ୍ଧାର କରି କାନ୍ଦି ମହକୁମା ଡାକ୍ତରଖାନାକୁ ନେଇଯାଇଥିଲେ। ଏଦିନ ଅପରାହ୍ନରେ, କାନ୍ଦିର ଘନଶ୍ୟାମପୁରରୁ ଏକ ଘରୋଇ ସ୍କୁଲ ବସ୍ ଘୋଷବାଟି ଅଭିମୁଖେ ଯାଉଥିଲା। ଭିତରେ ପିଲାମାନେ ଝରକା ଦେଇ ବାହାରକୁ ଚାହିଁ ରହୁଥିଲେ ବା ପାଖରେ ବସିଥିବା ବନ୍ଧୁମାନଙ୍କ ସହିତ ଅନବରତ କଥାବାର୍ତ୍ତା କରୁଥିଲେ। ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି ଯେ ବସ୍ ଏବଂ ଟ୍ରକ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଧକ୍କାର ପ୍ରଭାବରେ ସ୍କୁଲ ବସ୍‌ର ସମ୍ମୁଖ ଭାଗ ଖଣ୍ଡ ବିଖଣ୍ଡିତ ହୋଇଯାଇଛି। ନଅ ଜଣ ଛାତ୍ରଛାତ୍ରୀ ଏବଂ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ଚିତ୍କାର ଶୁଣି ସ୍ଥାନୀୟ ବାସିନ୍ଦାମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ତୁରନ୍ତ ରକ୍ତାକ୍ତ ଛାତ୍ରଛାତ୍ରୀମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଯାଇଥିଲେ, ଏବଂ ସେମାନଙ୍କ ପରିବାରକୁ ମଧ୍ୟ ଜଣାଇଥିଲେ। କିଛି ଛାତ୍ରଛାତ୍ରୀଙ୍କ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ଅନ୍ୟମାନଙ୍କ ହାତରେ ଆଘାତ ଲାଗିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଯେ ସ୍କୁଲ ବସ୍ ପ୍ରାୟ ପ୍ରତିଦିନ ବେପରୁଆ ଭାବରେ ଚଲାଯାଉଛି। ଘଟଣାର ଖବର ପାଇବା ପରେ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ତୃଣମୂଳ ଉପାଧ୍ୟକ୍ଷ ଫାରୁକ ଗାଜି ଗିରଫ

କୋଲକାତା,୨୩।୬(ସଂଚାର ବ୍ୟୁରୋ): ଟାକି ପୌରସଭାର ତୃଣମୂଳ ଉପାଧ୍ୟକ୍ଷ ଫାରୁକ ଗାଜିଙ୍କୁ ଗିରଫ କରାଯାଇଛି। ତାଙ୍କୁ ସୋମବାର ବିଳମ୍ବିତ ରାତିରେ ବେଙ୍ଗାଲୁରୁର ଏକ ଗୁପ୍ତ ଆଡ୍ଡାରୁ ଗିରଫ କରାଯାଇଛି। ତାଙ୍କୁ ମଙ୍ଗଳବାର ବେଙ୍ଗାଲୁରୁର ଏକ ସ୍ଥାନୀୟ କୋର୍ଟରେ ହାଜର କରାଯାଇ ଟ୍ରାଞ୍ଜିଟ୍ ରିମାଣ୍ଡରେ ହସନାବାଦ ଥାନାକୁ ଅଣାଯାଉଛି। ଫାରୁକ ଗାଜିଙ୍କ ବିରୁଦ୍ଧରେ ଦୁର୍ନୀତିର ଅନେକ ଅଭିଯୋଗ ରହିଛି।

## ନିୟନ୍ତ୍ରଣ ହରାଇ ଓଲଟି ପଡ଼ିଲା ବସ୍, ଦୁଇଜଣ ମୃତ



କୋଲକାତା,୨୩।୬(ସଂଚାର ବ୍ୟୁରୋ): ହୁଗୁଳିର ଆରାମବାଗରେ ଏକ ଭୟଙ୍କର ବସ୍ ଦୁର୍ଘଟଣା ଘଟିଛି। ମଙ୍ଗଳବାର ସକାଳେ ଏକ ଯାତ୍ରୀବାହୀ ବସ୍ ଓଲଟି ପଡ଼ିବା ଫଳରେ ଦୁଇ ଜଣ ମହିଳା ଯାତ୍ରୀଙ୍କ ମୃତ୍ୟୁ ଘଟିଛି ଏବଂ ଅନ୍ୟ ୩୦ ଜଣ ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରୁ ଅନେକ ଏବେ ବି ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ତେବେ, ଆମ୍ବୁଲାନ୍ସ ଆସିବାରେ ବିଳମ୍ବକୁ ନେଇ ସ୍ଥାନୀୟ ଲୋକମାନେ ପ୍ରଶାସନ ଉପରେ ସେମାନଙ୍କର କ୍ରୋଧ ପ୍ରକାଶ କରିଛନ୍ତି। ସ୍ଥାନୀୟ ସୂତ୍ର ଅନୁଯାୟୀ, ଦୁର୍ଘଟଣାଗ୍ରସ୍ତ ବସ୍‌ଟି ବର୍ଦ୍ଧମାନ-ତାରକେଶ୍ୱର ରୁଟ୍‌ରେ ଚଳାଚଳ କରୁଥିଲା। ମଙ୍ଗଳବାର ସକାଳେ, ବସ୍‌ଟି ବର୍ଦ୍ଧମାନରୁ ତାରକେଶ୍ୱର ଅଭିମୁଖେ ଯାତ୍ରା କରୁଥିଲା ବେଳେ ହଠାତ୍ ନିୟନ୍ତ୍ରଣ ହରାଇ ଆରାମବାଗର ଆଦମବନ୍ଧ ଅଞ୍ଚଳରେ ରାସ୍ତା କଡ଼ରେ ଥିବା ଏକ ଖାତକୁ ଖସି ପଡ଼ିଥିଲା। ଜୋରଦାର ଦୁର୍ଘଟଣାରେ ସ୍ଥାନୀୟ ଲୋକମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଏବଂ ପ୍ରଥମେ ଏକାଠି ହୋଇ ଉଦ୍ଧାର କାର୍ଯ୍ୟରେ ସହାୟତା କରିଥିଲେ। ସୂଚନା ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୁଲିସ ଏବଂ ସ୍ଥାନୀୟ ସୂତ୍ର ଅନୁଯାୟୀ, ଘଟଣାସ୍ଥଳରେ ଦୁଇ ଜଣ ମହିଳା ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ଲକ୍ଷ୍ମୀ ମୁର୍ମୁ (୬୫) ଏବଂ ଶର୍ମିଳା ସୋରେନ (୩୫) ବୋଲି ଚିହ୍ନଟ କରାଯାଇଛି। ଉଭୟ ପୂର୍ବ ବର୍ଦ୍ଧମାନର ଧରନ ଅଞ୍ଚଳର ବାସିନ୍ଦା ଥିଲେ। ଦୁଇ ମହିଳା ତାରକେଶ୍ୱର ମନ୍ଦିର ଯାତ୍ରା କରୁଥିବା ତୀର୍ଥଯାତ୍ରୀ ଥିଲେ। ଅନ୍ୟ ଆହତ ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇ ଆରାମବାଗ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ବସ୍‌ରେ ପ୍ରାୟ ୫୦ ଜଣ ଯାତ୍ରୀ ଥିଲେ ଏବଂ ପ୍ରାୟ ସମସ୍ତଙ୍କୁ ବିଭିନ୍ନ ଗମ୍ଭୀରତାର ଆଘାତ ଲାଗିଛି।

● ଚାକିରି ଦେବା ନାମରେ ପ୍ରତାରଣାର ଅଭିଯୋଗ

## ଗିରଫ ହେଲେ ତୃଣମୂଳ କାଉନସିଲର



କୋଲକାତା,୨୩।୬(ସଂଚାର ବ୍ୟୁରୋ): ଚାକିରି ଦେବା ନାମରେ ପ୍ରତାରଣା ଅଭିଯୋଗରେ ତମଲୁକ ପୌରସଭାର ୧୮ ନମ୍ବର ୱାର୍ଡର ତୃଣମୂଳ କାଉନସିଲର କାନାଇଲାଲ ଦାସଙ୍କୁ ଗିରଫ କରାଯାଇଛି। ସୋମବାର ରାତିରେ ତମଲୁକ ଥାନାର ପୁଲିସ ତାଙ୍କୁ ଗିରଫ କରିଛି। ଗିରଫ କାଉନସିଲରଙ୍କୁ ମଙ୍ଗଳବାର ପୂର୍ବ ମେଦିନୀପୁରର ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ୍ (ସିଜେଏମ୍) କୋର୍ଟରେ ହାଜର କରିଥିଲେ। କାନାଇଲାଲ ତମଲୁକ ସହରର ଜଣେ ପ୍ରଭାବଶାଳୀ ତୃଣମୂଳ ନେତା ଚଞ୍ଚଳ ଖାଁଡାଙ୍କ ଘନିଷ୍ଠ ସହଯୋଗୀ ବୋଲି ପରିଚିତ। ଚଞ୍ଚଳଙ୍କୁ ମେ ୧୪ ତାରିଖରେ ଗିରଫ କରାଯାଇଥିଲା ଏବଂ ସେ ଏବେ ବି ଜେଲରେ ଅଛନ୍ତି। ଜୁନ୍ ୧୧ ତାରିଖରେ, ପଟାଶପୁର ଥାନା ଅନ୍ତର୍ଗତ ବାରପଥରଘାଟା ଗ୍ରାମର କୃଷ୍ଣେନ୍ଦୁ ପଣ୍ଡା ନାମକ ଜଣେ ବ୍ୟକ୍ତି କାନାଇଲାଲ ଦାସଙ୍କ ବିରୋଧରେ ଏକ ଅଭିଯୋଗ ଦାଖଲ କରିଥିଲେ, ଯେଉଁଥିରେ ଚାକିରି ଦେବା ନାମରେ ୧୦ ଲକ୍ଷ ଟଙ୍କା ଠକେଇ ହୋଇଥିବା ଅଭିଯୋଗ କରାଯାଇଥିଲା। ଏହି ଅଭିଯୋଗ ଆଧାରରେ, ତମଲୁକ୍ ଥାନାର ପୁଲିସ ଏକ ଏଫ୍‌ଆଇଆର୍ ରୁଜୁ କରିଥିଲା। ୨୦୨୦-୨୧ ମଧ୍ୟରେ ପ୍ରାଥମିକ ଟେଟ୍ ପାଇଁ ସାକ୍ଷାତକାର ଚାଲିଥିଲା।

## ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କିତ ବୁଥସ୍ତରୀୟ ବୈଠକ



କଟକ,୨୩।୬(ସଂଚାର ବ୍ୟୁରୋ): ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାଗୃହଠାରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କୀତ ଏକ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଓ ଗୁରୁବାର ବିଭିନ୍ନ ବୁଥରେ ବୁଥସ୍ତରୀୟ ଅଧିକାରୀ ଓ ବୁଥସ୍ତରୀୟ ଏଜେଣ୍ଟମାନଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ବାଦ୍ ପଡିଥିବା ଭୋଟରମାନଙ୍କ ତଥ୍ୟ ପ୍ରଦାନ କରାଯିବ। ଯଦି କୌଣସି ଯୋଗ୍ୟ ଭୋଟର ବାଦ ପଡ଼ିଥିବେ ତେବେ ସେମାନଙ୍କୁ ନୋଟିସ କରାଯିବ ଏବଂ ନିର୍ଦ୍ଧାରିତ ପ୍ରକ୍ରିୟାରେ ସେମାନଙ୍କ ନାମ ସଂଯୋଗ କରାଯିବ। ବୁଥସ୍ତରୀୟ ଏଜେଣ୍ଟମାନେ ଏ ଦିଗରେ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ଜୁଲାଇ ୫ ତାରିଖରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରାଯାଇପାରିବ। ଦାବି ଓ ଆପତ୍ତିର ନିଷ୍ପତ୍ତି ସେପ୍ଟେମ୍ବର ୨ ତାରିଖ ସୁଦ୍ଧା କରାଯିବା ପରେ ୬ ସେପ୍ଟେମ୍ବରରେ ଅନ୍ତିମ ଭୋଟର ତାଲିକା ପ୍ରକାଶ ପାଇବ। ଏସଆଇଆରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୋଗ୍ୟ ମତଦାତାଙ୍କୁ ଭୋଟର ତାଲିକାରେ ସଂଯୁକ୍ତ କରିବା ଏବଂ ଅନଧିକୃତ ପ୍ରବାସୀ କିମ୍ବା ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ତାଲିକାରୁ ବାଦ ଦେବା। ଏଥିସହ ମୃତ ବ୍ୟକ୍ତିଙ୍କ ନାମ ଏବଂ ନକଲି ନାମ ଗୁଡ଼ିକୁ ଚିହ୍ନଟ କରାଯାଇ ତାଲିକାରୁ ବାଦ ଦିଆଯିବ ଓ ସ୍ଥାନାନ୍ତରିତ ମତଦାତାଙ୍କ ନାମ ସଂଶୋଧନ କରାଯିବ।

## ଜଳିଗଲା ବସ୍, ସମସ୍ତ ୩୭ ଯାତ୍ରୀ ସୁରକ୍ଷିତ

ଜୟପୁର,୨୩।୬: ରାଜସ୍ଥାନ ରୋଡୱେରେ କିଶନଗଡ଼ରୁ ଆଜମେର ଯାତ୍ରା କରୁଥିବା ଗୋଟିଏ ବସ୍‌ରେ ନିଆଁ ଲାଗିବା ଫଳରେ ବସ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଛି। ତେବେ ସେଥିରେ ଯାତ୍ରା କରୁଥିବା ୩୭ ଜଣ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯିବା ଫଳରେ ଏକ ବଡ଼ଧରଣର ଅଘଟଣକୁ ଟାଳି ଦିଆଯାଇଛି। ବସଟି ଯାତ୍ରା କରୁଥିବା ବେଳେ ହଠାତ ଜୋରରେ ଧୂଆଁ ବାହାରିବା ଦେଖା



ଯାଇଥିଲା। ଗାଡ଼ିର ଚାଳକ ରାମ ଅବତାର ପରିସ୍ଥିତି ଜାଣିପାରି ବସକୁ ରାସ୍ତା ପାର୍ଶ୍ୱରେ ରଖି ଯାତ୍ରୀମାନଙ୍କୁ ତୁରନ୍ତ ବାହାରକୁ ନେଇ ଆସିଥିଲେ। ଯାତ୍ରୀମାନଙ୍କୁ ବାହାରକୁ ଅଣାଯିବାର ମାତ୍ର କିଛି ମିନିଟ୍ ଭିତରେ ବସ୍‌ଟି ହୁତୁହୁତୁ ହୋଇ ଜଳିବାକୁ ଲାଗିଥିଲା। ନିକଟସ୍ଥ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ବିଜେପି ଲିଗାଲ ସେଲ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ

ଭୁବନେଶ୍ୱର,୨୩।୬(ସଂଚାର ବ୍ୟୁରୋ): ଆଇନଜୀବୀଙ୍କ ସହାୟତା ରାଶି ୪୦ ପ୍ରତିଶତ ବୃଦ୍ଧି କରିବାର ଐତିହାସିକ ନିଷ୍ପତ୍ତି ଗ୍ରହଣ କରିଥିବା ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିଜେପି ଲିଗାଲ ସେଲ ପକ୍ଷରୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରାଯାଇଛି। ଏହି ଅବସରରେ ଆଇନଜୀବୀ ରବି ଶଙ୍କର ପଟ୍ଟନାୟକ କହିଛନ୍ତି ଯେ ରାଜ୍ୟ କଲ୍ୟାଣ ପାଣ୍ଠି ମାଧ୍ୟମରେ ଅବସରପ୍ରାପ୍ତ ଓ ଦେହାନ୍ତ ହୋଇଥିବା ଆଇନଜୀବୀ ପରିବାରଙ୍କ ପାଇଁ ୧ ଲକ୍ଷ ୫ ହଜାରରୁ ୬ ଲକ୍ଷ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତା ପ୍ରଦାନ ଆଇନ ପେସାଦାରଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ସମ୍ବେଦନଶୀଳ ଦୃଷ୍ଟିଭଙ୍ଗୀର ପ୍ରମାଣ। ଏହି ନିଷ୍ପତ୍ତି ଓଡ଼ିଶାର ହଜାର ହଜାର ଆଇନଜୀବୀ ଓ ତାଙ୍କ ଜୀବନ ମାନ ଉନ୍ନତିରେ ନିଶ୍ଚୟ ସହାୟକ ହେବ। ନିର୍ବାଚନ ପ୍ରତିଶ୍ରୁତିକୁ କାର୍ଯ୍ୟରେ ପରିଣତ କରିଥିବାରୁ ଓଡ଼ିଶାର ଜନମାନସରେ ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଗଭୀର ରେଖାପାତ କରିବ। ଏହି ପରିପ୍ରେକ୍ଷୀରେ ଲିଗାଲ ସେଲ୍‌ଫ ପକ୍ଷରୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଆଇନଜୀବୀ ଶ୍ରୀ ପଟ୍ଟନାୟକ, ଜୟନ୍ତ ଜେନା, ସରୋଜ ନାୟକ, ମୁରଲୀ ମନୋହର ପାତ୍ର, ସତ୍ୟବ୍ରତ ନାୟକ ଅଭିନନ୍ଦନ ଜଣାଇଛନ୍ତି।

## ଭୋଟ୍ ଗଣନା ତଥ୍ୟ ସଂରକ୍ଷଣ ଲାଗି ହାଇକୋର୍ଟ ନିର୍ଦ୍ଦେଶ

କୋଲକାତା,୨୩।୬(ସଂଚାର ବ୍ୟୁରୋ): ଭବାନୀପୁର ବିଧାନସଭା ନିର୍ବାଚନର ଭୋଟ ଗଣନା ସହିତ ଜଡିତ ସମସ୍ତ ତଥ୍ୟ, ସିସିଟିଭି ଫୁଟେଜ୍, ଭିଭିପିଏଟି ରେକର୍ଡ ଏବଂ ଇଭିଏମ୍ ତଥ୍ୟ ସଂରକ୍ଷଣ କରିବାକୁ ବିଚାରପତି ଗୌରାଙ୍ଗ କାନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଗଣନା ପ୍ରକ୍ରିୟା ସମୟରେ ହୋଇଥିବା ଅନିୟମିତତା ସମ୍ପର୍କରେ ମାମଲାରେ ଶୁଭେନ୍ଦୁ ଅଧିକାରୀ, ସୁବ୍ରତ ଗୁପ୍ତା ଏବଂ ସୁନୀଲ ଅଗ୍ରୱାଲ ସମେତ ସମସ୍ତ ସମ୍ପର୍କିତ ପକ୍ଷଙ୍କୁ ସାମିଲ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଏହା ବ୍ୟତୀତ, ଗଣନା କେନ୍ଦ୍ରର ଭିତର ଏବଂ ବାହାର ଉଭୟକୁ ଅନ୍ତର୍ଭୁକ୍ତ କରି ଶେଖାୱତ ମେମୋରିଆଲ ସ୍କୁଲର ସିସିଟିଭି ଫୁଟେଜ୍ ସୁରକ୍ଷିତ ଭାବରେ ସଂରକ୍ଷଣ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି।

## ଆମେ 'ଆତ୍ମବଳିଦାନ ଦିବସ' ପାଳନ କରୁଛୁ: ମୁଖ୍ୟମନ୍ତ୍ରୀ

କୋଲକାତା,୨୩।୬(ସଂଚାର ବ୍ୟୁରୋ): ଶ୍ୟାମା ପ୍ରସାଦଙ୍କ ମୃତ୍ୟୁ ବାର୍ଷିକୀ ଅବସରରେ କେଓଡାତଲା ଶ୍ମଶାନରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କହିଛନ୍ତି ଯେ, ରାଜ୍ୟ ୧୫ ବର୍ଷ ଧରି 'ଜାମାତି' ସରକାର ଦ୍ୱାରା ଶାସିତ ହୋଇଥିଲା। ସେଥିପାଇଁ ଇତିହାସକୁ ଲୁଚାଇ ରଖାଯାଇଥିଲା। ଆଜି, ଆମେ 'ଆତ୍ମବଳିଦାନ ଦିବସ' ପାଳନ କରୁଛୁ। ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ମୃତ୍ୟୁକୁ ନେଇ ଏକ ରହସ୍ୟ ରହିଛି। ସମଗ୍ର ହିନ୍ଦୁ ସମ୍ପ୍ରଦାୟ ତାଙ୍କ ପ୍ରତି ଚିର କୃତଜ୍ଞ। ଏତେ ଦିନ ଧରି ତାଙ୍କ ଅବଦାନ ସ୍ମୃତିରୁ ଲିଭାଇ ଦିଆଯାଇଥିଲା।

## ଇ-ଟଏଲେଟ୍, ଛୋଟ ସହରରେ ହେବ

ଭୁବନେଶ୍ୱର,୨୩।୬: ରାଜ୍ୟର ଛୋଟ ଛୋଟ ସହରରେ ରାଜ୍ୟ ସରକାର ଇ-ଟଏଲେଟ୍ ଓ ୱାଟର ଏଟିଏମ୍ ସ୍ଥାପନ ପାଇଁ ଯୋଜନା କରୁଥିବାବେଳେ ଖୋଦ୍ ରାଜଧାନୀରେ କିନ୍ତୁ ଏଗୁଡିକ ଅଚଳ ହୋଇ ପଡିଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ରାଜଧାନୀରେ ସ୍ଥାପନ ହୋଇଥିବା ଇ-ଟଏଲେଟ୍ ଏବେ ନିଶାଡିମାନଙ୍କ ଆଶ୍ରୟକେନ୍ଦ୍ର ପାଲଟିଛି। ରାଜଧାନୀବାସୀଙ୍କୁ ଉନ୍ନତମାନର ଶୌଚାଳୟ ସେବା ଯୋଗାଇ ଦେବାପାଇଁ ସହରର ବିଭିନ୍ନ ସ୍ଥାନରେ ଇ-ଟଏଲେଟ୍ ସ୍ଥାପନ କରାଯାଇଥିଲା। ହେଲେ ସ୍ଥାପନ ହେବା ଦିନଠାରୁ ଏଠାରୁ ବିଭିନ୍ନ ସାମଗ୍ରୀ ଚୋରି ହେବାରେ ଲାଗିଥିଲା। ପ୍ରଥମେ ଇ-ଟଏଲେଟ୍‌ରେ ଲାଗିଥିବା ଶୀତତାପ ନିୟନ୍ତ୍ରିତ ଯନ୍ତ୍ରଗୁଡିକୁ ଚୋରମାନେ ନେଇଗଲେ। ଏହାପରେ ଲାଗିଥିବା ଷ୍ଟିଲ୍ ସାମଗ୍ରୀ, ପାଣିପାଇପ୍‌ଗୁଡିକ ନେଇଗଲେ। ପରେ ପରେ ସ୍ୱୟଂକ୍ରିୟ ଯନ୍ତ୍ରପାତିଗୁଡ଼ିକୁ ମଧ୍ୟ ଖୋଲିନେଲେ।

ଏହିସବୁ ଟଏଲେଟ୍‌କୁ ଲୋକେ ନିଯିବା ଫଳରେ ଏଗୁଡିକ ଅବ୍ୟବହୃତ ହୋଇ ରହିଲା। ନିଶାଡ଼ିମାନେ ସଞ୍ଜ ହେଲେ ଏହା ଭିତରେ ନିଶା ସେବନ କରୁଛନ୍ତି। ସେମାନଙ୍କ ପାଇଁ ଏବେ ଏହା ସୁରକ୍ଷିତ ସ୍ଥାନ ପାଲଟିଛି। ଅନୁରୂପ ଅବସ୍ଥା ରାଜଧାନୀରେ ବ୍ୟାପକ ଅର୍ଥ ବ୍ୟୟରେ ଲାଗିଥିବା ୱାଟର ଏଟିଏମଗୁଡ଼ିକର। ସହରବାସୀଙ୍କୁ ସ୍ୱଚ୍ଛ ପାନୀୟଜଳ ଯୋଗାଣପାଇଁ ଲକ୍ଷାଧିକ ଟଙ୍କା ବ୍ୟୟରେ ବିଭିନ୍ନ ଅଞ୍ଚଳରେ ଏହା ନିର୍ମିତ ହୋଇଥିଲା। ଆରମ୍ଭରୁ ଏହା ବିଶୁଦ୍ଧ ପାନୀୟଜଳ ଯୋଗାଉଥିବା ବେଳେ ଧିରେ ଧିରେ ଅଚଳ ହେବାରେ ଲାଗିଲା। ଲୋକେ ବି ଏଥିରେ ଲାଗିଥିବା ସାଜ ସରଞ୍ଜାମକୁ ଚୋରିକରି ନେଇଗଲେ। ଏବେ ସହରରେ ପ୍ରାୟତଃ ସମସ୍ତ ୱାଟର ଏଟିଏମ୍ ଅଚଳ ଅବସ୍ଥାରେ। ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟରେ ଇ-ଟଏଲେଟ୍ ଓ ୱାଟର ଏଟିଏମ୍ ସ୍ଥାପନ କରିଥିବାବେଳେ ଏହାର ରକ୍ଷଣାବେକ୍ଷଣ ଓ ସୁରକ୍ଷା ପ୍ରତି ଦୃଷ୍ଟି ଦେଲେ ନାହିଁ। ଫଳରେ ଏଗୁଡିକ ଭାଙ୍ଗିରୁଜି ଯିବା ସହିତ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିବାରେ ଲାଗିଛି। ବର୍ତ୍ତମାନ ସରକାର ରାଜ୍ୟର ଛୋଟ ଛୋଟ ସହରରେ ଏଭଳି ଯୋଜନା କାର୍ଯ୍ୟକାରୀ ପାଇଁ ଯୋଜନା ଚଳାଇଥିବା ଜଣାଯାଇଛି। ଖୋଦ୍ ରାଜଧାନୀରେ ଏହା ଆରମ୍ଭରୁ ଅଚଳ ହୋଇ ଥିବାବେଳେ ଛୋଟ ଛୋଟ ସହରରେ ଏହାର କିଭଳି ରକ୍ଷଣାବେକ୍ଷଣ ହୋଇପାରିବ ତାହା ବର୍ତ୍ତମାନ ବଡ଼ ପ୍ରଶ୍ନବାଚୀ ହୋଇଛି। (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୭ ଜୁଆଙ୍ଗ...

ରାଶିର ପରିମାଣକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ଘଟଣା ଦିନ ହିଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ମୁଖ୍ୟ ଶାସନ ସଚିବ ତାମିଲନାଡ଼ୁ ମୁଖ୍ୟ ସଚିବଙ୍କ ସହ ଟେଲିଫୋନ ଯୋଗେ କଥା ହୋଇ ଓଡ଼ିଆ ଶ୍ରମିକଙ୍କୁ ଚିକିତ୍ସା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ଏଥିସହ ରାଜ୍ୟ ସରକାରଙ୍କର ୩ ଜଣ ବରିଷ୍ଠ ଅଧିକାରୀ ତାମିଲନାଡ଼ୁ ଯାଇ ସେଠାରେ ପ୍ରଶାସନିକ ସହାୟତା ଯୋଗାଇଦେଉଛନ୍ତି। ଏହି ଦୁର୍ଘଟଣାରେ ବର୍ତ୍ତମାନ ପର୍ଯ୍ୟନ୍ତ ମୃତ୍ୟୁବରଣ କରିଥିବା ସମସ୍ତ ୭ ଜଣ କେନ୍ଦୁଝର ଜିଲ୍ଲାର ଓ ସେମାନେ ଜୁଆଙ୍ଗ ସମ୍ପ୍ରଦାୟର ବୋଲି ଜଣାପଡ଼ିଛି। ଗତକାଲି ସୁଦ୍ଧା ୫ ଜଣ ଜୁଆଙ୍ଗ ଝିଅଙ୍କ ମୃତ୍ୟୁ ଖବର ଆସିଥିବା ବେଳେ ଆଜି ପୁଣି ମୃତକ ତାଲିକାରେ ଯୋଡ଼ି ହୋଇଛନ୍ତି ଆଉ ୨ ଜୁଆଙ୍ଗ ଯୁବତୀ। ଆଜି ବାଂଶପାଳ ବ୍ଲକର ଫୁଲମଣି ଜୁଆଙ୍ଗ ଓ ଚମ୍ପାବତୀ ଜୁଆଙ୍ଗ ଏବଂ ତେଲକୋଇ ବ୍ଲକର ଶିବାନୀ ଜୁଆଙ୍ଗ, ଗୀତା ଜୁଆଙ୍ଗ ଓ ଗୁମାନୀ ଜୁଆଙ୍ଗଙ୍କ ମୃତଦେହ ପହଞ୍ଚିଛି। ତେଲକୋଇ ବ୍ଲକ୍ ଟାଙ୍ଗିରି ଗାଁର ଜାମୁନୀ ଜୁଆଙ୍ଗ ଓ ସଦର ବ୍ଲକ୍ କୋଡ଼ିପଶା ଗାଁର ସଜନୀ ଜୁଆଙ୍ଗଙ୍କର ମଧ୍ୟ ମୃତ୍ୟୁ ହୋଇଛି। ଏବେ ବି ଆହୁରି ୩ ଜଣ ହସ୍ପିଟାଲରେ ଜୀବନ ପାଇଁ ସଂଘର୍ଷ କରୁଛନ୍ତି। ଝିଅକୁ ଶେଷ ଥର ପାଇଁ ଆଖି ପୂରାଇ ଦେଖିବାକୁ ବାପା-ମା' ଅଧୀର ହେଉଥିବା ବେଳେ ଏଯାଏଁ ପହଞ୍ଚିନି ସେମାନଙ୍କ ମରଶରୀର। ମୃତ ଚମ୍ପାବତୀଙ୍କ ସାଙ୍ଗରେ ତାମିଲନାଡ଼ୁ ଯାଇଥିବା ତଳଚମ୍ପେଇ ଗ୍ରାମର ଅନ୍ୟ ୨ ଯୁବତୀ ଲକ୍ଷ୍ମୀ ଜୁଆଙ୍ଗ ଓ ପଦ୍ମିନୀ ଜୁଆଙ୍ଗଙ୍କ ମଧ୍ୟରୁ ଲକ୍ଷ୍ମୀ ଜୁଆଙ୍ଗଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ତାଙ୍କ ସହ ଗତକାଲିଠାରୁ ଆଉ ଯୋଗାଯୋଗ ହୋଇପାରୁନି ବୋଲି ତାଙ୍କ ମା' ରଇବାରୀ ମୁଣ୍ଡା କହିଛନ୍ତି। ଏହି ଦୁର୍ଘଟଣାରେ ଆହତ ଆଉ କିଛି ଯୁବତୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ସିଫୁଡ ଫ୍ୟାକ୍ଟ୍ରିରେ କାମ କରିବାକୁ ଏହିସବୁ ଯୁବତୀ ତାମିଲନାଡ଼ୁ ଯାଇଥିଲେ।

### ପ୍ରତାପ ଜେନା...

ବିଭାଜନ ସୃଷ୍ଟି କରୁଥିଲେ। ଏ ସମ୍ପର୍କରେ ସେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ବାରମ୍ବାର ଗୁହାରି କରିଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଶେଷରେ ବାଧ୍ୟ ହୋଇ ସେ ଦଳୀୟ କର୍ମୀଙ୍କ ସହ ସ୍ୱାଗତ କରିବାକୁ ବାଧ୍ୟ ହୋଇଥିଲେ। କେବଳ ତିର୍ତ୍ତୋଲ ନୁହେଁ, କଟକ ସଦରର ବିଧାୟକ ପ୍ରାର୍ଥୀଙ୍କୁ ପଚାରିଲେ ମଧ୍ୟ ସେ ପ୍ରତାପଙ୍କ ଏଭଳି ବିଶୃଙ୍ଖଳିତ ଆଚରଣ ବାବଦରେ ସମାନ କଥା କହିବେ ବୋଲି ରମାକାନ୍ତ କହିଛନ୍ତି।

### ଡକ୍ଟର୍ସ ଡେ'ରେ...

ମିଳିନାହିଁ। ଫଳରେ ଡାକ୍ତରମାନେ ଗତ୨୦୨୫ ନଭେମ୍ବର ୨୦ରୁ ପ୍ରତୀକାତ୍ମକ ଭାବେ କଳାବ୍ୟାଜ୍ ପିନ୍ଧି ଶାନ୍ତି ପ୍ରତିବାଦ କରିଥିଲେ। ଗତ ବର୍ଷ ଡିସେମ୍ବର ୨୬ରୁ ଓମସା ଏକ ଘଣ୍ଟା ଓପିଡି ଓ ଜାତୀୟ କାର୍ଯ୍ୟକ୍ରମକୁ ବର୍ଜନ କରିଥିଲା। ପରେ ଜାନୁଆରୀ ୨ରୁ ୯ ତାରିଖ ପର୍ଯ୍ୟନ୍ତ ଦୁଇ ଘଣ୍ଟା ଓପିଡି ବନ୍ଦ ହେବା ପରେ ସରକାର ଦାବି ପୂରଣ ନେଇ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଡାକ୍ତରମାନେ ସେମାନଙ୍କ ଆନ୍ଦୋଳନକୁ ସ୍ଥଗିତ ରଖିଥିଲେ। ହେଲେ ଛଅ ମାସ ହେଲା ଦାବି ପୂରଣ ନେଇ କୌଣସି ଅଗ୍ରଗତି ହେଉ ନ ଥିବାରୁ ଜୁଲାଇ ପହିଲାରେ ଦିନକ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଛି। ଓମସା ପକ୍ଷରୁ କ୍ୟାଡର ପୁନର୍ଗଠନ ସାଙ୍ଗକୁ ବଦଳି ନୀତି ଲାଗୁ କରିବା, କେନ୍ଦ୍ରୀୟ ହାରରେ ସରକାରୀ ଡାକ୍ତରଙ୍କ ଦରମା ନିର୍ଦ୍ଧାରଣ ଓ ସରକାରୀ ଛୁଟି ଦିନରେ ଡାକ୍ତରମାନେ କାର୍ଯ୍ୟରେ ଯୋଗ ଦେଉଥିବାରୁ ସେମାନଙ୍କୁ ବିକଳ୍ପ ଦିନରେ ଛୁଟି ଦେବା ଦାବି କରାଯାଉଛି।

### ପଦ୍ମଶ୍ରୀ ପାଇଲେ...

ଉକ୍ତ ସଂସ୍ଥାଗୁଡ଼ିକ ଆଦିବାସୀ ମହିଳାମାନଙ୍କର ପାରମ୍ପରିକ ନୃତ୍ୟ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ କାର୍ଯ୍ୟ କରୁଛନ୍ତି। ସେହିପରି ଓଡ଼ିଶାର ପାରମ୍ପରିକ ଲୋକକଳାକୁ ଜୀବିତ ରଖିବାରେ ଉଲ୍ଲେଖନୀୟ କାର୍ଯ୍ୟ ଲାଗି ପ୍ରବୀଣ ଥିଏଟର ଗୁରୁ ସୀମାଞ୍ଚଳ ପାତ୍ରଙ୍କୁ ପଦ୍ମଶ୍ରୀରେ ସମ୍ମାନିତ କରାଯାଇଛି। ସେ ଓଡ଼ିଶାର ଲୋକନୃତ୍ୟକୁ ଜୀବିତ ରଖିବା ସକାଶେ ଉଲ୍ଲେଖନୀୟ ଉଦ୍ୟମ କରିଆସିଛନ୍ତି। ତାଙ୍କ ଉଦ୍ୟମରେ ଶାସ୍ତ୍ରୀୟ ଲୋକନୃତ୍ୟ ନାଟକ 'ପ୍ରହ୍ଲାଦ ନାଟକ' ଜାତୀୟ ସ୍ତରରେ ପରିଚିତ ଲାଭ କରିଛି। ତାଙ୍କ ଉଦ୍ୟମ ବଳରେ ୩୫ ରାଗ ଓ ୩୦୦ ଗୀତ ସମ୍ପନ୍ନ ଉକ୍ତ ଲୋକନୃତ୍ୟ ଜୀବିତ ରହିଛି। ଏପରିକି ଏହି ଲୋକନୃତ୍ୟ କଳାକୁ ଜୀବିତ ରଖିବା ସକାଶେ ସେ ତାଙ୍କର ବ୍ୟକ୍ତିଗତ ସମ୍ପତ୍ତିକୁ ମଧ୍ୟ ବିକ୍ରି କରିଦେବାକୁ ପଛାଇନାହାନ୍ତି। ଏହାଛଡ଼ା ତିଗିରିଆର ବାନ୍ଧଶାଢ଼ିରେ ଶ୍ରୀଜଗନ୍ନାଥଙ୍କ ଗୀତଗୋବିନ୍ଦ ଚିତ୍ରଣ କରିବାରେ ଧୂରୀଣ ଶରତ ପାତ୍ର।

### ସଂଶୋଧିତ ସୂଚୀରେ...

ପାୱାର ଏ ଗୁଣନ ଏମ୍ ଟୁ ଦି ପାୱାର ଏ ଇଜ୍ ଇକ୍ୱାଲ୍ ଟୁ ଏମ୍ଏନ୍ ହୋଲ୍ ଟୁ ଦି ପାୱାର ଏ' ଉଲ୍ଲେଖ କରାଯାଇଛି। ଯେତେବେଳେ କି ପ୍ରକୃତ ଉତ୍ତର ଏମ୍ ଟୁ ଦି ପାୱାର ଟୁଏ ହେବ ବୋଲି କହିଛନ୍ତି ଶିକ୍ଷକ। ସଂଶୋଧିତ ସୂଚୀର ଏହି ତ୍ରୁଟି କେବଳ ଗଣିତରେ ସୀମିତ ନାହିଁ। ସାହିତ୍ୟ ବହିରେ ବି ଗପ ଓ କବିତା ସ୍ଥାନ ପାଇଛି, କିନ୍ତୁ ସେଗୁଡ଼ିକୁ କେଉଁ ସାହିତ୍ୟିକ ଲେଖିଛନ୍ତି, ତାହାର କୌଣସି ଉଲ୍ଲେଖ ନାହିଁ। ବିନା ପରିଚୟରେ ସାହିତ୍ୟିକମାନଙ୍କୁ ଅସ୍ତିତ୍ୱହୀନ କରିଦେବା ଭଳି ସଙ୍ଗୀନ ଅଭିଯୋଗ ଏବେ ଆସିଛି। ଲେଖକମାନଙ୍କ ବିନା ଅନୁମତିରେ ସେମାନଙ୍କ ଲେଖା ଛପାଯାଇଛି, ଯାହା ସିଧାସଳଖ କପିରାଇଟ୍ ଆଇନର ଉଲ୍ଲଂଘନ ବୋଲି ଅଭିଯୋଗ ହେଉଛି। ଏହି ଅସନ୍ତୁଷ୍ଟ ସାହିତ୍ୟିକମାନେ ଏବେ ଆଇନର ଆଶ୍ରୟ ନେବାକୁ ଚେତାବନୀ ମଧ୍ୟ ଦେଇଛନ୍ତି। ଅନ୍ୟପଟେ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା (ଟିବିପିଏମ) କଟକ ଓ ଭୁବନେଶ୍ୱରର ଏକାଧିକ ଘରୋଇ ସଂସ୍ଥାକୁ ବହି ଛାପିବାକୁ ଦାୟିତ୍ୱ ଦେଇଛି। ଗତ ଅକ୍ଟୋବର ମାସରେ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ଏମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ତରବରିଆ ଭାବେ ଲକ୍ଷ ଲକ୍ଷ ସଂଖ୍ୟାରେ ବହି ଛପା ଯାଉଥିବାରୁ ଏଭଳି ସମସ୍ୟା ଉପୁଜିଛି। ସବୁଠାରୁ ବଡ଼ କଥା ହେଉଛି, ଏହି ଭୁଲ ବହିଗୁଡ଼ିକର ଛପା କାର୍ଯ୍ୟ ଏବେ ବି ଜାରି ରହିଛି। ବହି ଛପା ହୋଇ ପ୍ରଥମେ ଟିବିପିଏମକୁ ଆସୁଛି ଓ ସେଠାରୁ ବିଭିନ୍ନ ସ୍କୁଲକୁ ପଠାଯାଉଛି। ଏଭଳି ସ୍ଥିତିରେ କେବଳ ସଂଶୋଧନ ତାଲିକା ନ ଦେଇ ଅନ୍ତତଃପକ୍ଷେ ସଂଶୋଧିତ ବହିର ଗୋଟିଏ ଲେଖାଏଁ ନିର୍ଭୁଲ କପି ସ୍କୁଲଗୁଡ଼ିକୁ ଯୋଗାଇଦେଲେ ଯାଇ ପଢ଼ାଇବା ସମ୍ଭବ ହେବ ବୋଲି ଶିକ୍ଷକମାନେ ଦାବି କରିଛନ୍ତି। ସରକାରଙ୍କ ସଂଶୋଧିତ ତାଲିକାରେ ବି ଭୁଲ ବାହାରିବା ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି।

### କାଡା ଯନ୍ତ୍ରୀଙ୍କ...

ହୋଇଥିବା ବେଳେ ଆଉ ଗୋଟିଏ ଦୁଇ ମହଲା ଓ ଗୋଟିଏ ଏକ ମହଲା ବିଶିଷ୍ଟ କୋଠା ବାଲେଶ୍ୱରର ବସ୍ତା ଅନ୍ତର୍ଗତ ମୁକୁଳିସିଠାରେ ରହିଛି। ଏହାଛଡ଼ା ଭୁବନେଶ୍ୱର, କଟକ, ଯାଜପୁର ଜିଲ୍ଲାର କୋରେଇ, ବାଲେଶ୍ୱରର ବସ୍ତା ଓ ପୁରୀର ଡେଲାଙ୍ଗ ଅଞ୍ଚଳରେ ମୋଟ ୧୮ଟି ମୂଲ୍ୟବାନ ପ୍ଲଟ୍ ଠାବ କରାଯାଇଛି। ଏହି କୋଠା ଓ ଜମିଗୁଡ଼ିକର ମାପ ଓ ବଜାର ମୂଲ୍ୟ ଆକଳନ କାର୍ଯ୍ୟ ଭିଜିଲାନ୍ସର ଟେକ୍ନିକାଲ୍ ୱିଙ୍ଗ ପକ୍ଷରୁ ଜାରି ରହିଛି। ଆହୁରି ତଲାସୀ ବେଳେ ତାଙ୍କ ବାସଭବନରୁ ୩ ଲକ୍ଷ ୪୫ ହଜାର ନଗଦ ଟଙ୍କା ସହ ଶ୍ରୀଲଙ୍କା, ନେପାଳ, ବାହରିନ ଓ ଆମେରିକାର କିଛି ମୁଦ୍ରା ମଧ୍ୟ ଜବତ ହୋଇଛି। ସେହିପରି ବ୍ୟାଙ୍କ ଜମା, ଡାକଘର ସଞ୍ଚୟ ଓ ଅନ୍ୟାନ୍ୟ ଆର୍ଥିକ ନିବେଶର ତଥ୍ୟ ଯାଞ୍ଚ କରାଯାଉଛି। ଏଥିସହ ଶ୍ରୀ ନାୟକଙ୍କ ନାମରେ ଗୋଟିଏ ଜେସିବି ମେସିନ୍, ଗୋଟିଏ ଟ୍ୟାଙ୍କର୍, ଗୋଟିଏ ଟ୍ରାକ୍ଟର ଓ ଗୋଟିଏ ଟ୍ରେଲର୍, ୩ଟି ଚାରିଚକିଆ ଓ ଗୋଟିଏ ଦୁଇଚକିଆ ଗାଡ଼ି ମଧ୍ୟ ଜବତ ହୋଇଛି। ଏହାଛଡ଼ା ତାଙ୍କ ଘରୁ ପାଖାପାଖି ୨୦ ଲକ୍ଷ ଟଙ୍କାର ସୁନାଗହଣା ଓ ଆସବାବପତ୍ର ମଧ୍ୟ ଠାବ ହୋଇଛି।

### କାହାକୁ କହିବ...

ହେଲେ ଯେଉଁମାନେ ବିନା ଏଜେଣ୍ଟରେ ଅନଲାଇନରେ ଆବେଦନ କରୁଛନ୍ତି, ସେଇଠି ଏହି ସେକ୍ସନ ଦାୟିତ୍ୱରେ ଥିବା ଅଧିକାରୀ ସରକାରୀ ଦାଓପେଞ୍ଚ ଆରମ୍ଭ କରିଦେଉଛନ୍ତି। ଇଲେକ୍ଟ୍ରିକାଲ ପ୍ରମାଣପତ୍ର, ଅଗ୍ନି ନିରାପତ୍ତା ପ୍ରମାଣପତ୍ର, ଡାକ୍ତର ତାଲିକା, ରୋଗୀଙ୍କ ବେଡ୍, ଡାଇଗ୍ନୋଷ୍ଟିକ ରୁମ୍, ସ୍ୱଚ୍ଛତା ଏମିତି ଡଜନେ ପ୍ରମାଣପତ୍ର ଦେଲେ ବି ଏହି ଅଧିକାରୀ ସନ୍ତୁଷ୍ଟ ହେଉ ନ ଥିବା ଅଭିଯୋଗ ହେଉଛି। ଇଲେକ୍ଟ୍ରିକାଲ ଓ ଅଗ୍ନି ନିରାପତ୍ତା ଭଳି ସରକାରୀ ପ୍ରମାଣପତ୍ର ଉପରେ ବି କ୍ୱେରୀ ମଗାଯାଉଥିବା ଅଭିଯୋଗ ହେଉଛି। ଫଳରେ ମାଲିକମାନେ ବିଶେଷକରି ଡାକ୍ତରମାନେ ବାଧ୍ୟ ହେଉଛନ୍ତି ଏଜେଣ୍ଟଙ୍କ ଶରଣ ପଶିବାକୁ। ଆଉ ତା'ପରେ ଡିଲ ଫାଇନାଲ ହୋଇ ଲାଇସେନ୍ସ ନବୀକରଣ ହେଉଛି। କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ସେକ୍ସନର ଏହି ଅଧିକାରୀଙ୍କ ବିରୋଧରେ ଅଭିଯୋଗ କଲେ ବି କାହାକୁ କରିବେ। ଯାଞ୍ଚ ଦାୟିତ୍ୱରେ ଜଣେ ଏଡିଏମଓ ଅଛନ୍ତି। ହେଲେ ସେ ବି କୁଆଡ଼େ ଏହି ଅଧିକାରୀଙ୍କ ସହ ସାଣ୍ଟଗାଣ୍ଟରେ ଅଛନ୍ତି ବୋଲି ଅଭିଯୋଗ ହେଉଛି। ରୋଜଗାରିଆ ସେକ୍ସନ ହୋଇଥିବାରୁ ସିଡିଏମଓ ଓ ଉପରିସ୍ଥ ସବୁ ଅଧିକାରୀ ମାସ ଶେଷକୁ ମୋଟା ଅଙ୍କର ଭାଗ ପାଉଛନ୍ତି, ଯେଉଁଥିପାଇଁ ନେଇ ଆଣି ଥୋଇପାରୁଥିବା ଏହି ଅଧିକାରୀଙ୍କଠାରେ କେହି ହାତ ମାରିବାକୁ ସାହସ କରୁନାହାନ୍ତି। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ସଚିବ ଓ ସ୍ୱାସ୍ଥ ମନ୍ତ୍ରୀ ବି ଏ ବାବୁଙ୍କ କାରନାମା ବାବଦରେ ଅଭିଯୋଗ ପାଇଛନ୍ତି। ହେଲେ ସମସ୍ତେ ଚୁପ୍। ଅତିଷ୍ଠ ହୋଇ କିଛି କ୍ଲିନିକ ଓ ନର୍ସିଂହୋମ ମାଲିକ ଏବେ ଆଇନର ଆଶ୍ରୟ ନେବାକୁ ଚିନ୍ତା କରୁଛନ୍ତି।

### ସମୁଦ୍ରରେ ମତ୍ସ୍ୟ...

ଅଧ୍ୟୟନରତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମରେ ପ୍ରାୟ ୧ ହଜାର ଜଣ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଏହି 'ଲେଟର ଅଫ୍ ଅଥରାଇଜେସନ୍' ଯୋଗ୍ୟ ଭାରତୀୟ ପତାକାଧାରୀ ମାଛଧରା ଜାହାଜଗୁଡ଼ିକୁ ଜାତୀୟ ଓ ଆନ୍ତର୍ଜାତିକ ନିୟମାବଳୀ ଅନୁସାରେ ଦୂର ସମୁଦ୍ରରେ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ କରିବା ପାଇଁ ଅନୁମତି ପ୍ରଦାନ କରିବା ସହ ମତ୍ସ୍ୟଜୀବୀମାନଙ୍କର ଆର୍ଥିକ ବିକାଶରେ ସହାୟକ ହେବ। ବୈଠକରେ ଉପରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ସମସ୍ତ ପ୍ରସ୍ତୁତିର ସମୀକ୍ଷା କରି ବିଭିନ୍ନ ବିଭାଗକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବିଶେଷକରି ପ୍ରୋଟୋକଲ୍ ଅନୁଯାୟୀ ବ୍ୟବସ୍ଥା, ସୁରକ୍ଷା, ଯାତାୟାତ, ସାମୟିକ ରହଣି, ଭିଡ଼ ନିୟନ୍ତ୍ରଣ, ପରିଚ୍ଛନ୍ନତା, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ଚିକିତ୍ସା ସହାୟତା ଓ ଗଣମାଧ୍ୟମ ପ୍ରଚାର ଉପରେ ଗୁରୁତ୍ୱ ଦେବାକୁ ସେ କହିଛନ୍ତି।

# ଡାକ୍ତରଙ୍କୁ ମାଡ଼ ମାରି ଟଙ୍କା ଓ ମୋବାଇଲ ଲୁଟ୍

ହିଞ୍ଜିଳିକାଟୁ,୨୩।୬ (ସଂଚାର ବ୍ୟୁରୋ)ଃଜଣେ ଡାକ୍ତର ରାତି ୧୦ ଟା ସମୟରେ ବାଇକ ଯୋଗେ ନିଜ ଗ୍ରାମକୁ ଫେରୁଥିବା ବେଳେ ନିଛାଟିଆ ରାସ୍ତା ଦେଖି କିଛି ଦୃର୍ବୃତ୍ତ ହଠାତ୍ ଆସି ଗାଡିକୁ ଅଟକାଇ ମାଡ଼ ମାରିବା ସହ ଟଙ୍କା ଓ ମୋବାଇଲ ଲୁଟି ନେଇଯାଇଛନ୍ତି । ଏହି ଘଟଣା ହିଞ୍ଜିଳିକାଟୁ ବ୍ଲକ ଅନ୍ତଗତ ଗଣ୍ଡଳା ରାସ୍ତାରେ ଘଟିଥିବା ନେଇ ଜଣାପଡିଛି ।

ସୂଚନା ଅନୁସାରେ, ବେଲଗାଁ ଥାନା ଅନ୍ତର୍ଗତ ଗଣ୍ଡଳା ଗ୍ରାମର ଡ଼ାକ୍ତର ସୁବାଷ ଚନ୍ଦ୍ର ପାଢ଼ୀ(୬୫) ସାହାପୁର ବଜାର ସାହିରେ କ୍ଲିନିକ ବନ୍ଦ କରି ନିଜ ଗ୍ରାମ ଗଣ୍ଡଳା ଫେରୁଥିବା ସମୟରେ ୨ରୁ ୩ ଜଣ ଦୃର୍ବୃତ୍ତ ହଠାତ୍ ଆସି ଗାଡି ଅଟକାଇ ମାଡ଼ ମାରିବା ସହ ୫୦୦ ଟଙ୍କା, ମୋବାଇଲ ଓ କିଛି କାଗଜପତ୍ର ଛଡ଼ାଇ ନେଇଯାଇଛନ୍ତି। ପରେ ସ୍ଥାନୀୟ ଲୋକେ ଡାକ୍ତରଙ୍କୁ ପ୍ରଥମେ ଚିକିତ୍ସା ପାଇଁ ବେଲ ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ପୋଲିସ ଖବର ପାଇଁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ପରେ ଡାକ୍ତରଙ୍କ ଅଭିଯୋଗ କ୍ରମେ ଥାନାରେ ପୋଲିସ୯୧/୨୬ ରେ ଏକ ମାମଲା ରୁଜୁ କରି ଘଟଣାର ଜାରି ରଖିଛି ନେଇ ଥାନାଧିକାରୀ ସୂଚନା ଦେଇଛନ୍ତି।

● ମହିଳାଙ୍କୁ ଧମକ ଓ ଭିଡ଼ିଓ ଭାଇରାଲ ଘଟଣା

# ବିଜେପି ପଞ୍ଚାୟତ ସଭାପତିଙ୍କ ନାମରେ ଏତଲା, ପୁଲିସ ତଦନ୍ତ ଜାରି



ବାଲିଆପାଳ, ୨୩।୬ (ସଂଚାର ବ୍ୟୁରୋ)ଃ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ବାଲିକୁଟି ପଞ୍ଚାୟତରେ ଜଣେ ଅସହାୟ ବିଧବା ମହିଳାଙ୍କୁ ଧମକ ଦେବା, ପ୍ରଲୋଭନ ଦେଖାଇବା ଏବଂ ତାଙ୍କ ଅନୁମତି ବିନା ଭିଡିଓ ପ୍ରସ୍ତୁତ କରି ସାମାଜିକ ଗଣମାଧ୍ୟମରେ ଭାଇରାଲ କରିବା ଅଭିଯୋଗରେ ବାଲିକୁଟି ବିଜେପି ପଞ୍ଚାୟତ ସଭାପତି ରାମକୃଷ୍ଣ ପ୍ରଧାନ ଓ ତାଙ୍କର ଦୁଇ ସହଯୋଗୀଙ୍କ ବିରୋଧରେ ବାଲିଆପାଳ ଥାନାରେ ଏତାଲା ରୁଜୁ ହୋଇଛି।

ଅଭିଯୋଗ ଅନୁସାରେ, ପ୍ରାୟ ପାଞ୍ଚ ମାସ ପୂର୍ବରୁ ପଞ୍ଚାୟତ ସଭାପତି ରାମକୃଷ୍ଣ ପ୍ରଧାନ ମଞ୍ଜୁଲତାଙ୍କ ରାସନ କାର୍ଡ କରାଇ ଦେବାର ପ୍ରତିଶ୍ରୁତି ଦେଇ ତାଙ୍କର ଆବଶ୍ୟକ ଦସ୍ତାବିଜ ସଂଗ୍ରହ କରିଥିଲେ। ତେବେ ଦୀର୍ଘ ସମୟ ବିତିଯାଇଥିଲେ ମଧ୍ୟ ସେ ରାସନ କାର୍ଡ ପାଇନଥିଲେ। ପରେ ସାମାଜିକ କର୍ମୀ ରାଜକିଶୋର ପାତ୍ର ଘଟଣା ବିଷୟରେ ଜାଣି ମଞ୍ଜୁଲତାଙ୍କୁ ରାସନ କାର୍ଡ ଯୋଗାଇ ଦେବା ପାଇଁ ଗତ ୧୯/୦୫/୨୦୨୬ରେ ବାଲିଆପାଳ ବିଡ଼ିଓଙ୍କ ନିକଟରେ ଅଭିଯୋଗ ଏବଂ ପରେ ଆବଶ୍ୟକ ଦସ୍ତାବିଜ ଯୋଗାଣ ବିଭାଗରେ ଦାଖଲ ହେବା ସହ କେୱାଇସି ପ୍ରକ୍ରିୟା ସମ୍ପୂର୍ଣ୍ଣ କରାଯାଇଥିଲା। ଏହାପରେ ଗତ ୨୬ ମଇ ୨୦୨୬ ତାରିଖରେ ମଞ୍ଜୁଲତା ଦାସଙ୍କ ରାସନ କାର୍ଡ ପ୍ରସ୍ତୁତ ହୋଇଥିଲା। ଏହା ପରେ ଗତ ୧୭ ଜୁନରେ ରାମକୃଷ୍ଣ ପ୍ରଧାନ ଓ ତାଙ୍କ ଦୁଇ ସହଯୋଗୀ ମଞ୍ଜୁଲତାଙ୍କ ଘରକୁ ସନ୍ଧ୍ୟାରେ ଯାଇ ତାଙ୍କୁ ରାସନ କାର୍ଡ କାଟିଦେବା ଏବଂ ଚାଉଳ ବନ୍ଦ କରିଦେବା ଧମକ ଓ ପ୍ରଲୋଭନ ଦେଖାଇ ଏକ କଳା ଧଳା ରାସନ କାର୍ଡ ଦେଇ ସେମାନେ କରାଇଥିବା କହିବାକୁ ବାଧ୍ୟ କରିଥିବା ଅଭିଯୋଗ ହୋଇଛି। ସେହି ସମୟରେ ସାମାଜିକ କର୍ମୀ ରାଜକିଶୋର ପାତ୍ରଙ୍କ ବିରୋଧରେ ଏକ ଭିଡିଓ ମଧ୍ୟ ପ୍ରସ୍ତୁତ କରାଯାଇଥିଲା, ଯାହାକୁ ପରେ ସାମାଜିକ ଗଣମାଧ୍ୟମରେ ପ୍ରଚାର କରାଯାଇଥିଲା। ମଞ୍ଜୁଲତା ଦାସ ଏହାକୁ ନେଇ ବାଲିଆପାଳ ଥାନାରେ ଗତ ୨୨ ଜୁନରେ ଲିଖିତ ଏତାଲା ଦାଖଲ କରିଛନ୍ତି। ଏତାଲାରେ ବିନା ଅନୁମତିରେ ଘରକୁ ପ୍ରବେଶ, ରାସନ କାର୍ଡ କାଟିଦେବାର ଧମକ, ପ୍ରଲୋଭନ ଦେଖାଇବା, ଅପପ୍ରଚାର କରିବା ଏବଂ ଅନୁମତି ବିନା ଭିଡିଓ ପ୍ରସ୍ତୁତ କରି ପ୍ରଚାର କରିବା ଭଳି ଅଭିଯୋଗ ରହିଛି। ବାଲିଆପାଳ ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

# ଇନ୍ଧନ ଗ୍ୟାସର କଳାବଜାରୀ ବେଳେ ମାଡ଼ି ବସିଲା ଯୋଗାଣ ଅଧିକାରୀ



ଭୋଗରାଇ,୨୩।୬ (ସଂଚାର ବ୍ୟୁରୋ)ଃ ଆଗରେ ମିଠାଇ ଦୋକାନ ପଛରେ ଗ୍ୟାସ ରାକେଟ । ମିଠାଇ ଦୋକାନରୁ ୨୫ ଟି ବେଆଇନ ଗ୍ୟାସ ସିଲିଣ୍ଡର ଜବଦ । ଗୋଟିଏ ଦୋକାନ ରେ ୨୫ ଟି ସିଲିଣ୍ଡର । ବେଆଇନ ସିଲିଣ୍ଡରକୁ ନେଇ ଚାଲିଥିଲା ଗ୍ୟାସ ରିଫିଲିଙ୍ଗ । ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କାଳାହି ସ୍କୁଲଛକ ନିକଟରେ ଥିବା କାଳୀମାତା ସୁଇଟରେ ଦେଖିବାକୁ ମିଳିଛି ଏଭଳି ଘଟଣା । ଏହି ଦୋକାନ ରେ ଆଗରେ ଚାଲିଥିଲା ମିଠାଇ ବିକ୍ରି ଓ ପଛରେ ଚାଲିଥିଲା ଗ୍ୟାସର କଳାକାରନାମା । ଭୋଗରାଇ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ ଖବର ପାଇ ଆଜି ଚଢ଼ାଉ କରିଥିବା ବେଳେ ଘଟଣା ସ୍ଥଳରେ ବଢ଼ିଥିଲା ଯୁକ୍ତିତର୍କ। ଦୀର୍ଘ ସମୟ ଚଢ଼ାଉ ପରେ ୨୫ ଟି ଗ୍ୟାସ ସିଲିଣ୍ଡର ଜବଦ ସହିତ ଗ୍ୟାସ ଚୁଲାକୁ ମଧ୍ୟ ଜବଦ କରିଛନ୍ତି । ତେବେ ସାରା ଦେଶରେ ଗ୍ୟାସ୍ ସଂକଟ ଭିତରେ ଗୋଟିଏ ମିଠାଇ ଦୋକାନ ରେ ଏଭଳି ରାକେଟ ଦେଖି ଲୋକଙ୍କ ମନରେ ଅନେକ ପ୍ରଶ୍ନ ଉଠୁଛି । ଏହି ସ୍ଥାନରୁ ପଡୋଶୀ ପଶ୍ଚିମବଙ୍ଗକୁ ମଧ୍ୟ ଚୋରା ଚାଲାଣ ହେଉ ଥିବା ଅଭିଯୋଗ ହୋଇଥିଲା।

# ଯୋଡ଼ାରେ ସ୍ଥାୟୀ ପରିବା ମଣ୍ଡି ଅଭାବ

## ବଢୁଛି ଚାଷୀ ଓ ବେପାରୀଙ୍କ ଦୁର୍ଦ୍ଦଶା

ଯୋଡ଼ା,୨୩।୬ (ସଂଚାର ବ୍ୟୁରୋ)ଃ କେନ୍ଦୁଝର ଜିଲ୍ଲାର ଖଣି ସମୃଦ୍ଧ ଯୋଡ଼ା ପୌରପାଳିକା ଅଞ୍ଚଳରେ ଆଜି ପର୍ଯ୍ୟନ୍ତ ଏକ ସ୍ଥାୟୀ ଓ ସୁବ୍ୟବସ୍ଥିତ ପରିବା ମଣ୍ଡି ନିର୍ଦ୍ଧାରଣ ନହେବାରୁ ପରିବା ଚାଷୀ ଓ ବେପାରୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ଦିନ ଧରି ଏହି ସମସ୍ୟା ରହିଥିଲେ ମଧ୍ୟ ପୌରପାଳିକା ପକ୍ଷରୁ ସ୍ଥାୟୀ ସମାଧାନ ପାଇଁ କୌଣସି ଦୃଢ଼ ପଦକ୍ଷେପ ନିଆଯାଇନଥିବାରୁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।



ଯୋଡ଼ା ଓ ଏହାର ଆଖପାଖ ଅଞ୍ଚଳର ଅନେକ କ୍ଷୁଦ୍ର ଓ ମଧ୍ୟମ ଚାଷୀ ପ୍ରତିଦିନ ଭୋର ସମୟରୁ ତାଜା ପରିବା ଆଣି ବିକ୍ରି କରି ନିଜ ପରିବାରର ଗୁଜୁରାଣ ମେଣ୍ଟାଉଛନ୍ତି। ହେଲେ ସେମାନଙ୍କ ପାଇଁ ଏକ ନିର୍ଦ୍ଧାରିତ ବଜାର ସ୍ଥାନ ନଥିବାରୁ ବାରମ୍ବାର ସ୍ଥାନ ପରିବର୍ତ୍ତନ କରିବାକୁ ପଡୁଛି। କେତେବେଳେ ଯୋଡ଼ା ଫ୍ଲାଇଓଭର ତଳେ ରାସ୍ତା କଡ଼ରେ, କେତେବେଳେ ଟାଟା ସେଣ୍ଟ୍ରାଲ ପ୍ଲେ-ଗ୍ରାଉଣ୍ଡ ନିକଟରେ ତ ଆଉ କେତେବେଳେ ସାଇମନ୍ଦିର-ଛେପରିପୋଲୋ ରାସ୍ତା ପାର୍ଶ୍ୱରେ ବଜାର ବସାଇବାକୁ ବାଧ୍ୟ ହେଉଛନ୍ତି।

ସ୍ଥାୟୀ ସ୍ଥାନର ଅଭାବ ଯୋଗୁଁ ପରିବା ବେପାରୀ ଓ ଚାଷୀମାନେ ପ୍ରତିଦିନ ଖୋଲା ଆକାଶ ତଳେ ଦିନତମାମ ବସି ରହିବାକୁ ବାଧ୍ୟ ହେଉଛନ୍ତି। ବର୍ତ୍ତମାନର ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଅସହ୍ୟ ଖରାରେ ସେମାନେ ଭୟଙ୍କର କଷ୍ଟ ଭୋଗୁଛନ୍ତି। ବଜାର ସ୍ଥାନରେ ପିଇବା ପାଣି, ଛାୟା, ଶୌଚାଳୟ, ବିଶ୍ରାମ ସ୍ଥଳୀ ଓ ପାର୍କିଂ ଭଳି ମୌଳିକ ସୁବିଧାର ଅଭାବ ମଧ୍ୟ ସେମାନଙ୍କ ଦୁଃଖକୁ ଆହୁରି ବଢ଼ାଇ ଦେଇଛି।

୨୦୨୨ ମସିହାରେ ବିଜେଡି ସମର୍ଥିତ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇ ଡା. ଜଗଦୀଶ ସାହୁ ଯୋଡ଼ା ପୌରପାଳିକାର ପୌରାଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିଲେ। ପ୍ରାୟ ପାଞ୍ଚ ବର୍ଷ କାର୍ଯ୍ୟକାଳ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ସତ୍ତ୍ୱେ ଏକ ସ୍ଥାୟୀ ପରିବା ମଣ୍ଡି ପାଇଁ ଉପଯୁକ୍ତ ଜମି ଚିହ୍ନଟ କିମ୍ବା ନିର୍ଦ୍ଧାରଣ କରାଯାଇନଥିବାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ବାରମ୍ବାର ବଜାର ସ୍ଥାନ ପରିବର୍ତ୍ତନ ହେବା ଫଳରେ ଗ୍ରାହକ ଓ ବେପାରୀ ଉଭୟଙ୍କୁ ଅସୁବିଧା ହେଉଥିବା ଅଭିଯୋଗ ହେଉଛି।

ତେଣୁ ଯୋଡ଼ା ପୌରପାଳିକା ପକ୍ଷରୁ ଶୀଘ୍ର ଏକ ସ୍ଥାୟୀ, ସୁବ୍ୟବସ୍ଥିତ ଓ ସମସ୍ତ ମୌଳିକ ସୁବିଧା ସମ୍ପନ୍ନ ପରିବା ମଣ୍ଡି ସ୍ଥାପନ କରାଯିବାକୁ ଚାଷୀ, ବେପାରୀ ଓ ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି। ଏହା ଦ୍ୱାରା ଚାଷୀମାନେ ନିଜ ଉତ୍ପାଦର ଉଚିତ ମୂଲ୍ୟ ପାଇବା ସହ ଗ୍ରାହକମାନେ ମଧ୍ୟ ସୁବିଧାଜନକ ଭାବେ ତାଜା ପରିବା କ୍ରୟ କରିପାରିବେ ବୋଲି ମତ ପ୍ରକାଶ ପାଇଛି।

# ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ନୀଳଗିରି, ୨୩।୬ (ସଂଚାର ବ୍ୟୁରୋ)ଃ ନୀଳଗିରି ବ୍ଲକ ଅଯୋଧ୍ୟା ପଞ୍ଚାୟତର ବାଡ଼ିଆ ଗାଁ ସୋନ ନଦୀରେ ଗାଧୋଇବାକୁ ଯାଇ ବାଲି ଖଣିରେ ଗୋଡ ଖସିଯିବାରୁ ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ ହୋଇ ଯାଇଛି। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକରେ।

ସୂଚନାରୁ ଜଣାପଡ଼ିଛି ବାଡ଼ିଆ ଗ୍ରାମର ସ୍ୱର୍ଗତ ଅନିରୁଦ୍ଧ ଦାଶଙ୍କ ଏକମାତ୍ର ପୁଅ ସତ୍ୟଜିତ ଦାଶ(୨୨) ଆଜି ମଧ୍ୟାହ୍ନରେ ସୋନ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ । ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ନଦୀରେ ଯାଇ ବହୁ ଖୋଜାଖୋଜି କଲା ପରେ ବାଲି ଉତ୍ତୋଳନ ଗଭୀର ଗର୍ତ୍ତ ଭିତରେ ସତ୍ୟଜିତକୁ ପାଇଥିଲେ। ପରେ ଉଦ୍ଧାର କରି ନୀଳଗିରି ମେଡିକାଲକୁ ଅଣାଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଭଳି ଏକ ଦୁଃଖଦ ଘଟଣାକୁ ନେଇ ଅଞ୍ଚଳରେ ଶୋକାକୋଳ ପରିବେଶ ସୃଷ୍ଟି ହୋଇଛି। ତେବେ ନୀଳଗିରି ପୁଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

ସୂଚନା ଥାଉକି ଉକ୍ତ ଅଞ୍ଚଳରରେ ଆହୋରାତ୍ର ବାଲି ମାଫିଆଙ୍କ ଦ୍ୱାରା ବେଆଇନ ଭାବେ ବାଲି ଉତ୍ତୋଳନ ପାଇଁ ବହୁ ଜୀବନ ଗଲାଣି। ଖଣି ବିଭାଗ, ତହସିଲଦାର ଓ ପୋଲିସ ପ୍ରଶାସନ ନିରବଦ୍ରଷ୍ଟା ସାଜୁଥିବାରୁ ଏହିଭଳି ଅଘଟଣ ଘଟୁଛି । ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେଇ ବାଲି ମାଫିଆଙ୍କୁ ସାବାଡ଼ କରିବା ପାଇଁ ବୁଦ୍ଧିଜୀବୀ ମହଲରୁ ଦାବୀ ହେଉଛି।

# ଋଷିକୂଲ୍ୟା ନଦୀରୁ ବେଆଇନ ଘେରି ଉଚ୍ଛେଦ

## ମତ୍ସ୍ୟଜୀବୀ ଆଶ୍ୱସ୍ତ



ଛତ୍ରପୁର, ୨୩।୬ (ସଂଚାର ବ୍ୟୁରୋ)ଃ ଦୀର୍ଘ ଛଅ ମାସ ଧରି ଦାମୋଦରପୁର ସ୍ଥିତ ଋଷିକୂଲ୍ୟା ନଦୀରେ ବେଆଇନ ଭାବେ ନିର୍ମାଣ କରାଯାଇଥିବା ଘେରିକୁ ମଙ୍ଗଳବାର ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଜିଲ୍ଲା ମତ୍ସ୍ୟ ବିଭାଗ, ରାଜସ୍ୱ ବିଭାଗ ଓ ପୋଲିସର ମିଳିତ ଉଦ୍ୟମରେ ଏହି ଉଚ୍ଛେଦ ଅଭିଯାନ ସଫଳତାର ସହ ସମ୍ପନ୍ନ ହୋଇଛି ।

ଜିଲ୍ଲା ମତ୍ସ୍ୟ ଅଧିକାରୀ ଭରତ ଭୂଷଣ ସାହୁ ଓ ଗଞ୍ଜାମ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ମେରାଇନ ମତ୍ସ୍ୟ ବିଭାଗ ଅଧିକାରୀ ଦେବଦୂତ ମହାପାତ୍ର, ଅତିରିକ୍ତ ମତ୍ସ୍ୟ ଅଧିକାରୀ ବିଭୁ ଭୂଷଣ ସ୍ୱାଇଁ, ମେରାଇନ ଏଏଫ୍ଓ ଅମୀୟ ରଞ୍ଜନ ନାୟକ, ଗଞ୍ଜାମ ଥାନାର ଅତିରିକ୍ତ ଅଧିକାରୀ ଶୁଭଲକ୍ଷ୍ମୀ କର୍ଅଁର, ରାଜସ୍ୱ ନିରୀକ୍ଷକ ସୀତାରାମ ସାହୁ, ଅମିନ ଲଳାକୃଷ୍ଣ ଦାସ ଓ ଏଏସ୍ଆଇ ସୁଦୀପ୍ତ ସାହୁ ପ୍ରମୁଖ ଉପସ୍ଥିତ ରହି ଅଭିଯାନକୁ ତଦାରଖ କରିଥିଲେ।

ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ସହଯୋଗରେ ନଦୀ ମଧ୍ୟରେ ନିର୍ମିତ ବେଆଇନ ଘେରିଗୁଡ଼ିକୁ ହଟାଯାଇଥିଲା। ଏହାସହ ଘେରି ନିର୍ମାଣରେ ବ୍ୟବହୃତ ବିପୁଳ ପରିମାଣର ଜାଲକୁ ମଧ୍ୟ ଜବତ କରାଯାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ବେଆଇନ ଘେରି ଯୋଗୁଁ ନଦୀର ସ୍ୱାଭାବିକ ପ୍ରବାହ ବାଧାପ୍ରାପ୍ତ ହେବା ସହ ମତ୍ସ୍ୟଜୀବୀମାନଙ୍କ ମାଛଧରା କାର୍ଯ୍ୟ ଗୁରୁତର ଭାବେ ପ୍ରଭାବିତ ହେଉଥିଲା।

ଫଳରେ ପୋଡ଼ାମପେଟା, ଗୋଖରକୁଡା, ପୁରୁଣାବନ୍ଧ, ଦାମୋଦରପୁର, ନୋଳିଆ ନୂଆଗାଁ ସମେତ ପ୍ରାୟ ସାତଖଣ୍ଡ ଗାଁର ଶତାଧିକ ମତ୍ସ୍ୟଜୀବୀ ଦୀର୍ଘଦିନ ଧରି ସମସ୍ୟାର ସମ୍ମୁଖୀନ ହୋଇ ଆସୁଥିଲେ। ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ ଏବଂ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ନେଇ ଉଚ୍ଛେଦ କରିଛି ।

ଫଳରେ ଦୀର୍ଘଦିନ ଧରି ସମ୍ମୁଖୀନ ହେଉଥିବା ସମସ୍ୟାରୁ ଶତାଧିକ ମତ୍ସ୍ୟଜୀବୀ ମୁକ୍ତି ପାଇବେ ବୋଲି ଆଶା କରାଯାଉଛି। ପ୍ରଶାସନର ଏହି ପଦକ୍ଷେପକୁ ସ୍ଥାନୀୟ ମତ୍ସ୍ୟଜୀବୀମାନେ ସ୍ୱାଗତ କରିବା ସହ କୃତଜ୍ଞତା ଜଣାଇଛନ୍ତି।

# ଗଣ୍ଡ ସମ୍ପ୍ରଦାୟ ପ୍ରତି ଅପମାନଜନକ ମନ୍ତବ୍ୟକୁ ବିରୋଧ

## ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଆଦିବାସୀ ସମାଜ କଲ୍ୟାଣ ମନ୍ତ୍ରୀଙ୍କୁ ଦାବିପତ୍ର




ନବରଙ୍ଗପୁର/ଉମରକୋଟ,୨୩।୬ (ସଂଚାର ବ୍ୟୁରୋ)ଃ ଗଣ୍ଡ ସମ୍ପ୍ରଦାୟ ପ୍ରତି ଜାତିଆଣ ଆକ୍ଷେପ ଏବଂ ଅପମାନଜନକ ମନ୍ତବ୍ୟକୁ ନେଇ ଏବେ ଗଣ୍ଡ ଓ ଆଦିବାସୀ ସମାଜ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ବିରୋଧ କରି ଆଜି ନବରଙ୍ଗପୁର ଜିଲ୍ଲା ଗଣ୍ଡ ଓ ବିଭିନ୍ନ ଆଦିବାସୀ ସମାଜ ପକ୍ଷରୁ ଉମରକୋଟ ଠାରେ ଏକ ବିଶାଳ ପ୍ରତିବାଦ ରାଲି ଅନୁଷ୍ଠିତ ହୋଇଥିଲା। ଏଥିରେ ଗଣ୍ଡ ସମାଜର ଶତାଧିକ ଲୋକ ଏକାଠି ହୋଇ ଉମରକୋଟ ଥାନା ରେ "ଗଣ୍ଡମୂର୍ଖ" ଲେଖିଥିବା ଖବର କାଗଜ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ, ରାଜ୍ୟସଭା ସଦସ୍ୟା ସୁଲତା ଦେ ଓ ଅକ୍ଷୟ ଆଚାର୍ଯ୍ୟଙ୍କ ବିରୋଧରେ ସାମୂହିକ ଏତଲା ଦେବା ସହ ତହସିଲଦାରଙ୍କ ମାଧ୍ୟମରେ ମହାମହିମ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଆଦିବାସୀ ସମାଜ କଲ୍ୟାଣ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଗତ ୧୯.୦୬.୨୦୨୬ରେ ସାମାଜିକ ଗଣମାଧ୍ୟମ ଏବଂ ୨୦.୦୬.୨୦୨୬ରେ ଏକ ପ୍ରତିଷ୍ଠିତ ଖବରକାଗଜରେ ପ୍ରକାଶିତ କିଛି ଲେଖା ଓ ମନ୍ତବ୍ୟରେ ଗଣ୍ଡ ସମୁଦାୟକୁ ନେଇ ଅତ୍ୟନ୍ତ ଅପମାନଜନକ ଏବଂ ଆପତ୍ତିଜନକ ଶବ୍ଦ ପ୍ରୟୋଗ କରାଯାଇଛି। ଏହା କେବଳ ସେମାନଙ୍କ ସମ୍ମାନକୁ କ୍ଷୁର୍ଣ୍ଣ କରିନାହିଁ, ବରଂ ସମାଜରେ ବିଦ୍ୱେଷ ଓ ଶାନ୍ତିଭଙ୍ଗ କରିବାକୁ ଚେଷ୍ଟା କରାଯାଇଥିବା ସମାଜର ନେତୃବୃନ୍ଦ ଅଭିଯୋଗ କରିଛନ୍ତି।

ସେପଟେ ଏହି ଘଟଣାରେ ଏସସି ଏବଂ ଏସଟି (ପ୍ରିଭେନସନ୍ ଅଫ୍ ଆଟ୍ରୋସିଟି) ଆକ୍ଟର ଧାରା ୩(୧)(ୟୁ) ଏବଂ ୩(୧)(ଆର୍) ଅନୁଯାୟୀ ମାମଲା ରୁଜୁ କରି ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କୁ କଠୋର ଦଣ୍ଡ ଦେବାକୁ ଦାବି ହୋଇଛି। ଦାବୀ ପତ୍ର ଗ୍ରହଣ କରି ଆଗକୁ ପଠେଇ ଦିଆଯିବ ବୋଲି ଉମରକୋଟ ତହସିଲଦାର ମେଘବାନ ବାଗ ପ୍ରକାଶ କରିଛନ୍ତି।

# ଫ୍ଲାଏ ଆଶ ଡମ୍ପିଙ୍ଗକୁ ବିରୋଧ କରି ମିଳିତ ସୁରକ୍ଷା ମଞ୍ଚର ବିକ୍ଷୋଭ

● ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦେଲେ ଦାବୀପତ୍ର




ସୁନ୍ଦରଗଡ଼, ୨୩।୬ (ସଂଚାର ବ୍ୟୁରୋ)ଃ ଫ୍ଲାଏ ଆଶ ଡମ୍ପିଙ୍ଗକୁ କେନ୍ଦ୍ର କରି ଆଜି ସୁନ୍ଦରଗଡ ମିଳିତ ସୁରକ୍ଷା ମଞ୍ଚ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । କୁତ୍ରା, ବଡ଼ଗାଁ, ରାଜଗାଙ୍ଗପୁର, ସବଡେଗା, ବାଲିଶଙ୍କରା, ସଦର, ଟାଙ୍ଗରପାଲି, ଲେଫ୍ରିପଡା ଓ ହେମଗିର ବ୍ଲକବାସୀ ଏହି ବିକ୍ଷୋଭରେ ଯୋଡ଼ି ହୋଇଛନ୍ତି। ଆଜି ଏମାନେ ଜିଲ୍ଲାପାଳଙ୍କ ଜରିଆରେ ମାନ୍ୟବର ମୁଖ୍ୟ ମନ୍ତ୍ରୀଙ୍କୁ ଏକ ସ୍ମାରକ ପତ୍ର ଦେବା ସହ ଏହାର ଅବିକଳ ନକଲ ମହାମହିମ ରାଜ୍ୟପାଳ , ସୁନ୍ଦରଗଡ ସାଂସଦ, ମାନ୍ୟବର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ପୋଲିସ ମହା ନିର୍ଦ୍ଦେଶକଙ୍କୁ ପଠାଇଛନ୍ତି। ଏହା ଉପରେ ଯଦି ସରକାର ଦୃଷ୍ଟି ନ ଦିଅନ୍ତି ତେବେ ଏମାନେ ଆଜି ଶାନ୍ତି ପ୍ରିୟ ଭାବେ ସ୍ମାରକ ପତ୍ର ଦେଇଥିବା ବେଳେ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ଜୋରଦାର କରିବାର ଚେତାବନୀ ଦେଇଛନ୍ତି ।

# ଯୁକ୍ତ୩ ଆଡମିଶନ ପାଇଁ ହେଲ୍ପ ଡେସ୍କ




ବେତନଟୀ,୨୩।୬ (ସଂଚାର ବ୍ୟୁରୋ)ଃ ବିଜୁ ଛାତ୍ର ଜନତା ଦଳ ଏବଂ ବିଜୁ ଯୁବ ଜନତା ଦଳ ତରଫରୁ ଆଜି ବେତନଟୀ ମହାବିଦ୍ୟାଳୟ ପରିସରରେ +୩ ଆଡମିଶନ ହେଲ୍ପ ଡେସ୍କ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ +୩ ନାମଲେଖା ପ୍ରକ୍ରିୟାରେ ଯୋଗଦେଉଥିବା ଛାତ୍ରଛାତ୍ରୀ ମାନଙ୍କୁ ସହାୟତା ଓ ମାର୍ଗଦର୍ଶନ ପ୍ରଦାନ କରାଯାଇଥିଲା।

ହେଲ୍ପ ଡେସ୍କରେ ଛାତ୍ରଛାତ୍ରୀମାନଙ୍କୁ ସାମ୍ସ ପୋର୍ଟାଲରେ ନାମଲେଖା, ବିଭିନ୍ନ ବିଷୟ ଚୟନ, ଆବଶ୍ୟକ ଦସ୍ତାବିଜ ପ୍ରସ୍ତୁତି, ଛାତ୍ରବୃତ୍ତି ସମ୍ବନ୍ଧୀୟ ସୂଚନା ଏବଂ ଅନ୍ୟାନ୍ୟ ଶିକ୍ଷାଗତ ପରାମର୍ଶ ଦିଆଯାଇଥିଲା। ଏହି ଉଦ୍ୟମ ଫଳରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପକୃତ ହୋଇଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ୩୫ନଂ. ଜିଲ୍ଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ,ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସୁଶାନ୍ତ କୁମାର ବଳା, ମୟୂରଭଞ୍ଜ ଯୁବଛାତ୍ର ନେତା ସୁନୀଲ ନାୟକ, ଅରୁଣ ବରାଡ, ଛାତ୍ରନେତା ଆଭାସ ଦେ, ରାଜ୍ୟ ସାଧାରଣ ସମ୍ପାଦକ ଚିତ୍ତେଶ୍ୱର ବେହେରା, ଯୁବ ରାଜ୍ୟ ସାଧାରଣ ସମ୍ପାଦକ ରାଜୀବ ଜେନା, ବିଜୁ ଜନତା ଦଳ ରାଜ୍ୟ ସମ୍ପାଦକ ଦୀପକ ମଢୁଆଲ, ଯୁବନେତା ସୋରଜ୍ ଶତପଥୀ, ଅମନ୍ ପପୁ, କିସର ନାୟକ, ଅନିଲ କୁମାର ସିଂ, ଦୀପକ ସାହୁ, ବିଶ୍ୱରଞ୍ଜନ, ମୋନଜ, ବାରିପଦା ବ୍ଲକ ସଭାପତି ଭିଷ୍ମ ମହାନ୍ତ ସମେତ ଅନେକ ଛାତ୍ର-ଛାତ୍ରୀ ନେତା ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

# ତ୍ରିନାଥ ଦେବଙ୍କ ମନ୍ଦିର ପ୍ରତିଷ୍ଠା

ନିମାପଡ଼ା, ୨୩।୬ (ସଂଚାର ବ୍ୟୁରୋ)ଃ ନିମାପଡ଼ା ବ୍ଲକ ଅଧୀନ ଡେଣୁଅଁ ପଂଚାୟତ ଆଳିପିଙ୍ଗଳ ଗ୍ରାମ ବାବା ବଟେଶ୍ୱର ଛକ ନିକଟରେ ତ୍ରିନାଥ ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ହୋଇଯାଇଛି। ଘଣ୍ଟ, ହୁଳହୁଳି,ମନ୍ତ୍ର ଧୋନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହେବା ସହ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।ରବିବାର ଅପରାହ୍ନରେ ଆଖପାଖ ଅଞ୍ଚଳର ୨୫ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଏକତ୍ରିତ ହୋଇ ସ୍ଥାନୀୟ କୁଶଭଦ୍ରା ନଦୀ କୂଳ ଠାରୁ ତ୍ରିନାଥ ଦେବଙ୍କ ମନ୍ଦିର ପର୍ଯ୍ୟନ୍ତ କଳସ ଯାତ୍ରା କରି ୬୦ଟି କଳହ ସଂଗ୍ରହ କରାଯାଇଥିଲା। ମଣ୍ଡଳ କରଣ ଓ କଳସ ସ୍ଥାପନ ପରେ ସୋମବାର ଦିନ



ସକାଳୁ ଠାକୁରଙ୍କ ରୀତିନୀତି ଅନୁଯାୟୀ ବରୁଣ ପୂଜା,ଦୀପ ସ୍ଥାପନ,କଳସ ପୂଜା ଅର୍ଚ୍ଚନା କରାଯାଇ ମନ୍ଦିର ପ୍ରତିଷ୍ଠା ନୀତି ଶେଷ କରାଯାଇଥିଲା। ପରେ ମନ୍ତ୍ର ଧ୍ୱନୀରେ ହୋମ ଯଜ୍ଞ ଆରମ୍ଭ କରାଯାଇ ରୀତିନୀତି ଅନୁଯାୟୀ ମନ୍ଦିର ଚକ୍ର ସ୍ଥାପନା ହୋଇ ମନ୍ଦିର ପ୍ରବେଶ ନୀତି ଆରମ୍ଭ କରାଯାଇଥିଲା। ଏହି ପ୍ରତିଷ୍ଠା କାର୍ଯ୍ୟର ମୁଖ୍ୟ ପରିଚାଳନା ଦାୟିତ୍ୱରେ ବିଖ୍ୟାତ ମିଠା ବେବସାୟୀ ତଥା ନିମାପଡ଼ା ସୁଇଟ୍ ପ୍ରତିଷ୍ଠାତା ବିମ୍ବାଧର ବେହେରା ଥିବା ବେଳେ ପୂଜା ଅର୍ଚ୍ଚନା ତଥା ମୁଖ୍ୟ ପୁରୋହିତ ଭାବେ ଦେବରାଜ ମିଶ୍ର, ଦିବାକର ନନ୍ଦ, କର୍ତ୍ତାକର୍ତ୍ତି ଭାବେ ବଂଶୀଧର ମିଶ୍ର ଓ ବିଜାଳିନ ମିଶ୍ର ଦାୟିତ୍ୱ ତୁଲାଇଥିଲେ।

# ଜନପ୍ରତିନିଧିଙ୍କୁ ଅଣଦେଖା ନେଇ ବିଡିଓଙ୍କୁ ଦାବିପତ୍ର



ଫୁଲବାଣୀ, ୨୩।୬ (ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଜନପ୍ରତିନିଧି ମାନଙ୍କୁ ବ୍ଲକ ପ୍ରଶାସନ ଅଣଦେଖା କରିବା ସହ ଜନପ୍ରତିନିଧି ମାନଙ୍କ ଅଜାଣତରେ ଓ ନିଜ ଇଚ୍ଛାରେ କାର୍ଯ୍ୟର ବିଲ କରୁଥିବା ନେଇ ଜନପ୍ରତିନିଧି ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଯାହାକୁ ନେଇ ଦୀର୍ଘ ଦିନରୁ ଫିରିଙ୍ଗିଆ ବ୍ଲକରେ ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ସରପଞ୍ଚ, ସମିତି ସଭ୍ୟ ବାରମ୍ବାର ସମିତି ବୈଠକ ସହ ବିଭିନ୍ନ କାର୍ଯ୍ୟକ୍ରମକୁ ବର୍ଜନ କରିଛନ୍ତି। କିନ୍ତୁ ଆଲୋଚନା ପାଇଁ ବାରମ୍ବାର ସ୍ଥାନୀୟ ବିଡ଼ିଓଙ୍କୁ ଦାବୀ କରିଥିଲେ ମଧ୍ୟ ବ୍ଲକ ପ୍ରଶାସନ ତରଫରୁ ଏହାକୁ କୌଣସି ଗୁରୁତ୍ୱ ଦେଉନଥିବା ବେଳେ ଏବେ ଜନପ୍ରତିନିଧି ଙ୍କ ମଧ୍ୟରେ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ଯାହାକୁ ନେଇ ଫିରିଙ୍ଗିଆ ପଞ୍ଚାୟତ ସମିତିର ସମସ୍ତ ଜନପ୍ରତିନିଧି ମାନଙ୍କୁ ଅଣଦେଖା ହେତୁ ସରକାରଙ୍କ ସମସ୍ତ କାର୍ଯ୍ୟରେ ଅସହଯୋଗ ନିମନ୍ତେ ବ୍ଲକ ସରପଞ୍ଚ ସଂଘ ଫିରିଙ୍ଗିଆ ତରଫରୁ ସ୍ଥାନୀୟ ବିଡ଼ିଓ ଅନୁପ ଅଭିଷେକ ବେହେରାଙ୍କୁ ଲିଖିତ ଦାବୀପତ୍ର ପ୍ରଦାନ କରିବା ସହ ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଅବଗତ କରିବେ ବୋଲି ସୂଚନା ଦେଇଛନ୍ତି।

## ଅସ୍ତରଙ୍ଗ ସିଏଚସିରେ ଔଷଧ ସ୍କାମ

# ରିପ୍ରେଜେଣ୍ଟେଟିଭଙ୍କ ସିଣ୍ଡିକେଟ୍ ସକ୍ରିୟ

### ନିମ୍ନମାନର ମେଡିସିନ ଲେଖି ଗରିବଙ୍କୁ ଲୁଟୁଛନ୍ତି

### ସିସିଟିଭି ଯାଞ୍ଚ ହେଲେ ସତ ସାମ୍ନାକୁ ଆସିବ




କାକଟପୁର/ଅସ୍ତରଙ୍ଗ, ୨୩।୬ (ସଂଚାର ବ୍ୟୁରୋ)ଃ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ଭିତରେ ବେସରକାରୀ ମେଡିସିନ କମ୍ପାନୀଙ୍କ ସିଣ୍ଡିକେଟ୍ ସକ୍ରିୟ ହୋଇଥିବାର ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତରଙ୍କ କାର୍ଯ୍ୟାଳୟ ସାମ୍ନାରେ ପ୍ରତିଦିନ ବିଭିନ୍ନ କମ୍ପାନୀର ମେଡିସିନ ରିପ୍ରେଜେଣ୍ଟେଟିଭଙ୍କ ଲମ୍ବା ଧାଡି ଲାଗୁଛି। ବୁଟ-ସୁଟ ପିନ୍ଧି ପିଠିରେ ବ୍ୟାଗ ପକାଇ ଏହି ରିପ୍ରେଜେଣ୍ଟେଟିଭମାନେ ସ୍ୱାସ୍ଥ୍ୟ କେନ୍ଦ୍ର ଭିତରେ ବୁଲି କିଛି କାର୍ଯ୍ୟରତ ଡାକ୍ତରଙ୍କ ସହ ସ୍ୱତନ୍ତ୍ର ଆଲୋଚନା କରୁଛନ୍ତି। ପରେ ସ୍ୱାସ୍ଥ୍ୟ କେନ୍ଦ୍ର ବାହାରେ ଥିବା ନିର୍ଦ୍ଦିଷ୍ଟ ମେଡିସିନ ଦୋକାନରୁ ଔଷଧ କିଣିବାକୁ ରୋଗୀଙ୍କୁ ପରାମର୍ଶ ଦିଆଯାଉଛି। ଏହା ସହ ନିର୍ଦ୍ଦିଷ୍ଟ କମ୍ପାନୀ ମେଡ଼ିସିନ ଡକ୍ଟର ଲେଖୁଛନ୍ତି। ଯାହା ଅନେକ ସମୟରେ ନିରାମୟ କେନ୍ଦ୍ରରେ ମିଳୁନାହିଁ। ଲୋକେ ବାହାର ମେଡ଼ିସିନ ଷ୍ଟୋରରୁ କିଣୁଛନ୍ତି।

ରୋଗୀଙ୍କ ଅଭିଯୋଗ ଅନୁସାରେ ଡାକ୍ତର ଯେଉଁ ସମସ୍ତ ଔଷଧ ଲେଖୁଛନ୍ତି ତାହା ନିରାମୟ ଯୋଜନାରେ ମିଳୁନାହିଁ। "ଅଧା ଔଷଧ ଷ୍ଟକରେ ନାହିଁ" କହି ଗରିବ ରୋଗୀଙ୍କୁ ବାହାରୁ ୩ଶହରୁ ୪ଶହ ଟଙ୍କାର ଔଷଧ କିଣିବାକୁ ବାଧ୍ୟ କରାଯାଉଛି। ଫଳରେ ମାଗଣା ଚିକିତ୍ସା ପାଇଁ ଆସୁଥିବା ଲୋକେ ପକେଟରୁ ଟଙ୍କା ଖର୍ଚ୍ଚ କରି ନାକେଦମ ହେଉଛନ୍ତି।

ଆହୁରି ସଙ୍ଗୀନ ଅଭିଯୋଗ ଆସିଛି। ନାମ ଗୋପନ ରଖିବା ସର୍ତ୍ତରେ ଜଣେ ସ୍ଥାନୀୟ ମେଡିସିନ ଷ୍ଟୋର ମାଲିକ କହିଛନ୍ତି, "ଡାକ୍ତର ନିର୍ଦ୍ଦିଷ୍ଟ କମ୍ପାନୀର ନିମ୍ନମାନର ଔଷଧ ଲେଖୁଛନ୍ତି। ସେହି ଔଷଧ ଖାଇ ରୋଗୀ ଭଲ ହେବାକୁ ବହୁତ ଦିନ ଲାଗୁଛି। ଫଳରେ ଗରିବ ଲୋକେ ବାରମ୍ବାର ଡାକ୍ତରଖାନା ଆସି ଖର୍ଚ୍ଚାନ୍ତ ହେଉଛନ୍ତି। ଗୁଣାତ୍ମକ ଔଷଧ ନଥିବାରୁ ଚିକିତ୍ସା ଟାଣୁଛି, କିନ୍ତୁ ବିଲ୍ ବଢୁଛି"। ଏହା କେତେ ସତ୍ୟ ତଦନ୍ତ କଲେ ସତ ସାମ୍ନାକୁ ଆସିବ। ସ୍ୱାସ୍ଥ୍ୟ କେନ୍ଦ୍ର ରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କଲେ ରିପ୍ରେଜେଣ୍ଟେଟିଭଙ୍କ ଭିଡ ଓ ଡାକ୍ତରଙ୍କ କୋଠରୀ ଭିତରକୁ ସେମାନଙ୍କ ଅନୁପ୍ରବେଶର ସତ ସାମ୍ନାକୁ ଆସିବ।

ସରକାରୀ ନିୟମ ଅନୁସାରେ ଡାକ୍ତରଖାନା ପରିସର ଭିତରେ କମ୍ପାନୀ ପ୍ରତିନିଧିଙ୍କ ପ୍ରବେଶ ଓ ପ୍ରମୋସନ ସମ୍ପୂର୍ଣ୍ଣ ନିଷେଧ। କିନ୍ତୁ ନିୟମକୁ ଖୋଲାଖୋଲି ଉଲଙ୍ଘନ କରାଯାଉଛି। ଏହି ଘଟଣାକୁ ଗୁରୁତର ସହ ନେଇ ତୁରନ୍ତ ତଦନ୍ତ କରିବାକୁ ସ୍ଥାନୀୟବାସୀ ଦାବି କରିଛନ୍ତି।

ନିରାମୟ ଯୋଜନାର ଉଦ୍ଦେଶ୍ୟ ଗରିବଙ୍କୁ ମାଗଣା ଓ ଗୁଣାତ୍ମକ ଚିକିତ୍ସା ଦେବା। କିନ୍ତୁ ଅସ୍ତରଙ୍ଗରେ ସେହି ଯୋଜନାକୁ କମ୍ପାନୀ ଲବି ଫେଲ କରିଦେଉଛି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ନହେଲେ ଜନ ଅସନ୍ତୋଷ ବଢ଼ିବା ସ୍ୱାଭାବିକ।

# ଦୁର୍ଘଟଣାରେ ଗୁରୁତର ବାଛୁରୀର ଜୀବନ ରକ୍ଷା କଲା ସୋଆ ପଶୁ ଚିକିତ୍ସାଳୟ

ଭୁବନେଶ୍ୱର, ୨୩।୬ (ସଂଚାର ବ୍ୟୁରୋ)ଃ ଗତ ଜୁନ୍ ୧୫ ତାରିଖ ରଜ ସଂକ୍ରାନ୍ତି ସନ୍ଧ୍ୟା ସମୟରେ ରାସ୍ତାରେ ଶୋଇ ରହିଥିବା ଏକ ବାଛୁରୀ ଉପରେ ହଠାତ୍ ମାଡିଯାଇଥିଲା ଏକ ଚାରିଚକିଆ ଯାନ। ଦୁର୍ଘଟଣା ଘଟାଇବା ପରେ ବାଛୁରୀଟିର ଅବସ୍ଥା ବୁଝିବା ବଦଳରେ ସେଠାରୁ ଉଭାନ ହୋଇଯାଇଥିଲା ସ୍ଥାନୀୟ ବାସିନ୍ଦା ଅନେକ ଚେଷ୍ଟା କରିବା ପରେ ବାଛୁରୀଟିର ଚିକିତ୍ସା ପାଇଁ କୌଣସି ସନ୍ଧାନ ପାଇପାରି ନଥିଲେ। ଶେଷରେ ଜଣେ ସ୍ଥାନୀୟ ବ୍ୟକ୍ତି ଶିକ୍ଷା ଅନୁସନ୍ଧାନ (ସୋଆ) ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ ଭେଟେରିନାରୀ ସାଇନସେସ୍ ଆଣ୍ଡ ଆନିମଲ ହଜ୍‌ବାଣ୍ଡରୀ (ଆଭିଏସ୍ଏଏଚ୍) ପରିଚାଳିତ ପ୍ରାଣୀ ଚିକିତ୍ସାଳୟ (ଭେଟେରିନାରୀ କ୍ଲିନିକାଲ୍ କମ୍ପ୍ଲେକ୍ସ)କୁ ଯୋଗାଯୋଗ କରିବା ପରେ ଏହାର ଆମ୍ବୁଲାନ୍ସ କିଛି ସମୟ ମଧ୍ୟରେ ଘଟଣାସ୍ଥଳରେ ପହଞ୍ଚି ବାଛୁରୀଟିକୁ ଉଦ୍ଧାର କରି ଚିକିତ୍ସା ପାଇଁ ନେଇ ଯାଇଥିଲେ।

ହସ୍ପିଟାଲରେ ପହଞ୍ଚିବା ପରେ ତୁରନ୍ତ ବାଛୁରୀଟିର ଚିକିତ୍ସା ଆରମ୍ଭ କରାଯାଇଥିଲା। ଚିକିତ୍ସା ଆରମ୍ଭ ହେବା ପରେ ବାଛୁରୀଟି ଧିରେ ଧିରେ ସୁସ୍ଥ ହେବା ସହ ଖାଦ୍ୟ ପାନୀୟ ମଧ୍ୟ ଗ୍ରହଣ କରିବା ଆରମ୍ଭ କରିଥିଲା। ପ୍ରଫେସର ସାହୁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଡାକ୍ତରୀ ଟିମ୍ ବାଛୁରୀଟିକୁ ସମ୍ପୂର୍ଣ୍ଣ ସୁସ୍ଥ କରିଥିଲେ। ସୁସ୍ଥ ହେବା ପରେ ଆମ୍ବୁଲାନ୍ସ ଯୋଗେ ଯେଉଁ ସ୍ଥାନରୁ ତାକୁ ଉଦ୍ଧାର କରାଯାଇଥିଲା ସେଠାରେ ପୁଣି ତାକୁ ଆଣି ଛାଡି ଦିଆଯାଇଥିଲା।

# ଆଇନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ରଥ ସମନ୍ୱୟ ବୈଠକ

- ତ୍ରୁଟିଶୂନ୍ୟ ରଥଯାତ୍ରା ଉପରେ ଗୁରୁତ୍ୱ
- ଆଧାର କାର୍ଡ ସ୍କାନ୍ କରି ଦର୍ଶନ କରିବେ ପୁରୀବାସୀ
- ରଥଯାତ୍ରା ପାଇଁ ପୁରୀ ସହରକୁ ସିଲ୍ କରାଯିବ
- ଟ୍ରାଫିକ୍ କଟକଣା ସହ ଜରୁରୀ ସେବା ପାଇଁ ବ୍ଲୁ-ପ୍ରିଣ୍ଟ



ପୁରୀ,୨୩।୬(ସଂଚାର ବ୍ୟୁରୋ)ଃ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଦ୍ୱିତୀୟ ସମନ୍ୱୟ ବୈଠକ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ରଥ ନିର୍ମାଣ, ସ୍ୱାସ୍ଥ୍ୟ ଓ ପରିମଳ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ ସୁରକ୍ଷା, ପରିବହନ ବ୍ୟବସ୍ଥା, ରାସ୍ତାଘାଟ ନିର୍ମାଣ, ସ୍ୱେରେଜ୍ ଓ ଡ୍ରେନେଜ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ରଥ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ସୂଚନା ଦେଇଛନ୍ତି। ରଥଟଣା ଓ ପହଣ୍ଡିକୁ ଶୃଙ୍ଖଳିତ କରିବା ପାଇଁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମୟରେ ୨୦୦ଟି ଅତିରିକ୍ତ ଶଯ୍ୟା ବ୍ୟବସ୍ଥା ହେବ। ସହରର ବିଭିନ୍ନ ସ୍ଥାନରେ ୩୦ଟି ଆଶୁ ଆରୋଗ୍ୟ କେନ୍ଦ୍ର ହେବ। ସେହିପରି ଗହଳି ଓ ସମ୍ବେଦନଶୀଳ ସ୍ଥାନରେ ର୍ୟାପିଡ ରେସ୍ପନ୍ସ ଟିମ୍ କାମ କରିବ। ୨୩୦ ଡାକ୍ତରଙ୍କ ସହ ସ୍ପେସିଆଲିଷ୍ଟ ଡାକ୍ତର ରହିବେ। ପୁରୀରେ ସ୍ଥାୟୀ ବର୍ଣ୍ଣ ଓ କ୍ୟାଥୋଲ୍ୟାବ ହେବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ପୁରୀ ମହାନଗର ନିଗମ ପକ୍ଷରୁ ସହରର ସମସ୍ତ ନାଳ ଦୁଇ ଥର ସଫା କରାଯାଇଛି। ରେଡକ୍ରସ ରୋଡ ମୁଖ୍ୟ ଡ୍ରେନ ଓ ଗଙ୍ଗା ଯମୁନା ଡ୍ରେନ ସଫେଇ କରାଯାଇଛି। ବର୍ଷା ଜଳ ନିଷ୍କାସନ ପାଇଁ ଉଚ୍ଚ କ୍ଷମତାସମ୍ପନ୍ନ ପାୱାର ପମ୍ପ ରଖାଯିବ। ସେହିପରି ଦେବସ୍ନାନ ପୂର୍ଣ୍ଣମୀରେ ୩୦୦ ଅସ୍ଥାୟୀ ଶୌଚାଳୟକୁ ମିଶାଇ ସହରରେ ମୋଟ ୧୬୦୦ ଟି ଅସ୍ଥାୟୀ ଶୌଚାଳୟ ହେବ। ଏହାଛଡ଼ା ୨୩ଟି ସ୍ଥାନରେ ହେବ ଅସ୍ଥାୟୀ ପାର୍କିଂ। ରଥଯାତ୍ରା ସୁପରିଚାଳନା ଦାୟିତ୍ୱରେ ଥିବା ଅତିରିକ୍ତ ପୁଲିସ ଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇ କହିଥିଲେ ପୂରା ସହର ସିସିଟିଭି ସ୍କାନର୍‌ରେ ରହିବ। ବିଭିନ୍ନ ସ୍ଥାନରେ ୧୭୦ ସିସିଟିଭି କ୍ୟାମେରା ଲଗାଯାଇ କାର୍ଯ୍ୟକ୍ଷମ ହୋଇଛି। ମୋଟ ୪୭୫ଟି ସିସିଟିଭି କ୍ୟାମେରା ଲାଗିବ। ଜନଗହଳି ନିୟନ୍ତ୍ରଣ ପାଇଁ ୨୮ଟି ଜରୁରୀକାଳୀନ ପ୍ରସ୍ଥାନ ପଏଣ୍ଟ ରହିବ। ଆମ୍ବୁଲାନ୍ସ ଯାତାୟାତ ପାଇଁ ଗ୍ରୀନ କରିଡର୍ କରାଯିବ। ସହରର ସୁରକ୍ଷା ପାଇଁ ଏନଏସଜି ସହ ସ୍ୱତନ୍ତ୍ର ଟାକ୍ଟିକାଲ ୟୁନିଟ୍ ମୁତୟନ କରାଯିବ। ଯାତ୍ରୀଙ୍କ ସହାୟତା ପାଇଁ ସହାୟତା ଆପ୍ କାର୍ଯ୍ୟକାରୀ ହେବ। ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ପୁରୀବାସୀଙ୍କ ପାଇଁ ହେବ ସ୍ୱତନ୍ତ୍ର ବ୍ୟବସ୍ଥା ହେବ। ଆଧାର କାର୍ଡ ସ୍କାନ କରି ଦର୍ଶନ କରିପାରିବେ ପୁରୀବାସୀ। ଏଥିସହ ବୈଠକରେ ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ସୁପରିଚାଳନା ସହ ସ୍ୱାସ୍ଥ୍ୟ ଓ ପରିବହନ ସବୁ ବିଭାଗର ମାଷ୍ଟର ପ୍ଲାନ୍‌ର ହୋଇଛି ସମୀକ୍ଷା। ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ସବୁ ବ୍ୟବସ୍ଥା କରାଯାଇଛି।

ଚଳିତ ବର୍ଷ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୁରକ୍ଷା ତଥା ଟ୍ରାଫିକ୍ ପରିଚାଳନା ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ବିଶେଷକରି ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ଓ ସହର ମଧ୍ୟରେ ଯାତାୟାତ ସହଜ କରିବା ପାଇଁ ଆସନ୍ତା ମାସରୁ ହିଁ ସାରା ପୁରୀରେ କଡ଼ା କଟକଣା ଲାଗୁ ହେବ। ଭକ୍ତମାନେ ବିନା କୌଣସି ଅସୁବିଧାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନ ସକାଶେ ପୂର୍ବ ବର୍ଷ ଅପେକ୍ଷା ଏଥର ଅଧିକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ରାଜଧାନୀ ଭୁବନେଶ୍ୱର ଓ କଟକ ଆଡୁ ଆସୁଥିବା ସମସ୍ତ ଚାରିଚକିଆ ଯାନ ପାଇଁ ମାଳତୀପାଟପୁର ବସ୍ ଟର୍ମିନାଲ୍ ଓ ତା'ର ଆଖପାଖ ଅଞ୍ଚଳରେ ପାର୍କିଂ ବ୍ୟବସ୍ଥା କରାଯାଇଛି। ସେହିପରି ଦୁଇ ଚକିଆ ଯାନଗୁଡ଼ିକ ପାଇଁ ସହର ଭିତରକୁ ପ୍ରବେଶ ଅନୁମତି ଥିଲେ ହେଁ ସେମାନଙ୍କୁ ମଧ୍ୟ ଜଗନ୍ନାଥ ବଲ୍ଲଭ ମଠ କିମ୍ବା ଇନ୍ଦ୍ରଦ୍ୟୁମ୍ନ ପୋଖରୀ ନିକଟରେ ଥିବା ନିର୍ଦ୍ଧାରିତ ପାର୍କିଂ ସ୍ଥଳରେ ଗାଡ଼ି ରଖିବାକୁ ପଡ଼ିବ। ବାହାରୁ ଆସୁଥିବା ଯାତ୍ରୀବାହୀ ବସଗୁଡ଼ିକୁ ସହର ମଧ୍ୟକୁ ଛଡ଼ାଯିବ ନାହିଁ, ସେଗୁଡ଼ିକ ମାଳତୀପାଟପୁର ନିକଟରେ ହିଁ ଅଟକିବେ। ସେଠାରୁ ଭକ୍ତମାନଙ୍କୁ ସହର ଭିତରକୁ ଆଣିବା ପାଇଁ ପ୍ରଶାସନ ପକ୍ଷରୁ ଶତାଧିକ ମାଗଣା ସଟଲ ବସ ବ୍ୟବସ୍ଥା କରାଯାଇଛି।

## ଦୁଷ୍କର୍ମ ଅଭିଯୋଗରେ ଟ୍ୟୁସନ ସାର୍ ଗିରଫ

ଭୁବନେଶ୍ୱର,୨୩।୬(ସଂଚାର ବ୍ୟୁରୋ)ଃ ପୁଣି ରାଜଧାନୀରେ ଲଜ୍ଜା। ନାବାଳିକାଙ୍କୁ କୋଚିଂ ସେଣ୍ଟରରେ ଦୁଷ୍କର୍ମ। ଅଭିଯୁକ୍ତ ଜଣଙ୍କ ହେଲେ ନିରଞ୍ଜନ ମିଶ୍ର (୨୮ ବର୍ଷ)। ଘର ଚକେଇସିଆଣି ମଙ୍ଗଳା ମନ୍ଦିର ନିକଟରେ। ଅଭିଯୋଗ ପରେ ଅଭିଯୁକ୍ତ ଜଣଙ୍କୁ ବାନ୍ଧିଛି ମହିଳା ଥାନା ପୁଲିସ। ପୀଡ଼ିତାଙ୍କ ବୟାନ ରେକର୍ଡ ସହ ଡାକ୍ତରୀ ମାଇନା ମଧ୍ୟ କରିଛି ପୁଲିସ। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅଭିଯୁକ୍ତ ଜଣଙ୍କ ପେସାରେ ଜଣେ ଶିକ୍ଷକ। ରାଜଧାନୀରେ କୋଚିଂ ସେଣ୍ଟର କରିଛନ୍ତି ସେ। ଶିକ୍ଷାଦାନ ଭଳି ମହତ କାମରେ ନିୟୋଜିତ ଥାଇ ମଧ୍ୟ ଏଭଳି କୁକର୍ମ କରିଛନ୍ତି ଏହି ଶିକ୍ଷକ ଜଣଙ୍କ, ଯାହାକୁ ନେଇ ପରିବାର ଲୋକେ ମହିଳା ଥାନାରେ ଅଭିଯୋଗ କରିବା ପରେ ତାଙ୍କୁ ଗିରଫ କରାଯାଇଛି। ଏଥିସହ ସମ୍ପୃକ୍ତ ଶିକ୍ଷକ ଜଣଙ୍କ ଅନ୍ୟ କାହା ସହ ଯଦି ଏଭଳି ଘଟଣା ଘଟାଇଥାଆନ୍ତି, ତା'ହେଲେ ସେମାନେ ତୁରନ୍ତ ଥାନାରେ ଅଭିଯୋଗ କରିବାକୁ ମହିଳା ଥାନା ପୁଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି।



## ପ୍ରବାସୀ ଶ୍ରମିକଙ୍କୁ ମାଡ଼ ଘଟଣାରେ ୫ ଗିରଫ



ସମ୍ବଲପୁର,୨୩।୬(ସଂଚାର ବ୍ୟୁରୋ)ଃ ସମ୍ବଲପୁରରେ କେରଳର ଜଣେ ପ୍ରବାସୀ ଶ୍ରମିକଙ୍କୁ ମାଡ଼ ଘଟଣାରେ ସ୍ଥାନୀୟ ପୁଲିସ୍ ନେଇ ବଡ଼ କାର୍ଯ୍ୟାନୁଷ୍ଠାନ। ଏହି ମାମଲାରେ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଶିବ ଗଣ୍ଡ, ପୃଥ୍ୱୀ ନାଗ, ସୁଶାନ୍ତ ସୁନା, ସଚିନ୍ଦ୍ର ପାଣ୍ଡେ ଓ ସରୋଜ ମେହେର। ଗତ ୨୧ ତାରିଖରେ ପିଲାଚୋର ସନ୍ଦେହରେ କେରଳର ବିଷ୍ଣୁ କୈସଙ୍କୁ କିଛି ଲୋକ ଆକ୍ରମଣ କରିଥିଲେ। ତେବେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଯିବାରୁ ଲୋକଙ୍କ ଆକ୍ରୋଶରୁ ଅଳ୍ପକେ ବର୍ତ୍ତିଯାଇଥିଲେ ଉକ୍ତ ଅଣଓଡ଼ିଆ ଯୁବକ। ସ୍ଥାନୀୟ ଭାଷା ବୁଝି ନ ପାରିବାରୁ ରୋଜଗାର ସନ୍ଧାନରେ ଆସିଥିବା ବିଷ୍ଣୁଙ୍କୁ ଲୋକେ ଘେରିଯାଇ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାରେ ପୂର୍ବରୁ ୩ ଜଣଙ୍କୁ ଅଟକ ରଖି ପୁଲିସ୍ ପଚରାଉଚରା କରୁଥିଲା। ଘଟଣାର ତଦନ୍ତ ପରେ ପୋଲିସ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛି।

## ପାଣିରେ ବୁଡ଼ି ଜଣେ ମୃତ




ନୀଳଗିରି,୨୩।୬(ସଂଚାର ବ୍ୟୁରୋ)ଃ ନୀଳଗିରି ସୋନ ନଦୀରେ ପୁଣି ଘଟିଛି ଏକ ଅଘଟଣ। କାଠପାଳ ନିକଟସ୍ଥ ଜୁଣକୋଇଲି ଅଞ୍ଚଳରେ ପାଣିରେ ପଡ଼ି ଉକ୍ତ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ବାଡ଼ିଆ ଗାଁର ସ୍ୱର୍ଗତଃ ଅନିରୁଦ୍ଧ ଦାଶଙ୍କ ଏକମାତ୍ର ପୁତ୍ର ସତ୍ୟଜିତ। ମିଳିଥିବା ସୂଚନାନୁଯାୟୀ, ସତ୍ୟଜିତ ନଦୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ହଠାତ୍ ଗଭୀର ଜଳରେ ଗୋଡ଼ ଖସିଯାଇଥିଲା ଆଉ ସେ ପାଣିରେ ବୁଡ଼ିଯାଇଥିଲେ। ପରେ ସ୍ଥାନୀୟ ଲୋକେ ସତ୍ୟଜିତଙ୍କୁ ଉଦ୍ଧାର କରିଥିଲେ। ପରବର୍ତ୍ତୀ ସମୟରେ ନୀଳଗିରି ଅଗ୍ନିଶମ ବାହିନୀ ଓ ପୁଲିସ ପହଞ୍ଚି ତାଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସତ୍ୟଜିତ ପରିବାରର ଏକମାତ୍ର ପୁତ୍ର ହୋଇଥିବାରୁ ପରିବାର ଉପରେ ଦୁଃଖର ବାଦଲ ଘୋଟିଆସିଛି। ତେବେ ସୋନ ନଦୀରେ ବାଲି ମାଫିଆଙ୍କ ଦ୍ୱାରା ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ବାରମ୍ବାର ଏପରି ଅଘଟଣ ଘଟୁଥିବାରୁ ସ୍ଥାନୀୟ ଅଞ୍ଚଳରେ ଚିନ୍ତା ପ୍ରକାଶ ପାଇଛି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ସଚେତନତା କରିବାର ଆବଶ୍ୟକତା ରହିଛି।

## ମହିଳା କର୍ମଚାରୀଙ୍କୁ ଅସଦାଚାରଣଃ ୪ ଗିରଫ



ବାଙ୍ଗିରିପୋଷି,୨୩।୬ (ସଂଚାର ବ୍ୟୁରୋ)ଃ ଜନୈକା ମହିଳା କର୍ମଚାରୀଙ୍କୁ ଅସଦାଚରଣ ଅଭିଯୋଗରେ ୪ ଜଣଙ୍କୁ ଗିରଫ କରାଯାଇଛି। ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା କଳାବାଡ଼ିଆରେ ଦେଖିବାକୁ ମିଳିଛି ଏଭଳି ଏକ ଅଘଟଣ। ସାଇ କୃପା ପେଟ୍ରୋଲ ପମ୍ପରେ କାର୍ଯ୍ୟରତ ଜଣେ ମହିଳା କର୍ମଚାରୀଙ୍କୁ ଗାଳିଗୁଲଜ ସହ ତାଙ୍କୁ ଆକ୍ରମଣ କରାଯାଇଛି। ଅଭିଯୁକ୍ତ ଯୁବକ ଓ ତାଙ୍କ ସାଥୀ ଜଗନ୍ନାଥ ଖୁଣ୍ଟା ପେଟ୍ରୋଲ ପମ୍ପକୁ ତେଲ ପକାଇବାକୁ ଆସିଥିବା ବେଳେ ସାଧାରଣ କଥାକୁ ନେଇ ମହିଳା କର୍ମଚାରୀଙ୍କ ସହ ସେମାନଙ୍କର ବଚସା ହୋଇଥିଲା। କ୍ରମଶଃ ଅଭିଯୁକ୍ତ ଯୁବକମାନେ ମହିଳା କର୍ମଚାରୀଙ୍କୁ ଧକ୍କା ମାରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ପେଟ୍ରୋଲ ପମ୍ପରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ପରିସ୍ଥିତି ଅଧିକ ଜଟିଳ ହେବାରୁ ମହିଳା କର୍ମଚାରୀ ଜଣଙ୍କ ବାଙ୍ଗିରିପୋଷି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ୪ ଆକ୍ରମଣକାରୀଙ୍କୁ ଗିରଫ କରିଛି। ସେପଟେ ପେଟ୍ରୋଲ ପମ୍ପ ସିସିଟିଭି ଆଧାରରେ ଘଟଣାର ତଦନ୍ତ ଚଳାଇଛି ପୁଲିସ।

### ରାଜନୈତିକ ଦଳଗୁଡ଼ିକ ସହ ସିଇଓଙ୍କ ବୈଠକ

## ଯୋଗ୍ୟ ମତଦାତା ବାଦ ନ ପଡ଼ିବାକୁ ଗୁରୁତ୍ୱ



ଭୁବନେଶ୍ୱର,୨୩।୬(ସଂଚାର ବ୍ୟୁରୋ)ଃ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆରଏସ ଗୋପାଳନଙ୍କ ଅଧ୍ୟକ୍ଷତାରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କ ସହ ଆଜି ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇ ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)ର ଅଗ୍ରଗତି ନେଇ ଆଲୋଚନା କରିଥିଲେ। ବୈଠକରେ ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ସମଗ୍ର ରାଜ୍ୟରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ଓ ଡିଜିଟାଇଜେସନର ବର୍ତ୍ତମାନର ସ୍ଥିତି ଉପରେ ଏଥିରେ ଆଲୋଚନା ହୋଇଥିଲା। ଏଥିସହ ଆସନ୍ତା ଜୁଲାଇ ୫ ତାରିଖରେ ପ୍ରକାଶ ପାଇବାକୁ ଥିବା 'ଚିଠା ଭୋଟର ତାଲିକା' ଓ ଏହି ସଂଶୋଧନ ପ୍ରକ୍ରିୟାର ପରବର୍ତ୍ତୀ ପର୍ଯ୍ୟାୟଗୁଡ଼ିକର ସୁପରିଚାଳନା ନେଇ ରଣନୀତି ପ୍ରସ୍ତୁତ କରାଯାଇଛି। ଏକ ସମ୍ପୂର୍ଣ୍ଣ, ସଠିକ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରିବା ପାଇଁ ବୈଠକରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି ପ୍ରକ୍ରିୟାରେ ପ୍ରଭାବଶାଳୀ ସହଭାଗିତା ବୃଦ୍ଧି କରିବା ଓ କେହି ଜଣେ ବି ଯୋଗ୍ୟ ଭୋଟର ଯେମିତି ବାଦ ନ ପଡ଼ିବେ ସେଥିଲାଗି ପ୍ରତ୍ୟେକ ବିଧାନସଭା ନିର୍ବାଚନମଣ୍ଡଳୀରେ ବୁଥ୍‌ସ୍ତରୀୟ ଅଧିକାରୀ ଓ ବୁଥସ୍ତରୀୟ ଏଜେଣ୍ଟମାନଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଆସନ୍ତାକାଲି ଓ ୨୫ ତାରିଖରେ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିପରି ଚିଠା ଭୋଟର ତାଲିକାକୁ ନେଇ କୌଣସି ପ୍ରକାରର ଆପତ୍ତି ଅଭିଯୋଗ ଥିଲେ ଜୁଲାଇ ୫ରୁ ଅଗଷ୍ଟ ୪ ମଧ୍ୟରେ ଆପତ୍ତି ଦାଖଲ କରାଯାଇପାରିବ। ରାଜ୍ୟରେ ଆଜି ସୁଦ୍ଧା ୯୯.୯୧ ପ୍ରତିଶତ ଅର୍ଥାତ ୩ କୋଟି ୩୩ ଲକ୍ଷ ୬୯ ହଜାର ୬୨୭ ଜଣ ଭୋଟରଙ୍କୁ ପରିଗଣନା ଫର୍ମ ବଣ୍ଟନ ହୋଇଥିବା ବେଳେ ସେଥିମଧ୍ୟରୁ ୯୦.୮୬ ପ୍ରତିଶତ ଅର୍ଥାତ ୩ କୋଟି ୩୪ ଲକ୍ଷ ୬ ହଜାର ୭୨୯ ଜଣ ଭୋଟରଙ୍କର ଡିଜିଟାଇଜେସନ କରାଯାଇଛି।

## ବାଲିଅନ୍ତା ସୌମ୍ୟ ହତ୍ୟା ଘଟଣାରେ ଆଉ ଜଣେ ଗିରଫ



ଭୁବନେଶ୍ୱର,୨୩।୬(ସଂଚାର ବ୍ୟୁରୋ)ଃ ବାଲିଅନ୍ତା ସୌମ୍ୟ ରଞ୍ଜନ ସ୍ୱାଇଁ ଭିଡ଼ ହିଂସା ହତ୍ୟା ଘଟଣାରେ ଆଜି ଆଉ ଜଣଙ୍କୁ ଗିରଫ କରିଛି କ୍ରାଇମ୍ ବ୍ରାଞ୍ଚ। ଗିରଫ ଅଭିଯୁକ୍ତ ଜଣଙ୍କ ବିଭୁତି ଭୂଷଣ ପରିଡ଼ା ହୋଇଥିବା ବେଳେ ସେ ପେସାରେ ଜଣେ ଓକିଲ ବୋଲି ଜଣାପଡ଼ିଛି। ବିଡ଼ାନାସୀରେ ସେ ତାଙ୍କର ଜନୈକ ସମ୍ପର୍କୀୟଙ୍କ ଘରେ ଲୁଚିଥିବା ସମୟରେ ସେଠାରୁ ତାଙ୍କୁ ଗିରଫ କରାଯାଇଛି। ଏଥିସହ ଏହି ଘଟଣାରେ ଆଜି ପର୍ଯ୍ୟନ୍ତ ମୋଟ ୧୯ ଜଣଙ୍କୁ ଗିରଫ କରାଯାଇସାରିଛି। ସୂଚନାଯୋଗ୍ୟ ଯେ କିଛିଦିନ ପୂର୍ବରୁ ବାଲିଅନ୍ତା ବର୍ବର କାଣ୍ଡ ଘଟଣାରେ ଜାତୀୟ ମାନବାଧିକାର କମିଶନ୍ (ଏନ୍‌ଏଚ୍‌ଆରସି)। ସୌମ୍ୟଙ୍କ ବିରୋଧରେ ଅଭିଯୋଗ କରିଥିବା ଦୁଇ ଯୁବତୀ, ମୃତଦେହର ବ୍ୟବଚ୍ଛେଦ କରିଥିବା ଡାକ୍ତର, ସୌମ୍ୟଙ୍କ ସାଙ୍ଗ ନିଶିକାନ୍ତ ଆଦି ହାଜର ହୋଇଥିଲେ। ଏଥିସହ ଘଟଣାସ୍ଥଳରେ ଥିବା ସୌମ୍ୟଙ୍କ ବନ୍ଧୁ ଓମ୍, ଆମ୍ବୁଲାନ୍ସ ଡ୍ରାଇଭର ଓ କ୍ରାଇମବ୍ରାଞ୍ଚ ଅଫିସର୍ ଟିମ୍ ମଧ୍ୟ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ହାଜର ହୋଇଥିଲେ। ସମସ୍ତଙ୍କୁ ଏନ୍‌ଏଚ୍‌ଆର୍‌ସି ଟିମ୍ ପଚରାଉଚରା କରିଥିଲା।

## ରେଳଧାରଣାରୁ ସମାଜସେବୀଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର

### ସୁଇସାଇଡ୍ ନୋଟ୍ ଜବତ, ଯାଞ୍ଚ କରୁଛି ପୁଲିସ



ଝାରସୁଗୁଡ଼ା,୨୩।୬(ସଂଚାର ବ୍ୟୁରୋ)ଃ ବାଲିଯୋରୀ ନିକଟ ଟ୍ରେନ୍ ଟ୍ରାକ୍‌ରୁ ମିଳିଛି ସମାଜସେବୀ ତ୍ରିନାଥ ଗୁଆଲଙ୍କ ମୃତଦେହ। କ୍ଷତାକ୍ତ ଅବସ୍ଥାରେ ଏହି ମୃତଦେହକୁ ରେଳବାଇ ପୁଲିସ ଉଦ୍ଧାର କରିବା ସହ ଏହାକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାପଡ଼ିଛି। ଏଥିସହ ମୃତଦେହ ନିକଟରୁ ପୁଲିସ୍‌କୁ ଏକ ହାତଲେଖା ସୁଇସାଇଡ୍ ନୋଟ୍ ବି ମିଳିଛି। ସେଥିରେ 'ମୋ ମୃତ୍ୟୁ ପାଇଁ କେହି ଦାୟୀ ନୁହନ୍ତି' ବୋଲି ସ୍ପଷ୍ଟ ଲେଖା ରହିଛି। ମିଳିଥିବା ସୂଚନାନୁଯାୟୀ, ଝାରସୁଗୁଡ଼ା ଜିଲ୍ଲାର ଜଣାଶୁଣା ସମାଜସେବୀ ଶ୍ରୀ ଗୁଆଲ ପୂର୍ବରୁ ଝାରସୁଗୁଡ଼ା ଓକିଲ ସଂଘର ସଭାପତି ରହିବା ସହ ବିଜେଡି ଜିଲ୍ଲା ସଭାପତି ଭାବେ କାର୍ଯ୍ୟ କରିଥିଲେ। ଏହାଛଡ଼ା ସେ ଅନେକଗୁଡ଼ିଏ ସାମାଜିକ ଅନୁଷ୍ଠାନ ସହ ମଧ୍ୟ ଜଡ଼ିତ ଥିଲେ। ସ୍ୱର୍ଗତ କିଶୋର ମହାନ୍ତିଙ୍କ ଜଣେ ଘନିଷ୍ଠ ସହଯୋଗୀ ଭାବେ ପରିଚିତ ଶ୍ରୀ ଗୁଆଲଙ୍କ ମୃତଦେହ ନିକଟରୁ ସୁଇସାଇଡ୍ ନୋଟ୍ ଉଦ୍ଧାର କରାଯାଇଥିବାରୁ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। ତେବେ ପୁଲିସ ତଦନ୍ତ ପରେ ଶ୍ରୀ ଗୁଆଲଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି।

## ଆସନ୍ତା ୨୭ ପର୍ଯ୍ୟନ୍ତ ବର୍ଷା, ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୨୩।୬(ସଂଚାର ବ୍ୟୁରୋ)ଃ ସମଗ୍ର ଓଡିଶାକୁ ଛୁଇଁଲା ମୌସୁମୀ। ରାଜ୍ୟର ସମସ୍ତ ଜିଲ୍ଲାକୁ ମୌସୁମୀ ବାୟୁ ପ୍ରବେଶ କରିଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏହା ପ୍ରଭାବରେ ରାଜ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବର୍ଷା ହେବ। ଏଥିପାଇଁ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ବିଭିନ୍ନ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ଆସନ୍ତା ୨୫ ତାରିଖ ବେଳକୁ ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ର ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ବର୍ଷା ହେବବ। ଏହା ପରେ ୨୯ ତାରିଖ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ଲଘୁଚାପର ରୂପ ନେବ ବୋଲି ସୋଆ ସିଇସି ମୁଖ୍ୟ ଶରତ ଚନ୍ଦ୍ର ସାହୁ ପୂର୍ବାନୁମାନ କରିଛନ୍ତି। ଆସନ୍ତା ଜୁଲାଇ ପ୍ରଥମ ସପ୍ତାହରେ ୨ରୁ ୪ ତାରିଖ ମଧ୍ୟରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେବ। ଜୁଲାଇ ପ୍ରଥମ ସପ୍ତାହରେ ଭଲ ବର୍ଷା ହେବ ବୋଲି ସେ ସୂଚନା ଦେଇଛନ୍ତି। ତେବେ ଆଭ୍ୟନ୍ତରୀଣ ଓଡ଼ିଶାରେ ଗରମ ରହୁଥିବାରୁ କାଳବୈଶାଖୀର ମଧ୍ୟ ପ୍ରଭାବ ରହିବ। ସେହିପରି ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ କାଳବୈଶାଖୀର ପ୍ରଭାବ ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

### ଦ୍ୱିତୀୟ ଦିନରେ ସ୍ୱାସ୍ଥ୍ୟ ମିତ୍ରଙ୍କ ଆନ୍ଦୋଳନ

## ବର୍ଷାରେ ଭିଜି ରାସ୍ତାରେ ଶୋଇ ପ୍ରତିବାଦ



ଭୁବନେଶ୍ୱର,୨୩।୬(ସଂଚାର ବ୍ୟୁରୋ)ଃ ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ନେଇ ବଢୁଛି ଅସନ୍ତୋଷ। ଗୋଟିଏ ପଟେ ଓମସା ଡାକ୍ତରମାନେ ଆନ୍ଦୋଳନ ଧମକ ଦେଇଥିବା ବେଳେ ତିନି ଦଫା ଦାବି ନେଇ ଲୋୟର ପିଏମଜିରେ ଧାରଣାରେ ବସିଛନ୍ତି ସ୍ୱାସ୍ଥ୍ୟମିତ୍ର। କାମ ବନ୍ଦ କରି ହାତରେ ଥାଳି ଧରି ଅଭିନବ ଉପାୟରେ ଦୁଇ ଦିନ ଧରି ପ୍ରତିବାଦ ଜାରି ରଖିଛନ୍ତି। ବର୍ଷାକୁ ଖାତିର ନ କରି ଚାଲିଛି ଆନ୍ଦୋଳନ। ଏପଟେ ସ୍ୱାସ୍ଥ୍ୟମିତ୍ରଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇ ସାମିଲ ହୋଇଛନ୍ତି ବିଜେଡି ଓ କଂଗ୍ରେସ ନେତା।

ରାସ୍ତାରେ ଥାଳି ଧରି ଆନ୍ଦୋଳନକୁ ଓହ୍ଲାଇଥିଲେ ସ୍ୱାସ୍ଥ୍ୟ ମିତ୍ର। ପ୍ରଥମେ ଥାଳି ବଜାଇ ସରକାରଙ୍କୁ ଗୁହାରୀ କଲେ, ଆଉ ଆଜି ଲୋୟର ପିଏମଜି ବର୍ଷାରେ ଭିଜି ଭିଜି ରାସ୍ତାରେ ଶୋଇ ଅଭିନବ ଢଙ୍ଗରେ କଲେ ଆନ୍ଦୋଳନ। ଅଲ୍ ଓଡ଼ିଶା ସ୍ୱାସ୍ଥ୍ୟମିତ୍ର ସଂଘ ପକ୍ଷରୁ ଲୋୟର ପିଏମଜିରେ ୩ ଦଫା ଦାବି ନେଇ ଗତ ଦୁଇ ଦିନ ହେଲା ଚାଲିଛି ଜୋରଦାର ଆନ୍ଦୋଳନ। ଚାକିରିରୁ ଛଟେଇ କରିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶନାମା ଦେବା ପରେ ଏକାଠି ହୋଇ ସରକାର ବିରୋଧରେ ବର୍ଷିଛନ୍ତି ସ୍ୱାସ୍ଥ୍ୟ ମିତ୍ର।

ସେମାନଙ୍କ ସହ ଆନ୍ଦୋଳନରେ ସାମିଲ ହୋଇ ସମର୍ଥନ ଜଣାଇଛନ୍ତି ବିଜେଡି ଓ କଂଗ୍ରେସ ନେତା। ବିଜୁ ଛାତ୍ର ଜନତା ଦଳର ସଭାପତି ଈପସିତା ସାହୁ ଆନ୍ଦୋଳନକାରୀଙ୍କ ସହ ଧାରଣାରେ ବସି ରାଜ୍ୟ ସରକାର ବିରୋଧରେ ବର୍ଷିଛନ୍ତି। ସେହିପରି ସ୍ୱାସ୍ଥ୍ୟମିତ୍ରଙ୍କ ଲଢ଼େଇରେ କଂଗ୍ରେସ ବି ସାଥୀରେ ଅଛି ବୋଲି କହିଛି। ବିଜେପି ସରକାରରେ ରୋଗୀ ହନ୍ତସନ୍ତ ହେଉଥିବା ଅଭିଯୋଗ ଆଣିଛନ୍ତି ଉଭୟ ବିରୋଧୀ କଂଗ୍ରେସ ଓ ବିଜେଡି। ବିଭିନ୍ନ ଡାକ୍ତରଖାନାରେ ନିୟୋଜିତ ଥିବା ଏହି ସ୍ୱାସ୍ଥ୍ୟ ମିତ୍ର ରୋଗୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ବିଷୟରେ ସଚେତନ କରାନ୍ତି। କିନ୍ତୁ ଛଟେଇର ନିର୍ଦ୍ଦେଶ ମିଳିବା ପରେ କାମ ବନ୍ଦ କରି ପ୍ରତିବାଦରେ ବସିଛନ୍ତି। ଏଥିପାଇଁ ରାଜ୍ୟର ବିଭିନ୍ନ ଡାକ୍ତରଖାନାରେ ସ୍ୱାସ୍ଥ୍ୟ ସେବା ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି।

### ଭବିଷ୍ୟତମୁଖୀ ସହର ବିକାଶ ଉପରେ ଆଲୋଚନା

## ପ୍ରଶାସନିକ କ୍ଷମତା ବୃଦ୍ଧିକୁ ବିଶେଷଜ୍ଞଙ୍କ ଗୁରୁତ୍ୱ



ଭୁବନେଶ୍ୱର,୨୩।୬(ସଂଚାର ବ୍ୟୁରୋ)ଃ ଓଡ଼ିଶାରେ ସ୍ଥାୟୀ ନଗରୀକରଣ, ଜଳବାୟୁ-ସହନଶୀଳ ନଗର ବ୍ୟବସ୍ଥା ଓ ଭବିଷ୍ୟତମୁଖୀ ସହର ବିକାଶ ପାଇଁ ରଣନୀତି ପ୍ରସ୍ତୁତି ଉଦ୍ଦେଶ୍ୟରେ ଓଡ଼ିଶା ଅର୍ବାନ ଏକାଡେମୀ ପକ୍ଷରୁ ଆଜି ବିଶିଷ୍ଟ ସହରାଞ୍ଚଳ ଶାସନ ବିଶେଷଜ୍ଞ ତଥା ପ୍ରଶାସନିକ ଓ ଶାସନ ସଂସ୍କାର କମିଟିର ସଦସ୍ୟ ଡଃ ଓପି ଅଗ୍ରୱାଲଙ୍କ ସହ ଏକ ଉଚ୍ଚସ୍ତରୀୟ ଆଲୋଚନା ହୋଇଥିଲା। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାରେ ପୌର ନିର୍ଦ୍ଦେଶକଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀମାନେ ଯୋଗଦେଇଥିଲେ।

ଆଲୋଚନାରେ ଓଡ଼ିଶାର ଦ୍ରୁତ ନଗରୀକରଣ ପ୍ରକ୍ରିୟାକୁ ଅଧିକ ସୁପରିଚାଳିତ ଓ ସ୍ଥାୟୀ କରିବା, ସହରାଞ୍ଚଳ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା, ନାଗରିକ ସେବା ପ୍ରଦାନରେ ଉନ୍ନତି ଆଣିବା ଏବଂ ଜଳବାୟୁ ପରିବର୍ତ୍ତନଜନିତ ଚ୍ୟାଲେଞ୍ଜର ସଫଳ ମୁକାବିଲା ପାଇଁ ସହରଗୁଡ଼ିକର ପ୍ରତିଷ୍ଠାନଗତ ଓ ପ୍ରଶାସନିକ କ୍ଷମତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ଡଃ ଅଗ୍ରୱାଲ ସହନଶୀଳ ଓ ସ୍ଥାୟୀ ସହର ଗଠନ ପାଇଁ ଦକ୍ଷ ମାନବ ସମ୍ବଳ, ସୁଦୃଢ଼ ଅନୁଷ୍ଠାନ ଓ ପ୍ରମାଣଭିତ୍ତିକ ନୀତି ପ୍ରଣୟନର ଗୁରୁତ୍ୱ ଉପରେ ଗୁରୁତ୍ୱ ଦେଇଥିଲେ। ସହରାଞ୍ଚଳ ଭିତ୍ତିଭୂମି ଓ ନାଗରିକ ସେବା କ୍ଷେତ୍ରରେ ଓଡ଼ିଶାର ଉଲ୍ଲେଖନୀୟ ପ୍ରଗତିକୁ ସେ ପ୍ରଶଂସା କରିବା ସହ ସ୍ଥାନୀୟ ଆବଶ୍ୟକତା ସହ ସମନ୍ୱିତ ଅଭିନବ ଏବଂ ବିଶ୍ୱସ୍ତରୀୟ ଜ୍ଞାନକୌଶଳ ଅନୁସରଣ ପାଇଁ ପରାମର୍ଶ ଦେଇଥିଲେ। ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ୍ୟ ସରକାରଙ୍କ ନାଗରିକ-କେନ୍ଦ୍ରିକ ଓ ଜଳବାୟୁ-ସହନଶୀଳ ସହର ଗଠନ ପ୍ରତି ପ୍ରତିବଦ୍ଧତା ସମ୍ପର୍କରେ ସୂଚନା ଦେଇଥିଲେ। ସହରାଞ୍ଚଳ ପ୍ରଶାସନ ଏବଂ ସେବା ପ୍ରଦାନ କ୍ଷେତ୍ରରେ କ୍ଷମତା ବିକାଶ ପାଇଁ ନିରନ୍ତର ବିନିଯୋଗର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

### ଏନଏଲସି ଇଣ୍ଡିଆ ରିନ୍ୟୁଏବଲ୍ସ-ଓରେଡ଼ା ଚୁକ୍ତିନାମା

## ହଜାରେ ମେଗାୱାଟର ସବୁଜ ଶକ୍ତି ବିକାଶ ଲକ୍ଷ୍ୟ



ଭୁବନେଶ୍ୱର,୨୩।୬(ସଂଚାର ବ୍ୟୁରୋ)ଃ ରାଜ୍ୟରେ ସ୍ଥାୟୀ ଶକ୍ତିର ପ୍ରସାରକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଏନଏଲସି ଇଣ୍ଡିଆ ଲିମିଟେଡର ସମ୍ପୂର୍ଣ୍ଣ ମାଲିକାନାଧୀନ ସହାୟକ କମ୍ପାନୀ 'ଏନଏଲସି ଇଣ୍ଡିଆ ରିନ୍ୟୁଏବଲ୍ସ ଲିମିଟେଡ୍' (ଏନଆଇଆରଏଲ) ଓ 'ଓଡ଼ିଶା ଅକ୍ଷୟ ଶକ୍ତି ଉନ୍ନୟନ ସଂସ୍ଥା' (ଓରେଡା) ମଧ୍ୟରେ ଆଜି ଏକ ଯୌଥ ଉଦ୍ୟୋଗ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି ଯୌଥ ଉଦ୍ୟୋଗ କମ୍ପାନୀ ଓଡ଼ିଶାରେ ୧୦୦୦ ମେଗାୱାଟର ସବୁଜ ଶକ୍ତି ପ୍ରକଳ୍ପ ବିକାଶ କରିବା ଲକ୍ଷ୍ୟ ରଖିଛି। ଏହି ସହଭାଗିତା ମାଧ୍ୟମରେ ୨୫୦ ମେଗାୱାଟ ପବନ ଶକ୍ତି ଓ ୨୨୫ ମେଗାୱାଟ ଭାସମାନ ସୌର ଶକ୍ତି ପ୍ରକଳ୍ପ ସମେତ ଅନ୍ୟାନ୍ୟ ଅକ୍ଷୟ ଶକ୍ତି ପ୍ରକଳ୍ପ ରହିଛି। ଏହି ରଣନୈତିକ ସହଭାଗିତା ସମ୍ପର୍କରେ ମତ ବ୍ୟକ୍ତ କରି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏନଆଇଆରଏଲ ଓ ଓରେଡା ମଧ୍ୟରେ ଏହି ସହଭାଗିତା ଓଡ଼ିଶାର ଶକ୍ତି କ୍ଷେତ୍ର ପାଇଁ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ। ରାଜ୍ୟର ଅପାର ଅକ୍ଷୟ ଶକ୍ତି ସମ୍ଭାବନା ସହ ବୈଷୟିକ ଏବଂ ଆର୍ଥିକ ଜ୍ଞାନକୌଶଳର ସମନ୍ୱୟ ଦ୍ୱାରା ଆମେ କେବଳ ସ୍ୱଚ୍ଛ ଶକ୍ତି ପାଇଁ ଆମର ପ୍ରତିଶ୍ରୁତି ପୂରଣ କରୁନାହୁଁ, ବରଂ ରାଜ୍ୟର 'ଅକ୍ଷୟ ଶକ୍ତି କ୍ରୟ ଲକ୍ଷ୍ୟ' ହାସଲ ଦିଗରେ ମଧ୍ୟ ସକ୍ରିୟ ଭାବେ କାର୍ଯ୍ୟ କରୁଛୁ। ଏହି ଉଦ୍ୟୋଗ ସ୍ଥାୟୀ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ଓଡ଼ିଶାକୁ ଭାରତର ଏକ ସବୁଜ ଶକ୍ତି କେନ୍ଦ୍ର ଭାବେ ପ୍ରତିଷ୍ଠିତ କରିବ। ଏହି ଯୌଥ ଉଦ୍ୟୋଗରେ ଏନଆଇଆରଏଲ ୫୧ ପ୍ରତିଶତ ଓ ଓରେଡା ୪୯ ପ୍ରତିଶତ ଅଂଶଧନ ନିବେଶ କରିବେ।

ପ୍ରତିଷ୍ଠାତାଃ ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକଃ ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକଃ ଅଜିତ କୁମାର ଦାଶ

# ଜୁଲାଇ ପହିଲାରୁ ବଦଳିବ ଅନେକ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ନିୟମ




ନୂଆଦିଲ୍ଲୀ,୨୩।୬: ଆସନ୍ତା ଜୁଲାଇ ପହିଲାଠାରୁ ଦେଶରେ ଅନେକ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଓ ପ୍ରଶାସନିକ ନିୟମ ବଦଳିବାକୁ ଯାଉଛି, ଯାହା ସାଧାରଣ ଜନତାଙ୍କ ପକେଟ୍ ଏବଂ ଦୈନନ୍ଦିନ ଜୀବନକୁ ସିଧାସଳଖ ପ୍ରଭାବିତ କରିବ। ଏହି ପରିବର୍ତ୍ତନଗୁଡ଼ିକ ବେତନଭୋଗୀ କର୍ମଚାରୀ, ପେନସନଭୋଗୀ, କରଦାତା ଏବଂ ବ୍ୟାଙ୍କ ଗ୍ରାହକଙ୍କ ସମେତ ଲକ୍ଷ ଲକ୍ଷ ଲୋକଙ୍କ ଦୈନନ୍ଦିନ ଖର୍ଚ୍ଚ, ନିବେଶ, ବ୍ୟାଙ୍କିଙ୍ଗ ଏବଂ ଆର୍ଥିକ ଯୋଜନାକୁ ସିଧାସଳଖ ପ୍ରଭାବିତ କରିବ।

ଆସନ୍ତା ଜୁଲାଇ ୧ ତାରିଖ ଠାରୁ ଆଧାର କାର୍ଡରେ ଇମେଲ୍ ଆଇଡି ଅପଡେଟ୍ କରିବା ପ୍ରକ୍ରିୟା ଅଧିକ ସହଜ ହେବ। 'ୟୁଆଇଡିଏଆଇ' ର ଘୋଷଣା ଅନୁଯାୟୀ, ଆଧାର ମୋବାଇଲ୍ ଆପ୍ ମାଧ୍ୟମରେ ଇମେଲ୍ ଠିକଣା ଅପଡେଟ୍ କରିବା ପାଇଁ ଧାର୍ଯ୍ୟ ୭୫ଟଙ୍କା ଫି"କୁ ଆଗାମୀ ଛଅ ମାସ (୩୧ ଡିସେମ୍ବର, ୨୦୨୬) ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଛାଡ଼ କରାଯାଇଛି, ଯାହା ଦ୍ୱାରା ଅଧିକ ଲୋକ ନିଜର ଆଧାର ରେକର୍ଡ ଅପଡେଟ୍ ରଖିପାରିବେ।

ଟ୍ରେନରେ ଶୃଙ୍ଖଳା ଓ ଯାତ୍ରୀ ସୁରକ୍ଷାକୁ ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରସ୍ତାବ କ୍ରମେ ବିନା ଟିକେଟ୍ ଯାତ୍ରା ପାଇଁ ସର୍ବନିମ୍ନ ଜରିମାନା ୨୫୦ଟଙ୍କାରୁ ୫୦୦ ଟଙ୍କାକୁ ବୃଦ୍ଧି କରାଯାଇପାରେ। ଏହା ସହିତ ଅନ୍ୟ କାହାର ଟିକେଟରେ ଯାତ୍ରା କରିବା, ଟ୍ରେନରେ ହଙ୍ଗାମା, ଭିକ୍ଷାବୃତ୍ତି, ବେଆଇନ୍ ପରିବହନ କିମ୍ବା ମହିଳା କୋଚରେ ଯାତ୍ରା କରିବା ଭଳି ଅପରାଧ ପାଇଁ ଭାରୀ ଜରିମାନା ଲାଗୁ ହୋଇପାରେ। ଗତ ମାସରେ ଅନୁଷ୍ଠିତ ଆରବିଆଇର ଏମପିସି ବୈଠକ ପରେ କେତେକ ବ୍ୟାଙ୍କ ସେମାନଙ୍କର ସୁଧ ହାରରେ ସଂଶୋଧନ କରିଛନ୍ତି। ବଜାର ପରିସ୍ଥିତିକୁ ଆଧାର କରି ବ୍ୟାଙ୍କଗୁଡ଼ିକ ନିଜ ନିୟମାବଳୀ ବଦଳାଉଥିବାରୁ, ଜୁଲାଇ ଆରମ୍ଭରେ ନୂତନ 'ଏଫଡି' ଖୋଲିବା କିମ୍ବା ପୁରୁଣାକୁ ନବୀକରଣ କରିବା ପୂର୍ବରୁ ଗ୍ରାହକମାନେ ବ୍ୟାଙ୍କର ସର୍ବଶେଷ ସୁଧ ହାର ଯାଞ୍ଚ କରିବା ଉଚିତ। ଜୁଲାଇ ୧ରୁ ଏସବିଆଇ କାର୍ଡ ପକ୍ଷରୁ କେତେକ ନିର୍ଦ୍ଦିଷ୍ଟ କ୍ରେଡିଟ୍ କାର୍ଡ, ବିଶେଷ କରି ଫୋନ୍-ପେ ଏସବିଆଇ କ୍ରେଡିଟ୍ କାର୍ଡ ପର୍ପଲ ଓ ଫୋନ୍-ପେ ଏସବିଆଇ କ୍ରେଡିଟ୍ କାର୍ଡ ସିଲେକ୍ଟ କଳା କାର୍ଡଧାରକଙ୍କ ପାଇଁ ରିୱାର୍ଡ ପଏଣ୍ଟ ନିୟମ ବଦଳିବ। ଏହି ନୂତନ ନିୟମ ଅନୁଯାୟୀ ରିୱାର୍ଡ ପଏଣ୍ଟ ଅର୍ଜନର ସୀମା ସ୍ଥିର କରାଯିବ ଏବଂ କିଛି ଅତିରିକ୍ତ କାରବାର ଉପରେ ଏହି ଲାଭ ମିଳିବ ନାହିଁ।

ଜୁନ୍ ମାସର ପ୍ରଥମ ସପ୍ତାହରେ ସରକାର ୧୪.୨ କିଲୋଗ୍ରାମ ଘରୋଇ ସିଲିଣ୍ଡର ମୂଲ୍ୟ ୨୯ ଟଙ୍କା ବୃଦ୍ଧି କରିଛନ୍ତି, ଯାହାଫଳରେ ଦିଲ୍ଲୀରେ ଏହାର ମୂଲ୍ୟ ୯୧୩ ଟଙ୍କାରୁ ବୃଦ୍ଧି ପାଇ ୯୪୨ ଟଙ୍କା ହୋଇଛି। ଗତ ତିନି ମାସ ମଧ୍ୟରେ ଏହା ଦ୍ୱିତୀୟ ବୃଦ୍ଧି (ପୂର୍ବ ବୃଦ୍ଧି ମାର୍ଚ୍ଚ ୭ ରେ ୬୦ଟଙ୍କା ହୋଇଥିଲା) ଥିବା ବେଳେ ଜୁଲାଇରେ ମୂଲ୍ୟ ସ୍ଥିର ରହିବା ନେଇ ଆଶା କରାଯାଉଛି।

ଆମେରିକା-ଇରାନ ଯୁଦ୍ଧ ଯୋଗୁଁ ବିଶ୍ୱବ୍ୟାପୀ ଅଶୋଧିତ ତୈଳ ମୂଲ୍ୟ ମହଙ୍ଗା ହୋଇଥିବାରୁ ମେ' ୨୦୨୬ ରେ ପେଟ୍ରୋଲ ମୂଲ୍ୟ ଚାରିଥର ବୃଦ୍ଧି ପାଇଥିଲା। ଗତ ମେ' ୨୫ ର ବୃଦ୍ଧି ସହିତ ପେଟ୍ରୋଲ ଲିଟର ପିଛା ୨.୪୬ ରୁ ୨.୯୫ ଟଙ୍କା ପର୍ଯ୍ୟନ୍ତ ମହଙ୍ଗା ହୋଇଥିବା ବେଳେ, ଆସନ୍ତା ଜୁଲାଇ ମାସରେ ମଧ୍ୟ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ପୁଣି ବଦଳିବାର ସମ୍ଭାବନା ରହିଛି। ଆନ୍ତର୍ଜାତୀୟ ବଜାର ଓ ଘରୋଇ ଉପଲବ୍ଧତାକୁ ସମୀକ୍ଷା କରି କେନ୍ଦ୍ର ସରକାର ଗୋଟିଏ ସପ୍ତାହ ପୂର୍ବରୁ ଡିଜେଲ ରପ୍ତାନି ଉପରେ ଲିଟର ପିଛା ୧୪ଟଙ୍କା ଏବଂ ବିମାନ ଟର୍ବାଇନ୍ ଇନ୍ଧନ (ଏଟିଏଫ୍) ରପ୍ତାନି ଉପରେ ଲିଟର ପିଛା ୧୨.୫ଟଙ୍କା ଶୁଳ୍କ ଲାଗୁ କରିଛନ୍ତି। ଯଦିଓ ଘରୋଇ ବ୍ୟବହାର ପାଇଁ ଉତ୍ପାଦ ଶୁଳ୍କରେ କୌଣସି ପରିବର୍ତ୍ତନ ହୋଇନାହିଁ, ତଥାପି ନୂତନ ମାସ ଆରମ୍ଭରେ ଏଟିଏଫ୍ ମୂଲ୍ୟ ପରିବର୍ତ୍ତନ ହୋଇପାରେ।



## କ୍ରେଡ୍‌ର ପ୍ରତିଷ୍ଠାତା କୁନାଲ ଶାହ ହ୍ୱାଟ୍ସଆପ୍ ସିଇଓ ନିଯୁକ୍ତ

ନୂଆଦିଲ୍ଲୀ,୨୩।୬: ଭାରତୀୟ ଫିନଟେକ୍ କମ୍ପାନୀ 'କ୍ରେଡ୍'ର ପ୍ରତିଷ୍ଠାତା କୁନାଲ ଶାହ ଏବେ ବିଶ୍ୱ ସ୍ତରରେ 'ହ୍ୱାଟ୍ସଆପ୍'ର କମାଣ ସମ୍ଭାଳିବାକୁ ଯାଉଛନ୍ତି। ମେଟା ପକ୍ଷରୁ ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଇଛି ଯେ, କୁନାଲ ଶାହ ହ୍ୱାଟ୍ସଆପର ପରବର୍ତ୍ତୀ ଗ୍ଲୋବାଲ୍ ହେଡ୍ ଭାବରେ ଦାୟିତ୍ୱ ଗ୍ରହଣ କରିବେ। ସେ ବର୍ତ୍ତମାନର ମୁଖ୍ୟ ଓ୍ୱିଲ୍ କ୍ୟାଥକାର୍ଟ ଙ୍କ ସ୍ଥାନ ନେବେ । ସେ ୨୦୧୯ ମସିହାରୁ ଏହି ମେସେଜିଂ ପ୍ଲାଟଫର୍ମର ନେତୃତ୍ୱ ନେଉଥିଲେ।

କୁନାଲ ଶାହଙ୍କର ଏହି ନିଯୁକ୍ତି ଏଭଳି ଏକ ସମୟରେ ହେଉଛି, ଯେତେବେଳେ ହ୍ୱାଟ୍ସଆପ୍ କେବଳ ଏକ ସାଧାରଣ ମେସେଜିଂ ଆପ୍ ହୋଇ ରହିନାହିଁ। ବର୍ତ୍ତମାନ ବିଶ୍ୱ ସ୍ତରରେ ଏହାର ଲୋକପ୍ରିୟତା ବୃଦ୍ଧି ପାଇଛି । ସାରା ଦୁନିଆରେ ହ୍ୱାଟ୍ସଆପ୍ ବ୍ୟବହାର କରୁଥିବା ସକ୍ରିୟ ୟୁଜରଙ୍କ ସଂଖ୍ୟା ଏବେ ୩ ବିଲିୟନ (୩୦୦ କୋଟି) ଅତିକ୍ରମ କରିସାରିଛି। ଡିଜିଟାଲ୍ ପେମେଣ୍ଟସ୍, ହ୍ୱାଟ୍ସଆପ୍ ବିଜନେସ୍ ଏବେ ବହୁତ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ପ୍ଲାଟଫର୍ମରେ ଆଗାମୀ ଦିନରେ ଅନେକ ନୂତନ ଏଆଇ-ପାୱାର୍ଡ ଫିଚର୍ସ ସାମିଲ ହେବାକୁ ଯାଉଛି। ହ୍ୱାଟ୍ସଆପ୍ ଏବେ ନିଜର ବ୍ୟବସାୟିକ ଅଭିବୃଦ୍ଧିର ଏକ ନୂଆ ପର୍ଯ୍ୟାୟରେ ପ୍ରବେଶ କରୁଛି। ମେଟା କମ୍ପାନୀର ବିଶ୍ୱାସ ରହିଛି ଯେ, କୁନାଲ ଶାହଙ୍କ ଭଳି ଜଣେ ସଫଳ ଉଦ୍ୟୋଗୀ ଏବଂ ପ୍ରଡକ୍ଟ ବିଲ୍ଡରଙ୍କ ଅଭିଜ୍ଞତା ହ୍ୱାଟ୍ସଆପ୍‌ର ଆଗାମୀ ଯାତ୍ରା ପାଇଁ ସବୁଠାରୁ ଉପଯୁକ୍ତ ପ୍ରମାଣିତ ହେବ।

ଭାରତରେ 'ଫ୍ରିଚାର୍ଜ' ଏବେ 'କ୍ରେଡ୍' ଭଳି ବଡ଼ ବ୍ରାଣ୍ଡ୍ ତିଆରି କରିବାରେ କୁନାଲଙ୍କର ବଡ଼ ଭୂମିକା ରହିଛି। ଗ୍ରାହକମାନଙ୍କ ମନ ବୁଝିବା ଏବଂ ଡିଜିଟାଲ୍ ଉତ୍ପାଦକୁ ଲୋକପ୍ରିୟ କରାଇବାରେ ତାଙ୍କର ଯେଉଁ ଦକ୍ଷତା ରହିଛି, ତାହା ହ୍ୱାଟ୍ସଆପ୍ ବିଜନେସ୍‌କୁ ଆହୁରି ମଜଭୁତ କରିବ ବୋଲି ମେଟା ଆଶା ରଖିଛି। ସୁନ୍ଦର ପିଚାଇ (ଗୁଗଲ) ଏବଂ ସତ୍ୟ ନାଡେଲା (ମାଇକ୍ରୋସଫ୍ଟ)ଙ୍କ ପରେ କୁନାଲ ଶାହ ଏବେ ବିଶ୍ୱର ଅନ୍ୟତମ ବୃହତ୍ତମ ଟେକ୍ ପ୍ଲାଟଫର୍ମର ମୁଖ୍ୟ ଭାବେ ଦାୟିତ୍ୱ ନେବାକୁ ଯାଉଛନ୍ତି, ଯାହା ସମଗ୍ର ଭାରତ ପାଇଁ ଏକ ଗର୍ବର ବିଷୟ।

### ଭାରତୀୟ ଷ୍ଟକ ବଜାରରେ ବଡ଼ଧରଣର ହ୍ରାସ

## ସେନସେକ୍ସ ୮୯୩ ପଏଣ୍ଟ ଖସିଲା

ମୁମ୍ବାଇ,୨୩।୬: ଭାରତୀୟ ଷ୍ଟକ ବଜାରରେ ମଙ୍ଗଳବାର ବଡ଼ଧରଣର ହ୍ରାସ ଦେଖାଦେଇଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜ ସେନସେକ୍ସ ୮୯୩ ପଏଣ୍ଟ ବା ୧.୧୬ ପ୍ରତିଶତ ହ୍ରାସ ଘଟି ୭୬,୨୦୦.୬୮ ପଏଣ୍ଟକୁ ଏବଂ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍‌ଟି ୨୭୯ ପଏଣ୍ଟ ବା ୧.୧୬ ପ୍ରତିଶତ ହ୍ରାସ ଘଟି ୨୩,୮୨୪.୧୦ ପଏଣ୍ଟରେ ବନ୍ଦ ହୋଇଛି। ପ୍ରଫିଟ୍ ବୁକ୍ ପାଇଁ ନିବେଶକମାନେ ବହୁମାତ୍ରାରେ ସେୟାର ବିକ୍ରି କରିବା ଫଳରେ ପୁଞ୍ଜିବଜାର ନିମ୍ନମୁଖୀ ହୋଇଛି। ଏଥିପାଇଁ ଆଜି ଗୋଟିଏ ଦିନରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ବଜାରପୁଞ୍ଜି ପାଖାପାଖି ୬ ଲକ୍ଷ ଟଙ୍କା କମିଯାଇଛି। ପୂର୍ବରୁ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ମୋଟ ବଜାରପୁଞ୍ଜି ୪୮୦.୬ ଲକ୍ଷ କୋଟି ଟଙ୍କା ଥିବାବେଳେ ଆଜି ତାହା ୪୭୫ ଲକ୍ଷ କୋଟି ଟଙ୍କା ତଳକୁ ଚାଲିଆସିଛି। ପ୍ରଫିଟ୍ ବୁକ୍ ସହିତ ମୌସୁମୀ ବର୍ଷା ନିଅଣ୍ଟିଆ ରହିବା ମଧ୍ୟ ପୁଞ୍ଜିବଜାର ନିମ୍ନମୁଖୀ ହେବାର ଅନ୍ୟତମ କାରଣ। ମୌସୁମୀ ବର୍ଷା ଆରମ୍ଭରୁ ଭଲ ନହେବା କାରଣରୁ ଆଗାମୀ ଦିନରେ ଗ୍ରାମାଞ୍ଚଳରେ ଲୋକଙ୍କ ଆୟ ଓ ଚାହିଦା ପ୍ରଭାବିତ ହେବା ଆଶଙ୍କା ରହିଛି। ଏକ ରିପୋର୍ଟ ଅନୁଯାୟୀ ଦେଶର ୪୫୦ରୁ ଅଧିକ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ମୌସୁମୀ ବର୍ଷା ନିଅଣ୍ଟିଆ ରହିଛି। ଯଦିଓ ମଧ୍ୟପ୍ରାଚ୍ୟ ଯୁଦ୍ଧ ଜନିତ ଆଶଙ୍କା କିଛିମାତ୍ରାରେ ଟଳିଛି ତଥାପି ବିଶ୍ୱର ଅର୍ଥନୈତିକ ଅଭିବୃଦ୍ଧିଜନିତ ଚିନ୍ତା ନିବେଶକଙ୍କ ମଧ୍ୟରେ ରହିଛି।




## ରୁପା ୧୦,୫୬୬ ଟଙ୍କା ଶସ୍ତା, ସୁନା ଦର ୨,୫୨୨ କମିଲା




ନୂଆଦିଲ୍ଲୀ,୨୩।୬: ସୁନା ଏବଂ ରୁପା ମୂଲ୍ୟରେ ମଙ୍ଗଳବାର ବଡ଼ ଧରଣର ହ୍ରାସ ରେକର୍ଡ କରାଯାଇଛି। ଇଣ୍ଡିଆ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନ ଅନୁଯାୟୀ, ଏକ କିଲୋଗ୍ରାମ ରୁପାର ମୂଲ୍ୟ ୧୦,୫୬୬ ଟଙ୍କା ହ୍ରାସ ପାଇ ୨.୨୭ ଲକ୍ଷ ଟଙ୍କାରେ ରହିଛି। ଗୋଟିଏ ଦିନ ପୂର୍ବରୁ ସୋମବାର ଏହା ୨.୩୭ ଲକ୍ଷ ଟଙ୍କା ଥିଲା। ସେହିଭଳି, ୧୦ ଗ୍ରାମ ଓଜନର ୨୪ କ୍ୟାରେଟ୍ ସୁନା ଦର ୨,୫୨୨ ଟଙ୍କା ହ୍ରାସ ପାଇ ୧.୪୫ ଲକ୍ଷ ଟଙ୍କା ହୋଇଛି। ଏହା ପୂର୍ବରୁ ଜୁନ୍ ୨୨ରେ ଏହି ମୂଲ୍ୟ ୧.୪୭ ଲକ୍ଷ ଟଙ୍କା ଥିଲା। ଚଳିତ ଜୁନ୍ ମାସରେ ସୁନା ଦର ପ୍ରାୟ ୧୦,୭୪୮ ଟଙ୍କା ଏବଂ ରୁପା ଦର ୩୬,୦୧୫ ଟଙ୍କା କମିଛି। ଜୁନ୍ ୧ରେ ସୁନା ୧୦ ଗ୍ରାମ ପିଛା ୧.୫୬ ଲକ୍ଷ ଏବଂ ରୁପା କିଲୋ ପିଛା ୩.୬୩ ଲକ୍ଷ ଟଙ୍କା ଥିଲା।

ଏହି ବର୍ଷ ସୁନା ଓ ରୁପା ମୂଲ୍ୟରେ କ୍ରମାଗତ ଉତ୍ଥାନ-ପତନ ଦେଖିବାକୁ ମିଳୁଛି। ୨୦୨୫ ଡିସେମ୍ବର ୩୧ରେ ସୁନା ଦର ୧.୩୩ ଲକ୍ଷ ଟଙ୍କା ଥିଲା, ଯାହା ଜାନୁଆରୀ ୨୯ରେ ବୃଦ୍ଧି ପାଇ ୧.୭୬ ଲକ୍ଷ ଟଙ୍କାର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା। ସେବେଠାରୁ ଏପର୍ଯ୍ୟନ୍ତ ସୁନା ୩୧,୩୩୩ ଟଙ୍କା ଶସ୍ତା ହେଲାଣି। ଅପରପକ୍ଷରେ, ୨୦୨୫ ଡିସେମ୍ବର ୩୧ରେ ରୁପା ମୂଲ୍ୟ ୨.୩୦ ଲକ୍ଷ ଟଙ୍କା ଥିଲା। ୨୦୨୬, ୨୯ ଜାନୁଆରୀରେ ୩.୮୬ ଲକ୍ଷ ଟଙ୍କାକୁ ଛୁଇଁଥିଲା। ଏହା ରଉପାର ଆଜି ପର୍ଯ୍ୟନ୍ତର ସର୍ବୋଚ୍ଚ ସ୍ତର ଥିଲା। ଗତ ୧୪୫ ଦିନ ମଧ୍ୟରେ ରୁପା ପ୍ରାୟ ୧.୫୯ ଲକ୍ଷ ଟଙ୍କା ଶସ୍ତା ହୋଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ କେନ୍ଦ୍ର ସରକାର ସୁନା ଏବଂ ରୁପା ଆମଦାନୀ ଉପରେ ଲାଗୁ ହେଉଥିବା ଡ୍ୟୁଟିକୁ ୬% ରୁ ବଢ଼ାଇ ୧୫% କରିଛନ୍ତି। ବିଦେଶରୁ କ୍ରୟ କମାଇବା ଏବଂ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ପଡୁଥିବା ଚାପକୁ ହ୍ରାସ କରିବା ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ। ସରକାର ସୁନା ଉପରେ ୧୦ ପ୍ରତିଶତ ବେସିକ୍ କଷ୍ଟମ୍ସ ଡ୍ୟୁଟି ଏବଂ ୫% ଏଗ୍ରିକଲଚର ଇନଫ୍ରାଷ୍ଟ୍ରକ୍ଚର ଆଣ୍ଡ ଡେଭଲପମେଣ୍ଟ ସେସ୍ (AIDC) ଲଗାଇଛନ୍ତି। ଏହିପରି ଭାବେ ମୋଟ ଟ୍ୟାକ୍ସ ୧୫% ହୋଇଯାଇଛି। ଏହାପୂର୍ବରୁ ୨୦୨୪ ବଜେଟ୍ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆମଦାନୀ ଶୁଳ୍କକୁ ୧୫%ରୁ ହ୍ରାସ କରି ୬% କରିଥିଲେ।

## ୨୧୦୦୦ କର୍ମଚାରୀଙ୍କୁ ଛଟେଇ କରିଛି ଓରାକଲ୍

ନୂଆଦିଲ୍ଲୀ, ୨୩।୬:ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କମ୍ପାନୀ ୱାର୍କ ଫୋର୍ସ ବଢାଇବାର ପ୍ରତିଶ୍ରୁତି ଦେଇ ଅନେକ କର୍ମଚାରୀଙ୍କ ଚିନ୍ତାକୁ ବଢାଇଦେଇଛି। ଆମେରିକାର ଲୋକପ୍ରିୟ ଟେକ୍ କମ୍ପାନୀ ଓରାକିଲ୍ ୨୦୨୬ ଆର୍ଥିକ ବର୍ଷରେ ପ୍ରାୟ ୨୧୦୦୦ କର୍ମଚାରୀଙ୍କୁ ଛଟେଇ କରିଛି। ଏଆଇ-ଭିତ୍ତିକ ପ୍ରଯୁକ୍ତିର ବର୍ଦ୍ଧିତ ବ୍ୟବହାର ଭବିଷ୍ୟତରେ ଆହୁରି ଅଧିକ ଚାକିରିକୁ ପ୍ରଭାବିତ କରିପାରେ ବୋଲି ଓରାକଲ୍ କହିଛି। ଏହି ଟେକ୍ନୋଲୋଜି ସାରା ବିଶ୍ୱରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

ଓରାକିଲ୍‌ର ବାର୍ଷିକ ରିପୋର୍ଟ ମୁତାବକ, ଗୋଟିଏ ବର୍ଷ ପୂର୍ବରୁ କର୍ମଚାରୀଙ୍କ ସଂଖ୍ୟା ପ୍ରାୟ ୧.୬୨ ଲକ୍ଷ ଥିଲା। କିନ୍ତୁ ୩୧ ମେ ୨୦୨୬ ସୁଦ୍ଧା କମ୍ପାନୀ କର୍ମଚାରୀଙ୍କ ସଂଖ୍ୟା ୧.୪୧ ଲକ୍ଷକୁ ହ୍ରାସ ପାଇଛି। କମ୍ପାନୀର ମୋଟ୍ କର୍ମଚାରୀଙ୍କ ସଂଖ୍ୟା ୧୩% ହ୍ରାସ ପାଇଛି। ଗତ କିଛି ବର୍ଷ ଧରି ବିଶ୍ୱର ବଡ଼ ବଡ଼ ଟେକ୍ କମ୍ପାନୀଗୁଡ଼ିକ ଖର୍ଚ୍ଚ କମେଇବା, କାର୍ଯ୍ୟକୁ ବଢାଇବା ଏବଂ ଅଧିକ ଲାଭ ଉଦ୍ଦେଶ୍ୟରେ ନୂଆ ନୂଆ ଟେକ୍ନୋଲୋଜିକୁ ଆପଣାଇ ଆସୁଛନ୍ତି। କମ୍ପାନୀ ସ୍ପଷ୍ଟ କରି କହିଛି ଯେ, ଏଆଇ ଟେକନିକର ବ୍ୟବହାର କେତକ ପ୍ରକ୍ରିୟା ଅଟୋମେଟିକ୍ ହେଉଛି ଯାହା କର୍ମଚାରୀଙ୍କ ଆବଶ୍ୟକତାକୁ ହ୍ରାସ କରିଛି। ଓରାକିଲ୍ ଅନୁସାରେ ପ୍ରବନ୍ଧନରେ ପରିବର୍ତ୍ତନ, ନୂଆ ପ୍ରଡକ୍ଟ, ପ୍ରଦର୍ଶନ ସହିତ ସମ୍ବନ୍ଧୀୟ ସମସ୍ୟା ଏବଂ ରଣନୈତିକ ପୁନର୍ଗଠନ ମଧ ଛଟେଇର ପ୍ରମୁଖ କାରଣ ହୋଇଛି।

ଓରାକିଲ୍ ଏବେ କେବଳ ଡାଟାବେସ୍ ସଫ୍ଟୱେୟାର କମ୍ପାନୀ ହୋଇ ରହିବାକୁ ଚାହୁଁନାହିଁ। କମ୍ପାନୀର ଚେୟାରମ୍ୟାନ୍ ଲୋରୀ ଏଲିସନଙ୍କ ନେତୃତ୍ୱରେ ଓରାକିଲ୍ ଦ୍ରୁତ ଗତିରେ ଏଆଇ ଭଳି ଗ୍ରାହକଙ୍କ ପାଇଁ ବଡ଼ ବଡ଼ ଏଆଇ ସେଣ୍ଟର ତିଆରି କରିଛି। ଏହା ମାଧମରେ ଓରାକିଲ୍ ସିଧାସଳଖ ଭାବେ ଆମାଜନ୍ ଏବଂ ମାଇକ୍ରୋସଫ୍ଟ ଭଳି କମ୍ପାନୀକୁ ଚ୍ୟାଲେଞ୍ଜ ଦେବାକୁ ଲକ୍ଷ୍ୟ ରଖିଛି।




### ଏଆଇ ଟେକନିକ୍ ବଢ଼ାଉଛି ଚିନ୍ତା

ଏଥସହ ଓରାକିଲ୍ ଘୋଷଣା କରିଛି ଯେ, ଏହା ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୭୦ ଡଲାର ଇନଭେଷ୍ଟମେଣ୍ଟ କରିବ। ଏହି ନିବେଶକୁ ପୂରା କରିବା ପାଇଁ କମ୍ପାନୀ ପ୍ରାୟ ୪୦ ଡଲାରର ଅତିରିକ୍ତ ଋଣ ଏବଂ ଇକ୍ୱିଟି ମାଧମରେ ସଂଗ୍ରହ କରିବାକୁ ପ୍ରସ୍ତୁତ ହେଉଛି। କିନ୍ତୁ ଏଆଇର ଏହି ଦୌଡ଼ କମ୍ପାନୀ ପାଇଁ ବହୁତ ମହଙ୍ଗା ବୋଲି ପ୍ରମାଣିତ ହେଉଛି। ପୂର୍ବ ବର୍ଷ କେବଳ ୩୭୪ ଡଲାର ଥିଲା। ହେଲେ ୨୦୨୬ର ଆର୍ଥିକ ବର୍ଷରେ ଓରାକଲ୍ କର୍ମଚାରୀ ଛଟେଇ ଏବଂ ପୁନର୍ଗଠନ ପାଇଁ ୧.୮୪ ଡଲାର ଖର୍ଚ୍ଚ କରିଥିଲା।

ଏଆଇ ଟେକନିକର ବ୍ୟବହାର ଲଗାତାର ବଢିଚାଲୁଥିବାରୁ ଭବିଷ୍ୟତରେ କର୍ମଚାରୀଙ୍କ ସଂଖ୍ୟା କମିପାରେ ବୋଲି ଓରାକିଲ୍ ଏକ ରିପୋର୍ଟରେ ଚେତାବନୀ ଦେଇଛି। ପୂର୍ବରୁ ଲୋକଙ୍କ ଦ୍ୱାରା କରାଯାଉଥିବା ଅନେକ କାମ ଏବେ ଏଆଇ ଅଟୋମେସନ୍ ମାଧମରେ ଶେଷ ହୋଇପାରିବ ବୋଲି କମ୍ପାନୀ ବିଶ୍ୱାସ କରୁଛି। ସମସ୍ତ କମ୍ପାନୀଗୁଡ଼ିକରେ ଏଆଇ ଟେକନିକର ବ୍ୟବହାର ଦ୍ରୁତ ଗତିରେ ବଢୁଥିବାବେଳେ ଓରାକଲ୍ ଏହି ଘୋଷଣା କରିଛି। ଆଗାମୀ ଦିନରେ ଏଆଇ ଟେକନିକର ଅଧିକ ଚାହିଦା ବୃଦ୍ଧି ଯୋଗୁଁ ଅନେକ ଚାକିରି ଏବଂ କର୍ମଚାରୀଙ୍କୁ ପ୍ରଭାବିତ କରିପାରେ।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୫,୯୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୩,୭୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୫,୯୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୩୩,୭୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୫,୯୧୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୩,୭୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୩,୦୬୦ ଟଙ୍କା ଓ ୨୨ କ୍ୟାରଟେ ୧,୩୩,୯୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୭,୯୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୫,୬୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୫,୯୧୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୩,୭୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୪୫,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୮୧ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୫୨ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୧୮ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩.୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୫୫ ପଇସା ରହିଛି ।

## ହତ୍ୟା ମାମଲାରେ ଯୁବକଙ୍କୁ ଆଜୀବନ କାରାଦଣ୍ଡ

କେନ୍ଦ୍ରାପଡ଼ା,୨୩।୬(ସଂଚାର ବ୍ୟୁରୋ)ଃ ଏକ ହତ୍ୟା ମାମଲାର ବିଚାର କରି କେନ୍ଦ୍ରାପଡା ଜିଲ୍ଲା ସେସନ୍ସ କୋର୍ଟ ଜଣେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହାସହ ୫ହଜାର ଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟ ଆଉ ଏକ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବା ପାଇଁ ବିଚାରପତି ଦୀପକ କୁମାର ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି । ଅଭିଯୁକ୍ତ ଜଣଙ୍କ ହେଉଛନ୍ତି ସୁମନ୍ତ ଶେଖର ନାୟକ । ମାମଲାର ବିବରଣୀରୁ ପ୍ରକାଶ କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ଥାନା ଅନ୍ତର୍ଗତ ବଡପାଳ ରଣସିଂହସାହିର କୁଞ୍ଜବିହାରୀ ନାୟକଙ୍କର ପଡୋଶୀ ସୂର୍ଯ୍ୟମଣୀ ନାୟକଙ୍କ ସହ ଜମିବାଡି ବିବାଦ ପୂର୍ବରୁ ରହିଥିଲା । ଏନେଇ କୁଞ୍ଜବିହାରୀ କୋର୍ଟର ଦ୍ୱାରସ୍ତ ହୋଇଥିଲେ। ସୂର୍ଯ୍ୟମଣୀ ଜୋରଜବରଦସ୍ତ ବିବାଦୀୟ ସ୍ଥାନରେ ଘର ନିର୍ମାଣ କରୁଥିଲେ। ଏହାକୁ କୁଞ୍ଜବିହାରୀ ବିରୋଧ କରିବାରୁ ତାଙ୍କୁ ଜୀବନରୁ ମାରିଦେବାକୁ ସୂର୍ଯ୍ୟମଣୀ ଏବଂ ତାଙ୍କ ପୁଅ ମିଶି ଧମକ ଦେଇଥିଲେ । କୋର୍ଟ ଆଦେଶ ପରେ ପୋଲିସ ଘଟଣାସ୍ଥଳକୁ ଆସି କାମ ବନ୍ଦ କରିବାକୁ କହିଥିଲା । କୁଞ୍ଜବିହାରୀ କାହିଁକି ଆଇନର ଆଶ୍ରୟ ନେଲେ ଯାହାଫଳରେ ଘଟଣାସ୍ଥଳକୁ ପୋଲିସ କାହିଁକି ଆସିଲା ତାହାକୁ ନେଇ ଉଭୟ ପରିବାର ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । କୁଞ୍ଜବିହାରୀ ୨୦୧୯ମସିହା ଜୁନ ୫ତାରିଖ ଅପରାହ୍ନ ୫ଟାରେ ବିଲରୁ କାମ ସାରି ଘରକୁ ଫେରୁଥିବା ବେଳେ ସୂର୍ଯ୍ୟମଣୀଙ୍କ ପୁଅ ମିଶି ତାଙ୍କୁ ମାରଣାସ୍ତ୍ରରେ ହାଣି ହତ୍ୟା କରିଥିଲେ । ଏନେଇ ଖୁଲଣା ମାର୍ଶାଘାଇ ଥାନାରେ ଏତଲା ଦେଇଥିଲେ । ସେହି ଏତଲାକୁ ଭିତ୍ତିକରି ମାର୍ଶାଘାଇ ଥାନା ପୋଲିସ ଅଭିଯୁକ୍ତ ସୂର୍ଯ୍ୟମଣୀ ଓ ତାଙ୍କ ପୁଅଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

## କାନ ଅସ୍ତ୍ରୋପଚାର ପାଇଁ ଯାଇଥିଲେ, ଫେରିଲା ମୃତଦେହ

ଗରଦପୁର,୨୩।୬(ସଂଚାର ବ୍ୟୁରୋ)ଃ କାନର ଯନ୍ତ୍ରଣାରୁ ମୁକ୍ତି ପାଇବା ଆଶାରେ କଟକର ଏକ ଘରୋଇ ହସ୍ପିଟାଲକୁ ଯାଇଥିଲେ। ପରିବାର ଲୋକେ ମଧ୍ୟ ଆଶା କରିଥିଲେ ଅସ୍ତ୍ରୋପଚାର ପରେ ସେ ସୁସ୍ଥ ହୋଇ ଘରକୁ ଫେରିବେ। ହେଲେ ଅପରେସନ ଥିଏଟରରୁ ଫେରିଲା ମୃତଦେହ। ଗରଦପୁର ବ୍ଲକ ବ୍ରହ୍ମପୁର ଗ୍ରାମର ୩୫ ବର୍ଷୀୟା ବୀଣାପାଣି ଦାସଙ୍କ ମୃତ୍ୟୁକୁ ନେଇ ପରିବାର ଓ ଗ୍ରାମବାସୀଙ୍କ ମଧ୍ୟରେ ଗଭୀର ଶୋକ ସହ ପ୍ରଶ୍ନ ଉଠିଛି।

ସୂଚନା ଅନୁଯାୟୀ, ବୀଣାପାଣି ଦାସ ଦୀର୍ଘଦିନ ଧରି କାନ ଯନ୍ତ୍ରଣାରେ ପୀଡ଼ିତ ଥିଲେ। ଔଷଧ ଖାଇବା ପରେ ମଧ୍ୟ ସୁଫଳ ନ ମିଳିବାରୁ ସେ କଟକ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଯାଇଥିଲେ। ପରୀକ୍ଷା-ନିରୀକ୍ଷା ପରେ ଡାକ୍ତର କାନର ପରଦା ଫାଟିଯାଇଥିବା ଦର୍ଶାଇ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେଇଥିଲେ। ଅପରେସନ ପାଇଁ ସେ ସମ୍ପୂର୍ଣ୍ଣ ସୁସ୍ଥ ବୋଲି ମଧ୍ୟ କୁହାଯାଇଥିଲା। ତେବେ ଅପରେସନ ଆରମ୍ଭ ହେବାର କିଛି ସମୟ ପରେ ବୀଣାପାଣିଙ୍କ ମୃତ୍ୟୁ ହୋଇଥିବା ଖବର ପରିବାର ଲୋକଙ୍କୁ ଦିଆଯାଇଥିଲା। ଏକ ସାଧାରଣ କାନ ଅସ୍ତ୍ରୋପଚାର ସମୟରେ ଏଭଳି ଘଟଣା କିପରି ଘଟିଲା, ତାହାକୁ ନେଇ ପରିବାର ଓ ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି ହୋଇଛି।

ମୃତକଙ୍କର ତିନି ବର୍ଷର ଏକ କନ୍ୟା ସନ୍ତାନ ରହିଛି। ମା'ଙ୍କ ଅକାଳ ବିୟୋଗ ପରେ ଶିଶୁଟି ମାତୃସ୍ନେହରୁ ବଞ୍ଚିତ ହୋଇପଡ଼ିଛି। ହସ୍ପିଟାଲ ପରିସରରେ ପତ୍ନୀଙ୍କୁ ହରାଇ ସ୍ୱାମୀଙ୍କ ଆକୁଳ କାନ୍ଦଣା ଉପସ୍ଥିତ ଲୋକଙ୍କୁ ମର୍ମାହତ କରିଥିଲା।

ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଅପରେସନ ପରେ ସେମାନଙ୍କୁ ଓଟି ଭିତରକୁ ଯିବାକୁ ଦିଆଯାଇନଥିଲା। ଅସ୍ତ୍ରୋପଚାର କରୁଥିବା ଡାକ୍ତର ହସ୍ପିଟାଲ ଛାଡ଼ି ଚାଲିଯାଇଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି। ଏପରିକି ପୋଲିସ ମାଧ୍ୟମରେ ପରିବାର ଲୋକଙ୍କ ଉପରେ ଚାପ ପକାଯାଇଥିବା ଓ ଭୟଭୀତ କରାଯାଇଥିବା ନେଇ ମଧ୍ୟ ଅଭିଯୋଗ ଉଠିଛି। ଘଟଣାର ନିରପେକ୍ଷ ତଦନ୍ତ କରିବା ସହ ଚିକିତ୍ସାରେ ଅବହେଳା ହୋଇଥିଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ରହସ୍ୟମୟ ପରିସ୍ଥିତିରେ ଆଦିବାସୀ ଯୁବକଙ୍କ ମୃତ୍ୟୁ, ତଦନ୍ତ ଦାବି

ଗରଦପୁର,୨୩।୬(ସଂଚାର ବ୍ୟୁରୋ)ଃ ଗରଦପୁର ବ୍ଲକ ଭଦାଳ ଅଞ୍ଚଳରେ ରହସ୍ୟଜନକ ପରିସ୍ଥିତିରେ ଜଣେ ଆଦିବାସୀ ଯୁବକଙ୍କ ମୃତ୍ୟୁ ଘଟଣାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ମୃତ ଯୁବକ ଜଣକ କେନ୍ଦୁଝର ଜିଲ୍ଲା ଘଟଗାଁ ଅଞ୍ଚଳର ରତ୍ନାକର ନାୟକ ବୋଲି ଜଣାପଡ଼ିଛି। ସେ ଗତ ଚାରି ମାସ ଧରି ଭଦାଳ ଅଞ୍ଚଳରେ ରହି ବିଭିନ୍ନ କାମଧନ୍ଦା କରୁଥିଲେ।

ସୂଚନା ଅନୁଯାୟୀ, ସୋମବାର ରାତି ପ୍ରାୟ ୯ଟା ସମୟରେ ରତ୍ନାକରଙ୍କ ଶାରୀରିକ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ସେ ବିଷାକ୍ତ ପଦାର୍ଥ ସେବନ କରିଥିବା ସନ୍ଦେହ କରାଯାଉଥିବା ବେଳେ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ନିଆଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

ଘଟଣା ପରେ ମୃତକଙ୍କ ଭାଇ କୁଳମଣୀ ନାୟକ ପାଟକୁରା ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ଅଭିଯୋଗରେ ସେ ଦର୍ଶାଇଛନ୍ତି ଯେ, ତାଙ୍କ ସାନ ଭାଇ ରତ୍ନାକର ନାୟକ ଭଦାଳ ଅଞ୍ଚଳର ସରୋଜ ଜେନାଙ୍କ ଘରେ ରହି କାମ କରୁଥିଲେ। କେଉଁ ପରିସ୍ଥିତିରେ ରତ୍ନାକର ଏଭଳି ଚରମ ପଦକ୍ଷେପ ନେଲେ ଏବଂ ତାଙ୍କ ମୃତ୍ୟୁ ପଛରେ ଅନ୍ୟ କୌଣସି କାରଣ ରହିଛି କି ନାହିଁ, ତାହାର ନିରପେକ୍ଷ ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ଘଟଣାକୁ ନେଇ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବା ବେଳେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅନ୍ୟପକ୍ଷରେ, ମୃତକଙ୍କ ପରିବାର ଘଟଣାର ସଠିକ୍ ତଦନ୍ତ କରି ପ୍ରକୃତ ଘଟଣାକୁ ପଦାକୁ ଆଣିବା ସହ ଯଦି କେହି ଏଥିରେ ସମ୍ପୃକ୍ତ ଥାଆନ୍ତି, ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

### ନିଆଁ ଲାଗିଲେ ଲିଭାଇବ କିଏ ?

# ଅନେକ ଦୋକାନରେ ନାହିଁ ଅଗ୍ନିନିର୍ବାପକ ଯନ୍ତ୍ର




### ଯାଞ୍ଚ ହେବ କେବେ ?

କାକଟପୁର/ଅସ୍ତରଙ୍ଗ,୨୩।୬ (ସଂଚାର ବ୍ୟୁରୋ)ଃ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଏବେ ଅଗ୍ନିକାଣ୍ଡର ବିପଦ ସଙ୍କୁଳ ଜୋନ୍ ପାଲଟିଛି। କାକଟପୁର ଓ ଅସ୍ତରଙ୍ଗ ବଜାର ବସ୍ତ୍ରାଳୟ, ଇଲେକ୍ଟ୍ରିକ୍ ଦୋକାନ, ଫର୍ଣ୍ଣିଚର ସୋରୁମ୍ ସମେତ ଅଧିକାଂଶ ବ୍ୟବସାୟୀକ ପ୍ରତିଷ୍ଠାନରେ ଅଗ୍ନିନିର୍ବାପକ ଯନ୍ତ୍ର ନାହିଁ। ନିୟମ ଅଛି କିନ୍ତୁ ପାଳନ ନାହିଁ। ଅସ୍ତରଙ୍ଗ ଓ କୋଣାର୍କ ଅଗ୍ନିଶମ ବିଭାଗର ଚଢ଼ାଉ ଅଭାବରୁ ବ୍ୟବସାୟୀମାନେ ନିଶ୍ଚିନ୍ତରେ ବ୍ୟବସାୟ କରୁଛନ୍ତି।

କିଛିଦିନ ପୂର୍ବେ କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଧୀନ ବିଭିନ୍ନ ଦୋକାନ ରେ ଅଗ୍ନିକାଣ୍ଡ ଘଟି ଅନେକ ସାମଗ୍ରୀ ଭସ୍ମିଭୂତ ହୋଇଥିବା ନଜିର ରହିଛି।ପୁନର୍ବାର ରବିବାର ସନ୍ଧ୍ୟା ରେ କାକଟପୁର ନିକଟସ୍ଥ କୁଣ୍ଡେଇ ହାଟ ନିକଟରେ ଏକ ବଡ ବ୍ୟବସାୟୀକ ପ୍ରତିଷ୍ଠାନରେ ଲାଗିଥିବା ନିଆଁ କିଛି ମିନିଟରେ ସମସ୍ତ ସାମଗ୍ରୀ ପୋଡି ପାଉଁଶ କରିଦେଲା। ଘଟଣାସ୍ଥଳରେ ଅଗ୍ନିନିର୍ବାପକ ଯନ୍ତ୍ର ନଥିବାରୁ ଲୋକେ ଅସହାୟ ଭାବେ ଦେଖୁଥିଲେ। ଅଗ୍ନିଶମ ବାହିନୀ ପହଞ୍ଚିଲା ବେଳକୁ କ୍ଷତି ୧୫ ଲକ୍ଷରୁ ଅଧିକ ଟଙ୍କା ସାମଗ୍ରୀ ।

ସର୍ଭେରୁ ଜଣାପଡିଛି, ଅସ୍ତରଙ୍ଗ ବଜାର ୭୦% ଓ କାକଟପୁର ବଜାର ୬୦% ଦୋକାନରେ ଅଗ୍ନିନିର୍ବାପକ ଯନ୍ତ୍ର ନାହିଁ। ଇଲେକ୍ଟ୍ରିକ୍ ଦୋକାନରେ ସର୍ଟସର୍କିଟ୍ ବିପଦ ସବୁଠୁ ଅଧିକ, କିନ୍ତୁ ସେଠି ବି ଯନ୍ତ୍ର ନାହିଁ। ଫର୍ଣ୍ଣିଚର ଦୋକାନରେ କାଠ ଭଳି ଜ୍ୱଳନଶୀଳ ସାମଗ୍ରୀ ଥିଲେ ବି ସୁରକ୍ଷା ବ୍ୟବସ୍ଥା ଶୂନ।

ସ୍ଥାନୀୟ ବୁଦ୍ଧିଜୀବୀମାନେ କହିଥିଲେ, "ଲାଇସେନ୍ସ ଅନେକ ଦୋକାନର ନାହିଁ କିମ୍ବା ଲାଇସେନ୍ସ ଦେବା ପୂର୍ବରୁ ଅଗ୍ନିଶମ ବିଭାଗ ଯାଞ୍ଚ କରିବା ଆବଶ୍ୟକ । କିନ୍ତୁ ଦୋକାନ ଖୋଲିଲା ପରେ କେହି ଯାଞ୍ଚ କରନ୍ତି ନାହିଁ । ଯଦି ମାର୍କେଟରେ ବଡ ଅଗ୍ନିକାଣ୍ଡ ହୁଏ ତେବେ ଶହ ଶହ ଜୀବନ ଯିବ। ସେତେବେଳେ କିଏ ଦାୟୀ ହେବ ?"

ଉଚ୍ଚ ସ୍ତରୀୟ ଅଧିକାରୀ, ଓଡିଶା ଅଗ୍ନିଶମ ସେବା ଡିଜି ଓ ପୁରୀ ଜିଲ୍ଲାପାଳଙ୍କୁ ଅନୁରୋଧ, ତୁରନ୍ତ କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଂଚଳର ସମସ୍ତ ବ୍ୟବସାୟୀକ ପ୍ରତିଷ୍ଠାନର ଯାଞ୍ଚ କରାଯାଉ। ଅଗ୍ନିନିର୍ବାପକ ଯନ୍ତ୍ର ନଥିବା ଦୋକାନ ସିଲ୍ କରାଯାଉ। ଅବହେଳା କରୁଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ। ନଚେତ ଆଗକୁ ଆସୁଥିବା ବଡ ଅଘଟଣର ଦାୟିତ୍ୱ ବିଭାଗକୁ ନେବାକୁ ପଡିବ।

# ଅସ୍ତରଙ୍ଗର ଶିକ୍ଷା ସାରଥିଙ୍କୁ ଅଲଗା କର ନାହିଁ

### ଶିକ୍ଷାଅଧିକାରୀ ଶ୍ରୀକାନ୍ତ ସ୍ୱାଇଁଙ୍କ ବଦଳି ବାତିଲ ପାଇଁ ଅଶ୍ରୁଭରା ଆବେଦନ

କାକଟପୁର/ଅସ୍ତରଙ୍ଗ,୨୩।୬ (ସଂଚାର ବ୍ୟୁରୋ)ଃ ଗଛ ଲଗାଇ ଫଳ ଧରିବା ବେଳେ ଯଦି ମାଳୀକୁ ଅଲଗା କରିଦିଆଯାଏ, ତେବେ ସେହି ବଗିଚାର ଭବିଷ୍ୟତ କ'ଣ ହେବ ? ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ଶିକ୍ଷା ବଗିଚାରେ ଠିକ୍ ଏମିତି ଏକ ପରିସ୍ଥିତି ଉପୁଜିଛି। ଜଣେ ନିଷ୍ଠାବାନ, ଶାନ୍ତ ଓ କର୍ମଯୋଗୀ ଶିକ୍ଷା ପ୍ରଶାସକ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କୁ କଟକ ରେଭେନ୍ସା କଲିଜିଏଟ ସ୍କୁଲର ପ୍ରଧାନ ଶିକ୍ଷକ ପଦକୁ ବଦଳି କରାଯାଇଛି। ଏହି ଖବର ପ୍ରଚାର ହେବା ମାତ୍ରେ ଅସ୍ତରଙ୍ଗ-କାକଟପୁର ମଣ୍ଡଳର ଶିକ୍ଷକ, ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷାପ୍ରେମୀଙ୍କ ମଧ୍ୟରେ ଦୁଃଖର ଛାୟା ଖେଳିଯାଇଛି।

ଶ୍ରୀଯୁକ୍ତ ସ୍ୱାଇଁ କେବଳ ଜଣେ ଶିକ୍ଷାଅଧିକାରୀ ନୁହଁନ୍ତି, ସେ ହେଉଛନ୍ତି ଅସ୍ତରଙ୍ଗ ଶିକ୍ଷାର ଜଣେ ସଚେତନ ସାରଥି। ତାଙ୍କ ରହଣି କାଳ ମଧ୍ୟରେ ଏହି ଅଞ୍ଚଳର ଶିକ୍ଷା ଚିତ୍ର ସମ୍ପୂର୍ଣ୍ଣ ବଦଳିଯାଇଛି। ସ୍କୁଲ ଖୋଲିବା ପୂର୍ବରୁ ଛାତ୍ରଛାତ୍ରୀଙ୍କ ହାତରେ ନୂଆ ପୋଷାକ ପହଞ୍ଚିଯିବା, ଥାଳିରେ ଗରମ ଗରମ ମଧ୍ୟାହ୍ନ ଭୋଜନର ସ୍ୱାଦ, ଶିକ୍ଷକଙ୍କ ସମୟାନୁବର୍ତ୍ତିତା - ଏସବୁ ତାଙ୍କରି ନିଷ୍ଠାର ପରିଚୟ। ସରକାରୀ ଯୋଜନାକୁ କେବଳ କାଗଜରେ ସୀମିତ ନ ରଖି ସେ ତାକୁ ପିଲାଙ୍କ ଜୀବନରେ ପରିଣତ କରିଦେଇଥିଲେ। ଫଳରେ ଅସ୍ତରଙ୍ଗର ଅନେକ ସ୍କୁଲ୍ ଆଜି ଆଦର୍ଶ ସ୍କୁଲ୍ ପାଲଟିଛି।

ଶିକ୍ଷକ କହୁଛନ୍ତି, "ସେ ଆମ ପାଇଁ ଜଣେ ପଥପ୍ରଦର୍ଶକ"। ଅଭିଭାବକ କହୁଛନ୍ତି, "ପିଲାଙ୍କ ଭବିଷ୍ୟତ ଗଢୁଥିବା ମାଳୀକୁ ଆମେ ହରାଇବାକୁ ଚାହୁଁନୁ"। ଛାତ୍ରମାନେ କହୁଛନ୍ତି, "ସାର୍ ଗଲେ ଆମ ସ୍କୁଲ୍ ଅନ୍ଧାର ହୋଇଯିବ"।

ତେଣୁ ସମଗ୍ର ଅଞ୍ଚଳର ଶିକ୍ଷାପ୍ରେମୀ ମହଲ ଆର୍ତ୍ତନାଦ କରିଛନ୍ତି। ଓଡ଼ିଶା ସରକାରଙ୍କ ମାନ୍ୟବର ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ, କମିଶନର-କମ୍-ଶାସନ ସଚିବ ଏବଂ ପୁରୀ ଜିଲ୍ଲାପାଳ ଙ୍କ ନିକଟରେ ବିନମ୍ର ନିବେଦନ - ଅସ୍ତରଙ୍ଗର ଶିକ୍ଷା ଭବିଷ୍ୟତକୁ ଦୃଷ୍ଟିରେ ରଖି ଶ୍ରୀଯୁକ୍ତ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ବଦଳି ଆଦେଶକୁ ତୁରନ୍ତ ବାତିଲ କରାଯାଉ। ତାଙ୍କୁ ପୂର୍ବ ପରି ଏହି ମାଟିରେ ରହି ଶିକ୍ଷାର ସେବା କରିବାକୁ ସୁଯୋଗ ଦିଆଯାଉ। ଜଣେ ସଫଳ ସାରଥିଙ୍କୁ ହରାଇଲେ ରଥ ଆଉ ଆଗକୁ ବଢ଼ିବ ନାହିଁ। ସରକାର ଜନଭାବନାକୁ ସମ୍ମାନ ଦେଇ ଏହି ନିଷ୍ପତ୍ତି ପୁନର୍ବିଚାର କରନ୍ତୁ - ଏହାହିଁ ଅସ୍ତରଙ୍ଗବାସୀଙ୍କ ଏକମାତ୍ର ଦାବୀ।

## ବିକଶିତ ବ୍ୟାସନଗରରେ ମହିଳାଙ୍କ ଭୂମିକା କାର୍ଯ୍ୟକ୍ରମ ଅନୁଷ୍ଠିତ



ଯାଜପୁର ରୋଡ,୨୩।୬ (ସଂଚାର ବ୍ୟୁରୋ)ଃ ବ୍ୟାସନଗର ପୌରାଅଂଚଳ ସହର ସ୍ଥିତ ହୋଟେଲ ରୟାଲ କଳିଙ୍ଗ ସଭା ଗୃହରେ ସ୍ୱର୍ଗତ ଡ଼ଃ ଲଳିତା ରାଉତଙ୍କ ଅଷ୍ଟମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ଲଳିତା ରାଉତ ଫାଉଣ୍ଡେସନ ତରଫରୁ ବିକଶିତ ବ୍ୟାସନଗରରେ ମହିଳାଙ୍କ ଭୂମିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଏକ ଆଲୋଚନା ଚକ୍ର ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଫାଉଣ୍ଡେସନ ସଭାପତି ଡ଼ଃ ଦୁଷ୍ମନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ସଭାରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡ଼ଃ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, କୋରେଇ ବିଧାୟକ ଆକାଶ ଦାସନାୟକ, ଟାକ୍ସବାର ଆଉ ସଭାପତି ବିବେକାନନ୍ଦ ମହାନ୍ତି,ସାହିତିକା ବ୍ରଜେଶ୍ୱରୀ ସିଂ ପ୍ରମୁଖ ଯୋଗ ଦେଇ ଅଧ୍ୟାପିକା, ସାହିତିକା, ତଥା ସମାଜସେବୀ ସ୍ୱର୍ଗତ ଡ଼ଃ ଲଳିତା ରାଉତଙ୍କ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ ତାଙ୍କର ଜୀବନ ଶୈଳୀ ଓ ନିଜର ଅଭୁଲା ସ୍ମୃତି ଉପରେ ନିଜର ଅଭିଭାଷଣ ରଖିଥିଲେ। ବ୍ୟାସନଗର ପୌର ସହରର ସମ୍ମାନୀୟା ସୁନାମ ଅର୍ଜନ କରିଥିବା ମହିଳା ମାନଙ୍କୁ ତାଙ୍କର ବ୍ୟାସନଗର ସହର ପ୍ରତି ରହିଥିବା ଅତୁଳନୀୟ ଅବଦାନ ଲାଗି ଅତିଥି ମାନେ ପ୍ରଶଂସା କରିଥିଲେ। ଏହି ପରିପ୍ରେକ୍ଷୀରେ କୃତି ଛାତ୍ର ଛାତ୍ରୀ ଓ ନାରୀ ପ୍ରତିଭା ମାନଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବୁଦ୍ଧିଜୀବୀ ଓ ମହିଳା ଅଧ୍ୟାପକ ଅଧ୍ୟାପିକା ମାନେ ଉପସ୍ଥିତ ରହିଥିଲେ।

## ପ୍ରଧାନଶିକ୍ଷୟିତ୍ରୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ମାର୍ଶାଘାଇ,୨୩।୬(ସଂଚାର ବ୍ୟୁରୋ)ଃ ମାର୍ଶାଘାଇ ଥାନା ଅଧିନ କରମକୁଳ ଗ୍ରାମର ତଥା କେନ୍ଦ୍ରାପଡ଼ା ଜିଲ୍ଲା ଭାଜପା ଉପସଭାପତି ଜୀବନାନନ୍ଦ ସାହୁଙ୍କ ମାଆ ଏବଂ ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଙ୍ଘ ମାର୍ଶାଘାଇ ବ୍ଲକ ସଭାପତି ଭାଗବତ ସାହୁଙ୍କ ପତ୍ନୀ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଗତ ସରସ୍ୱତୀ ସାହୁଙ୍କ ଦ୍ୱାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ ଉପସଭାପତି ବିଷ୍ଣୁ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭୁବନ ମୋହନ ଜେନା, ପାଟକୁରାଭାଜପା ନେତା ତଥା ରାଜ୍ୟ ମୁଖପାତ୍ର, ତେଜେଶ୍ୱର ପରିଡା ସରକାରୀ ଓକିଲ ବୈଦ୍ୟ ନାଥ ଚାଟର୍ଜୀ, ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘର ପୂର୍ବତନ ଜିଲ୍ଲା କାର୍ଯ୍ୟବାହକ ଗୋଲକବେହେରା, ବିନୋଦ ଦାସ, ବିନୋଦ କୁମାର ବେହେରା, କେନ୍ଦ୍ରାପଡ଼ା ଜିଲ୍ଲା ଭାଜପା ସଭାପତି ଶଶାଙ୍କ ଶେଖର ସେଠୀ, ପୂର୍ବତନ ସଭାପତି କିଶୋର ପଣ୍ଡା, ମହାକାଳପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, ବଡକୁଳ ସରପଞ୍ଚ ପ୍ରଜ୍ଞା ପରମିତା ନାୟକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## କେନ୍ଦ୍ରାପଡ଼ା ଆରଏମ୍‌ସି ନିର୍ବାଚନ ଯଥାଶିଘ୍ର କରିବାକୁ ଦାବି

ଡେରାବିଶ,୨୩।୬ (ସଂଚାର ବ୍ୟୁରୋ)ଃ ଡେରାବିଶ ବ୍ଲକ ଚାଟରାଚକଡ଼ା ପଚାୟତ ଅନ୍ତର୍ଗତ ଛତା ସ୍ଥିତ କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ସଂଘର କର୍ମକର୍ତାମାନେ ମାନ୍ୟବର ହାଇକୋର୍ଟଙ୍କର ରହିତାଦେଶ ଉଠିବା ପରେ କେନ୍ଦ୍ରାପଡ଼ା ଆରଏମ୍‌ସି ନିର୍ବାଚନ ଯଥାଶିଘ୍ର କରାଯିବା ପାଇଁ ଦାବି କରାଯାଇଛି। ଏ ନେଇ ସଂଘ କର୍ମକର୍ତ୍ତା ସଭ୍ୟସଭ୍ୟାଙ୍କ ଦସ୍ତଖତ ସମ୍ବଳିତ ଏକ ଆଠଦଫା ଦାବି ସମ୍ବଳିତ ଏକ ଦାବିପତ୍ର କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ସମେତ ରାଜସ୍ୱ ସଚିବଙ୍କୁ ଅବଗତି ନିମନ୍ତେ ପ୍ରେରଣ କରାଯାଇଛି।

ସଂଘର କର୍ମକର୍ତାଙ୍କ ଅଭିଯୋଗ ଅନୁଯାୟୀ ୨୦୨୩ ମସହିରେ ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟରେ ଆରଏମ୍‌ସି ନିର୍ବାଚନ କରାଇବା ନିମନ୍ତେ ନୋଟିଫିକେସନ୍ କରିଥିଲେ। ତଦାନୁସାରେ କେନ୍ଦ୍ରାପଡ଼ା ଆରଏମ୍‌ସି ନିର୍ବାଚନ କରାଯିବା ପାଇଁ ବିଜ୍ଞାପନ ମଧ୍ୟ ହୋଇଥିଲା। ହେଲେ ଜନୈକ ଟ୍ରେଡର୍ସ ମାନ୍ୟବର ହାଇକୋର୍ଟରୁ ଷ୍ଟେ ଅର୍ଡ଼ର ଆଣିବାରୁ ନିର୍ବାଚନ ସାମୟିକ ଭାବେ ବନ୍ଦ ରହିଥିଲା। ତେବେ ମାନ୍ୟବର ହାଇକୋର୍ଟ ଇତିମଧ୍ୟରେ ସ୍ଥଗିତାଦେଶ ଉଠାଇ ଦେଇଛନ୍ତି। ରହିତା ଦେଶ ଉଠିଲା ପରେ ଆରଏମ୍‌ସି ନିବାଚନ କରାନଯିବାର ରହସ୍ୟ କ'ଣ ବୋଲି ସଂଘର କର୍ମକର୍ତାମାନେ ପ୍ରଶ୍ନ କରିଛନ୍ତି।

ଏଥିସହିତ ଯଦି ପ୍ରଶାସନ ସଂଘର ଅନୁରୋଧକୁ ଗ୍ରହଣ ନକରେ ତେବେ ସଂଘ ପକ୍ଷରୁ ଆରଏମ୍‌ସି ପରିସରରେ ଆମରଣ ଅନଶନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

### 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ

## ସ୍ୱାବଲମ୍ବୀ ଯୁବା, ସମୃଦ୍ଧ ଓଡ଼ିଶା ସମାବେଶ ଅନୁଷ୍ଠିତ



ନବରଙ୍ଗପୁର,୨୩।୬ (ସଂଚାର ବ୍ୟୁରୋ)ଃ "ବିକାଶର ଧାରା, ଓଡ଼ିଶା ସାରା" କାର୍ଯ୍ୟକ୍ରମର ଚତୁର୍ଥ ଦିବସ ଅବସରରେ ନବରଙ୍ଗପୁର ପୋଲିସ୍ ପଡ଼ିଆଠାରେ ବ୍ଲକ୍ ସ୍ତରୀୟ "ସ୍ୱାବଲମ୍ବୀ ଯୁବା, ସମୃଦ୍ଧ ଓଡ଼ିଶା ସମାବେଶ" ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରଓ୍ୱାନ ଯୋଗଦେଇଥିଲେ। ତାଙ୍କ ସହିତ ଜିଲ୍ଲା ସଂଯୋଜକ (ସ୍ୱାବଲମ୍ବୀ ଯୁବା) ଶତାବ୍ଦିକା ପାଲୋ, ବ୍ଲକ୍ ସଂଯୋଜକ ଦୁଲାର ନାୟକ, ନବରଙ୍ଗପୁର ବିଡିଓ ସୁନୀଲ ଖରା, ଜିଲ୍ଲା ନିଯୁକ୍ତି ଅଧିକାରୀ, ସହକାରୀ ଶିଳ୍ପ ଅଧିକାରୀ, ଶିଳ୍ପ ପ୍ରୋତ୍ସାହନ ଅଧିକାରୀ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ଅତିଥିମାନେ ଉପସ୍ଥିତ ଥିଲେ। ଜିଲ୍ଲା ନିଯୁକ୍ତି ଅଧିକାରୀ ସମାବେଶର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଯୁବପିଢ଼ୀଙ୍କ ପାଇଁ ଚାଲୁଥିବା ବିଭିନ୍ନ ସରକାରୀ ଯୋଜନା ଓ ନିଯୁକ୍ତି ସୁଯୋଗ ବିଷୟରେ ସୂଚନା ପ୍ରଦାନ କରିଥିଲେ। ସହକାରୀ ଶିଳ୍ପ ଅଧିକାରୀ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) କ୍ଷେତ୍ରରେ ରହିଥିବା ଉଦ୍ୟୋଗ ସ୍ଥାପନ, ରୋଜଗାର ଓ ସ୍ୱରୋଜଗାରର ସୁଯୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

ଏହି ଅବସରରେ ମୁଖ୍ୟ ଅତିଥି "ବିକଶିତ ଗାଁ ବିକଶିତ ଓଡ଼ିଶା" ବିଜିବିଓ ୨୦୨୪-୨୫ ଓ ୨୦୨୫-୨୬ ସହ ଗ୍ରାମୀଣ ଗୃହ ଯୋଜନା ୨୦୨୫-୨୬ରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ବ୍ଲକ୍‌ମାନଙ୍କୁ ପୁରସ୍କୃତ କରିଥିଲେ। ବିଜିବିଓ ୨୦୨୪-୨୫ରେ ଉମରକୋଟ ବ୍ଲକ୍ ପ୍ରଥମ ସ୍ଥାନ ଅଧିକାର ଏବଂ ୨୦୨୫-୨୬ରେ ନବରଙ୍ଗପୁର ବ୍ଲକ୍ ପ୍ରଥମ ସ୍ଥାନ ହାସଲ କରିଛି। ଗ୍ରାମୀଣ ଗୃହ ଯୋଜନା ୨୦୨୫-୨୬ରେ କୋଷାଗୁମୁଡ଼ା ବ୍ଲକ୍ ପ୍ରଥମ ସ୍ଥାନ ଅଧିକାର କରିଛି। ସେହିଭଳି ଜିଲ୍ଲା ପରିଷଦର ଶ୍ରେଷ୍ଠ କାର୍ଯ୍ୟଦକ୍ଷ ଅଧିକାରୀ ଭାବେ ଗ୍ରାମୀଣ ଗୃହ ଯୋଜନାର ପ୍ରୋଗ୍ରାମ ମ୍ୟାନେଜର ଦେବସ୍ମିତାଙ୍କୁ ସମ୍ମାନିତ କରାଯାଇଥିଲା।

# ୩ ଦିନିଆ 'ଛାତ୍ର ସହାୟତା କେନ୍ଦ୍ର' ଆରମ୍ଭ



ସୁନ୍ଦରଗଡ଼,୨୩।୬ (ସଂଚାର ବ୍ୟୁରୋ)ଃ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏବଂ ସୁନ୍ଦରଗଡ ସଦର ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ଯୋଗେଶ କୁମାର ସିଂଙ୍କ ସହଯୋଗରେ ସୁନ୍ଦରଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୩ ଦିନିଆ ଛାତ୍ର ସହାୟତା କେନ୍ଦ୍ର ସୁନ୍ଦରଗଡ ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ମଙ୍ଗଳବାର ଦିନ ଠାରୁ ଆରମ୍ଭ କରାଯାଇଛି ।

ବିଗତ ବର୍ଷଗୁଡ଼ିକ ଭଳି ଚଳିତ ବର୍ଷ ମଧ୍ୟ ଛାତ୍ରଛାତ୍ରୀଙ୍କ ସୁବିଧା ଓ ସେବାକୁ ପ୍ରାଥମିକତା ଦେଇ ସୁନ୍ଦରଗଡ଼ ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଏକ ମହତ ପ୍ରୟାସ କରାଯାଇଛି। କଲେଜ ରେ ନୂତନ ନାମାଙ୍କନ, ସରକାରୀ ସ୍କଲାରସିପ୍ ଏବଂ ଉଚ୍ଚଶିକ୍ଷା ତଥା କ୍ୟାରିୟର ସମ୍ବନ୍ଧୀୟ ବିଭିନ୍ନ ଦ୍ୱନ୍ଦ୍ୱର ସରଳ ସମାଧାନ ପାଇଁ ଏକ ସ୍ୱତନ୍ତ୍ର 'ଛାତ୍ର ସହାୟତା କେନ୍ଦ୍ର'ର ଆୟୋଜନ କରାଯାଇଛି।

ସୁନ୍ଦରଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଜୁନ୍ ୨୩, ୨୪ ଏବଂ ୨୫ ତାରିଖ ୩ ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିବ। ଏହି ସହାୟତା କେନ୍ଦ୍ରଟି ପ୍ରତିଦିନ ସକାଳ ୧୦ଃ ୦୦ ଟାରୁ ସନ୍ଧ୍ୟା ୫ଃ ୦୦ ଟା ପର୍ଯ୍ୟନ୍ତ ଖୋଲା ରହିବ। ଯେଉଁଠାରେ ଦଳର ବରିଷ୍ଠ , ଯୁବ,ଛାତ୍ର ନେତା ଓ ସଦସ୍ୟମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ସମସ୍ତ ପ୍ରକାର ବୈଷୟିକ ଓ ପ୍ରଶାସନିକ ସହାୟତା ଯୋଗାଇଦେବେ।

ବିଶେଷ କରି ଦୂରଦୂରାନ୍ତରୁ ଆସୁଥିବା ଗରିବ ଓ ମେଧାବୀ ଛାତ୍ରଛାତ୍ରୀମାନେ ଯେପରି ନାମାଙ୍କନ ପ୍ରକ୍ରିୟାରେ କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ, ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ। ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ଏବଂ କର୍ମକର୍ତ୍ତାଙ୍କୁ ଏହି ସହାୟତା କେନ୍ଦ୍ରର ଭରପୂର ଲାଭ ଉଠାଇବା ସହ କାର୍ଯ୍ୟକ୍ରମ କୁ ସଫଳ କରିବା ପାଇଁ ଅନୁରୋଧ କରାଯାଇଛି।

## ପାହାଡ଼ପୁର ଗ୍ରାମକୁ ସୌରଗ୍ରାମ ଘୋଷଣା ପରେ ସର୍ଭେ କାର୍ଯ୍ୟ ଆରମ୍ଭ

ବାରିପଦା,୨୩।୬ (ସଂଚାର ବ୍ୟୁରୋ)ଃ ମହାମହିମ ରାଷ୍ଟ୍ରପତିଙ୍କ ୬୮ତମ ଜନ୍ମ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ମୟୁରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଗସ୍ତରେ ଆସି ରାଷ୍ଟ୍ରପତିଙ୍କ ଗ୍ରାମ ପାହାଡ଼ପୁରକୁ ପରିଦର୍ଶନରେ ଯାଇ ସେଠାକାର ପରିବେଶ, ପାହାଡ ପର୍ବତ, ଦୁର୍ଗମ ଅଞ୍ଚଳର ଆଦାବାସୀଙ୍କ ସଂସ୍କୃତି, ସଫା ଘରଦ୍ୱାର ଦେଖି ବିଭୋର ହୋଇପଡିଥିଲେ । ଏଠାକାର ଆତିଥ୍ୟ ଦେଖି ବିମୋହିତ ହୋଇ ଏହି ପାହାଡ଼ପୁର ଗ୍ରାମକୁ ଭାରତର ପ୍ରଥମ ସୌର ଗ୍ରାମ ଘୋଷଣା କରିଥିଲେ। ଏହି ସୌର ଗ୍ରାମ ହେବା ଦ୍ୱାରା ଏହା ଅନ୍ଧାରି ମୂଳକରୁ ଦୂରେଇବା ସହ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଆର୍ଥିକ ବିକାଶରେ ସହାୟକ ହେବ ।

ପୂର୍ବରୁ ଏସଏଲସ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଆବାସିକ ବିଦ୍ୟାଳୟ ସୌରାୟନ ହୋଇଥିଲା। ଟିପିଏନଓଡିଏଲର ସିଇଓ ଦୁଷ୍ମନ୍ତ ତ୍ୟାଗୀ ତୁରନ୍ତ ରାଇରଙ୍ଗପୁର ବିଦ୍ୟୁତ ଡିଭିଜିଓନାଲ ବିଭାଗକୁ ସର୍ଭେ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଟିପିଏନଓଡିଏଲର ଏସଡିଓ ଚିରଞ୍ଜିବୀ ସାହୁ ତାଙ୍କ କର୍ମଚାରୀଙ୍କୁ ଧରି ପାହାଡପୁରର ସମସ୍ତ ଘରକୁ ସର୍ଭେ କରିଥିଲେ ।

ଏଥିରେ ସର୍ଭେରେ ୧୪୨ଟି ଘର ମଧ୍ୟରୁ ୫୭ଟି ପକ୍କା ଘର। ସମସ୍ତ ଘରକୁ ସୌରାୟାନ କରାଯିବ । ଚାଳ, ଛପର, ଆଜବେଷ୍ଟସ ଘରକୁ ଷ୍ଟାଣ୍ଡ ପଏଣ୍ଟ କରାଯାଇ ସୋଲାର ବ୍ୟବସ୍ଥା କରାଯିବ।

# କାକଟପୁର ପିତାମହ ସୁରେନ୍ଦ୍ର ନାଥ ନାୟକଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ

### ୫ ଜୁଲାଇରେ ପ୍ରତିମୂର୍ତ୍ତି ଉନ୍ମୋଚନ

### ସେବାରେ ସାରା ଦିନ ପାଳନ ହେବ



କାକଟପୁର/ଅସ୍ତରଙ୍ଗ,୨୩।୬ (ସଂଚାର ବ୍ୟୁରୋ)ଃ ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀର ପିତାମହ ଭାବେ ପରିଚିତ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତଃ ସୁରେନ୍ଦ୍ର ନାଥ ନାୟକଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଆସନ୍ତା ୫ ଜୁଲାଇରେ ସେବାରେ ସାରା ଦିନ ପାଳନ କରାଯିବ। ଏହି ଅବସରରେ କାକଟପୁରଠାରେ ତାଙ୍କର ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହେବ ବୋଲି ପଦ୍ମ ଚରଣ ସାମନ୍ତସିଂହାର ଟ୍ରଷ୍ଟ ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ସୁରେନ୍ଦ୍ର ନାଥ ମେମୋରିଆଲ ଟ୍ରଷ୍ଟ ସଭାପତି ତଥା କାକଟପୁର ବିଧାୟକ ଶ୍ରୀଯୁକ୍ତ ତୁଷାରକାନ୍ତି ବେହେରା ଓ ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ (ବାବୁ) ଏହି ଆୟୋଜନର ତଦାରଖ କରୁଛନ୍ତି। ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଯୋଗଦେଇ ସ୍ୱର୍ଗତଃ ନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି।

କାକଟପୁର, ଅସ୍ତରଙ୍ଗ, କୋଣାର୍କ ଅଂଚଳର ପିତାମହ ସୁରେନ୍ଦ୍ର ନାଥ ନାୟକ ନିଜ ଜୀବନକୁ ଗରିବ ଓ ବଞ୍ଚିତ ଲୋକଙ୍କ ସେବାରେ ଉତ୍ସର୍ଗ କରିଥିଲେ। ତାଙ୍କର ସରଳତା, ନିଷ୍ଠା ଓ ଲୋକସଂପର୍କ ଯୋଗୁଁ ସେ ଆଜି ବି କାକଟପୁର, ଅସ୍ତରଙ୍ଗ ବାସୀଙ୍କ ହୃଦୟରେ ବଞ୍ଚି ରହିଛନ୍ତି। ତାଙ୍କ ଦେହାନ୍ତ ପରେ ବି ତାଙ୍କ ଆଦର୍ଶ ଯୁବ ପିଢି ପାଇଁ ପାଥେୟ ପାଲଟିଛି।

ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପଦ୍ମ ଚରଣ ସାମନ୍ତସିଂହାର ଟ୍ରଷ୍ଟ ପରିଷଦ ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ୫ ଜୁଲାଇ ଦିନ ସେବାରେ ସାରା ଦିନ ପାଳନ ସହ ଗରିବ ଓ ଆବଶ୍ୟକ ଲୋକଙ୍କୁ ସହାୟତା ପ୍ରଦାନ କରାଯିବ। ସ୍ୱର୍ଗତଃ ସୁରେନ୍ଦ୍ର ନାଥ ନାୟକଙ୍କ ଜନସେବା ଓ ଆଦର୍ଶ ପ୍ରତି ଏହା ଏକ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। କାକଟପୁର ବିଧାୟକ ଇଂ.ତୁଷାରକାନ୍ତି ବେହେରା କହିଛନ୍ତି, "ସୁରେନ୍ଦ୍ରନାଥ ନାୟକ ଯେଉଁ ଆଦର୍ଶ ଛାଡି ଯାଇଛନ୍ତି ତାକୁ ଆଗକୁ ନେଇଯିବା ହିଁ ଆମର ସବୁଠୁ ବଡ ଶ୍ରଦ୍ଧାଞ୍ଜଳି। ତାଙ୍କ ନାଁରେ ହେବାକୁ ଥିବା ପ୍ରତିମୂର୍ତ୍ତି କାକଟପୁର ପାଇଁ ଗୌରବର ବିଷୟ"। ଏହି ଉତ୍ସବରେ ହଜାର ହଜାର ଲୋକେ ଉପସ୍ଥିତ ରହି ସ୍ୱର୍ଗତଃ ନାୟକଙ୍କ ପ୍ରତି ଶ୍ରଦ୍ଧା ଜଣାଇବେ ବୋଲି ଆଶା କରାଯାଉଛି।

## ମହରମ ପର୍ବ ପାଳନ ନିମନ୍ତେ ଶାନ୍ତି କମିଟି ବୈଠକ

ଧାମନଗର,୨୩।୬ (ସଂଚାର ବ୍ୟୁରୋ)ଃ ଧାମନଗର ବ୍ଲକ ଓ ଏନ ଏ ସି ଅଞ୍ଚଳରେ ପବିତ୍ର ମହରମ ପର୍ବ କିପରି ଶାନ୍ତି ଶୃଙ୍ଖଳା ସହ ପାଳନ ହେବ ସେନେଇ ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୋମବାର ଧାମନଗର ପଞ୍ଚାୟତ ସମିତି ସେଣ୍ଟ୍ରାଲ ସଭାଗୃହ ପରିସରରେ ଶାନ୍ତି କମିଟିର ଆବାହକ ତଥା ତହସିଲଦାର ଜ୍ଞାନରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ଅଧ୍ୟକ୍ଷା ନିବେଦିତା ଜେନା, ଏଏସପି ଅଂଶୁମାନ ଦ୍ୱିବେଦୀ,ଏସ.ଡି.ପି.ଓ ବିଷ୍ଣୁ ଚରଣ ବାରିକ, ଆଇଆଇସି ଶୁଭ୍ରଜିତ ଦାଶ,କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ପ୍ରମୁଖ ମଞ୍ଚାସିନ ହୋଇ ବକ୍ତବ୍ୟ ରଖିଥିଲେ।



ଶାନ୍ତି କମିଟିର ବରିଷ୍ଠ ସଦସ୍ୟ ବାସୁଦେବ ତ୍ରିପାଠୀ,ବିରେନ୍ଦ୍ର କୁମାର ଜେନା, କୃଷ୍ଣ ଚନ୍ଦ୍ର ଜେନା,ଏମଡି ଇସ୍ରାଇଲ ହବିବି, ଗୋଲାମ ଜିଲାନି ହବିବି, ସେକ ଜାଫର ଅଲ୍ଲୀ,ସେକ ରୋସ୍ତମ, ପ୍ରତାପ ସାମଲ, ଲମ୍ବୋଦର ଜେନା,ଏମଡି ଫକିରୁଦ୍ଦିନ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ଶ୍ରୀନିବାସ ମଲ୍ଲିକ, ବିଦ୍ୟୁତ ବିଭାଗ ପକ୍ଷରୁ କନିଷ୍ଠ ଯନ୍ତ୍ରୀ ଶାସ୍ୱତ ନନ୍ଦୀ,ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଇସଲାମିକ ନୂତନ ବର୍ଷ ଏବଂ ପୀରବାବା ହୋଜୁର ମୁଜାହିଦ୍-ଏ- ମିଲ୍ଲତଙ୍କ ଜନ୍ମ ଦିନ ଅବସରରେ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ବ୍ୟାପକ ଆଲୋଚନା କରିଥିଲେ । ଭାଇଚାରାର ମାଟି ଧାମନଗରରେ ପରସ୍ପରକୁ ସହଯୋଗ କରି ଏହି ପର୍ବ ପାଳନ କରିବାକୁ ନିଜ ବକ୍ତବ୍ୟ ରଖିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରିବା ସହ ଡିଜେ ସମ୍ପୂର୍ଣ୍ଣ ବନ୍ଦ କରିବା, ବାଡ଼ିଖେଳ ବେଳେ ମଦ୍ୟପାନ ନକରିବା ପାଇଁ ପୋଲିସ ପକ୍ଷରୁ ତାଗିଦ କରାଯାଇଥିଲା।

# ଅଧିକାର



ପୁଷ୍ପଲତା ମିଶ୍ର



ଚିନ୍ତାରେ ବସି କିଛି ଭାବି ଚାଲିଛନ୍ତି କାମିନୀ ଦେବୀ, ହଠାତ୍ କବାଟ ଠକ୍ ଠକ୍ ଶବ୍ଦ ଶୁଣି ଭାବନା ରାଇଜରୁ ଓହରି ଆସିଲେ ।କବାଟ ଖୋଲି ଦେଖିଲେ ରମାକାନ୍ତ ବାବୁ ଠିଆ ହୋଇଛନ୍ତି। କାମିନୀ ଦେବୀ ପଚାରିଲେ ଆରେ ତୁମେ ଏ ଅସମୟରେ କିଛି ବୁଝି ହେଉନି। ରମାକାନ୍ତ ବାବୁ କହିଲେ ଅସମୟ କଣ ଯେ ଓକିଲ ମାନଙ୍କର କଣ ସମୟ କିଛି ଠିକ୍ ଥାଏ ? ହଠାତ୍ କାମ ପଡ଼ିଲା ଏଇ ପାଖରେ ତେଣୁ ଚାଲି ଆସିଲି କାଇଁ, କିଛି ଅସୁବିଧା ହେଲାକି ? ତୁମ ବିଶ୍ରାମରେ ବାଧା ଉପୁଜିଲା କି ? ମୁଁ ଆସି କିଛି ହଇରାଣ କରିନି ତ! ଆରେ ସେମିତି କିଛି ନୁହେଁ ବସ ବସ ମୁଁ ଚା କରି ଆଣୁଛି। କାମିନୀ ଦେବୀ ଦେଖିଲେ ରମାକାନ୍ତ ବାବୁଙ୍କ ସହ ଗୋଟେ ଛୋଟ ପିଲା ତୁମ ସହ ଏ ପିଲାଟି କିଏ ? କାହାକୁ ସାଙ୍ଗରେ ଆଣିଛ ?

ହଁ କାମିନୀ ମୁଁ ତୁମକୁ କହିବାକୁ ଭୁଲି ଯାଇଥିଲି। ଏ ପିଲାଟିର କେହି ନାହାନ୍ତି, ସେ ରାସ୍ତା କଡ଼ରେ ଜରି ବୋତଲ ଗୋଟାଉ ଥିଲା। ରମାକାନ୍ତଙ୍କ ପାଟିରୁ କଥା ଛଡେଇ ନେଇ କାମିନୀ କହିଲେ ଯାହାକୁ ନାଇଁ ତାକୁ ଘରକୁ ନେଇ ଆସୁଛ, ଏଇଟା କଣ ଅନାଥାଶ୍ରମ ? ରମାକାନ୍ତ ବାବୁ କହିଲେ ଆରେ ନା ନା ସେ କଥା ନୁହେଁ। ପିଲାଟି ଭଲ ପାଠ ପଢୁଥିଲା, ତାର ବାପା ମାଆ ରାସ୍ତା ଦୁର୍ଘଟଣାରେ ଚାଲି ଯିବାରୁ ସେ ପାଠ ପଢ଼ି ପାରୁ ନାହି। କାମିନୀ କହିଲେ ଆମେ କଣ ତାକୁ ପାଠ ପଢ଼େଇବା ନା କଣ। ସେଇ ଟିକି ପିଲା ଆକାଶ କହିଲା ନା ମା ମୁଁ ଆପଣଙ୍କ ଘରେ ସବୁ କାମ କରିଦେବି। ଘର ସଫା, ବାସନ ମଜା, କପଡ଼ା ଧୁଆ ସବୁ କାମ କରିଦେବି ମା ତୁମର ଯାହା ଇଚ୍ଛା ପାଉଣା ଦବ ମା। ଆକାଶର କାରୁଣ୍ୟ ଭରା କଥାରେ କାମିନୀ ବିଚଳିତ ହେଲେ ମଧ୍ୟ କହିଲେ, ଆରେ ଏ ସବୁ କାମ ପାଇଁ ତ ଚାକରାଣୀ ମଞ୍ଜୁ ତ ଅଛି।

ଏ ସବୁ ଶୁଣି ଆକାଶର ମୁଖ ମଣ୍ଡଳ ମଳିନ ପଡ଼ିଗଲା। ଧୀର କଣ୍ଠରେ କହିଲା ମା ପନ୍ଦର ଦିନ ତଳେ ହୋଇଥିବା ଭୟଙ୍କର ଗାଡ଼ି ଧକ୍କାରେ ମୋ ବାପା ମାଆ ଭାଇ ଭଉଣୀ ଗାଡ଼ି ଚକା ତଳେ ଚାପି ହୋଇ ଚାଲିଗଲେ, ମୁଁ କିନ୍ତୁ ବଞ୍ଚି ଗଲି ତିନି ଦିନ ହେଲା କିଛି ଖାଇନି ମା! ଆକାଶ ଆଖିରେ ଆଖିଏ ଲୁହ। ଏ କଥା ଶୁଣି କାମିନୀ କଇଁ କଇଁ ହୋଇ କାନ୍ଦି ପକାଇଲେ ସହାନୁଭୂତି ଦେଖାଇ କହିଲେ ଆ ଭିତରକୁ ଆ ଆକାଶ ଗଣ୍ଡେ ଖାଇ ଦେ ଗୋଟେ ମାଆ ମନ ସବୁଠାରୁ ନରମ। ଆକାଶ କହିଲା ନା ମା ମୁଁ ଖାଇବିନି, କାମିନୀ କହିଲା ମୁଁ ଜାଣେ ତୁ ସ୍ୱାଭିମାନୀ, ମାଗଣାରେ ଯଦି ନ ଖାଇବୁ ତେବେ କିଛି ଗୋଟେ କାମ କରିଦେ। ଆକାଶ ଚୁପ୍ ରହିଲା, କାମିନୀ କହିଲା ତୁ ମତେ ମା ଡାକିଛୁ ନା ! ମାଆର କଥା ମାନିବା ପୁଅର କର୍ତ୍ତବ୍ୟ। ଆକାଶ ଟିକେ ହସି ଦେଲା ,ରମାକାନ୍ତ ବାବୁ କହିଲେ, ବାବା ଏ ମା ପୁଅଙ୍କ ଭିତରେ ମୁଁ ଆଉ କିଏ ? ମୁଁ ଯାଉଛି ଚାମ୍ବରକୁ .........।

ଚାମ୍ବରରୁ ଫେରି ରମାକାନ୍ତ ବାବୁ ସୋଫାରେ ଟିକେ ବସୁ ବସୁ ଘୁମେଇ ପଡ଼ିଛନ୍ତି। କାମିନୀ ଆସି କହିଲେ କଣ ହେଲାକି କଣ ଶୋଇ ପଡ଼ିଲ କି ? ମୁଁ କଣ କହୁଥିଲି କି ? କଣ କହୁଥିଲ କୁହ ,ଏଇ ଆମ ଆକାଶ ମ ! କଣ ହେଲା ଆକାଶର ? ନା ମ କଣ ହବ ଆକାଶର ?ମୁଁ କହୁଥିଲି କି ଏତେ ମୟୂର ଚନ୍ଦ୍ରିକା ନ ଦେଖେଇ ଯାହା କହିବା କଥା କୁହ। ଆମ ଆକାଶକୁ ସ୍କୁଲରେ ନାମ ଲେଖାଇ ଦେଲେ ହୁଅନ୍ତାନି ? ନା ନା ସେ ଘରେ କାମ କରିବାକୁ ଆସିଛି କାମ ହିଁ କରୁ। କାଲି ସେ ଆମ ମାନୁ କୁ ପାଠ ପଢେଇ ଦଉଥିଲା। ତାର ଲାଇଫକୁ ଆମେ କାହିଁକି ନଷ୍ଟ କରି ଦବା ଯେ। ରମାକାନ୍ତ ବାବୁଙ୍କର ପୁଅ ମାନସ କହିଲା ହଁ ବାପା ଆକାଶ ଭାଇକୁ ଆମ ସ୍କୁଲରେ ନାମ ଲେଖାଇ ଦିଅ ,ଆମେ ସାଙ୍ଗ ହୋଇ ସ୍କୁଲ ଯିବୁ।ହଉ ହଉ ତୁମେ ମାନେ ଯଦି କହୁଛ କାଲି ସ୍କୁଲରେ ତା ନାମ ଲେଖାଇ ଦବା। ଆରେ ଆକାଶ ତୁ ଖୁସି ତ ! ଆକାଶ ଟିକେ ଲାଜେଇ ଗଲା। ଆକାଶ ପୂର୍ବରୁ ଚତୁର୍ଥ ପର୍ଯ୍ୟନ୍ତ ପଢ଼ି ଥିବାରୁ ତାକୁ ପଞ୍ଚମ ଶ୍ରେଣୀରେ ନାମ ଲେଖେଇବା ଠିକ୍ କଲେ। ନାମ ଲେଖା ସରିଗଲା ଦାମ ମାଷ୍ଟ୍ରେ କହିଲେ ଭଲ ହେଲା ଅନାଥ ପିଲାର ଦାୟିତ୍ୱ ନେବା ସହିତ ନିଜ ପିଲାର ପାଠ ପଢ଼ା ଉପରେ ଟିକେ ନଜର ଦେବେ ଆଜ୍ଞା। ରମାକାନ୍ତ ବାବୁ କହିଲେ ମତେ ସମୟ କାହିଁ ? ସେଇ ତାର ମା ସବୁ କଥା ବୁଝେ।

ଦଶ ବର୍ଷ ପରେ ... ମାନସ ସୁନା ଦୋକାନରେ ସୁନାହାର ବିକୁଛି ,ତାକୁ ଆକାଶ ଦେଖି ମାନସକୁ କହିଲା ତୁ ଏ କଣ କରୁଛୁ ମାନୁ ମା ଙ୍କ ସୁନା ହାର ଆଣି ଦୋକାନରେ ବିକୁଛୁ ? ଦୋକାନୀକୁ ଫେରେଇ ଦେଇଛି ପଚାଶ ହଜାର ଟଙ୍କା। ସୁନା ହାର ବଣିଆଠାରୁ ଆଣି ମାନୁକୁ ଧରି ଘରକୁ ଆସିଛି ଆକାଶ। ରମାକାନ୍ତ ବାବୁ ଦୁଇ ଜଣଙ୍କୁ ଦେଖି କହିଲେ କଣ ହେଇଛିରେ ଏମିତି ଟଣା ଓଟରା ହେଇ ଆସୁଛ ? ଆକାଶ କହିଲା ବାବା ଏ ମାଆଙ୍କ ସୁନା ହାର ନେଇ ମାନୁ ବଣିଆ ଦୋକାନରେ ବିକୁଥିଲା। ମୁଁ ତା ଠାରୁ ହାର ଫେରେଇ ଆଣି ମାନୁକୁ ଧରି ଘରକୁ ଆସୁଛି। ଆଉ ମୁଁ ଶୁଣିଲି ଯେ ଏ ଟଙ୍କା ନେଇ ମାନୁ ବାହାରକୁ ପଳେଇବ। ରମାକାନ୍ତ ବାବୁ ପୁଅ ପ୍ରେମରେ ଅନ୍ଧ ହୋଇ ଆକାଶକୁ କହିଲେ ସତ କହ ଆକାଶ ମାନୁ ଏଭଳି କାମ କରି ପାରିବ ନାହିଁ,ତୁ ଏସବୁ କରିଛୁ।ମିଛରେ ମୋ ପୁଅ ନାଁ ଦଉଛୁ।କାମିନୀ ଦେବୀ ଘର ଭିତରକୁ ପଶି ଆସି କହିଲେ ,ମୋ ହାର ପାଞ୍ଚ ଦିନ ହେଲାଣି ପାଉ ନ ଥିଲି। କୋଉଠି ରଖି ଦେଇଛି ବୋଲି ମନେ ମନେ ଖୋଜୁ ଥିଲି। କହ ମାନୁ କଣ ପାଇଁ ସୁନା ହାର ବିକିବାକୁ ଯାଇଥିଲୁ,ଆକାଶର ଏତେବଡ଼ ସାହସ ହେବନି। ମାନସ ବାପାଙ୍କ ଠାରୁ ସାହସ ପାଇ କହିଲା ନା ମା ଏ ହାର ଆକାଶ ଭାଇ ବିକୁଥିଲା ମୁଁ ଦେଖିଦେଲାରୁ ସେ ତୁମ ଆଗରେ ମିଛ କଥା କହୁଛି। ରମାକାନ୍ତ ବାବୁ ରାଗି ଯାଇ କହିଲେ ଯା ବାହାରି ଯା ମୋ ଘରୁ, ଆଶ୍ରୟ ଦେବାରୁ ମୁଣ୍ଡରେ ଚଢ଼ିଲୁ। କାନ୍ଦି କାନ୍ଦି ଆକାଶ ଘରୁ ବାହାରି ଗଲା ଆଉ ଗଲା ବେଳେ କହିଲା ମା ପର ପୁଅକୁ ପାଖରେ ରଖି ନିଜ ପୁଅ ଭଳି ଯୋଉ ସ୍ନେହ ଶ୍ରଦ୍ଧା ଦେଇଛ ମୁଁ ତାହା ଭୁଲି ପାରିବି ନାହିଁ।ତୁମେ ଯେତେବେଳେ ମୋତେ ଖୋଜିବ ମୁଁ ତୁମ ପାଖରେ ପହଁଚି ଯିବି ହେଲେ ମାଆ ମାନସ ଉପରେ ଟିକେ ନଜର ରଖି ଥିବ। ତୁମ ପାଇଁ ମୋ ହୃଦୟ ସବୁ ବେଳେ ଖୋଲା।

ଆକାଶ ଗଲା ପରେ ମାନସ ଡ୍ରଗ୍ସ ଖାଇ ଏଣେ ତେଣେ ବୁଲି ଟଙ୍କା ବରବାଦ କରୁଛି ଘରେ ଯାହା ଥିଲା ତାକୁ ବିକି ଭାଙ୍ଗି ନେଇ ଡ୍ରଗ୍ସ ଖାଉଛି।କୁଆଡେ ଚାଲିଗଲା ଆକାଶ ସେ ପର ପୁଅ ହେଲେ ବି ସେ ଆମ ମନ କଥା ବୁଝି ପାରୁଥିଲା। ସେ ସତରେ ହୀରାଖଣ୍ଡେ ଘରୁ ଗଲା ଦିନୁ ଆମର ବିପଦ ମାଡି ଆସିଛି। କିଛିଦିନ ପରେ ରମାକାନ୍ତ ବାବୁଙ୍କ ଦେହ ବହୁତ ଅସୁସ୍ଥ ହେଲାଣି।ଅନେକ ଡାକ୍ତର ଙ୍କୁ ଦେଖେଇ ସାରିଲେଣି କାମିନୀ ଦେବୀ କିନ୍ତୁ ଭଲ ହେବା ପରିବର୍ତ୍ତେ ଖରାପ ହେବାରେ ଲାଗିଛି। ସବୁ ଡାକ୍ତରମାନେ କହୁଛନ୍ତି ୟାଙ୍କର ଅପରେସନ ହେଲେ ଭଲ ହୋଇଯିବେ କିନ୍ତୁ ଏତେ ଟଙ୍କା ସେ କୋଉଠୁ ଆଣିବେ ? ମେଡିକାଲ ବେଡରେ ଶୋଇଥାନ୍ତି ରମାକାନ୍ତ ବାବୁ ନର୍ସ ଆସି ଡାକିଲା ରମାକାନ୍ତ ନନ୍ଦ ଙ୍କର କିଏ ଅଛନ୍ତି କି ? କାମିନୀ ଦେବୀ କହିଲେ ହଁ ମୁଁ ଅଛି କୁହନ୍ତୁ ,ନର୍ସ କହିଲା ,ପଚାଶ ହଜାର ଟଙ୍କା ଦାଖଲ କରନ୍ତୁ ଆଉ ରୋଗୀଙ୍କୁ ଆଣନ୍ତୁ ତାଙ୍କର ସବୁ ପରୀକ୍ଷା ହବ ଆଉ ତାଙ୍କୁ ରକ୍ତ ଦିଆଯିବ। କାମିନୀ କହିଲା ହେ ଭଗବାନ୍ ପଚାଶ ହଜାର ଟଙ୍କା ମୁଁ ଏବେ କୋଉଠୁ ଆଣିଣ୍ଡି କିଏ ଦବ ମୋତେ ଏତେ ଟଙ୍କା ? କଣ ଭାବୁଛ କାମିନୀ ମୁଁ ଆଉ ବଞ୍ଚିବିନି ଏତେ ଟଙ୍କା ତୁମେ କୋଉଠୁ ଆଣିବ ନା ମୋତେ ଚିକିତ୍ସା କରିବ ? ଚାଲ ଆମେ ଘରକୁ ପଳେଇବା ଯାହା ଆମ ଭାଗ୍ୟରେ ଥିବ। ପୁଅ କୁଆଡ଼େ ଗଲା ତାର ଦେଖା ଦର୍ଶନ ନାହିଁ। ଆଉ ଆକାଶକୁ ନିଜ ହାତରେ ମୁଁ ଘରୁ ବାହାର କରି ଦେଲି। କାମିନୀ କହିଲା ତୁମେ ଚୁପ୍ ରହିଲ ମୁଁ ଦେଖୁଛି ନିଜ ବେକରୁ କାଢ଼ି କହିଲା କଣ ହବ ଏ ହାର ଯାଉଛି ଏହାକୁ ବିକି ମେଡିକାଲରେ ଟଙ୍କା ଦାଖଲ କରିବି ।

ନର୍ସ ଆସି ଡାକିଲେ ରମାକାନ୍ତ ନନ୍ଦଙ୍କୁ ଭିତରକୁ ଆଣନ୍ତୁ ମ୍ୟାଡ଼ାମ ଆପଣଙ୍କର ଟଙ୍କା ଡିପୋଜିଟ୍ ହେଇଗଲାଣି।କାମିନୀ ପଚାରିଲା କିଏ ଡିପୋଜିଟ୍ କଲେ, ଆମେ ସେ ବିଷୟରେ ଜାଣିନୁ ଆପଣ ପେସେଣ୍ଟଙ୍କୁ ଆଣନ୍ତୁ। ଶୁଣିଲ ତ ! ଆମ ପାଇଁ ଟଙ୍କା କିଏ ଦାଖଲ କରିଦେଇଛନ୍ତି କିଏ ସେ ଦେବଦୂତ ଆମ ଦୁଃଖ ଶୁଣି ... ସ୍ୱୟଂ ଭଗବାନ ଆସିଛନ୍ତି କାମିନୀ ଭଗବାନ ହିଁ ଆସିଛନ୍ତି। ଯାଆନ୍ତୁ,ଡାକ୍ତର ଭିତରେ ଅଛନ୍ତି ,ଆପଣ ଆଗ ଯାଇ ଚିକିତ୍ସା କରାନ୍ତୁ ପରେ ସେ କଥା। କାମିନୀ ଭିତରକୁ ଯାଇ କହିଲେ ସାର୍ ନମସ୍କାର ଡାକ୍ତର ଆକାଶ କହିଲେ ସାର୍ ନୁହେଁ ମା ,ମୁଁ ତୁମ ପୁଅ ଆକାଶ ! ମୁଁ ସେଇ ଅନାଥ ବାଳକ ଆକାଶ ମନେ ପଡୁନି ତୁମର ଯାହାକୁ ନିଜେ ମମତା ଡୋରିରେ ବାନ୍ଧି ଆଶ୍ରୟ ଦେଇଥିଲ !!ନୀରବରେ ବସି ରହିଥିବା ରମାକାନ୍ତ ଉଠି ଆସି ଭାବ ବିହ୍ୱଳ ଅବସ୍ଥାରେ ଆଲିଙ୍ଗନ କରି ନେଲେ ଆକାଶକୁ ......।ଆକାଶ ରମାକାନ୍ତଙ୍କ ପାଦ ଛୁଇଁ କି କହିଲା ବାବା ମତେ ଗୋଟିଏ ମାତ୍ର ଅଧିକାର ଦେଇ ପାରିବେ କୁହନ୍ତୁ ବାବା କୁହନ୍ତୁ। ରମାକାନ୍ତ କହିଲେ କି ଅଧିକାର ମାଗୁଛୁରେ ଆକାଶ, ମୁଁ ତୋତେ ଅଧିକାର ଦେଇ ସାରିଛିରେ ତୋତେ ପୁଅର ଅଧିକାର ଦେଇ ସାରିଛିରେ ଧନ। ରମାକାନ୍ତ କଇଁ କଇଁ ହୋଇ କାନ୍ଦୁଥାନ୍ତି ମୁଁ ଅପରାଧୀ ମୋ ଦୋଷ କ୍ଷମା କରିଦେବୁ ଆକାଶ।ବାପା ପୁଅଙ୍କର ମିଳନ ଦେଖି କାମିନୀ ଙ୍କ ଆଖିରୁ ଆନନ୍ଦର ଅଶ୍ରୁ ବୋହି ଚାଲିଥାଏ। ଆଉ ମେଡିକାଲରେ ନୀରବର ଛାୟା ଖେଳି ଯାଇଥିଲା।

ଭୁବନେଶ୍ୱର, ମୋବାଇଲ୍: ୯୩୩୮୨୯୪୭୫୭

## ମେଘା ଓ ମେଘ ରାତି



ଡ. ଶୁଭେନ୍ଦୁ ମେହେର

ମେଘ.......!
ଆକାଶର ଛାତି ଚିରେ,
ଗର୍ଜନ କରେ.........ବିଜୁଳି ମାରେ.........!
ପାଖରେ ଅସୀମ ଶକ୍ତି,
କିନ୍ତୁ ଲକ୍ଷ୍ୟ ହୀନ ।
ସେ' କାନ୍ଦେ,
ବରଷେ,
ଭସାଇଦିଏ,
କ୍ଷଣକେ ହଜିଯାଏ ଶୂନ୍ୟରେ,
ସ୍ମୃତି କି ଅନୁତାପ କିଛି ନଥାଏ ।
ମେଘା.........!
ଦୁନିଆଁକୁ ଆସିଲା ଦିନରୁ,
ସଂଘର୍ଷ ହିଁ ସଂଘର୍ଷ,
ନିଃଶବ୍ଦରେ, ବିନା କୋଳାହଳରେ !
ପାଖରେ ନାହିଁ ବିଜୁଳିର ତେଜ,
ଅଛି କେବଳ ଜିଦ୍‌ର ନିଆଁ ।
ସେ' କାନ୍ଦେନି.........ଗଢ଼େ,
ଭସାଏନି..........ବଞ୍ଚାଏ ।
ଅତୀତର ଅଜସ୍ର କ୍ଷତ,
ବର୍ତ୍ତମାନର ଯୁଦ୍ଧ............ଭବିଷ୍ୟତର ସ୍ୱପ୍ନ ।
ମେଘ ଯେବେ ଗର୍ଜେ,
ଦୁନିଆଁ ଡରେ...........ଘର ଭିତରେ ଲୁଚେ !
ମେଘା ଯେବେ ନିରବ ହୁଏ,
ଦୁନିଆଁ କୁହେ ହାରିଗଲା ।
ହେଲେ ନୀରବତା ଭିତରେ ହିଁ
ସେ' ଗର୍ଜନ କରେ,
ନିଜକୁ କହେ............
ମୁଁ ଡରିବି ନାହିଁ, ମୁଁ ତିଆରି ହେବି ।
ମେଘର ବର୍ଷା ଛାତ ଗଳାଏ,
ଛାତି ଭିଜାଏ, ଛାଇ ଛଡ଼ାଏ !
ମେଘାର ଲୁହ ଘା' ଶୁଖାଏ,
ଚୁଲି ଜାଳେ...........ଅନ୍ଧାରକୁ ଅଣଦେଖା କରେ ।
ମେଘ ପାଇଁ ଲୁହ ବୃଷ୍ଟି
ନିଜକୁ ଖାଲି କରି ଶେଷ ହୁଏ !
ମେଘା ପାଇଁ ଲୁହ ହେଉଛି ସୃଷ୍ଟି,
ସେ' ନିଜକୁ ଖାଲି କରି ସଂପୂର୍ଣ୍ଣ ହୁଏ ।
ମେଘ ଚାଲିଯାଏ,
ପଛରେ ଛାଡ଼ିଯାଏ ପଚ ପଚ କାଦୁଅ,
ଭଙ୍ଗା ଡାଳ.........ଦଦରା ଘର !
ମେଘା ରହିଯାଏ,
ଅଭାବକୁ ପିଠିରେ ପିଠେଇ, ଛାତ ମୁଣ୍ଡେଇ
ପାଠଶାଳା..........ଗାଈ ଗୁହାଳ ।
ମେଘ ପ୍ରକୃତିର ଖେଳ,
ଯାହାର ହୃଦୟ ନାହିଁ ।
ମେଘା ଥିଲା ପ୍ରକୃତି ସହ ଲଢ଼ିବାର କୌଶଳ,
ହୃଦୟରେ ହୃଦୟେ ବୋଝ ।
ମେଘ ପ୍ରଳୟ..........ଆଉ ମେଘା..........
ପ୍ରଳୟ ପରର ସକାଳ !
ଆକାଶରେ ମେଘ,
ମାଟିକୁ ଚାହିଁଲେ ମେଘା,
ଗୋଟିଏ ଶୂନ୍ୟରେ ମିଳାଏ,
ଅନ୍ୟଟି ଶୂନ୍ୟରୁ ପୁଣ୍ୟ ଖୋଜେ ।।

ଯାଲୋଏ, ସୁବର୍ଣ୍ଣପୁର
ମୋ -9938433664



## କି ସୁନ୍ଦର ଆହା କି ଆନନ୍ଦମୟ



ଡଃ ତାନଶ୍ରୀ ପାଣିଗ୍ରାହୀ

କି ସୁନ୍ଦର ଆହା କି ଆନନ୍ଦମୟ
ଏହି ବିଶାଳ ସଂସାର
ନର ପଶୁ ପକ୍ଷୀ କୀଟ ତରୁ ଲତା
ସବୁ ତ ସୃଷ୍ଟି ତୁମର...

ସୂର୍ଯ୍ୟ ଚନ୍ଦ୍ର ତାରା ଆକାଶେ ଖଞ୍ଜିଛ
କେତେ ଗ୍ରହ ଉପଗ୍ରହ
ଅପରୂପ ଶୋଭା ଆତ୍ମା ତୃପ୍ତି ହୁଏ
ଦର୍ଶନ ପାଇଁ କି ମୋହ...

ଗିରି ବନଲତା ହୋଇ ପ୍ରଫୁଲ୍ଲିତା
କି ଅପୂର୍ବ ଦିଶେ ଶୋଭା
ଛଅ ଋତୁଙ୍କର ଧରା ଆଗମନ
ଅନୁଭବ ମନଲୋଭା...

ପକ୍ଷୀଙ୍କ କାକଳି ଶୁଭର ଦୀପାଳି
ଅମୃତ ତାଙ୍କ ଗୀତି
ଉଷାର ଅଧରେ ଖେଳିଯାଏ ହସ
ସତେ ଝରେ ହୀରା ମୋତି...

ପିତା ମାତା ବନ୍ଧୁ ଗୁରୁ ଗୁରୁଜନେ
ମନରେ ଅମାପ ଭକ୍ତି
ଭାଇ ଭଉଣୀର ମାନ ଅଭିମାନ
ପରସ୍ପର ସ୍ନେହ ପ୍ରୀତି...

ହୃଦୟରେ ବହି ଦାନ ଦୟା ଧର୍ମ
ଦିଏ ଶାନ୍ତିର ଆଧାର
ଧନ୍ୟ ଏହି ସୃଷ୍ଟି ମଙ୍ଗଳମୟ
ଈଶ୍ୱରଙ୍କ ଉପହାର ।।



ବାଲେଶ୍ୱର

## ଆ'ରେ ବରଷା ଭିଜେଇ ଦେ



ଡଃ ନାରାୟଣ ଚନ୍ଦ୍ର ସେନାପତି

ନିଷ୍ଠୁର ନିଦାଘର ପୀଡା କେତେ ସହିବ ଏ ଦେହ ?
ନିସ୍ତେଜ ହୋଇ ବସି ରହିଛି ଅନାଥ ପରି
କଣ୍ଠସ୍ୱର ହୋଇ ଯାଉଛି କ୍ଷୀଣ
ହୃଦୟର ତନ୍ତ୍ରୀ ହୋଇ ଯାଉଛି ବିଦୀର୍ଣ୍ଣ
ଯନ୍ତ୍ରଣା ଜର୍ଜରିତ ମନ କହୁଛି
ଆ ' ରେ ବରଷା
ଭିଜେଇ ଦେ ମୋ ତନୁ
କେଇବୁନ୍ଦା ପ୍ରୀତି ଜଳ ଢାଳି
ପହିଲି ଆଷାଢ଼ରେ ଆଙ୍କି ଦେ ଆଶାର ବନାନୀ
ମୋ ଜୀବନ ଯାଉ ଗଜରି।

ଅଜ୍ଞାନ ଅନ୍ଧକାର କରେ ଆଚ୍ଛାଦିତ ସରଳ ଜୀବନକୁ
ନଷ୍ଟ କରି ପ୍ରତିଟି ଆଶା ଭରସା
ଶୁଷ୍କ ହୁଏ ଆଗ୍ରହର ପୁଷ୍କରିଣୀ
ନୃତ୍ୟ କରେ ସଘନ ଯାମିନି
ବିଶ୍ୱାସର ସମୀରଣ ସାଜି ଝଡ ତୋଫାନ
ଲେଖେ କୁତ୍ସିତ ନିରାଶା
ସ୍ପନ୍ଦନର କାହାଣୀ କରେ ଶ୍ୱାସ ରୁଦ୍ଧ
ମନ କହୁଥାଏ ହେ ସଦୟ ବରଷା
ଭିଜେଇ ଦିଅ ସମ୍ପର୍କର କୁଡ଼ିଆକୁ
ସଭିଏଁ ପଢ଼ନ୍ତୁ ଖୁସିରେ
ଆନନ୍ଦର ଦୀପ୍ତ ପରିଭାଷା।

ମନ ହୃଦ ଆତ୍ମା ହୁ ହୁ ହୋଇ ଜଳିଯାଏ
ଯେବେ କୃତଘ୍ନ କହେ
ମୁଁ ଏ ସମାଜର ମହାରାଜା
ସ୍ନେହ ପ୍ରେମ ଶ୍ରଦ୍ଧା କାନ୍ଦନ୍ତି ଧକେଇ
କ୍ଷମା ଦୀର୍ଘଶ୍ୱାସ ମାରେ ପଣ ବନ୍ଦୀ ହୋଇ
ଉତ୍ସାହ ପ୍ରଶଂସା ମାନ ପାଆନ୍ତି ସଜା
ଦରଦୀ ମନ ବୁଲୁଥାଏ ମରୁବାଲିରେ
ସନ୍ତାପିତ ହୃଦୟ ଡହଳ ବିକଳ ହୋଇ କହେ
ଆ 'ରେ କରୁଣା ମୟୀ ବର୍ଷା
ଭିଜେଇ ଦେ ରେ
ଆଖି ବୁଜି ମାରୁଥିବି କେତେ ଯେ ମଜା !

ଜମ୍ବିରା, କେନ୍ଦୁଝର



## କହିବି ନାହିଁ ମୁଁ ମନର କଥା



ନିବେଦିତା ପଣ୍ଡା

ମନକଥା ମନେ ରହେ ନାହିଁ ସବୁ
ପ୍ରକାଶ୍ୟର ବାଟ ଖୋଜେ,
ହେଲେ ମନକଥା ବୁଝିବା ଲୋକର
ଆବଶ୍ୟକତା ବି ହଜେ।
ଆଜିକାଲି ଲୋକ ସବୁ ବସ୍ତୁବାଦୀ
ଶୁଣିବାକୁ ନାହିଁ ବେଳ,
କାହିଁ କୁ କହିବ କେମିତି କହିବ
ମିଳେ ନାହିଁ ଥଳକୂଳ।
ଗୋହତ୍ୟା ପାପଠୁ ବ୍ରହ୍ମହତ୍ୟା ବଳେ
ଯାହା ବି କରିଲେ ଦୋଷ,
ଧର୍ମଶଙ୍କଟରେ ପଡିଗଲେ କେବେ
ହୋଇଥାଏ ସର୍ବନାଶ ।
ଆଧୁନିକ ହେଲେ ସଂସ୍କାର ହଜୁଛି
ସଂସ୍କାର ଛାଡିଲେ କ୍ଷତି,
ଅପୂରଣୀୟ ସେ କ୍ଷତି ଜୀବନରେ
ମନେ ଆଣିଦିଏ ଭିତି।
ସମୟ ସହିତ ଚାଲିବାକୁ ଯାଇ
ହଜୁଛି ମାନବିକତା,
ଯା'ର ବ୍ୟତିରେକେ ବିତସ୍ପୃହ ଲାଗେ
ସବୁଠି ଅରାଜକତା।
ଦେଖି ହୁଏ ନାହିଁ ଦେଖାଇ ହୁଏନି
ସହିବା କହିବା କଷ୍ଟ ,
ପରିସ୍ଥିତି ଆଜି ବିଗିଡି ଗଲାଣି
ଅସମ୍ଭାଳ ଓ ଅତିଷ୍ଠ।
ଏଣୁ ତ ମାଇଲେ ବ୍ରହ୍ମହତ୍ୟା ହେବ
ତେଣୁ ମାଇଲେ ଗୋହତ୍ୟା,
କି ବିଷମ ସ୍ଥିତି ମଣିଷ ପାଇଁ କି
ବୁଝିବ କେବେ ଜନତା।
କହିଲେ ଦୋଷ ନ କହିଲେ କଷ୍ଟ
ମଣିଷ ଯେ ଛଟପଟ,
କହିବି ନାହିଁ ମୁଁ ମୋର ମନ କଥା
ହେଲେ ହେଉ ଯେତେ କଷ୍ଟ।

ରାଉରକେଲା



## ଆସ ମିଶିକି କରିବା ଯୋଗ

ଶୋଭାମୟୀ ପତ୍ରୀ

ଆସ ସଙ୍ଗାତେ କରିବା ଯୋଗ
ଯୋଗ ଝାଡ଼ିଦବ ଦେହରୁ ରୋଗ
ମାଂସପେଶିକୁ ସେ କରିବ ଟାଣ
ଉତଫୁଲ୍ଲ କରିବ ଆମରି ମନ
ସ୍ମରଣ ଶକ୍ତିକୁ କରିବ ବୃଦ୍ଧି
ଚିନ୍ତା ଚେତନରେ ରଖିବ ଶୁଦ୍ଧି
ମନେଏକାଗ୍ରତା ବଢ଼େଇ ଦିଏ
ରୋଗ ପ୍ରତିଷେଧକ ତିଆରି ଥାଏ
ହାଡ଼କୁ ୱି ଯୋଗ କରଇଁ ଟାଣ
ମନ୍ଦ ଗୁଣ ସବୁକୁ କରଇଁ ମଣ
ଆଳସ୍ୟ ଭୟରେ ଯାଏ ପଳେଇ
ସତେଜ ରଖେ ହୃଦତନ୍ତ୍ରକୁ ସେହି
ସୁନ୍ଦର କରେ ସେ ତ୍ୱଚା ଆମର
ପେଟ ରୋଗ ଯେତେ ହୁଅଇ ଦୂର
ବାୟୁ ଓ ମେଦକୁ ସନ୍ତୁଳି ଦିଏ
ଆୟୁଷ ବୃଦ୍ଧି ଯୋଗବଳେ ହୁଏ
ଦୃଷ୍ଟି ଶକ୍ତିକୁ ସେ ବଢ଼ାଇଥାଏ
ମହୋଷୌଧୀ ପରା କାମ ସେ ଦିଏ
ପିଲାଠାରୁ ବୁଢ଼ା ସଭିଙ୍କ ପାଇଁ
ବଡ଼ ଉପକାରୀ ଚିଜଟି ଏହି
ଆସରେ ମିଶିକି କରିବା ଯୋଗ
ଯୋଗ ମାନବକୁ କରିବ ବାଗ
ସୁସ୍ଥ ଜୀବନର ମନ୍ତ୍ରଟି ଏହି
ମୁନିଋଷି ଶାସ୍ତ୍ରେ ୱଚନ କହି
ନିୟମିତ ଯିଏ କରେଟି ଯୋଗ
ସୁଖ ଶାନ୍ତି ତା ଜୀବନେ ଭୋଗ
ନିରୋଗୀ ହୋଇବ ତାର ଜୀବନ
ହସି ଖୁସି ସିଏ କାଟିବ ଦିନ।

କେନ୍ଦ୍ରାପଡ଼ା



## ମୋ ଭାଷା



ଡ. ଭାରତୀ ହୋତା

ମୋ ଭାଷା
ଯା 'ଡେଣାରେ ଯୋଡ଼ି ହୋଇଥାଏ କିଛି ଅମୀୟ ଭାବ
ସେ 'ଉଡ଼ି ବୁଲେ ଡେଣା ଝାଡ଼ି ଝାଡ଼ି
ତୁମ ଗୁମ ସୁମ କୋଠରୀ ଯାଏଁ
ପୁଣି ଆକାଶମୁହାଁ ହୁଏ
ପବନ ଦୋଳିରେ ।।
ଗୋଟେ ଇପ୍‌ସିତ ଶବ୍ଦ ରାସ୍ତା ଖୋଜୁ ଥାଏ
ଯା ' ବଖାଣି ବସେ ହୃଦୟର କଥା ପୁଟୁଳି
ଭାଷାର ତ ନ ଥାଏ
ଜାତି, ଗୋତ୍ର
ଦେଶ,କାଳ, ପାତ୍ର
ନା ରଙ୍ଗ ନା ସ୍ୱାଦ
ଥରେ ଭାବର ମାଠିଆ ଭରିଗଲେ
ବରଷି ଯାଏ
ଗୀତ ହୋଇ
କବିତାର ଛନ୍ଦ ହୋଇ
ଅକୁହା କାହାଣୀ ହୋଇ ।।
ଏଇ ଦେଖ!
ଏଥର ମୋ ପୃଥିବୀରେ
ଭାଷା -ମେଘଦୂତ
ଏହା ଖାଲି ଆଖିକୁ ପଢ଼େନା
ପଢିନିଏ ଛାତିତଳ ନିମୁଜ କୋଠରୀର ବେଦନା
ବା ଇନ୍ଦ୍ରଧନୁର ରଙ୍ଗ ମାଖିଥିବା ଓଠତଳର
ନୀରବ ଇସ୍ତାହାର ।।
ସତରେ !
ଭାଷା କେବେ ଅଲଗା ହୁଏନି
ଜାତି, ଧର୍ମ ବର୍ଣ୍ଣକୁ ନେଇ
ଭାଷା କେବେ ଦେହର ରଙ୍ଗ ଖୋଜେନା
ଖୋଜୁଥାଏ କେବଳ
ଗୋଟେ ନିରାପଦ ଗଛର ଡାଳ
ଯେଉଁଠି ବସି ସେ ପକ୍ଷୀ ପରି ଗୀତ ଗାଇବାକୁ ।।



ପ୍ରଧାନ ଶିକ୍ଷୟତ୍ରୀ
ସରକାରୀ ପ୍ରାଥମିକ ବିଦ୍ୟାଳୟ, ଚାଲମୁଣ୍ଡା
ଖରୀଆର ରୋଡ଼ , ନୂଆପଡ଼ା

ଆଇସିୟୁ'ରେ ଧର୍ମଗଡ଼ ହସ୍ପିଟାଲ

# ୪୯ରୁ ଅଛନ୍ତି ମାତ୍ର ୧୧ ଡାକ୍ତର

- ବର୍ଷକୁ ପ୍ରାୟ ଦେଢ଼ ଲକ୍ଷ ରୋଗୀ
- କେମିତି ହେବ ଚିକିତ୍ସା ?

**କଳାହାଣ୍ଡି,୨୩।୬(ସଂଚାର ବ୍ୟୁରୋ):** କାଗଜପତ୍ରରେ ଏହା ଏକ 'ଉପଖଣ୍ଡ ଚିକିତ୍ସାଳୟ'। କିନ୍ତୁ ବାସ୍ତବତା ଦେଖିଲେ ମନେହେବ ଏହା ନିଜେ ଏକ ଗୁରୁତର ରୋଗରେ ପୀଡ଼ିତ। ବିଭାଗ ଅଛି କିନ୍ତୁ ବିଶେଷଜ୍ଞ ନାହାନ୍ତି, କୋଠା ଅଛି କିନ୍ତୁ ଚିକିତ୍ସା ପାଇଁ ଆବଶ୍ୟକ ଡାକ୍ତର ନାହାନ୍ତି। ସମ୍ପୂର୍ଣ୍ଣ 'ନାହିଁ ନାହିଁ'ର ଚକ୍ରବ୍ୟୂହରେ ଫସି ରହିଛି କଳାହାଣ୍ଡି ଜିଲ୍ଲାର ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟ।ଏହି ଚିକିତ୍ସାଳୟ ଉପରେ ସ୍ଥାନୀୟ ଅଞ୍ଚଳର ଲୋକେ କେତେ ନିର୍ଭରଶୀଳ, ତାହା ଏଠାକାର ରୋଗୀ ସଂଖ୍ୟାରୁ ସ୍ପଷ୍ଟ ଜଣାପଡୁଛି। ଗତ ୨୦୨୫-୨୬ ଆର୍ଥିକ ବର୍ଷରେ ଏହି ଚିକିତ୍ସାଳୟରେ ସର୍ବମୋଟ ୧ ଲକ୍ଷ ୪୭ ହଜାର ରୋଗୀ ଚିକିତ୍ସିତ ହୋଇଛନ୍ତି। ଅର୍ଥାତ୍ ପ୍ରତି ମାସରେ ହଜାର ହଜାର ଏବଂ ଦୈନିକ ଶତାଧିକ ରୋଗୀ ଏଠାକୁ ଆସୁଛନ୍ତି। ଧର୍ମଗଡ଼ ଉପଖଣ୍ଡର ଧର୍ମଗଡ଼, ଗୋଲାମୁଣ୍ଡା, କୋକସରା, ଜୟପାଟଣା ଓ କଲମପୁର ସମେତ ପଡୋଶୀ ନୂଆପଡା, ନବରଙ୍ଗପୁର ଜିଲ୍ଲା ଏବଂ ସୀମାନ୍ତ ରାଜ୍ୟ ଛତିଶଗଡ଼ର ଗରିବ ରୋଗୀମାନେ ଉତ୍ତମ ଚିକିତ୍ସା ଆଶାରେ ଏହି ହସ୍ପିଟାଲ




ଉପରେ ହିଁ ସମ୍ପୂର୍ଣ୍ଣ ଭରସା କରିଥାନ୍ତି। ଲକ୍ଷେ ୪୭ ହଜାର ରୋଗୀଙ୍କ ବୋଝ ଉଠାଇବା ପାଇଁ ହସ୍ପିଟାଲରେ ଯେତିକି ଡାକ୍ତର ରହିବା କଥା, ତାହାର ଏକ ପ୍ରତିଶତ ମଧ୍ୟ ଏଠାରେ ନାହାନ୍ତି। ଚିକିତ୍ସାଳୟର ସୁପରିଚାଳନା ପାଇଁ ସର୍ବମୋଟ ୪୯ ଜଣ ଡାକ୍ତରଙ୍କ ପଦବୀ ମଞ୍ଜୁର ହୋଇଛି। କିନ୍ତୁ ବର୍ତ୍ତମାନ ମାତ୍ର ୧୪ ଜଣ ଡାକ୍ତର କାର୍ଯ୍ୟ କରୁଛନ୍ତି। ଖାଲି ସେତିକି ନୁହେଁ, ଆଗାମୀ ଦିନରେ ଏହି ସଂଖ୍ୟା ଆହୁରି ହ୍ରାସ ପାଇବାକୁ ଯାଉଛି। ଜଣେ ଡାକ୍ତରଙ୍କୁ ପଡୋଶୀ ନୂଆପଡା ଜିଲ୍ଲାକୁ ବଦଳୀ କରାଯାଇଛି। ଅନ୍ୟ ଦୁଇ ଜଣ ଡାକ୍ତର ଉଚ୍ଚ ଶିକ୍ଷା ପାଇଁ ଖୁବ୍ ଶୀଘ୍ର ଚାଲିଯିବେ। ଏହାପରେ ଏହି ବିଶାଳ ରୋଗୀ ସଂଖ୍ୟା ସମ୍ଭାଳିବାକୁ ହସ୍ପିଟାଲରେ ମାତ୍ର ୧୧ ଜଣ ଡାକ୍ତର ବଞ୍ଚିବେ। ସବୁଠାରୁ ବଡ଼ ସମସ୍ୟା ହେଉଛି, ଅଧିକାଂଶ ଗୁରୁତ୍ୱପୂର୍ଣ୍ଣ ବିଭାଗର ବିଶେଷଜ୍ଞ ପଦବୀ ଦୀର୍ଘ ଦିନ ହେବ ଖାଲି ପଡ଼ିଛି। ଫଳରେ ଜଟିଳ ରୋଗୀଙ୍କୁ ବାଧ୍ୟ ହୋଇ ଭବାନୀପାଟଣା ରେଫର କରାଯାଉଛି।ଧର୍ମଗଡ଼ ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଶୀଙ୍କ ଭୂମିକାକୁ ନେଇ ଏବେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ବର୍ଷକୁ ପ୍ରାୟ ଦେଢ଼ ଲକ୍ଷ ଲୋକଙ୍କ ସ୍ୱାସ୍ଥ୍ୟ ସହ ଜଡ଼ିତ ଏଭଳି ଏକ ସମ୍ବେଦନଶୀଳ ସମସ୍ୟା ଉପରେ ବିଧାୟକ ଚୁପ୍ ରହିବା ସ୍ଥାନୀୟ ଜନସାଧାରଣଙ୍କୁ ଆଶ୍ଚର୍ଯ୍ୟ କରିଛି। 'ନିର୍ବାଚନ ସମୟରେ ବଡ଼ ବଡ଼ ପ୍ରତିଶ୍ରୁତି ମିଳେ, କିନ୍ତୁ ହସ୍ପିଟାଲର ଏଭଳି ଦେବାଳିଆ ଅବସ୍ଥା ବେଳେ ପ୍ରତିନିଧି କାହିଁକି ନୀରବ?' ବୋଲି ଅଞ୍ଚଳବାସୀ ପ୍ରଶ୍ନ କରୁଛନ୍ତି। ଏହି ସାଂଘାତିକ ସମସ୍ୟା ବାବଦରେ ହସ୍ପିଟାଲ ଦାୟିତ୍ୱରେ ଥିବା ଡାକ୍ତର ସଦାନନ୍ଦ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ ସତ୍ୟତା ସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ, ଡାକ୍ତର ପଦବୀ ଖାଲି ଥିବା କଥା ସତ୍ୟ ଏବଂ ଏହି ସମସ୍ୟା ସମ୍ପର୍କରେ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇ ସାରିଛନ୍ତି। ସରକାର ତୁରନ୍ତ ଏହି ଉପଖଣ୍ଡ ଚିକିତ୍ସାଳୟ ପ୍ରତି ଦୃଷ୍ଟି ଦେଇ ସମସ୍ତ ଖାଲି ପଡ଼ିଥିବା ଡାକ୍ତର ଓ ବିଶେଷଜ୍ଞ ପଦବୀ ପୂରଣ କରନ୍ତୁ, ନଚେତ ଆଗାମୀ ଦିନରେ ଏହି ଜନ ଆକ୍ରୋଶ ଏକ ବଡ଼ ଆନ୍ଦୋଳନର ରୂପ ନେବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଜିଲ୍ଲାରେ ଡାକ୍ତର ଅଭାବ

## ସରକାରକୁ ଦୁଇ ବର୍ଷ ହେଲା, କେବେ ହେବ ପଦବୀ ପୂରଣ: ନରସିଂହ



- ବିନା ରେଡିଓଲୋଜିଷ୍ଟରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନା
- ଅଲଟ୍ରାସାଉଣ୍ଡ କରିବା ପାଇଁ ବିବିଏମ୍‌ସିଏଚ୍ ଉପରେ ଭରସା
- ସିଏଚ୍‌ସିଗୁଡ଼ିକରେ ନାହାନ୍ତି ବିଶେଷଜ୍ଞ ଡାକ୍ତର

**ବଲାଙ୍ଗିର,୨୩।୬(ସଂଚାର ବ୍ୟୁରୋ):** ନୁଆ ସରକାର ଙ୍କ ଠାରୁ ଲୋକଙ୍କର ବହୁତ ଆଶା ଥିଲା। ବିଶେଷ କରି ନୁଆ ତିଆରି ହୋଇଥିବା ମେଡିକାଲ କଲେଜ ଓ ସଦର ମହକୁମାରେ ଥିବା ଜିଲ୍ଲା ସଦର ଡାକ୍ତରଖାନା ଏବଂ ତା ସହ ପ୍ରାଥମିକ ଚିକିତ୍ସା କେନ୍ଦ୍ର, ଗୋଷ୍ଠୀ ଚିକିତ୍ସା କେନ୍ଦ୍ର ଗୁଡିକରେ ଥିବା ଡାକ୍ତର ଓ କର୍ମଚାରୀ ଅଭାବକୁ ଏହି ସରକାର ଗୁରୁତ୍ୱ ସହିତ ନେଇ ଏ ଅଭାବ କୁ ପୁରଣ କରିବ। ତା ଉପରେ ପୁଣି ଆମ ଜିଲ୍ଲାରୁ ଆମେ ସ୍ୱାସ୍ଥ୍ୟ ମନ୍ତ୍ରୀ ପାଇଥିବାରୁ ଜିଲ୍ଲାବାସୀ ସ୍ୱାସ୍ଥ୍ୟସେବା ପାଇବା ଦିଗରେ ଅନେକ ଆଶାବାଦୀ ହୋଇଯାଇଥିଲେ। କିନ୍ତୁ ଦୁଃଖର କଥା ଖୋଦ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଜିଲ୍ଲାରେ ଡାକ୍ତରଙ୍କ ଘୋର ଅଭାବ ଦେଖାଦେଇଛି। ନୁଆ ସରକାର ଦୁଇ ବର୍ଷ ହେଲାଣି ଏହି ଡାକ୍ତର ପଦବୀ ଗୁଡିକୁ ଆଉ କେବେ ପୁରଣ କରିବେ ବୋଲି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଆଜି ଜିଲ୍ଲା ସଦର ମହକୁମା ହସପିଟାଲ କୁ ପରିଦର୍ଶନ ରେ ଆସି ଗଣମାଧ୍ୟମ କୁ ପ୍ରତିକ୍ରିୟା ଦେଇ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ବିନା ନର୍ସିଂ ଷ୍ଟାଫ୍ ରେ ଲୋକେ କେମିତି ଚିକିତ୍ସା ପାଇବେ। ସମଗ୍ର ଜିଲ୍ଲାର ଚିକିତ୍ସା, ଅଣଚିକିତ୍ସା କର୍ମଚାରୀଙ୍କ ସ୍ଥିତି ଦେଖିଲେ ଅଧାରୁ ଅଧିକ ପଦବୀ ଖାଲି ପଡ଼ିଛି। ଲୋକେ ବାରମ୍ବାର ଦାବି କଲେ ବି ଆମ ଜିଲ୍ଲାର ସ୍ୱାସ୍ଥ୍ୟ ମନ୍ତ୍ରୀ କାହିଁକି ଚୁପ ପଡ଼ିଛନ୍ତି ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଛନ୍ତି। ଆଜି ପରିଦର୍ଶନ ବେଳେ ଡାକ୍ତରଖାନାର ସ୍ୱଚ୍ଛତା କୁ ଦେଖି ଶ୍ରୀ ମିଶ୍ର କିଛିଟା ଆଶ୍ୱସ୍ତି ପ୍ରକାଶ କରିଥିଲେ। ତା ସହ ହସପିଟାଲରେ ରେଡିଓଗ୍ରାଫର ନ ଥିବା ଯୋଗୁଁ ଦୂର ଦୂରାନ୍ତରୁ ଆସି ଭର୍ତ୍ତି ହୋଇଥିବା ରୋଗିମାନେ ଅଲଟ୍ରାସାଉଣ୍ଡ କରିବା ପାଇଁ ବହୁତ ଅସୁବିଧା ଭୋଗିବା ବହୁତ ଦୁଃଖଦାୟକ ବୋଲି କହିଥିଲେ। ମେଡିସିନ, ସର୍ଜରୀ, ସ୍ତ୍ରୀ ଓ ପ୍ରସୁତି, ଶିଶୁ ରୋଗ ଏବଂ ଯକ୍ଷ୍ମା ରୋଗ ବିଭାଗରେ, ଇନ୍‌ଡୋର ରୋଗୀ ଙ୍କ ହାରାହାରି ଭର୍ତ୍ତିହାର ଦେଖିଲେ ପ୍ରାୟତଃ ଶତପ୍ରତିଶତ ରହିଛି କିନ୍ତୁ ଡାକ୍ତର ଏବଂ ନର୍ସିଂ ଷ୍ଟାଫ ଙ୍କ ବିନା ରୋଗୀ କିଭଳିଆ ସ୍ୱାସ୍ଥ୍ୟ ସେବା ପାଉଛି ସେ ଉପରେ ଶ୍ରୀ ମିଶ୍ର ଆଶଙ୍କା ପ୍ରକାଶ କରିଥିଲେ। ଜିଲ୍ଲାରେ ଥିବା ଦେଓଗାଁ, ତୁଡାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପାଟଣାଗଡ଼, ଟିଟିଲାଗଡ଼ ଉପଖଣ୍ଡ ସ୍ତରୀୟ ଡାକ୍ତରଖାନାର ମଧ୍ୟ ଷ୍ଟାଫ୍ ପୋଜିସନ ଅତି ଦୟନୀୟ ଥିବା ଆଲୋଚନା ବେଳେ ଜଣାପଡ଼ିଥିଲା। ଏହି ଡାକ୍ତର କର୍ମଚାରୀ ଅଭାବ ଶିଘ୍ର ପୁରଣ କରନ୍ତୁ ବୋଲି ଗଣମାଧ୍ୟମ ଜରିଆରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଶ୍ରୀ ମିଶ୍ର ଅନୁରୋଧ କରିଛନ୍ତି। ଆଜିର ଏହି ପରିଦର୍ଶନ ସମୟରେ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପୁଷ୍ପାଞ୍ଜଳି ମିଶ୍ର, ଏଡିଏମ୍‌ଓ ଡା. ଲଳିତ ମୋହନ ବିଶି, ଡା. ପୁଷ୍ପରଞ୍ଜନ ମିଶ୍ର, ଡିପିଏମ୍ ରାଜେଶ୍ୱର ପଟ୍ଟନାୟକ, ହସ୍‌ପିଟାଲ ମ୍ୟାନେଜର ବନ୍ଦନା ପ୍ରଧାନ ହସପିଟାଲର ଷ୍ଟାଫ୍ ପୋଜିସନ ତଥା ଅନ୍ୟାନ୍ୟ ଆନୁସଙ୍ଗିକ ସମସ୍ୟା ଏବଂ ସୁବିଧା ପ୍ରଦାନ କୁ ନେଇ ଶ୍ରୀ ମିଶ୍ରଙ୍କୁ ଅବଗତ କରିଥିଲେ ପରେ ଶ୍ରୀ ମିଶ୍ର ମେଡିସିନ ୱାର୍ଡ ଯାଇ ରୋଗୀମାନଙ୍କ ଠାରୁ ଚିକିତ୍ସା ସମ୍ବନ୍ଧରେ ମତାମତ ନେବା ସହ ତାଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ।

## ଧାନବିକ୍ରି ଟୋକନ ଦାବିରେ ଗର୍ଜିଲେ ଚାଷୀ



**ବରଗଡ଼,୨୩।୬(ସଂଚାର ବ୍ୟୁରୋ):** ଖରିଫ ଚାଷକାର୍ଯ୍ୟ ସମୟ ଆସି ଯାଇଛି। ହେଲେ ବରଗଡ଼ ଜିଲାର ଚାଷୀମାନେ ଏପର୍ଯ୍ୟନ୍ତ ରବିରେ ଅମଳ ଧାନ ବିକ୍ରି କରି ପାରି ନାହାଁନ୍ତି । ଟୋକନ କଟକଣା ଏଥିରେ ବାଧକ ସାଜିଛି। ଅନେକ ଚାଷୀଙ୍କ ଟୋକନ ବ୍ଲକ ହୋଇଛି। ସେହିପରି ଯେଉଁମାନଙ୍କୁ ଟୋକନ ମିଳିଛି, ସେଥିରେ ବିକ୍ରିଯୋଗ୍ୟ ଧାନ ପରିମାଣ ଯଥେଷ୍ଟ କମ ରହିଛି। ଏହାର ପ୍ରତିବାଦରେ ସଂଯୁକ୍ତ କୃଷକ ସଂଗଠନ ନେତୃତ୍ୱରେ ଜିଲାର ଶତାଧିକ ଚାଷୀ ମଙ୍ଗଳବାର ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

## ଅଜଣା ଟ୍ରକ୍ ଧକ୍କାରେ ୩ ଗୋରୁ ମୃତ



**ବୈଶିଙ୍ଗା,୨୩।୬(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ନଂ ଜାତୀୟ ରାଜପଥର ନଛିପୁରିଆ ଛକ ନିକଟରେ ମଙ୍ଗଳବାର ସକାଳ ୭ ଘଟିକା ସମୟରେ ଏକ ଅଜଣା ଟ୍ରକ୍ ଧକ୍କାରେ ଏକ ସାଙ୍ଗରେ ତିନୋଟି ଗୋରୁ ଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ନିକଟସ୍ଥ ରଙ୍ଗାମାଟିଆ ଗ୍ରାମର ଏହି ଗୋରୁ ଙ୍କ ମାଲିକ ଥିବା ଜଣାଯାଇଛି। ଧକ୍କା ଦେଇଥିବା ଟ୍ରକ ଟି ବାଲେଶ୍ୱର ଅଭିମୁଖେ ପଳାଇ ଯାଇଥିଲେ ମଧ୍ୟ ଧରା ପଡ଼ିନାହିଁ। ମୃତ ଗୋରୁ ମାନଙ୍କୁ ନେଇ ଗ୍ରାମବାସୀ ମାନେ ଗାତ ଖୋଳି ପୋତି ଦେଇଥିବା ଜଣାଯାଇଛି।

## ଅଲିଭା ମହାସଂଘ ଓ ବ୍ଲକ ପ୍ରଶାସନର ମିଳିତ ବୈଠକ

**ସୁବର୍ଣ୍ଣପୁର,୨୩।୬(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ପଞ୍ଚାୟତ ସମିତି ସଭାଗୃହ ଠାରେ ଦି ହଙ୍ଗର୍ ପ୍ରୋଜେକ୍ଟ ପକ୍ଷରୁ ବ୍ଲକ ପ୍ରଶାସନିକ ଅଧିକାରୀ ଓ ଅଲିଭା ଗ୍ରାମ ପଞ୍ଚାୟତ ମହିଳା ପ୍ରତିନିଧି ମହାସଂଘ ସଦସ୍ୟା ମାନଙ୍କର ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ହଙ୍ଗର ପ୍ରୋଜେକ୍ଟ ଇଣ୍ଡିଆ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କ୍ଷେତ୍ରସହଯୋଗି ଧନୁର୍ଦ୍ଧର ନାଏକ ସମସ୍ତଙ୍କୁ ସ୍ୱାଗତ ଜଣାଇଥିବା ବେଳେ ତାଲିମ୍ ପ୍ରଶିକ୍ଷକ ଗୁଣନିଧି ମାଝୀ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରି ସଭକ୍ଷ କାର୍ଯ୍ୟ ପରିଚାଳନା କରିଥିଲେ। ବୈଠକରେ ମୁଖ୍ୟ ଅତିଥି ଭାବରେ ତରଭା ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ଶିବାନନ୍ଦ କର୍ମୀ ଯୋଗଦେଇ ମହିଳା ହିଂସା, ଲିଙ୍ଗଗତ ଭେଦଭାବ ସହ ଅଲିଭା କାର୍ଯ୍ୟକ୍ରମକୁ ପ୍ରଶଂସା କରି ସହଯୋଗ କରିବି ବୋଲି ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ସାମାଜିକ



ସୁରକ୍ଷା ଅଧିକାରୀ ପ୍ରଭାସ କୁମାର କର୍ଣ୍ଣ ଭତ୍ତା ସମସ୍ୟା, ଆଧାର ଲିଙ୍କ, ଜାତୀୟ ପରିବାର ମଙ୍ଗଳ ଯୋଜନା ର ନୂତନ ମାର୍ଗଦର୍ଶିକା ବିଷୟରେ ଅବଗତ କରିଥିଲେ, ଓଡିଶା ଜୀବନଜୀବିକା ମିଶନର ବି ପି ଏମ ମନୋଜ ବାଘ ସରକାରୀ ଅଧିନରେ ଥିବା ମହିଳା ସ୍ୱଂୟ ସହାୟକ ଗୋଷ୍ଠିର ଯୋଜନା ଓ ସମସ୍ୟା ଉପରେ ମତରଖିଥିଲେ, ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାପାତ୍ର, ନୂତନ ଶିକ୍ଷା ନୀତି, ବାଳିକା ମାନଙ୍କ ପାଇଁ ଥିବା ସୁବିଧା ସୁଯୋଗ ସହ ଛାତ୍ର ବୃତ୍ତି ଉପରେ ଦିଗଦର୍ଶନ ଦେଲେ ଯୋଗାଣ ନିରୀକ୍ଷକ ସଂଗୀତା ମହାପାତ୍ର ରାସନ କାର୍ଡରେ ଇ କେ ୱାଇ ସି, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣକ୍ଷ ଯୋଜନା, ବ୍ଲକ ପ୍ରାଣିଚିକିତ୍ସକ ଅଧିକାରୀ ହରିହର ଧରୁଆ ତାଙ୍କ ଅଧୀନରେ ଥିବା ଯୋଜନା କହିଥିଲେ। ଅଲିଭା ମହାସଂଘର ସଭାନେତ୍ରୀ ଆହୁତି କୁମ୍ଭାର ଓ ସମ୍ପାଦିକା କାମିନୀ ମିଶ୍ର ସଂଘର କାର୍ଯ୍ୟକ୍ରମ ରୂପ ରେଖ ଓ କରିଥିବା କାର୍ଯ୍ୟକ୍ରମ ବିଷୟରେ ଉପସ୍ଥାପନ କରିଥିଲେ।

## ଟ୍ରାକ୍ଟର ଦୁର୍ଘଟଣାରେ ଡ୍ରାଇଭରଙ୍କ ମୃତ୍ୟୁ ଘଟଣା

**ଲାଞ୍ଜିଗଡ଼, ୨୩।୬(ସଂଚାର ବ୍ୟୁରୋ):** ଏକ ଦୁଃଖଦ ଟ୍ରାକ୍ଟର ଦୁର୍ଘଟଣାରେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବା ବେଳେ ମୃତକଙ୍କ ପରିବାର ଓ ଗ୍ରାମବାସୀ ଟ୍ରାକ୍ଟର ମାଲିକଙ୍କ ଘର ସମ୍ମୁଖରେ ଶବ ରଖି କ୍ଷତିପୂରଣ ଦାବି କରିଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି କରିଛି। ସୂଚନା ଅନୁଯାୟୀ ସୋମବାର ଦିନ ୧୨ଘଣ୍ଟିକା ସମୟରେ ଡ୍ରାଇଭର ଜଣକ କାମ ସାରି ଘରକୁ ଫେରୁଥିବା ବେଳେ ଗାଡ଼ିଟି ଭାରସାମ୍ୟ ହରାଇ ଦୁର୍ଘଟଣା ଘଟି ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। କୌଣସିମତେ ଖବର ପାଇ ବିଶ୍ୱନାଥପୁର ପୋଲିସ ଘଟଣା ସ୍ଥଳକୁ ପହଞ୍ଚି ଟ୍ରାକ୍ଟରକୁ ଜବତ କରି ଥାନାକୁ ନେବା ସହ ଶବ ବ୍ୟବଚ୍ଛେଦ ପାଇଁ ଲାଞ୍ଜିଗଡ଼କୁ ପଠାଇ ଥିଲେ।ମଙ୍ଗଳବାର ଶବ ବ୍ୟବଚ୍ଛେଦ ପରେ ପୋଲିସ ପରିବାରକୁ ଶବ ହସ୍ତାନ୍ତର କରିଥିଲେ।ପରିବାର ଲୋକେ ଶବ ଗାଁକୁ ନେବା ପରେ ପରିବାର ଲୋକେ ଓ ଗ୍ରାମବାସୀ କ୍ଷତିପୂରଣ ଦାବିରେ



ଟ୍ରାକ୍ଟର ମାଲିକଙ୍କ ଘର ସମ୍ମୁଖରେ ମୃତଦେହ ରଖିଥିଲେ। ଦୀର୍ଘ ସମୟ ଧରି ଆଲୋଚନା ପରେ ସହାୟତା ପ୍ରତିଶ୍ରୁତି ପରେ ସ୍ଥିତି ସ୍ୱାଭିବିକ ହୋଇଥିଲା ଏବଂ ଗାଁ ମଶାଣିରେ ଶବ ସତ୍କାର କରାଯାଇଥିଲା।ଘଟଣାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ନଡ଼ିଆ ତୋଳାକୁ କେନ୍ଦ୍ର କରି ହତ୍ୟା ଘଟଣା, ମୁଖ୍ୟ ଆକ୍ରମଣକାରୀ ଫେରାର

**ବୈଶିଙ୍ଗା, ୨୩।୬(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ସୀମା ତଥା ବାଲେଶ୍ୱର ସଦର ଥାନା ଅଧୀନ ଶଙ୍କରପୁର ଗ୍ରାମରେ ଘଟି ଯାଇଥିବା ହତ୍ୟା ଘଟଣାରେ ମୂଖ୍ୟ ଆକ୍ରମଣକାରୀ ଏବେ ବି ଫେରାର ଥିବା ବେଳେ ଏହି ଘଟଣାରେ ଜଡ଼ିତ ତଥା ସହଯୋଗୀ ଥିବା ବୈଶିଙ୍ଗା ଥାନା ଅଞ୍ଚଳରୁ ଦୁଇ ଯୁବକଙ୍କୁ ଥାନାକୁ ଉଠାଇ ନେଇ ସଦର ପୁଲିସ ପଚରାଉଚରା ଜାରି ରଖିଛି। ସୂଚନା ଅନୁଯାୟୀ ରବିବାର ଶଙ୍କରପୁର ଗ୍ରାମର ଦୁଇ ଭାଇ ହରମୋହନ ଏବଂ ବ୍ରଜ ମୋହନଙ୍କ ମଧ୍ୟରେ ନିଜ ବାଡ଼ିରେ ଥିବା ନଡ଼ିଆ ଗଛରୁ ନଡ଼ିଆ ତୋଳାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ପରେ ଏହି ବିବାଦ ଉଗ୍ର ରୂପ ନେବାରୁ ବଡ଼ଭାଇ ବ୍ରଜମୋହନଙ୍କ ପ୍ରରୋଚନାରେ ବୈଶିଙ୍ଗା ଥାନା ଅଧିନ ଚୁଆପଦା ଗ୍ରାମର କିଛି ଦୁର୍ବୃତ୍ତ କଟୁରୀ ଧରି ସାନଭାଇ ଓ ତାଙ୍କ ସ୍ତ୍ରୀଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଏହି ଘଟଣାରେ ସାନଭାଇ ହରିମୋହନ ମହାନ୍ତିଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ସ୍ତ୍ରୀ ଗୀତା ମଧ୍ୟ ଆକ୍ରମଣରେ ଆହତ ହୋଇଥିଲେ। ବାଲେଶ୍ୱର ସଦର ପୁଲିସର ତଦନ୍ତ ପୂର୍ବକ ୩୪୨/୨୬ ର ମାମଲା ମୂଳେ ହତ୍ୟାକାଣ୍ଡ ପଛରେ ଥିବା ବଡଭାଇ ବ୍ରଜମୋହନ ଏବଂ ତାଙ୍କ ସ୍ତ୍ରୀ ସରସ୍ୱତୀ ଙ୍କୁ ଗିରଫ କରି ନେଇଥିଲା।

- ୧୦ବର୍ଷ ଧରି କେନ୍ଦୁଆ ପଞ୍ଚାୟତ ବାସୀ ପ୍ରତାରିତ

## ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ଦାବି



**ବୈଶିଙ୍ଗା,୨୩।୬(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ କେନ୍ଦୁଆ ଗ୍ରାମ ପଞ୍ଚାୟତ ବାସୀ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ରଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ନିକଟରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ଦାବି କରିଛନ୍ତି। ୧୦ବର୍ଷ ହେଲାଣି ବାରମ୍ବାର ଦାବି ଓ ନୂତନ ସ୍ଥାନର ଟ୍ରେସ ମ୍ୟାପ ଏବଂ ବଦର କପି ପ୍ରଦାନ ସତ୍ତ୍ୱେ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏ ନେଇ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ସୂଚନାଯୋଗ୍ୟ, ୨୦୧୫-୧୬ ଆର୍ଥିକ ବର୍ଷରେ କେନ୍ଦୁଆ ଗ୍ରାମ ପଞ୍ଚାୟତ ବୈଶିଙ୍ଗା ଗ୍ରାମ ପଞ୍ଚାୟତରୁ ବିଭାଜିତ ହୋଇଛି। ବିଭାଜନ ପରେ ବାଲେଶ୍ୱର-ବାରିପଦା ୧୮ନଂ ଜାତୀୟ ରାଜପଥର ପୂର୍ବପଟ ବୈଶିଙ୍ଗା ଓ ପଶ୍ଚିମପଟ କେନ୍ଦୁଆ ଗ୍ରାମ ପଞ୍ଚାୟତ ରହିଛି। ଏହି ପଞ୍ଚାୟତରେ ୧୪ଟି ରାଜସ୍ୱ ଗ୍ରାମ ଓ ୩ଟି ପଡାଗ୍ରାମ ରହିଛି। ୧୧ଟି ୱାର୍ଡରେ ପାଖାପାଖି ୬୪୯୮ ଜଣ ବସବାସ କରୁଛନ୍ତି। ବରଜୁପୁର ଗ୍ରାମଟି ଜାତୀୟ ରାଜପଥର ପୂର୍ବପଟରେ ରହିଥିବା ବେଳେ ଭୌଗଳିକ ସ୍ଥିତି ଅନୁସାରେ ବୈଶିଙ୍ଗା ବସଷ୍ଟାଣ୍ଡ ପଶ୍ଚିମକୁ ଏକ ପୂର୍ତ୍ତବିଭାଗର ରାସ୍ତା ବଡସାହି ମୁଖ୍ୟାଳୟ ପର୍ଯ୍ୟନ୍ତ ରହିଛି। ଏହାର ଉଭୟ ପାଶ୍ୱରେ ୯କିମି ବ୍ୟାପି କେନ୍ଦୁଆ ପଞ୍ଚାୟତର ଗ୍ରାମ ଗୁଡିକ ରହିଛି। ସମସ୍ତ ଗ୍ରାମ ଏହି ରାସ୍ତା ସହିତ ସଂଯୋଗ ହୋଇଥିବାରୁ ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ମଧ୍ୟ ସ୍ଥଳରେ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ପାଇଁ ଦାବି ହୋଇଆସୁଛି।

## ୧୯ ଦୋକାନୀ ନାଁରେ ମାମଲା ରୁଜୁ, ଜରିମାନା ଆଦାୟ

**ରିଷିଡ଼ା,୨୩।୬(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜିଲାରେ ତମାଖୁ ନିୟନ୍ତ୍ରଣ ଆଇନକୁ କଡ଼ାକଡ଼ି କରିବା ପାଇଁ ଏକ ସ୍ପେଶାଲ ସ୍କ୍ୱାର୍ଡ ପକ୍ଷରୁ କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଗଜବାହଲୟ, ରିଷିଡ଼ା ସମେତ ଅଞ୍ଚଳର ବିଭିନ୍ନ ବଜାରରେ ଥିବା ଖୁଚୁରା ତମାଖୁ ବିକ୍ରୟ କେନ୍ଦ୍ର ଉପରେ ଚଢ଼ାଉ କରାଯାଇଥିଲା। ଧୂମପାନ ଓ ତମାଖୁ ଦ୍ରବ୍ୟ ନିୟନ୍ତ୍ରଣ ଆଇନ-୨୦୦୩" ର ସଫଳ ରୂପାୟନ ଓ ବିଶେଷ କରି ଶିକ୍ଷାନୁଷ୍ଠାନ ଆଖପାଖ ଅଞ୍ଚଳରେ ହେଉଥିବା ବେଆଇନ ତମାଖୁ କାରବାରକୁ ରୋକିବା ଲକ୍ଷ୍ୟରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଚଢ଼ାଉ ବେଳେ ୧୯ଟି ଖୁଚୁରା ଦୋକାନୀ କୋଟପା ଆଇନର ନିୟମ ଉଲ୍ଲଂଘନ କରୁଥିବା ନେଇ ଅଧିକାରୀମାନେ ଚିହ୍ନଟ କରିଛନ୍ତି। ଏପରିକି ବେପାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ୩,୧୦୦ ଟଙ୍କା ଜରିମାନା ଆଦାୟ କରାଯିବା ସହ ସମ୍ପୃକ୍ତ ଦୋକାନୀଙ୍କୁ ଆଗାମୀ ଦିନରେ ନିୟମ ମାନି ଚଳିବାକୁ କଡ଼ା ଚେତାବନୀ ଦିଆଯାଇଛି। ଚଢ଼ାରେ ଏଏମ-ଏନ୍‌ସିଡି ସଂଯୁକ୍ତା ବାଗ ଓ ମଦନପୁର ରାମପୁର ଓ କର୍ଲାମୁଣ୍ଡା ଅଞ୍ଚଳର ଅବକାରୀ ଅଧିକାରୀ ନରେନ୍ଦ୍ର ମିଞ୍ଜ ପ୍ରମୁଖ ସାମିଲ ହୋଇଥିଲେ।

## ଶିଶୁ ଶ୍ରମ ନିରାକରଣ ଅଭିଯାନରେ ୬ କିଶୋର ଶ୍ରମିକ ଉଦ୍ଧାର

**ସୁବର୍ଣ୍ଣପୁର,୨୩।୬(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାରେ ଶିଶୁ ଶ୍ରମ ନିରାକରଣ ଏବଂ ଶିଶୁ ଅଧିକାର ସୁରକ୍ଷା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ପକ୍ଷରୁ ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି), ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ (ଡିସିପିୟୁ), ଚାଇଲ୍ଡ ଲାଇନ୍ ଏବଂ ପୋଲିସ ପ୍ରଶାସନର ସମନ୍ୱୟରେ ଏକ ଯୁଗ୍ମ ଚଢ଼ାଉ ଓ ଉଦ୍ଧାର ଅଭିଯାନ ଚାଲାଯାଇଥିଲା। ଏହି ଅଭିଯାନ ସମୟରେ ଜିଲ୍ଲାର ବିଭିନ୍ନ ଦୋକାନ, ହୋଟେଲ, ଗ୍ୟାରେଜ, ସୁନା ଦୋକାନ ଓ କାର୍ଯ୍ୟସ୍ଥଳିରେ ଯାଞ୍ଚ କରାଯାଇଥିଲା। ଯାଞ୍ଚ ପରେ ମୋଟ ୬ ଜଣ କିଶୋର ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା। ଉଦ୍ଧାର ହୋଇଥିବା ସମସ୍ତ କିଶୋରଙ୍କୁ ପରବର୍ତ୍ତୀ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସୁବର୍ଣ୍ଣପୁର ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି) ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା। ଅଭିଯାନ ଅବସରରେ ଯୁଗ୍ମ ଦଳ ପକ୍ଷରୁ ନିଯୁକ୍ତିଦାତା ଏବଂ ଶ୍ରମିକମାନଙ୍କ ମଧ୍ୟରେ ଶିଶୁ ଶ୍ରମ ନିରାକରଣ ସମ୍ପର୍କିତ ସଚେତନତା ସୃଷ୍ଟି କରାଯାଇଥିଲା। ସେହିପରି ନିଷିଦ୍ଧ ବୃତ୍ତି ଓ ପ୍ରକ୍ରିୟାରେ ଶିଶୁ ଓ କିଶୋରମାନଙ୍କୁ ନିୟୋଜିତ କରିବାର ଆଇନଗତ ପରିଣାମ ଓ ଦଣ୍ଡବିଧାନ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଯାଇଥିଲା। ସମ୍ପୃକ୍ତ ଆଇନ ଓ ନିୟମାବଳୀ ଅନୁଯାୟୀ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ଉଦ୍ଧାର ହୋଇଥିବା କିଶୋରମାନଙ୍କର



ପୁନର୍ବାସ ବ୍ୟବସ୍ଥା ଆରମ୍ଭ କରାଯାଇଛି। ଏହି ଉଦ୍ଧାର ଅଭିଯାନରେ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ଦିବ୍ୟ ଶଙ୍କର ଧରୁଆଙ୍କ ସମେତ ଶ୍ରମ ବିଭାଗର କର୍ମଚାରୀ, କିଶୋର ନ୍ୟାୟ ବୋର୍ଡ ର ସଦସ୍ୟ ରଂଜିତା ସାହୁ, ଶିଶୁ ମଙ୍ଗଳ କମିଟିର ସଦସ୍ୟବୃନ୍ଦ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଅଧିକାରୀ ଏବଂ ପୋଲିସ ବିଭାଗର କର୍ମଚାରୀମାନେ ସକ୍ରିୟ ଭାବେ ସହଯୋଗ କରିଥିଲେ।

## ସମାଜସେବା କ୍ଷେତ୍ରରେ ପଦ୍ମଲୋଚନ ଦାସ ସମ୍ବର୍ଦ୍ଧିତ

**ବୈଶିଙ୍ଗା,୨୩।୬(ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ "ବିକାଶର ଧାରା, ଓଡ଼ିଶା ସାରା " କାର୍ଯ୍ୟକ୍ରମ ବେତନଟୀ ବ୍ଲକସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବେତନଟୀ ବିଡିଓ ମୁନା ସେଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଡସାହି ବିଧାୟକ ସନାତନ ବିଜୁଳି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିବିଧ କ୍ଷେତ୍ରର ବ୍ୟକ୍ତି ବିଶେଷ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବୈଶିଙ୍ଗା ଅଞ୍ଚଳର ସୁଯୋଗ୍ୟ ସନ୍ତାନ ତଥା ଅବସରପ୍ରାପ୍ତ ସ୍ୱାସ୍ଥ୍ୟ କର୍ମଚାରୀ ପଦ୍ମଲୋଚନ ଦାସଙ୍କୁ ସମାଜସେବା କ୍ଷେତ୍ରରେ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀଯୁକ୍ତ ଦାସ ବୈଶିଙ୍ଗା ଅଞ୍ଚଳର ଉନ୍ନତି ତଥା ବିକାଶମୂଳକ କାର୍ଯ୍ୟ ଦିଗରେ ସଦାସର୍ବଦା ତତ୍ପର ଅଟନ୍ତି ,ଏହି ସଫଳତା ପାଇଁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି ।

## ବିକାଶର ଧାରା ଓଡ଼ିଶା ସାରା" କାର୍ଯ୍ୟକ୍ରମର ଶୁଭାରମ୍ଭ

**ବଲାଙ୍ଗୀର,୨୩।୬(ସଂଚାର ବ୍ୟୁରୋ):** ଜନସମ୍ପର୍କ ଓ ନାଗରିକ ସହଭାଗିତାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ କୋଶଳ କଳା ମଣ୍ଡପ ପଡ଼ିଆଠାରେ "ବିକାଶର ଧାରା ଓଡ଼ିଶା ସାରା" କାର୍ଯ୍ୟକ୍ରମର ଭବ୍ୟ ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲାସ୍ତରୀୟ ଏହି ସମାରୋହରେ ବଲାଙ୍ଗୀର ଜିଲ୍ଲାପାଳ ଶ୍ରୀ ଗୌରବ୍ ଶିୱାଜୀ ଇସଲୱାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ବିଭିନ୍ନ ବିଭାଗ ପକ୍ଷରୁ ଖୋଲାଯାଇଥିବା ୧୫ଟି ପ୍ରଦର୍ଶନୀ ଷ୍ଟଲ୍



ପରିଦର୍ଶନ କରିବା ସହ ସରକାରୀ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଓ ଲୋକସମ୍ପୃକ୍ତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ଅବସରରେ ଜିଲ୍ଲାର ଅନେକ ବରିଷ୍ଠ ଅଧିକାରୀ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ରହି କାର୍ଯ୍ୟକ୍ରମର ସଫଳତା ଉପରେ ଆଲୋକପାତ କରିଥିଲେ। ସେମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ତରଣୀ ସୁନା, ମୁଖ୍ୟ ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧୀରେନ ସିଂ ବରିହା, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ମିଶ୍ର ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବିଜୟଲକ୍ଷ୍ମୀ ନିଶାଙ୍କ ଉପସ୍ଥିତ ରହି ନିଜ ନିଜ ବିଭାଗ ଦ୍ୱାରା ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

## ନିଜ ଜନ୍ମ ମାଟିରେ ଡଃ ନିବେଦିତା ରଥଙ୍କୁ ସମ୍ବର୍ଦ୍ଧନା

**ସୁବର୍ଣ୍ଣପୁର,୨୩।୬(ସଂଚାର ବ୍ୟୁରୋ):** ଆମେରିକାର ୱାଶିଂଟନ୍ ଡିଜିଟାଲ୍ ୟୁନିଭରସିଟି ପକ୍ଷରୁ ସମ୍ମାନ ସୂଚକ ଡକ୍ଟରେଟ୍ ପ୍ରଦାନ ପରେ ସୁବର୍ଣ୍ଣପୁରରେ ଏକ ଖୁସିର ମାହୋଲ ସୃଷ୍ଟି ହୋଇଛି।ଜିଲ୍ଲାର ପ୍ରତିଭା ସମ୍ପନ୍ନ ଯୁବତୀ ନିବେଦିତା ରଥ ଙ୍କୁ ଇତିମଧ୍ୟରେ ମାତ୍ର ୩୧ବର୍ଷ ବୟସରେ ହିଁ ତିନି ତିନୋଟି ସମ୍ମାନଜନକ ଡକ୍ଟରେଟ ଉପାଧି ମିଳିଛି ଯାହାକି ସୁବର୍ଣ୍ଣପୁର ଜିଲ୍ଲା ପାଇଁ ଏକ ଗୌରବମୟ ମୁହୂର୍ତ୍ତ। ସାମାଜିକ, ପ୍ରଶାସନିକ ଓ ଆନ୍ତର୍ଜାତିକ କ୍ଷେତ୍ରରେ ନିଜର ଅସାଧାରଣ କାର୍ଯ୍ୟଦକ୍ଷତା ପାଇଁ କ୍ରମାଗତ ଭାବରେ ସେ ଏକ ବଡ଼ ସଫଳତା ର ଶୀର୍ଷରେ ପହଞ୍ଚିଛନ୍ତି। ମାତ୍ର



ମାସକ ମଧ୍ୟରେ ରାଜ୍ୟ ସ୍ତରରୁ ଆରମ୍ଭ କରି ଜାତୀୟ ଓ ଆନ୍ତର୍ଜାତିକ ସ୍ତର ପର୍ଯ୍ୟନ୍ତ ନିଜର ବିଜୟ ଯାତ୍ରା ଜାରି ରଖି ସେ ଓଡ଼ିଶା ପାଇଁ ମଧ୍ୟ ଗୌରବ ଆଣିଛନ୍ତି। ନିକଟରେ ସେ ନୂଆଦିଲ୍ଲୀର 'ହୋଲିଡେ ଇନ୍' ଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଆମେରିକାର ପ୍ରତିଷ୍ଠିତ ୱାଶିଂଟନ୍ ଡିଜିଟାଲ୍ ୟୁନିଭରସିଟି ପକ୍ଷରୁ ତାଙ୍କୁ ସମ୍ମାନସୂଚକ 'ଡକ୍ଟରେଟ୍' ଉପାଧି ଏବଂ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି ଯାହାକି ଏଭଳି ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ହାସଲ କରିବାରେ ସେ ଭାରତ ବର୍ଷରେ ପ୍ରଥମ ଓଡ଼ିଆ ଯୁବତୀ ହେବାର ଗୌରବ ଅର୍ଜନ କରିଛନ୍ତି। ସାମାଜିକ ଓ ପ୍ରଶାସନିକ ସେବା ସହିତ ନ୍ୟାୟିକ (ଲ') କ୍ଷେତ୍ରରେ ମଧ୍ୟ ନିବେଦିତାଙ୍କ ଅତୁଳନୀୟ ଅବଦାନ ଓ ସେବାକୁ ସମସ୍ତେ ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ସଫଳତା ପାଇବାପରେ ଆଜି ନିବେଦିତା ରଥ ନିଜ ଜନ୍ମ ମାଟିରେ ପାଦ ଥାପିଛନ୍ତି।